



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-266 ♦WEDNESDAY ♦25 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୬ ♦ବୁଧବାର ♦୨୫ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ମାଡ଼ିଆସୁଛି ମହାବିପଦ

## ବିଶ୍ୱକୁ ଅଚଳ କରିଦେବ ଶକ୍ତି ସଙ୍କଟ



### ପୁଣି ଘାରିଲାଣି ଲକ୍ ଡାଉନ୍ ଭୟ

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପୁଣି ଘାରିଲାଣି ଲକ୍ ଡାଉନ୍ ଭୟ। ଏଥର କୋଭିଡ୍-୧୯ ଭଳି କୌଣସି ଭୂତାଣୁ ପାଇଁ ନୁହେଁ, ବରଂ ଶକ୍ତି ସଙ୍କଟ ଯୋଗୁଁ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ତେଲ ଓ ଗ୍ୟାସର ଗୁରୁତର ସଙ୍କଟ ଦେଖାଦେଇଛି। ଯୁଦ୍ଧ ଯୋଗୁଁ ହରମୁଜ ସମୁଦ୍ର ପଥ ବନ୍ଦ ରହିଛି। ଫଳରେ ଉପସାଗରରୁ ବାହାରକୁ ଯାଇପାରୁନି ଅଶୋଧିତ ତୈଳ ଓ ଗ୍ୟାସ। ଏଭଳି ସ୍ଥିତି ଆଉ କିଛି ଦିନ ଲାଗି ରହିଲେ ଭାରତରେ ମଧ୍ୟ ଲକ୍ ଡାଉନ୍ ଲାଗିପାରେ ଏବଂ ଏହାକୁ ଏନର୍ଜି ଲକ୍ ଡାଉନ୍ ବୋଲି କୁହାଯିବ। ଅନ୍ୟ ଦେଶମାନଙ୍କରେ ଏଭଳି ଲକ୍ ଡାଉନ୍ ଆରମ୍ଭ ହୋଇଗଲାଣି।

ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ଭିଏତନାମ ଏବଂ ଫିଲିପାଇନ୍ସରେ ପେଟ୍ରୋଲ ଓ ଡିଜେଲର ଉତ୍କଟ ଅଭାବ ଦେଖାଦେଇଥିବାରୁ ଅଫିସ କାର୍ଯ୍ୟଦିବସ ହ୍ରାସ କରାଯିବା ସହିତ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ପରିବହନ ପାଇଁ ଉଦ୍ଦିଷ୍ଟ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବା ପାଇଁ ସ୍କୁଲ ଓ କଲେଜ ବନ୍ଦ କରି ଦିଆଯାଇଛି ଏବଂ ଅନଲାଇନ୍ କ୍ଲାସ କରାଯାଉଛି। ପାକିସ୍ତାନରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ସପ୍ତାହକୁ ୪ ଦିନ କରି ଦିଆଯାଇଛି। ୫୦ ଭାଗ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫିଲିପାଇନ୍ସ ଓ ଭିଏତନାମରେ ମଧ୍ୟ ଅନୁରୂପ କଟକଣା ଜାରି କରାଯାଇଛି। ଥାଇଲାଣ୍ଡରେ ଏସି ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। କେବଳ ଏତିକି ନୁହେଁ, ଅନାବଶ୍ୟକ ଯାତ୍ରା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଉପସାଗରୀୟ ଅଞ୍ଚଳରେ ବିମାନ ଯାତ୍ରା ଉପରେ କଟକଣା ଜାରି କରାଯାଇଥିବା ଜଣାପଡ଼ିଛି। ୟୁରୋପ ସମେତ ଜାପାନ ଓ ଦକ୍ଷିଣ କୋରିଆରେ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପରିସ୍ଥିତି ଏମିତି ହେଲାଣି ଯେ ସଙ୍କଟର ପ୍ରଭାବ ଆମେରିକାରେ ଅନୁଭୂତ ହେବା ଆରମ୍ଭ କଲାଣି। ଭାରତରେ ମଧ୍ୟ ଏଭଳି ପରିସ୍ଥିତିର ସାମନା କରିବାକୁ ଯାଉଛି। ଦେଶରେ ବିଦ୍ୟୁତର ଅଭାବ ନଥିଲେ ମଧ୍ୟ ହର୍ମୁଜ ବନ୍ଦ ରହିଲେ ପେଟ୍ରୋଲ, ▶ପୃଷ୍ଠା-୭

## ସତର୍କ କରାଇଲେ ମୋଦୀ



### ସର୍ବଦଳୀୟ ବୈଠକ ଆଜି

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ଯୁଦ୍ଧର ଭୟାବହତା ଏବଂ ଭାରତରେ ଉପରେ ପଡୁଥିବା ପ୍ରଭାବ ବିଷୟରେ ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ ଯଦି ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହେ, ତେବେ ଏହାର ପରିଣାମ ଭୟାବହ ହେବ। ଆଗାମୀ ସମୟ ଦେଶର ସବୁଠାରୁ ବଡ଼ ପରୀକ୍ଷା ନେବ। ହର୍ମୁଜ ପ୍ରଣାଳୀରେ ଆମର ଜାହାଜ ଏବଂ ଭାରତୀୟ କ୍ରୁ ସଦସ୍ୟମାନେ ଫସି ରହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଆମର ବାଣିଜ୍ୟିକ ମାର୍ଗ ପ୍ରଭାବିତ ହେଉଛି। ଗ୍ୟାସ୍, ତେଲ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଉପରେ ଏହାର ପ୍ରଭାବ ପଡ଼ିଛି। ଭାରତ କୂଟନୈତିକ ସ୍ତରରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରୁଛି। ▶ପୃଷ୍ଠା-୭

## ଉପଭୋକ୍ତା ଆଶ୍ୱସ୍ତ
# ବଢ଼ିବନି ବିଜୁଳି ଦର
## ତୃତୀୟ ପକ୍ଷ ଅଡିଟ୍ କରିବେ ସ୍ମାର୍ଟ ମିଟର



### ବିତରକ କମ୍ପାନୀଗୁଡ଼ିକର ହେବ ସିଏଜି ଅଡିଟ
### ପ୍ରଶାସନିକ ଖର୍ଚ୍ଚ କାଟ କରିବାକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୪।୩ (ସମିସ): ବିଜୁଳି ଗ୍ରାହକଙ୍କୁ ମିଳିଛି ଆଶ୍ୱସ୍ତି। ବିତରକ କମ୍ପାନୀଗୁଡ଼ିକ ବିଜୁଳି ଶୁଳ୍କ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଗ୍ରହଣ କରିନାହାନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ବ ପ୍ରଚଳିତ ଶୁଳ୍କ ଅପରିବର୍ତ୍ତିତ ରଖିବାକୁ ବିତରକ କମ୍ପାନୀଙ୍କୁ ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ନିର୍ଦ୍ଦେଶକ(ନିୟାମକ ବ୍ୟାପାର) ପ୍ରିୟବ୍ରତ ପଟ୍ଟନାୟକ ବିସ୍ତୃତ ସୂଚନା ଦେଇଛନ୍ତି। ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ପାରଦର୍ଶିତା ଆଣିବାକୁ ଓଇଆରସି ଏକାଧିକ ପଦକ୍ଷେପ ନେଇଛନ୍ତି। ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ଏଣିକି ଆସନ୍ତା ଆର୍ଥିକ ବର୍ଷରୁ ବିଦ୍ୟୁତ ବିତରକ କମ୍ପାନୀ କରୁଥିବା ସମସ୍ତ ଖର୍ଚ୍ଚର ସିଏଜି ଅଡିଟ ହେବ। ଏଥିପାଇଁ ଆୟୋଗ ସରକାରଙ୍କୁ ସୁପାରିସ କରିଛନ୍ତି। ସେହିପରି ୫୦ ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡର ଗୁଡିକରେ ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟିକ ଓ ପରିବହନ କ୍ଷତି ଅଧିକ ହେଉଥିବା ଅଞ୍ଚଳରେ ଟ୍ରାନ୍ସଫର୍ମର ସହ ବିଦ୍ୟୁତ ବିତରକ କମ୍ପାନୀ ଗୁଡ଼ିକ ସ୍ମାର୍ଟ ମିଟର ଲଗାଇବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ମାର୍ଟ ମିଟରର ଗୁଣବତ୍ତାକୁ ନେଇ ବିଭିନ୍ନ ଅଭିଯୋଗ ହେଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଆୟୋଗ। ସ୍ମାର୍ଟ ମିଟରର ସଫ୍ଟୱେୟାର ଅଡିଟ ତୃତୀୟ ପକ୍ଷ କମ୍ପାନୀ ଦ୍ୱାରା କରାଯିବ। ଯାହାକୁ ସାଧାରଣ ମିଟର ସହ ମେଳ କରାଯିବ। ଏହାଦ୍ୱାରା ସ୍ମାର୍ଟ ମିଟରର ବିଶ୍ୱସନୀୟତାକୁ ନେଇ ଉଠୁଥିବା ପ୍ରଶ୍ନରେ ▶ପୃଷ୍ଠା-୭






## ନବୀନଙ୍କ ସିଧା ନିଶାଣ
# ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ

### ଘରୋଇ ହସ୍ପିଟାଲ ଘଟଣାରେ ଧାଡ଼ି ଲଗାଇଥିଲେ କେନ୍ଦ୍ରମନ୍ତ୍ରୀ
### ଘଟଣାର ୯ ଦିନ ପରେ ଜଣେ ବି କେନ୍ଦ୍ରମନ୍ତ୍ରୀ ଗଲେନାହିଁ ଏସ୍‌ସିବି
### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବ ବିଜେଡ଼ି



■ ଭୁବନେଶ୍ୱର, ୨୪।୩ (ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହରେ ଲାଗି ରହିଛି ଅଚଳାବସ୍ଥା। ସରକାର କିଛି ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି ହାତ ଝାଡ଼ି ବସିଛନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଭାବରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଅଟଳ ରହିଛନ୍ତି ବିରୋଧୀ। ପୂର୍ବରୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଆଜି ପୁଣି ତାହାକୁ ଦୋହରାଇଛନ୍ତି। ବିଧାନସଭା ପରିସରରେ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣାକୁ ୯ ଦିନ ବିତିଗଲାଣି। ଏଥିରେ ୧୩ ଜଣ ରୋଗୀଙ୍କର ହୃଦୟବିଦାରକ ମୃତ୍ୟୁ ହୋଇଛି। ବିଡ଼ମ୍ବନା ହେଉଛି, ରାଜ୍ୟରେ ଏତେବଡ଼ ଘଟଣାଟିଏ ଘଟିବା ସତ୍ତ୍ୱେ ଜଣେ ବି କେନ୍ଦ୍ରମନ୍ତ୍ରୀ କଟକସ୍ଥିତ ଏସ୍‌ସିବି ଯାଇ ନାହାନ୍ତି। ଆମ ସରକାର ସମୟରେ ଏକ ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ହୋଇଥିଲା। ସେହି ସମୟରେ ଓଡ଼ିଶାକୁ କେନ୍ଦ୍ରମନ୍ତ୍ରୀମାନଙ୍କର ଧାଡ଼ି ଛୁଟିଥିଲା। ଏକାଧିକ କେନ୍ଦ୍ରମନ୍ତ୍ରୀ ନିଆଁ ଲାଗିଥିବା ସେହି ଘରୋଇ ହସ୍ପିଟାଲକୁ ଯାଇଥିଲେ। ମାତ୍ର ଏବେ ସେମାନେ କୁଆଡ଼େ ଗଲେ ? ଏସ୍‌ସିବି ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ରୋଗୀମାନଙ୍କ ପାଇଁ ଏ ସରକାର କେତେ ପରିମାଣରେ ଚିନ୍ତିତ ତାହା ଏହାକୁ ପ୍ରମାଣିତ କରିଛି। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନିଅନ୍ତୁ ଓ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଏହି କଥାକୁ ମୁଁ ବାରମ୍ବାର ଦୋହରାଉଛି ଓ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଏହି ଦାବି କରି ଚାଲିଥିବି ବୋଲି ନବୀନ କହିଛନ୍ତି। ଯେ ପର୍ଯ୍ୟନ୍ତ ସରକାର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ ନ କରିଛନ୍ତି ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ନ ଦେଇଛନ୍ତି; ସେ ପର୍ଯ୍ୟନ୍ତ ବିଜେଡି ପ୍ରତିବାଦ ଜାରି ରଖିବ ବୋଲି ନବୀନ ଚେତାଇ ଦେଇଛନ୍ତି।

## ସୁପ୍ରିମକୋର୍ଟଙ୍କ ରାୟ
# ଧର୍ମ ବଦଳାଇଲେ ମିଳିବନି ଅନୁସୂଚିତ ଜାତି ମାନ୍ୟତା



### କେବଳ ହିନ୍ଦୁ, ବୌଦ୍ଧ, ଶିଖ ଏସ୍‌ସି ଜାତିର ଦାବି କରିପାରିବେ

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କେବଳ ହିନ୍ଦୁ, ଶିଖ୍ ଏବଂ ବୌଦ୍ଧ ଧର୍ମର ଲୋକେ ଅନୁସୂଚିତ ଜାତି (ଏସ୍‌ସି) ମାନ୍ୟତା ପାଇପାରିବେ ବୋଲି କହିଛନ୍ତି। ଯଦି କେହି ଧର୍ମ ବଦଳାଇ ଖ୍ରୀଷ୍ଟିଆନ କିମ୍ବା ଅନ୍ୟ କୌଣସି ଧର୍ମ ଆପଣାନ୍ତି ତେବେ ସେ ଏସ୍‌ସି ମାନ୍ୟତା ହରାଇବେ। ୨୦୨୫ ମେ'ର ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟ ବିରୋଧରେ ଚିନ୍ଥଦା ଆନନ୍ଦ ଦାଏର କରିଥିବା ଆବେଦନ ଶୁଣାଣି କରି ଜଷ୍ଟିସ ପିକେ ମିଶ୍ରା ଏବଂ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଖ୍ରୀଷ୍ଟିଆନ ଧର୍ମ ଆପଣାଇ ଥିବା ଦଳିତ ବ୍ୟକ୍ତି ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର ନିରୋଧୀ ଆଇନ ଅଧୀନରେ ସଂରକ୍ଷଣ ପାଇଁ ଦାବି କରିପାରିବେ ନାହିଁ। ପୁଣିଥିରେ ଏହି ଅଧିକାର ପ୍ରାପ୍ତ କରିବା ପାଇଁ ସୁପ୍ରିମକୋର୍ଟ ତିନୋଟି ସର୍ତ୍ତ ମଧ୍ୟ ▶ପୃଷ୍ଠା-୭

# ସର୍ତ୍ତ ସହ ଯୁଦ୍ଧ ବନ୍ଦ ପାଇଁ ଇରାନ ସହମତ

### ଆମେରିକା ସହ ଆଲୋଚନା ପାଇଁ ମୋଜତବା ପ୍ରସ୍ତୁତ
### ମଧ୍ୟସ୍ଥତା କରିବାକୁ ପାକିସ୍ତାନର ଉଦ୍ୟମ
### ମୋଦୀଙ୍କ ସହ କଥା ହେଲେ ଟ୍ରମ୍ପ
### କ୍ଷେପଣାସ୍ତ୍ର ଭଣ୍ଡାରର ଭିଡିଓ ଜାରି କଲା ଇରାନ

■ ତେହରାନ, ୨୪।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଲାଗି ବଡ଼ ଧରଣର ଉଦ୍ୟମ ଆରମ୍ଭ ହୋଇଛି। ଗତକାଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଏହି ସୂଚନା ଦେଇଥିବା ବେଳେ ଆଜି ଇରାନ ମଧ୍ୟ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ଜଣାଇଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଆମେରିକା ସହ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କେତେକ ସର୍ତ୍ତ ସହିତ ଯୁଦ୍ଧକୁ ଶୀଘ୍ର ଶେଷ କରିବା ପାଇଁ ଖାମନେଇ ସହମତି ପ୍ରକାଶ କରିଛନ୍ତି। ଇରାନର ବିଦେଶ ମନ୍ତ୍ରୀ ଅବାସ ଆରାଘଚି ଏନେଇ ମଧ୍ୟସ୍ଥି ଜରିଆରେ ଆମେରିକୀୟ ଦୂତ ଷ୍ଟିଭ୍ ୱିଟକଫଙ୍କୁ ସୂଚନା ଦେଇଛନ୍ତି। ସୁପ୍ରିମ ଲିଡର ଆଲୋଚନା ପାଇଁ ଅନୁମତି ଦେଇଥିବା ସେ କହିଛନ୍ତି। 'ଅଲ ଆରବିୟା' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଇରାନର ପାୱାର ପ୍ଲାଣ୍ଟ ଏବଂ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ଇରାନର ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଚାଲିଥିବା ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ କହିଥିଲେ। ଏହି ଅବଧି ମଧ୍ୟରେ ଇରାନ ସହ ଚୁକ୍ତି ହେବ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଇରାନ ଏଭଳି କୌଣସି ଆଲୋଚନାକୁ ହୋଇନାହିଁ ବୋଲି କହିଥିଲା। ଅନ୍ୟପକ୍ଷରେ ମିଳିଥିବା ଖବର ଅନୁଯାୟୀ ଇଜିପ୍ଟ, ତୁର୍କୀ ସହ ମିଶି ଇରାନ ଏବଂ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରିବାକୁ ପାକିସ୍ତାନ ପ୍ରୟାସ କରୁଛି। ▶ପୃଷ୍ଠା-୭




### ବାଇକ୍‌କୁ ଧକ୍କା ଦେଲା ଆଳୁ ବୋଝେଇ ଟ୍ରକ୍

# ଚକା ତଳେ ଚାପି ହୋଇ ଦମ୍ପତି ମୃତ

ବାଲିକୁଦା/ଜଗତସିଂହପୁର,୨୪।୩(ସମିସ):

ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥ ଫକୀରପଡା ଠାରେ ଆଜି ଏକ ଆଳୁ ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଯୋଗେ ଯାଉଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ବରମୁଣ୍ଡଳୀ ପଞ୍ଚାୟତ ବାଲିଜୋରୀ ଗ୍ରାମର ବିଚିତ୍ର ବେହେରା ତାଙ୍କ ପତ୍ନୀ ଲିମନା ବେହେରାଙ୍କୁ ଚିକିତ୍ସା ପାଇଁ ସକାଳ ୮ଠାରୁ ଘରୁ ବାହାରି ଜଗତସିଂହପୁର ମେଡିକାଲ ଯାଇଥିଲେ। ତେବେ ଜାତୀୟ ରାଜପଥ ଫକୀରପଡ଼ା ନିକଟରେ ସମ୍ମୁଖରୁ ଦ୍ରୁତ ଗତିରେ ପଶ୍ଚିମବଙ୍ଗରୁ ଏକ ଆଳୁ ବୋଝେଇ ଗାଡ଼ି ମାଛଗାଁ ଅଞ୍ଚଳକୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ଦେଇଥିଲା। ଏପରିକି ଧକ୍କା ଦେବା ପରେ ବିଚିତ୍ର ଚଳାଉଥିବା ହିରୋ ପ୍ୟାସିୟନ ଗାଡି (ନଂ ଓଆର୨୧ଇ ୪୮୭୩)କୁ ଘୋଷାଡ଼ି ଘୋଷାଡ଼ି ପ୍ରାୟ ୧୫୦ ଫୁଟ ନେଇ ଯାଇଥିଲା। ଏହି ସମୟରେ ଟ୍ରକ୍ ଚକା ତଳେ ଚାପି ହୋଇ ରହିଥିବା ବିଚିତ୍ରଙ୍କ ଶରୀରରୁ ମୁଣ୍ଡ ଗଣ୍ଡି ଅଲଗା ହୋଇ ଯାଇଥିବା ବେଳେ ହାତ ଓ ଗୋଡ଼ ଛିଡି ଅନ୍ୟତ୍ର ପଡିଥିଲା। ଧକ୍କା ସମୟରେ ପତ୍ନୀ ମଧ ଛିଟିକି ବହୁ ଦୂରରେ ପଡିବା ସହ ପଛ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଚିତ୍କାର କରିଥିଲେ। ଦୁର୍ଘଟଣା ସମୟରେ




ଶବ୍ଦ ଏତେ ଜୋରରେ ଥିଲା ଓ ଏତେ ହୃଦୟ ବିଦାରକ ଥିଲା ଦୁର୍ଘଟଣା ସ୍ଥଳରୁ ୧୦୦ ମିଟର ଦୂରରେ ଥିବା କିଛି ଘରର ଲୋକେ ଓ ବ୍ୟବସାୟୀ ଦୌଡ଼ି ଆସି ଏହା ଦେଖିଥିଲେ। ହେଲେ ଘଟଣାସ୍ଥଳରେ କେହି ପ୍ରତ୍ୟକ୍ଷ



ଦର୍ଶୀ ଉପସ୍ଥିତ ନଥିବାର ସୁଯୋଗ ନେଇ ଦୁର୍ଘଟଣା ଘଟାଇ ଉଭୟ ଡ୍ରାଇଭର ଓ ହେଲପରେ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ବାଲିକୁଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରି ନିଜ ହେପାଜତକୁ ନେଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ଥିବା ଲିମନାଙ୍କୁ ଆମ୍ବୁଲାନ୍ସ ଯୋଗେ ଜଗତସିଂହପୁର ମେଡିକାଲ ନେଇଥିଲେ। ହେଲେ ସ୍ୱାମୀଙ୍କ ଏଭଳି ଅବସ୍ଥା ଦେଖି ମେଡିକାଲ ନେବା ବାଟରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ମେଡିକାଲ ପହଞ୍ଚିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତକ ଲିମକାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ବାଲିକୁଦା ପୁଲିସ ପକ୍ଷରୁ ୧୨୬/୨୬ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠା ଯାଇଥିଲା। ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ ହୋଇ ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଦେବୀ ପ୍ରସାଦ ବେହେରା ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ଶାରଦା ପ୍ରସନ୍ନ ବେହେରା ଉପସ୍ଥିତ ଥିଲେ।

### ● ଅମାନିଆ ଚାଳକଙ୍କ ଗାଡ଼ି ଯାଞ୍ଚ

## କଟିଲା ୬୫ ଚାଲାଣ; ୨ ଗାଡ଼ି ଅଟକ



ଜଗତସିଂହପୁର,୨୪।୩(ସମିସ): ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦିବାରାତ୍ର ଯାଞ୍ଚ କରି ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ପାଇଁ ପାରାଦୀପ ଉପଖଣ୍ଡରେ ମୋଟ ଉପରେ ୬୫ ଜଣ ଅମାନିଆ ଗାଡ଼ି ଚାଳକଙ୍କୁ ଅନୁବନ୍ଧିତ ବିଜ୍ଞପ୍ତି ସତ୍ତ୍ୱେ ଅବମାନନା କରିଥିବାରୁ ଚାଲାଣ କଟାଯାଇଛି। ସେଥିମଧ୍ୟରୁ ବିନା ହେଲମେଟରେ ୨୪ ଜଣ, ଦ୍ରୁତଗତି ଚାଳନାରେ ୨୨ ଜଣ, ମଦ୍ୟପ ଚାଳକ ୫ ଜଣ, ୨ଟି ଗାଡ଼ି ଅଟକ ରଖାଯାଇଛ। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ ଜାରି ରହିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସୂଚନା ଦେବା ସହ ଜନସାଧାରଣ ସଚେତନ ରହି ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ମୋଟର ଯାନ ନିରୀକ୍ଷକ ପ୍ରତାପ କୁମାର ବେହେରା ସହିତ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ଯାଞ୍ଚ ସମୟରେ ସହଯୋଗ କରିଥିଲେ।

## ୨ ମାଟି ବୋଝେଇ ହାଇୱା ଜବତ



କୁଜଙ୍ଗ,୨୪।୩(ସମିସ): କୁଜଙ୍ଗ ପୁଲିସ ଗତକାଲି ବିଳମ୍ବିତ ରାତିରେ ମାଟି ବେଆଇନ ଟାଲାଣକାରୀଙ୍କ ଉପରେ ଚଢ଼ଉ କରି ଦୁଇଟି ମାଟି ବୋଝେଇ ହାଇୱା ଜବତ କରିଥିବା ଜଣାପଡିଛି। ଗତକାଲି କୁଜଙ୍ଗ ଅଞ୍ଚଳର ଜନୈକ ସାମ୍ବାଦିକଙ୍କ ଉପରେ ମାଟିମାଫିଆଙ୍କ ଆକ୍ରମଣ ଘଟଣାରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଜେ.ସୋନାଲ କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଫଳରେ କୁଜଙ୍ଗ ଥାନା ଅଧିକାରୀ ଶ୍ରୀଯୁକ୍ତ ପ୍ରଧାନ ସଦଳବଳେ ଯାଇ ବରୁଣିକନ୍ଧା ମାଟି ମାଫିଆଙ୍କ ଉପରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ଦୁଇଟି ହାଇୱା ଜବତ କରିଥିଲେ। ଜବତ ହୋଇଥିବା ମାଟି ବୋଝେଇ ଦୁଇଟି ହାଇୱା (ଓଡି୦୫ଏଚ ୬୧୯୩, ଓଡି୦୫ଭି ୮୩୭୯) ବଜରଙ୍ଗବାଲୀ ନାମ ଥିବା ଗାଡିକୁ ପୁଲିସ ନିଜ ହେପାଜତରେ ରଖିଥିବା ଜଣାପଡିଛି। ବେଆଇନ ମାଟି ଚାଲାଣ ଅଭିଯୋଗକେ ଏହି ହାଇୱା ନାମରେ ମାମଲା ରୁଜୁ ହୋଇଛି। ଏଠାରେ ପ୍ରକାଶ ଯେ, କୁଜଙ୍ଗ ତହସିଲ ବଡଲାଙ୍ଗ ଜିମୁକଣ, ଫତେପୁର, ଜଳଧରପୁର ମୌଜାରେ ଏକାଧିକ ମାଫିଆ ସିଣ୍ଡିକେଟ ଜରିଆରେ ବେଆଇନ ଭାବେ ସରକାରୀ ଟିକସ ଫାଙ୍କି ହଜାର ହଜାର ଟ୍ରିପ୍ ମାଟି କେଳବାଇ ଦୋହରୀକରଣ ପ୍ରକଳ୍ପରେ ପକାଯାଉଛି। କୁଜଙ୍ଗ ପୁଲିସ ଏହି ମାଟି ଚୋରି ସିଣ୍ଡିକେଟ୍ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଚୋରି ଘଟଣାରେ ୨ ଗିରଫ

# ଟଙ୍କା ଓ ସୁନା ଜବତ

କୁଜଙ୍ଗ,୨୪।୩(ସମିସ): କୁଜଙ୍ଗ ଥାନା ନରେନ୍ଦ୍ରପୁର ଗ୍ରାମରୁ ଏକ ଚୋରି ଘଟଣାରେ ୨ ଅଭିଯୁକ୍ତ ଗିରଫ ହେବା ସହ ଟଙ୍କା ଓ ସୁନା ଜବତହୋଇ ଥିବା ଜଣାପଡିଛି। କୁଜଙ୍ଗ ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର କବିନ୍ଦ୍ର ମଲ୍ଲିକଙ୍କ ଘରୁ ଗତ ଜାନୁଆରୀ ୪ ତାରିଖରେ ବହୁ ସୁନା ଅଳଙ୍କାର ସହ ୬୦ ହଜାର ଟଙ୍କା ଚୋରି ହୋଇଥିଲା। ଏହି ନେଇ କବିନ୍ଦ୍ରଙ୍କ ପତ୍ନୀ ଅଞ୍ଜନା ମଲ୍ଲିକ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଜଙ୍ଗ ପୁଲିସ ମାମଲା ରୁଜୁ କରିବା ସହ ଏଏସଆଇ ରଶ୍ମୀରଞ୍ଜନ ସାହୁ ତଦନ୍ତକାରୀ ଅଧିକାରୀ ରୂପେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆସୁଥିଲେ। ୨ ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲ୍ଲା ସୂର୍ଯ୍ୟପୁରର ପ୍ରକାଶଚନ୍ଦ୍ର କୁଅଁର (୨୬) ଓ ଅନ୍ୟ ଜଣେ ଅଭିଯୁକ୍ତ ହେଲେ ସେହି ଗ୍ରାମର ବିକାଶ ନାୟକ (୩୧)। ସେମାନେ ଗୋଟିଏ ସୁନା ହାର, ୨ ସୁନା ଚେନ୍, ୨ ସୁନା ଅଙ୍ଗୁଠି, ୧୦ ଖଣ୍ଡ ସୁନା ଲକେଟ୍ ସହିତ ଏକ



ବ୍ୟାଗ ଭିତରେ ୬୦ ହଜାର ଟଙ୍କା ଚୋରି କରିଥିଲେ। ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଯଥା ୪ଟି ସୁନା ଚୁଡ଼ି, ୩ଟି ସୁନା କାନ ଫୁଲ, ୩ଟି ମଙ୍ଗଳସୂତ୍ର , ୭ଟି ସୁନା ଲକେଟ୍, ୫ଟି ସୁନା ବଲ୍ ଏବଂ ୧୫.୧୬୦ ଗ୍ରାମ ତରଳାଯାଇ ଥିବା ସୁନାବିସ୍କୁଟ୍ ଜବତ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ସାମ୍ବାଦିକଙ୍କୁ ମାଟି ମାଫିଆଙ୍କ ଆକ୍ରମଣ ଘଟଣା

# ଏସ୍‌ପିଙ୍କୁ ଭେଟିଲା କୁଜଙ୍ଗ ପ୍ରେସ୍ କ୍ଲବ୍

ଜଗତସିଂହପୁର,୨୪।୩(ସମିସ): ସୋମବାର ସକାଳେ ବେଆଇନ ମାଟି ଉଠାଣ କରୁଥିବା ମାଫିଆମାନେ କୁଜଙ୍ଗର ସାମ୍ବାଦିକ ଦୁଷ୍ମନ୍ତ ମାଝୀଙ୍କୁ ଆକ୍ରମଣ କରିଥିଲେ। ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ବେଆଇନ ମାଟି ଚାଲାଣ ସମୟରେ ଅମାନୁଷିକ ମାଡ଼ ମାରିବା ଘଟଣାର ଦୁଇଦିନ ବିତିଥିଲେ ମଧ ପୁଲିସ ହାତ ଖାଲିଥିବାରୁ କୁଜଙ୍ଗ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆହତ ସାମ୍ବାଦିକ କୁଜଙ୍ଗ ପ୍ରେସ୍ କ୍ଲବର ସମ୍ପାଦକ ଥିବାରୁ ପ୍ରେସ୍ କ୍ଲବ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଜି ମଧ୍ୟାହ୍ନରେ ସାମ୍ବାଦିକମାନେ କୁଜଙ୍ଗ ଥାନା ଅଧିକାରୀଙ୍କୁ ଭେଟିଥିଲେ। କୁଜଙ୍ଗ ପ୍ରେସ କ୍ଲବ ସଭାପତି ରଘୁନାଥ ସାହୁଙ୍କ ନେତୃତ୍ୱରେ ସାମ୍ବାଦିକ ରଞ୍ଜିତ ପଣ୍ଡା, ରାମଦାସ ମହାନ୍ତି ଓ ଅନ୍ୟ କିଛି ସାମ୍ବାଦିକ ଆହତ ଶ୍ରୀଯୁକ୍ତ ମାଝୀଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କୁ ସାକ୍ଷାତ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ଆଲୋଚନା ପ୍ରସଙ୍ଗରେ ପାରାଦୀପ କୁଜଙ୍ଗ ଅଞ୍ଚଳରେ ଚୋରା ବାଲି ଓ ମାଟି ସିଣ୍ଡିକେଟ ପୁଣିଥରେ ସକ୍ରିୟ ହୋଇଥିବା କହିଥିଲେ। ମାଟି ଲୁଟେରା ମାନେ ପ୍ରତାପପୁର, ଫତେପୁର, ଜଳଧରପୁର ଇଡକୋ ଅଧିଗୃହିତ ସରକାରୀ ଜମିରୁ ବେଆଇନ ଭାବେ କୋଟିକୋଟି ଟଙ୍କାର ମାଟି ଉଠାଉଛନ୍ତି। ଏହି ଘଟଣାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା କହିଥିଲେ।



ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ କୁଜଙ୍ଗ ପୁଲିସକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ସୂଚନା ଯୋଗ୍ୟ ଆକ୍ରମଣକାରୀମାଟି ମାଫିଆଙ୍କୁ ଦୁଇଦିନ ହେବ ପୁଲିସ ଖୋଜି ନାକେଦମ ହୋଇଥିବା ବେଳେ ଆଜି ଚୋରାମାଟି କାରବାରରେ ବ୍ୟବହୃତ ଅଭିଯୁକ୍ତଙ୍କର ଦୁଇଟି ଟ୍ରାକ୍ଟରକୁ ବାଲିତୁଠରୁ ଜବତ କରିଥିବା ଜଣାପଡିଛି। ପୁଲିସର ଘନଘନ ଚଢ଼ଉ ଯୋଗୁ କୁଜଙ୍ଗରୁ ୧୫ କିମି ଦୂର ଏକ ନିଛାଟିଆ ଜାଗାରେ ଟ୍ରାକ୍ଟର ଲୁଚାଯାଇଥିବା ବେଳେ ପୁଲିସ ଏହାକୁ ଜବତ କରିଛି। ତେବେ ଅଭିଯୁକ୍ତ ମାନେ ସ୍ଥାନୀୟ କେତେକ ବାହୂବଳିଙ୍କ ଛତ୍ରଛାୟା ତଳେ ଥିବାର ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବା ପରେ କୁଜଙ୍ଗ ପ୍ରେସ କ୍ଲବ ସଭାପତି ଶ୍ରୀଯୁକ୍ତ ସାହୁ ଆସନ୍ତା ତିନିଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାନଗଲେ ସାମ୍ବାଦିକ ମାନେ କୁଜଙ୍ଗ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଜଗତସିଂହପୁର,୨୪।୩(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପଳାଶୋଳ ସ୍ଥିତ ଅଟଳ ବଳଦେବଜୀଉ ଉଚ୍ଚ ବିଦ୍ୟାପୀଠ ୧୯୮୩ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବୈଠକ କାର୍ଯ୍ୟକ୍ରମ ଅଟଳ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ତପନ କୁମାର ରାଉତରାୟ, ସଂଜୀବ ମହାନ୍ତି, ରଞ୍ଜିତ ସ୍ୱାଇଁ, ଦୁଷ୍ମନ୍ତ ମହାନ୍ତି, ରଞ୍ଜିତ ରଞ୍ଜନ ଦାସ, କ୍ରିଷ୍ଣା ମଞ୍ଜରୀ ମହାନ୍ତି ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ପଳାଶୋଳ ପଞ୍ଚାୟତର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ସାମଗ୍ରିକ ସହାଭାଗିତା ହେବେ ବୋଲି ମତବ୍ୟକ୍ତ କରିଥିଲେ।

## ଅଙ୍ଗେଶ୍ୱରପଡ଼ା ବିଦ୍ୟାଳୟ ଛାତ୍ରଙ୍କ ଗୁରୁପୂଜନ

ନାଉଗାଁ,୨୪।୩(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚବିଦ୍ୟାଳୟର ୧୯୯୬ ମସିହା ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଏହି ବ୍ୟାଚର ୩୦ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହ ଗୁରୁପୂଜନ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ଭଗବାନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ଶିକ୍ଷକମାନଙ୍କୁ ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। ଦୀର୍ଘ ୩୦ ବର୍ଷ ପରେ ଗୋଟିଏ ସ୍ଥାନରେ ନିଜ ପ୍ରିୟ ବିଦ୍ୟାଳୟରେ ଏକତ୍ରିତ ହୋଇ ନିଜର ପୁରୁଣା ଦିନର ଅନୁଭୁତିକୁ ବଖାଣିବା ସହିତ ବେଶ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଦିଲ୍ଲୀପ ବିଶ୍ୱାଳ, ଜ୍ଞାନରଞ୍ଜନ ବିଶ୍ୱାଳ, ଅଜିତ ଓଝା ଆୟୋଜନ କରିଥିବା ବେଳେ ସୁଶାନ୍ତ ସେଣ, ସୂର୍ଯ୍ୟ ନାରାୟଣ ମହାନ୍ତି, ଅତୀଶ ପାତ୍ର, ସମିନା ଲେଙ୍କା, ମାନସ ନାୟକ, ବାବୁ ପ୍ରଧାନ, ଦିଲ୍ଲୀପ ପରିଡା, ଯଶୋବନ୍ତ ସ୍ୱାଇଁ, ଉମେଶ ସ୍ୱାଇଁ, ପପି ବିଶ୍ୱାଳ, ବିନୋଦ ରାଉତ, ଜ୍ଞାନରଞ୍ଜନ ସ୍ୱାଇଁ, ସମୀର ମଲ୍ଲିକ, ଅଧିପ ମୁଦୁଲି, ସ୍ମୃତିରାଜ ରାଉତ, ମାମି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସମଙ୍ଗ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଜଗତସିଂହପୁର,୨୪।୩(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସମଙ୍ଗ ପଞ୍ଚାୟତରେ ନବନିର୍ମିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବରଣ୍ୟ ଅତିଥି ଭାବେ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ଗୁଡିକୁ ଲୋକାର୍ପିତ କରିଥିଲେ। ଏଥି ପୂର୍ବରୁ ଅତିଥି ମାନଙ୍କୁ ଏକ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ନିଆଯାଇଥିଲା। ପ୍ରଥମେ ସମଙ୍ଗ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ନୂତନ ଗୃହ ଉଦଘାଟନ କରାଯାଇଥିଲା। ପରେ ବ୍ୟାଙ୍କ ଅଫ ଇଣ୍ଡିଆ ନୂତନ ଶାଖା କାର୍ଯ୍ୟାଳୟ, ସମଙ୍ଗ କଲ୍ୟାଣ



ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ସରପଞ୍ଚ ମିନତି ଜେନା ଏବଂ ସମିତିସଭ୍ୟ ଦୀପକ ମଣ୍ଡପ, ମହିମା ଆଶ୍ରମ ନୂତନ ଗୃହ ଏବଂ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦଘାଟିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମଙ୍ଗ ପଞ୍ଚାୟତର ଏମବିକେ ଲକ୍ଷ୍ମୀପ୍ରିୟା ନାୟକ ଏବଂ ପଞ୍ଚାୟତର ଅଧିବାସୀମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମା' ଶାରଳା ମନ୍ଦିରରେ ସଂସ୍କାର ଆଣିବାକୁ ଦାବି

ଜଗତସିଂହପୁର,୨୪।୩(ସମିସ): ଓଡ଼ିଶା ଉପଭୋକ୍ତା ସୁରକ୍ଷା ଅଭିଯାନ ପକ୍ଷରୁ ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରେ ଚାଲି ଆସିଥିବା ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦାବି କରାଯାଇଛି। ସଙ୍ଗଠନର ରାଜ୍ୟ ସମ୍ପାଦକ ଗୋବିନ୍ଦ ଓଝା ଜଗତସିଂହପୁର ଉପଜିଲ୍ଲାପାଳଙ୍କ ନିକଟରେ ଏଥିପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା କ୍ଷେତ୍ରରେ ଭକ୍ତଙ୍କୁ ଶୋଷଣ କରାଯିବା ସହିତ ଶାରଳା କ୍ଷେତ୍ରକୁ ରାଜ୍ୟ, ଦେଶ ଓ ବିଶ୍ୱସ୍ତରରେ ନିନ୍ଦିତ କରାଯାଉଛି। ମନ୍ଦିର ପରିସରରେ ଥିବା ଭୋଗ ଦୋକାନ ମାନଙ୍କରେ ମୂଲ୍ୟସୂଚି ଲଗାଇବା, ବିଭିନ୍ନ ସେବାପାଇଁ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ତାଲିକା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବା, ଶାରଳା ପୀଠରେ ଭୋଗ କ୍ରୟ ପରେ ଭୋଗ ଦୋକାନ ଆଗରେ ମହାସୂଲ ନାମରେ ୨୫ ଭାଗ ଅତିରିକ୍ତ ଅର୍ଥ ଆଦାୟ ବନ୍ଦ କରାଯାଉ ବୋଲି ଉପଭୋକ୍ତା ସୁରକ୍ଷା ଅଭିଯାନ ପକ୍ଷରୁ ଦାବୀ କରାଯାଇଛି। ସେହିପରି ଅଣହିନ୍ଦୁ ପ୍ରବେଶ ରୋକିବା, ମନ୍ଦିର ଶୃଙ୍ଖଳା ଓ ଯାତ୍ରୀ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ଅଧିକ ପୋଲିସ କର୍ମଚାରୀ ନିଯୁକ୍ତି



ଦିଆଯାଉ ବୋଲି ଦାବୀ ଉପସ୍ଥାପନ ହୋଇଛି। ମା' ଶାରଳା କ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବା ସହିତ ସଂସ୍କାର ଆଣିବା ପାଇଁ ଦାବିପତ୍ର ପ୍ରଦାନ ପରେ ଉପଜିଲ୍ଲାପାଳ ଘଟଣା ସମ୍ପର୍କରେ ତଦନ୍ତ କରି ବିହିତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ତରଫରୁ ସୂଚନା ଦିଆଯାଇଛି।

# ସାରଳା ମନ୍ଦିରରେ କୃଷକ ମୋର୍ଚ୍ଚା ପଦାଧିକାରୀ

ତିର୍ତ୍ତୋଲ,୨୪।୩(ସମିସ): ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ରାଜ୍ୟ ପଦାଧିକାରୀ ଓ ୩୪ ଜିଲ୍‌ଲା ସଂଗଠନ ସଭାପତିଙ୍କ ସହ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ନେତୃବୃନ୍ଦଙ୍କୁ ସାକ୍ଷାତ କରିବା ସହ ଅପରାହ୍ନରେ ଝଙ୍କଡ଼ ମା' ଶାରଳାଙ୍କ ଦର୍ଶନ ଲାଭ କରିଛନ୍ତି। ସଭାପତି ଶ୍ରୀ ପାଢ଼ୀ ଓ ଅନ୍ୟମାନେ ମନ୍ଦିର ନିକଟରେ ପହଞ୍ଚିବା ପରେ ବିଜେପି ଓ ଜିଲ୍ଲା କୃଷକ ମୋର୍ଚ୍ଚାର ନେତୃବୃନ୍ଦ ମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଅଶୋକ ମହାନ୍ତି, ଆଲୋକ ମହାନ୍ତି, ନିରଞ୍ଜନ ରାଉତ, ସମ୍ପଦ ଅନୁପ ପରିଡ଼ା, ଅରୁଣ ନାୟକ, ମହେଶ୍ୱର ପରିଡ଼ା, କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ , ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ବିବେକାନନ୍ଦ ହୋତା, ଆଇନଜୀବି ଗତିକୃଷ୍ଣ ଶତପଥି ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ରଞ୍ଜିତ ଆଚାର୍ଯ୍ୟ, ଯୁବରାଜ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପରେ ଦୁଇଦିନିଆ ସାଗର କବଚ ଆରମ୍ଭ

ପାରାଦୀପ,୨୪।୩(ସମିସ): ସମୁଦ୍ରରେ ଆସୁଛନ୍ତି ଆତଙ୍କବାଦୀ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଉପକୂଳରେ ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିବାକୁ ଜଗି ରହିଛନ୍ତି ସଶସ୍ତ୍ର ପୁଲିସ। ସମୁଦ୍ର ମଧ୍ୟରେ ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ବନବିଭାଗ ଓ ମେରାଇନ ପୁଲିସ ତରଫରୁ ଚାଲିଛି ପାଟ୍ରୋଲିଂ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ବନ୍ଦରନଗରୀ ପାରାଦୀପର ବିଭିନ୍ନ ସ୍ଥାନରେ। ଆଜିଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ସମରାଭ୍ୟାସ ସାଗରକବଚ। ପାରାଦୀପ ଉପକୂଳର ବିଭିନ୍ନ ସ୍ଥାନରେ ପୁଲିସ ତରଫରୁ ଚାଲିଛି ଜୋରଦାର ତନାଘନା। ଆତଙ୍କବାଦୀ ଯଦି ସମୁଦ୍ର ମଧ୍ୟରେ ମାଛ ଧରିବା ସମୟରେ କେହି ସନ୍ଦିଗ୍ଧ



ବ୍ୟକ୍ତି ନଜରକୁ ଆସନ୍ତି ତେବେ ଯଥାଶୀଘ୍ର ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ବିଭାଗ ତରଫରୁ ଜାରି କରାଯାଇଥିବା ହେଲ୍ପଲାଇନ ନମ୍ବରରେ ଜଣାଇବାକୁ ମତ୍ସ୍ୟଜୀବୀମାନଙ୍କୁ ଇଣ୍ଡିଆନ କୋଷ୍ଟଗାର୍ଡ ଓ ମତ୍ସ୍ୟ ପଶୁସମ୍ପଦ ବିଭାଗ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଛି। ଆଜିଠାରୁ ୨୪ ଓ ୨୫ ଦୁଇଦିନ ଧରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନୁଷ୍ଠିତ ହେଉଛି ସମରାଭ୍ୟାସ ସାଗରକବଚ। ୨୬/୧୧ ମୁମ୍ବାଇ ଆକ୍ରମଣ ପରଠାରୁ ପ୍ରତ୍ୟେକ ବର୍ଷ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଅନୁଷ୍ଠିତ ହେଉଛି ସମରଭ୍ୟାସ ସାଗର କବଚ। ଏହି ସମରାଭ୍ୟାସରେ ସୁରକ୍ଷା କର୍ମୀ ଦୁଇଭାଗରେ ରେଡ୍ ଓ ବ୍ଲୁ ଟିମ ଦୁଇଟି ଭାଗରେ ବିଭକ୍ତ ହୋଇ ରେଡ ଟିମ ଛଦ୍ମବେଶୀ ଆତଙ୍କବାଦୀ ଭାବରେ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ଓ ଜନଗହଳି ଅଞ୍ଚଳରେ ପଶି ଆକ୍ରମଣ କରିବାକୁ ଯୋଜନା କରିବେ। ଏହାକୁ ପ୍ରତିହତ କରିବାକୁ ବ୍ଲୁ ଟିମ ସମ୍ପୂର୍ଣ୍ଣ ସଜାଗ ରହିବା ହେଉଛି ଏହି ମିଳିତ ସମରାଭ୍ୟାସର ବିଶେଷତ୍ୱ। ଯାହା ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ପ୍ରତ୍ୟେକ ବର୍ଷ ଦୁଇଥର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତରଫରୁ ଆୟୋଜନ କରାଯାଉଛି।

# ସାମ୍ବାଦିକ ରଶ୍ମିରଞ୍ଜନଙ୍କ ବିୟୋଗରେ ସ୍ମୃତିସଭା

ପାରାଦୀପ,୨୪।୩(ସମିସ)

ଏକ ଘରୋଇ ଟିଭି ଚ୍ୟାନେଲର ପାରାଦୀପ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟ (ବାପି) ଙ୍କ ବିୟୋଗରେ ଆଜି ଏକ ଶୋକସଭାର ଅନୁଷ୍ଠିତ ହୋଇଯାଇଛି। ଏନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ ଆୟୋଜିତ ଶୋକସଭାର ପୌରାଧକ୍ଷ ବସନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି କୁମରବର ନାୟକଙ୍କ ସମେତ ପାରାଦୀପରେ କାମ କରୁଥିବା ସମସ୍ତ ଗଣମାଧମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ରଶ୍ମିଙ୍କ ଦେହାନ୍ତ ପାରାଦୀପ ସମେତ ସାରା ଜିଲ୍ଲାର ସାମ୍ବାଦିକ ଜଗତରେ ଦୁଃଖର ଛାୟା ଖେଳିଛି। ଗତକାଲି ସନ୍ଧ୍ୟାରେ ତାଙ୍କର ମରଶରୀର ପାରାଦୀପରେ ପହଞ୍ଚିବା ପରେ ଥାନା ଛକ ଠାରୁ ତାଙ୍କ ବାସଭବନ ପର୍ଯ୍ୟନ୍ତ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶହ ଶହ ସଂଖ୍ୟକ ଲୋକ




ତାଙ୍କୁ ଶୋଭାଯାତ୍ରାରେ ନେଇ ବନ୍ଦର ସହର ପରିକ୍ରମା କରାଇଥିଲେ। ପରେ ପାରାଦୀପ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଆଜି ଶୋକସଭାରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ସମସ୍ତ ଗଣମାଧମ ପ୍ରତିନିଧିମାନେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ନିଜ ନିଜର ଶୋକବ୍ୟକ୍ତ କରିଥିଲେ। ତାଙ୍କ ଏକମାତ୍ର ୪ ବର୍ଷର ଝିଅର ପାଠ ପଢ଼ା ଓ ପତ୍ନୀଙ୍କୁ ରୋଜଗାର ଯୋଗାଇ ଦେବା ସଂପର୍କରେ ଆଲୋଚନା କରାଯାଇଥିଲା। ସେହିପରି କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ସଙ୍ଗଠନ କାର୍ଯ୍ୟାଳୟରେ ରଶ୍ମିଙ୍କ ପାଇଁ ମଧ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ ସଂଗଠନର ଉପଦେଷ୍ଟା ରବୀନ୍ଦ୍ର ମଲ୍ଲିକ ଏବଂ ଗଦାଧର ମହାନ୍ତିଙ୍କ ସମେତ କଲ୍ୟାଣୀ ସ୍ୱାଇଁ, ଉର୍ମିଳା ସାହୁ, ମୌସୁମୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ପାଲ, ପ୍ରମିଳା ଗୋଛାୟତ ଓ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଇଞ୍ଜିନିୟରରୁ ସଫଳ କୃଷି-ଉଦ୍ୟୋଗୀ

# ଭଗୀରଥିଙ୍କ ଷ୍ଟ୍ରବେରୀ ଚାଷରେ ସଫଳତା

ଯାଜପୁର,୨୪।୩(ସମିସ)

ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପିଙ୍ଗଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଇଟିକର ଗ୍ରାମର ୩୪ ବର୍ଷୀୟ ଭଗୀରଥି ସ୍ୱାଇଁଙ୍କ ପାଇଁ ଚାଷ କେବଳ ଏକ ପରମ୍ପରା ନୁହେଁ, ବରଂ ଏକ ସ୍ୱପ୍ନ ଥିଲା। ଜଣେ ପେସାଦାର ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଭାଗୀରଥି, କୋଭିଡ ମହାମାରୀ ସମୟରେ କୃଷି ପ୍ରତି ଆକୃଷ୍ଟ ହୋଇଥିଲେ। ସେହି ସମୟରେ ଜୀବିକା ଓ ଆତ୍ମ ନିର୍ଭରଶୀଳତାର ପରିଭାଷା ବଦଳି ଯାଇଥିବା ବେଳେ ସେ ଚାଷକୁ ଏକ ନୂଆ ରୂପ ଦେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ନିଜର ଏବଂ ପରିବାରର ପ୍ରାୟ ୬ ଏକର ଜମିରେ ଭାଗୀରଥି ପୂର୍ବରୁ ଧାନ, ଚିନାବାଦାମ, ପୋଟଳ ଏବଂ ବିଭିନ୍ନ ପନିପରିବା ଚାଷ କରି ବାର୍ଷିକ ପ୍ରାୟ



୩ ଲକ୍ଷ ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ପାରମ୍ପରିକ ଚାଷରୁ ବାହାରି କିଛି ନୂଆ ଏବଂ ଅଧିକ ଲାଭଦାୟକ ସୁଯୋଗ ସନ୍ଧାନରେ ସେ ସବୁବେଳେ ରହୁଥିଲେ। ଏହି ସମୟରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍)ର ମିଳିତ ସହଯୋଗରେ ସେ ଆଧୁନିକ କୃଷି ପ୍ରଣାଳୀ ସହ ପରିଚିତ ହୋଇଥିଲେ। ସେମାନଙ୍କ ମାର୍ଗଦର୍ଶନରେ ସେ ଅଞ୍ଚଳ ପାଇଁ ସମ୍ପୂର୍ଣ୍ଣ ନୂଆ ଏବଂ ଉଚ୍ଚ ମୂଲ୍ୟଯୁକ୍ତ 'ଷ୍ଟ୍ରବେରୀ' ଚାଷ କରିବାକୁ ନିଷ୍ପତ୍ତି ନେଲେ। ମାତ୍ର ୪୮ ଡେସିମିଲ୍ ଜମିରେ ଭଗୀରଥି ପ୍ରାୟ ୧୦ ହଜାର ଷ୍ଟ୍ରବେରୀ ଚାରାରୋପଣ କରିଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ସରକାରଙ୍କ ପକ୍ଷରୁ ତାଙ୍କୁ ଚାରା, ମଲ୍ଚିଂ ସିଟ୍ ଏବଂ ଟ୍ରେଲିସ୍ ନେଟ୍ ପରି ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦିଆଯାଇଥିଲା, ଯାହା ତାଙ୍କର ପ୍ରାରମ୍ଭିକ ପୁଞ୍ଜି ନିବେଶକୁ ବହୁ ପରିମାଣରେ ହ୍ରାସ କରିଥିଲା। ଭଗୀରଥି କହିଛନ୍ତି ଯେ, "ମୁଁ ସବୁବେଳେ ଚାଷରେ କିଛି ନୂଆ ପ୍ରୟୋଗ କରିବାକୁ ଚାହୁଁଥିଲି, କିନ୍ତୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ଉଦ୍ୟାନ କୃଷି ବିଭାଗର ସହାୟତା ମୋତେ ଏହି ପଦକ୍ଷେପ ନେବା ପାଇଁ ଆବଶ୍ୟକୀୟ ଆତ୍ମବିଶ୍ୱାସ ଦେଇଥିଲା। ଏହି ଚାଷରେ ଲାଭର ପରିମାଣ ବେଶ୍ ଉତ୍ସାହଜନକ ରହିଛି।

ପ୍ରାୟ ୪୭,୦୦୦ ଟଙ୍କା ନିବେଶ କରି ସେ ମାତ୍ର ଅଳ୍ପ ଦିନରେ ପ୍ରାୟ ୧ ଲକ୍ଷ ଟଙ୍କା ରୋଜଗାର କରିସାରିଲେଣି ଏବଂ ଚଳିତ ଅମଳ ଋତୁ ଶେଷ ସୁଦ୍ଧା ମୋଟ ୨.୫ ଲକ୍ଷରୁ ଅଧିକ ଟଙ୍କା ଲାଭ ପାଇବେ ବୋଲି ଆଶା ରଖିଛନ୍ତି। ବର୍ତ୍ତମାନ ସେ ଡୁବୁରି ଏବଂ ଦାନଗଦି ଭଳି ସ୍ଥାନୀୟ ବଜାରରେ କିଲୋଗ୍ରାମ ପ୍ରତି ୨୫୦ ଟଙ୍କାରେ ଷ୍ଟ୍ରବେରି ବିକ୍ରି କରୁଥିବା ବେଳେ ପ୍ରକୃଷ୍ଟ ଅମଳ ସମୟରେ ତାଙ୍କର ମାସିକ ଆୟ ପ୍ରାୟ ୯୫ ହଜାର ଟଙ୍କାରେ ପହଞ୍ଚିଛି। ତାଙ୍କର ଏହି ସଫଳତା ଏବେ ଅନ୍ୟ ଚାଷୀମାନଙ୍କ ପାଇଁ ଏକ ଉଦାହରଣ ସାଜିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ ଦ୍ୱାରା ସହାୟତା ପ୍ରାପ୍ତ "ମହାବୀର କୃଷକ ସଂଘ' ମାଧ୍ୟମରେ ସେ ଏବେ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଅଭିନବ ଚାଷ ଓ ଆଧୁନିକ ଜ୍ଞାନକୌଶଳ ଆପଣେଇବା ପାଇଁ ପ୍ରେରଣା ଦେଉଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି ଯେ, "ଆମେ ଏଭଳି ଉଚ୍ଚ ମୂଲ୍ୟଯୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଛୁ ଯାହା ଚାଷୀଙ୍କ ଆୟ ବଢ଼ାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବ। ଆମେ ଶିଳ୍ପ ଏବଂ କୃଷି ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି ବିକାଶ କରିବାକୁ ଲକ୍ଷ୍ୟ ରଖିଛୁ।

## ବିଶ୍ୱ ମୁଢ଼ି ଦିବସ ପାଳନ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୪।୩ (ସମିସ): ଚଳିତ ମାସ ୨୯ତାରିଖ ରବିବାର ଦିନକୁ ବିଶ୍ୱ ମୁଢ଼ି ଦିବସ ଭାବେ ପାଳନ କରାଯିବା ପାଇଁ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ବିଜୟ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରେ ପ୍ରଥମେ ମୁଢ଼ି ବା ଏଠାକାର ଲୋକ କହୁଥିବା ଭୁଜା ପ୍ରଥମେ ପ୍ରଚଳନ ହୋଇଥିବାର କିମ୍ବଦନ୍ତୀ ରହିଛି ବୋଲି କହିଥିଲେ। ପ୍ରାୟ ଦୁଇଶହ ବର୍ଷରୁ ଅଧିକ କାଳ ବାଲେଶ୍ୱର ସହରର ଚାନ୍ଦିପୁର ରାସ୍ତାରେ ଭୁଜାଖିଆ ପୀର ବିଦ୍ୟମାନ। ଯେଉଁଠି ସବୁ ସମ୍ପ୍ରଦାୟର ଲୋକେ ପୀରବାବାଙ୍କ ପାଖରେ ଭୁଜାକୁ ଭୋଗ ଭାବେ ବ୍ୟବହାର କରନ୍ତି। ପରେ ତାହା ବିଦେଶରେ ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି। ଏଣୁ ସଙ୍ଗଠନ ପକ୍ଷରୁ ମୁଢ଼ି ଉପରେ ଟ୍ୟାଗ ଲଗାଇବା ପାଇଁ ଶ୍ରୀ ପାଣିଗ୍ରାହୀ ରାଜ୍ୟ ସରକାରଙ୍କ ଠାରେ ଦାବି କରିଛନ୍ତି।

● ଦହିସଡା ହାଇସ୍କୁଲରେ କିରାଣିଙ୍କ କଳାକାରନାମା

## ରାତିଅଧରେ ଅଫିସରେ ଦରାଣ୍ଡୁଥିବାର ଦୃଶ୍ୟ ସିସିଟିଭିରେ କଏଦ

ସୋର,୨୪।୩ (ସମିସ): ସୋର ବ୍ଲକର ଅନ୍ତର୍ଗତ ଅନ୍ୟତମ ପୁରାତନ ହାଇସ୍କୁଲ ଦହିସଡା ହାଇସ୍କୁଲର କିରାଣୀ ରାତିଅଧରେ ସ୍କୁଲର ତାଲା ଖୋଲି କିଛି ଦରାଣ୍ଡୁଥିବାର ଦୃଶ୍ୟ ସ୍କୁଲରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଦହିସଡା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ଦତ୍ତଙ୍କ ସୂଚନା ଅନୁସାରେ ବିଦ୍ୟାଳୟର କିରାଣି ପ୍ରଶାନ୍ତ ବେହେରାଙ୍କ ପାଖରେ ବିଦ୍ୟାଳୟର



ଗୋଟିଏ ସେଟ୍ ଚାବି ଥାଏ। ଯେହେତୁ ସ୍କୁଲର ପିଅନ ନାହାନ୍ତି ତେଣୁ କିରାଣି ପାଖରେ ଚାବି ରହିଥାଏ। ଗତ ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିଲା ବେଳେ କିରାଣି ଶ୍ରୀ ବେହେରା କିନ୍ତୁ ଖୁବ ଚତୁରତାର ସହିତ ନିଜକୁ ଖସିଯିବାଲାଗି ସିସିଟିଭିକୁ ବନ୍ଦ କରି ରଖିଦେଇଥିବାରୁ ପ୍ରଧାନ ଶିକ୍ଷୟତ୍ରୀ କିରାଣୀ ଶ୍ରୀ ବେହେରାର ଏହି କଳା କାରନାମା ସମ୍ପର୍କରେ ଦୁଇଦିନ ଧରି ଜାଣିପାରିନଥିଲାବେଳେ ଆଜି ସିସିଟିଭିର ଫୁଟେଜ ଦେଖି ଚକିତ ହୋଇପଡିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ କିରାଣୀ ବେହେରାକୁ ପଚାରିବାରୁ ବରଂ ଓଲଟି ମୁହଁ ତୋଡ ଜବାବ ପ୍ରଧାନଶିକ୍ଷୟିତ୍ରୀଙ୍କ ପ୍ରତି ରଖିଥିଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷୟତ୍ରୀ ବିଇଓ ଓ ଡି.ଇ.ଓ.ଙ୍କୁ ମେଲ୍ ଓ ଚିଠି ମାଧ୍ୟମରେ ଜଣାଇଛନ୍ତି। ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କ କହିବା ଅନୁସାରେ ନିଜର ବ୍ୟକ୍ତିଗତ ଟଙ୍କା ମାତ୍ର ୫ହଜାର ଟଙ୍କା ଥିଲା ତାହା ଡ୍ରୟାରରେ ଠିକ୍ ରହିଛି। ଏହି ଘଟଣାରେ ଆଉ କେହି ସହଯୋଗୀ ଅଛନ୍ତି କି ଯାହାକି ନିରପେକ୍ଷ ତଦନ୍ତରେ ଆବଶ୍ୟକ କରୁଛି।

## ଯୁବତୀଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ଥାନା ଅଧୀନ ଜାରକା ପୁଲିସ ବିଟ୍‌ହାଉସର ଅନତୀ ଦୂରରେ ଜଣେ ଯୁବତୀଙ୍କ ବେକରୁ କଳା ପଲ୍ସର୍ ବାଇକ୍‌ରେ ଆସିଥିବା ଦୁଇ ଜଣ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମର ଅଶୋକ କୁମାର ବାରିକଙ୍କ ଝିଅ ଅଭିଲିପ୍ସା ବାରିକ, ଜାରକା ମାଛ ବଜାର ନିକଟରେ ଥିବା ମାଉସୀ ଘରକୁ ଆସିଥିବା ବେଳେ ସନ୍ଧ୍ୟାରେ ନିଜ ମାଉସୀ ସଙ୍ଗୀତା ଦାସଙ୍କ ସହ ବଜାରକୁ ବୁଲି ଯାଇଥିଲେ। ଏହି ସମୟରେ ତାଙ୍କ ପଛ ପଟୁ ଏକ କଳା ପଲସରରେ ଦୁଇ ଦୁର୍ବୃତ୍ତ ଆସି ବେକରୁ ସୁନା ଚେନ୍ ଓ ଲକେଟ ଝାମ୍ପି ନେଇଥିଲେ। ଅଭିଲିପ୍ସା ଓ ତାଙ୍କ ମାଉସୀ ଜାରକା ବିଟ୍‌ହାଉସ ଅଧିକାରୀଙ୍କୁ ଏ ବିଷୟରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତନାଘନା କରିଛି। ଏସମ୍ପର୍କରେ ଅଭିଲପ୍ସା ଲିଖିତ ଭାବେ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୨୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ସୁକିନ୍ଦା,୨୪।୩(ସମିସ): ମଙ୍ଗଳପୁର ଟମକା ରାସ୍ତାର କୁହିକା ଛକରେ ଏକ ବାଇକ ଦୁର୍ଘଟଣା ଘଟି ଗୋବରଘଟି ବାସିନ୍ଦା ସିଲାଇ କଣ୍ଡାକେଲ ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟି ଗ୍ରାମ ସିଲାଇ କଣ୍ଡାକେଲଙ୍କ ପୁଅ ବୁଡ଼ାନ ସିଂ କଣ୍ଡାକେଲ (୨୫) ସୋମବାର ବାଇକ୍ ନେଇ କାଳିଆପାଣି ଅଞ୍ଚଳକୁ ଯାଉଥିବା ସମୟରେ କୁହିକା ଛକ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ବୁଡାନ ସିଂକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସାବତ ପୁଅ ଆକ୍ରମଣରେ ମା' ଗୁରୁତର

ସୁକିନ୍ଦା,୨୪।୩(ସମିସ): କାଳିଆପାଣି ଥାନା ଅନ୍ତର୍ଗତ କାଙ୍କଡ଼ପାଳ ଗ୍ରାମପଞ୍ଚାୟତ ଅଧୀନସ୍ଥ କାଦୁଆବନ୍ଧୀ ଗ୍ରାମରେ ସାବତ ପୁଅ ଆକ୍ରମଣରେ ମା' ଗୁରୁତର ଆହତ



ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆହତ ମହିଳା କାଦୁଅବନ୍ଧୀ ଗ୍ରାମ ଅଲେଖ ପ୍ରଧାନଙ୍କ ପତ୍ନୀ ଶୁଆଗି ପ୍ରଧାନ(୫୭)। ପାରିବାରିକ ବିବାଦକୁ ନେଇ ମା' ଓ ପୁଅ ନିରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିରା ଉତକ୍ଷିପ୍ତ ହୋଇ ମା'କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ମା' ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ଦଧିବାମନଜୀଉଙ୍କ ମେଣ୍ଢାଘର ଉତ୍ସବ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପପୁର ଗ୍ରାମରେ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମେଣ୍ଢାଘର ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଠାକୁର ଫଗୁଦଶମୀରୁ ଦେଉଳରୁ ବାହାରି ୬ ଗୋଟି ମେଲଣରେ ଯୋଗଦାନ କରିଥାନ୍ତି। ପରେ ଠାକୁର ଉତରପ୍ରତାପ, ରାଖିପାଟଣା, ଅରଖପଦା, ବେଦିପୁର ଆଦି ଗ୍ରାମ ପରିକ୍ରମା କରି ଭୋଗ ଖାଇଥାନ୍ତି। ପରେ ଠାକୁରଙ୍କ ଦେଉଳ ବିଜେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଗୋପାଳଚନ୍ଦ୍ର ରାଉତ, ସଞ୍ଜୟ କୁମାର ରାଉତ, ନାରାୟଣ ରାଉତ, ଭାଗ୍ୟଧର ମହାନ୍ତି, ମଧୁସୁଦନ ପରିଡା, ଦେବୁନୀ ତ୍ରିପାଠୀ, ଲକ୍ଷ୍ମୀଧର ପଲେଇ, ସନାତନ ରାଉତ, ବଳରାମ ଦାସ, କାଳିଆ ଦାସ, ବସନ୍ତ କୁମାର ସାହୁ, ଜ୍ଞାନରଞ୍ଜନ ତ୍ରିପାଠୀ, ବାବାଜି ତରେଇ, ପିଣ୍ଟୁ ବାରିକ, ପାପନ ଦାଶ, ପୂଜକ ଗଦାଧର ଦାଶ, ରତ୍ନାକର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ରଥିଆ ଠାରେ ଧର୍ମଶାଳା ପୁଲିସ ଓ ଚଣ୍ଡିଖୋଲ ଆରଟିଓ ପକ୍ଷରୁ ମିଳିତ ଭାବେ ବାଇକ ଯାଂଚ କରାଯାଇଛି। ଚଣ୍ଡିଖୋଲ ଆରଟିଓ ତରଫରୁ ଅତିରିକ୍ତ ଏମଭିଆଇ ସ୍ୱାତୀ ସ୍ୱାଗତିକା ସମେତ ଅଫିସ ଷ୍ଟାଫ ଓ ଧର୍ମଶାଳା ପୁଲିସ ଷ୍ଟାଫ ମାନେ ଆଜି ରଥିଆ ଛକ ଠାରେ ବାଇକ ଗୁଡିକୁ ଅଟକାଇ ହେଲମେଟ୍ ଓ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହେଲମେଟ୍ ଇନସୁରାନ୍ସ, ପଲ୍ୟୁସନ ଆଦିନଥିବା ବାଇକ ଗୁଡିକରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି।

## ଦୁଇ ଚୋର ଗିରଫ

କୟାଁଗୋଲା,୨୪।୩(ସମିସ): ମଙ୍ଗଳପୁର ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ଚିତ୍ତରଞ୍ଜନ ସାମଲଙ୍କ ଘରୁ ନଗଦ ୨୦ହଜାର ଟଙ୍କା ସହ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଗହଣା ସହ ପିତଳ ସାମଗ୍ରୀ ଚୋରି ହୋଇଥିବା ମଙ୍ଗଳପୁର ଥାନାରେ ଗତ ୧୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ସମ୍ପୃକ୍ତ ଦୁଇ ସ୍ଥାନୀୟ ଯୁବକଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା କେଶ ନମ୍ବର ୭୪/୨୬ ରୁଜୁ କରିଥିଲେ। ସେହି ଗ୍ରାମର ଦୁଇ ଜଣ ଯୁବକ ପ୍ରକାଶ କୁମାର ବାଇ(୨୮) ଓ ଗୁଡୁ ଦାସ(୨୧) ଅନେକ ସମୟରେ ନିଶା ସେବନ କରି ବିଳମ୍ବିତ ରାତି ଯାଏଁ ବୁଲନ୍ତି। ଏହି ଚୋରି ମାମଲାର ତଦନ୍ତ ଅଧିକାରିଣୀ ଅନିତା ପ୍ରଧାନ ୨ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ବ୍ଲକ ଶାନ୍ତିବଜାର ଠାରୁ କାଏମା ଅଟକି ରହିଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଦୀର୍ଘ ୨ବର୍ଷ ପରେ ଆରମ୍ଭ ହୋଇଛି। ରାସ୍ତା ପ୍ରଶସ୍ତି କାର୍ଯ୍ୟ ନିମନ୍ତେ ଏହି ରାସ୍ତାର କାଏମା ମିଶନ ଶକ୍ତି ଗୃହ ନିକଟରେ ରାସ୍ତା ଉପରୁ ଗଛ ଗୁଡ଼ିକ କଟା ଯାଉଥିବା ସହ ରାସ୍ତା ସଫା କରାଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଶରତ ନାୟକ ଉକ୍ତ ସ୍ଥାନରେ ଉପସ୍ଥିତ ରହି



କାର୍ଯ୍ୟକୁ ତଦାରଖ କରୁଛନ୍ତି। ଶାନ୍ତିବଜାର ଠାରୁ କାଏମା ନଦୀ ବନ୍ଧକୁ ସଂଯୋଗ କରୁଥିବା ଏହି ରାସ୍ତାରେ ସବୁ ସମୟରେ ଭିଡ଼ ଲାଗିରହିଥାଏ। ଭିଡ଼ ନିୟନ୍ତ୍ରଣ ସହ ଲୋକମାନଙ୍କ ଗମନା ଗମନ ସୁବିଧା ନିମନ୍ତେ ଏହାକୁ ଚାରି ଥାକିଆ ରାସ୍ତା କରାଯିବା ପାଇଁ ୨୦୨୩ ଡିସେମ୍ବର ମାସରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ୧୮ କୋଟି ୪୨ଲକ୍ଷ ଟଙ୍କା ର ବ୍ୟୟଅଟକଳରେ ଶିଳାନ୍ୟାସ ହୋଇଥିଲା। ରାସ୍ତା ମାପଚୁପ ଓ ସଫେଇ କାର୍ଯ୍ୟ ଆରମ୍ଭ ହୋଇ ଯାଇଥିଲା। କିନ୍ତୁ ରାସ୍ତା ପ୍ରଶସ୍ତି କରଣକୁ କାଏମା ବଜାରର କିଛି ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ବିରୋଧ କରି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। କାଏମା ବଜାରରେ ଥିବା ବ୍ୟବସାୟୀମାନଙ୍କ ହିତକୁ ଆଖିଆଗରେ ରଖି ବିଧାୟକ ପୂର୍ବରୁ ନିର୍ଦ୍ଧାରିତ ନକ୍ସାରେ କିଛିଟା ପରିବର୍ତ୍ତନ କରି ଶାନ୍ତି ବଜାର ନିକଟରୁ ବାହାରି କାଏମା କେନାଲ ବନ୍ଧ ନିକଟରେ ବାଇପାସ୍ ହୋଇ କାଏମା କେଲୁଅ ନଦୀ ବନ୍ଧକୁ ସଂଯୋଗ କରିବା ପାଇଁ ନୂତନ ନକ୍ସା କରାଯାଇଛି। ଯାହାଫଳରେ ରାସ୍ତା କାମ ଅଗେଇବା ନେଇ ପଥ ପରିଷ୍କାର ହୋଇଛି। ତେବେ ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ରାସ୍ତା କାମକୁ ଯୁଦ୍ଧକାଳିନ ଭିତ୍ତିରେ ସାରିବାକୁ ଦାବି ହୋଇଛି।

■ ଦୋବଲରେ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ କର୍ମଶାଳା

## 'ସ୍ୱଚ୍ଛ ଭୋଟର ତାଲିକା ହିଁ ଗଣତନ୍ତ୍ରର ମୂଳଦୁଆ'

ଦୋବଲ,୨୪।୩(ସମିସ): ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୋବଲ ପଞ୍ଚାୟତ ସୋଧଠାରେ ମୁକୁନ୍ଦଦେବ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ରର ମହାକୁମ୍ଭରେ ପ୍ରତିଟି ଯୋଗ୍ୟ ନାଗରିକଙ୍କ ସହଭାଗିତା ସୁନିଶ୍ଚିତ କରିବା ଏବଂ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ସଚେତନ ନାଗରିକର ଦାୟିତ୍ୱ। କୌଣସି ଜଣେ ବି ଯୋଗ୍ୟ ମତଦାତା ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସମସ୍ତେ ସତର୍କ ରହିବା ଆବଶ୍ୟକ। ଏହି ଅବସରରେ ଶତାଧିକ ଉତ୍ସାହି ଯୁବକର୍ମୀଙ୍କୁ ଭୋଟର ପଞ୍ଜୀକରଣ, ନାମ ସଂଶୋଧନ ଓ ଫର୍ମ ପୂରଣ ପ୍ରକ୍ରିୟା ଉପରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଭୋଟର ତାଲିକାରେ ରହିଯାଉଥିବା ବୈଷୟିକ ତ୍ରୁଟି ଦୂର କରିବା, ନୂତନ ଭୋଟରଙ୍କୁ ଯୋଡ଼ିବା ଏବଂ ମୃତ ବ୍ୟକ୍ତିଙ୍କ ନାମ ବାଦ୍ ଦେଇ ଏକ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି ଆଲୋଚନା କରାଯାଇଥିଲା। ଯୁବକର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନ କରାଇବେ। ବିଶେଷ କରି ଗ୍ରାମାଞ୍ଚଳରେ ଡିଜିଟାଲ ସାକ୍ଷରତାର ଅଭାବ ଥିବାରୁ ଯୁବପିଢ଼ି ଅନ୍‌ଲାଇନ୍ ମାଧ୍ୟମରେ ଲୋକଙ୍କୁ ସହାୟତା କରିବାକୁ ପରାମର୍ଶ ଦିଆଯାଇଛି। ଏହି କର୍ମଶାଳାରେ ଦୋବଲ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଥ୍‌ସ୍ତରୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅଭିଯାନ ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ପ୍ରତିଟି ୱାର୍ଡରେ ଜୋର୍‌ଦାର୍ ଭାବେ ଚାଲିବ ବୋଲି ସୂଚନା ମିଳିଛି।

## ବିଦେଇପୁରରେ କପିଳମୁନୀ ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୨୪।୩(ସମିସ): ବାସୁଦେବପୁର ବ୍ଲକ୍‌ର ବିଦେଇପୁରଠାରେ ଲଉଡ଼ି ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ କପିଳମୁନୀ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ମହୋତ୍ସବର ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, କପିଳମୁନୀ ମହୋତ୍ସବର ପ୍ରତିଷ୍ଠିତା ଏକପାଦ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଲୋକକଳାକୁ ଗାଁ ଗାଁରେ ପହଞ୍ଚାଇବା



ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ସାମ୍ବାଦିକ ସୂର୍ଯ୍ୟୋଦୟ ବିଶ୍ୱାଳ, ସାମ୍ବାଦିକ କାଳୀପଦ ରାୟ, କଳାକାର ବିଶ୍ୱଜିତ୍ ମଣ୍ଡଳ, ନୃତ୍ୟଗୁରୁ ଚିତ୍ରସେନ ସ୍ୱାଇଁ, କଣ୍ଠଶିଳ୍ପୀ ଗୌତମ ବାରିକ, ଶୁଭଶ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୁରୀ ମଙ୍ଗଳପୁର ବୀଣା କେଶରୀ ନୃତ୍ୟ ମଞ୍ଜରୀ କଳାକାର ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ଭୁବନେଶ୍ୱର ଆରାଧନା ଡ୍ୟାନ୍ସ ଏକାଡେମୀ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।

## 'ବିଦ୍ୟା ମଣିଷକୁ ଦେବତାରେ ପରିଣତ କରିଥାଏ'



ବାରିକପୁର,୨୪।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ୍ ପୁରୁଷୋତ୍ତମ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସ୍ଥାନୀୟ ସରପଞ୍ଚ ଦେବଦାସୀ ଜେନା ଉଦ୍‌ଘାଟନ କରିଥିବାବେଳେ ବାର୍ଷିକ ପୁରସ୍କାର ବିତରଣ ଛାତ୍ରଛାତ୍ରୀଙ୍କ ସୁପ୍ତ ଶକ୍ତିକୁ ବିକଶିତ କରିଥାଏ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଗରପଡ଼ା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ରାଉଳ, ମୁଖ୍ୟବକ୍ତା ଭାବେ ପ୍ରଶିକ୍ଷକ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କିରଣ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଶତପଥି ପ୍ରମୁଖ ଯୋଗଦେଇ ସଠିକ୍ ବିଦ୍ୟା ମଣିଷକୁ ଦେବତାରେ ପରିଣତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସମୟରେ ପୁସ୍ତକଗତ ଜ୍ଞାନ ସହିତ ଆଧ୍ୟାତ୍ମିକ ବିଦ୍ୟା ମିଳିଲେ ଛାତ୍ରଛାତ୍ରୀମାନେ ଉନ୍ନତିର ଶିଖରରେ ପହଞ୍ଚିବାକୁ ସକ୍ଷମ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ଶିକ୍ଷକ ନରେନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ ଓ ଧନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲଭିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ ଉତ୍ସବରେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ମଧୁସ୍ମିତା ପରିଡ଼ା, ଅମିତା ଜେନା, ସୁଜାତା ପରିଡ଼ା, ଲକ୍ଷ୍ମୀପ୍ରିୟା ଶତପଥି, ଦୀପ୍ତିପ୍ରଭା ବେହୁରିଆ ପ୍ରମୁଖ ପରିଚାଳନା କରିଥିଲେ।

## ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା

ବାରିକପୁର,୨୪।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ମଧ୍ୟରେ ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସରପଞ୍ଚ ଅମୂଲ୍ୟ ନାୟକ ଯୋଗଦେଇ ଉପସ୍ଥିତ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସରକାରୀ ଭାବେ କେଉଁ ଭଳି ଋଣ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯାଇଥିଲା। ମୋଟ୍ ୩୦ ଜଣ ମହିଳା ଓ ପୁରୁଷ ଉଦ୍ୟୋଗୀ ଏହି ୧୨ଦିନିଆ କର୍ମଶାଳାରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ

# ଭଦ୍ରକ ଜିଲ୍ଲାରେ ୫୭୭ ଜଣ ଯକ୍ଷ୍ମା ରୋଗୀ

ଭଦ୍ରକ,୨୪।୩(ସମିସ)

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂଆବଜାରସ୍ଥିତ ପୁରୁଣା ମେଡିକାଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥାଏ। ଏହି ବର୍ଷର ବିଷୟବସ୍ତୁ ହେଉଛି 'ଇଏସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି, ଲିଡ୍ ବାଇ ଭାରତ, ପାୱାର୍ଡ ବାଇ ଜନଭାଗିଦାରୀ'। ଏହି ଅବସରରେ ଏକ ସଚେତନତାମୂଳକ ସଭା



ସହିତ ଆଲୋଚନା, ବିତର୍କ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସିଏଚ୍‌ସି ଧାମନଗର ଓ ସିଏଚ୍‌ସି ବରପଦାର ଏମ୍‌ପିଏଚ୍‌ଡବ୍ଲୁ (ପୁରୁଷ) କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି, ତାହାର ନିରାକରଣ ଓ ସମାଜର ସମ୍ମିଳିତ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାକ୍ତରମାନେ ଯୋଗଦେଇ 'ଟିବି ମୁକ୍ତ ଭାରତ' ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ଜିଲ୍ଲାରେ ବର୍ତ୍ତମାନ ୫୭୭ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଅଛନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହରାଜ ସୂଚନା ଦେଇଥିଲେ। ଯକ୍ଷ୍ମା ରୋଗର ପରୀକ୍ଷା ଓ ଚିକିତ୍ସା ସରକାରୀ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ଥିବା, ଦୀର୍ଘ ସମୟ ଧରି କାଶ ହେବା ଯକ୍ଷ୍ମାର ମୁଖ୍ୟ ଲକ୍ଷଣ ହେବା ସହିତ ଏହି ରୋଗ ବାୟୁ ମାଧ୍ୟମରେ ପ୍ରସାରିତ ହେବା ଓ ନିୟମିତ ଔଷଧ ସେବନ ଦ୍ୱାରା ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ଭାବେ ନିରାମୟ କରାଯାଇପାରିବ ବୋଲି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ବିଶେଷଜ୍ଞ ଡା. ସନ୍ତୋଷ ପୃଷ୍ଟି, ବରିଷ୍ଠ ଡାକ୍ତର ସୁଧିରଞ୍ଜନ ନାୟକ, ଡା. ମିନତି ଲତା ଦାସ, ଡା. ପାର୍ଥସାରଥୀ ମିଶ୍ର, ଡା. ଜୟନ୍ତ ପଣ୍ଡା, ଡ. ଲଳିତା ସୋରେନ, ଡିପିଏମ୍ ବନବିହାରୀ ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ବିଭାଗୀୟ ସଂଯୋଜକ ନିବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

# ମାଟିରେ ମିଶିଗଲାଣି ଜାଲପାଲି-ତୁଣ୍ଡୁମାଲ ରାସ୍ତା

କଣ୍ଟାମାଲ,୨୪ ।୩(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକର ମନମୁଣ୍ଡା-ଖୁଣ୍ଟିଗୋରା ୪୧ ନଂ ରାଜ୍ୟ ରାଜପଥର ଖଟଖଟିଆ ପଞ୍ଚାୟତର ଜାଲପାଲି ଛକରୁ ଘିକୁଣ୍ଡି ପଞ୍ଚାୟତର ତୁଣ୍ଡୁମାଲ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ୫ କିମିରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହା ପ୍ରାୟ ୨୫ରୁ ୩୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ସେହି ଦିନଠାରୁ ଏହି ରାସ୍ତାରେ ଆଉ କୌଣସି ମରାମତି ହୋଇନି । ଏହି ରାସ୍ତାରୁ ୯୦ ପ୍ରତିଶତ ପିଚୁ ଉଠିଯାଇଛି । ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଏହି ରାସ୍ତା ଉପରେ ଖଟଖଟିଆ, ଘିକୁଣ୍ଡି ଏବଂ ଯୋଗୀନ୍ଦ୍ରପୁର ଆଦି ୩ଟି ପଞ୍ଚାୟତର ପ୍ରାୟ ୧୦ ହଜାର ଲୋକ ନିର୍ଭର କରିଥାନ୍ତି । ଅଞ୍ଚଳବାସୀ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଖଟଖଟିଆ, ପଲସାଗୋରା, ସୋନପୁର ବଜାରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି । ଛାତ୍ରଛାତ୍ରୀ ଦମାମୁଣ୍ଡା ସ୍କୁଲ, ସୋନପୁର, କଣ୍ଟାମାଲ, ପଲସାଗୋରା ଆଦି କଲେଜକୁ ଏହି ରାସ୍ତା ଦେଇ ପାଠ ପଢି ଯାଇଥାନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତାଟି ସିଧାସଳଖ ମନମୁଣ୍ଡା-କଣ୍ଟାମାଳ ରାସ୍ତାକୁ ସଂଯୋଗ କରଛି । ଏଣୁ ତୁଣ୍ଡୁମାଲ, ହାତୀପାଲି, ବାନ୍ଧନଝୁଲି, ପଥରଖଣ୍ଡି, ଘିକୁଣ୍ଡି, ଜାଲପାଲି, ଗରିଆପାଲି ଆଦି ଗାଁର ଲୋକେ ଡାକ୍ତରଖାନାକୁ ଯାଇଥାନ୍ତି । ସେହିଭଳି ଏହି ରାସ୍ତା ଦେଇ ଲୋକେ ବ୍ଲକ ଅଫିସ ଯାଇଥାନ୍ତି । ଅନ୍ୟପକ୍ଷେ ଲୋକେ ଜାଲପାଲି ଛକ ଦେଇ ଏହି ରାସ୍ତାରେ ମନମୁଣ୍ଡା, ସୋନପୁରକୁ ଯାଇଥାନ୍ତି । ଲୋକେ ରୋଗୀ ତଥା ଗର୍ଭବତୀ ମହିଳାଙ୍କୁ ଏହି ରାସ୍ତାରେ ନେବାକୁ ଅଞ୍ଚଳବାସୀ ସୁରକ୍ଷିତ ମଣୁ ନାହାନ୍ତି । ଏଲଆଣ୍ଡଟି କମ୍ପାନୀ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ ଓ ଚାଷ ଜମିକୁ ଜଳସେଚନ ପାଇଁ ପାଇପ ବିଛା ଚାଲଇଛି । ଏଥି ଯୋଗୁଁ ଏହି ରାସ୍ତା ଉପରେ ବହୁ ଜାଗାରେ ବଡ ବଡ଼ ଗାତ କରି କମ୍ପାନୀ ଛାଡି ଦେଇଛି । ଏପରିକି ଏହି ରାସ୍ତା ଦେଇ ତୁଣ୍ଡୁମାଲ, ହାତୀପାଲି, ରତାଖଣ୍ଡି, ବାନ୍ଧନଝୁଲି, ପଥରଖଣ୍ଡି ଆଦି ଗ୍ରାମବାସୀ ଚାଉଳ, ଭତ୍ତା ଆଦି ଆଣିବା ତଥା ଅନ୍ୟାନ୍ୟ ସମସ୍ୟା ନେଇ ଘିକୁଣ୍ଡି ପଞ୍ଚାୟତ ଅଫିସକୁ ଯିବା ଆସିବାକୁ ନିର୍ଭର କରିଥାନ୍ତି ।

ସେହିପରି ବାନ୍ଧନଝୁଲି ଗ୍ରାମବାସୀ ଯୋଗୀନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟକୁ ମଧ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥାନ୍ତି । ଜାଲପାଲି ଗ୍ରାମବାସୀ ଖଟଖଟିଆସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଖାଲ ଖମାରେ ଭର୍ତ୍ତି ଏହି ବିପଦପୂର୍ଣ୍ଣ ରାସ୍ତାରେ ଯିବା ଆସିବା ସମୟରେ ଲୋକେ ଦୁର୍ଘଟଣାର ଶିକାର ହୋଇ ବହୁ ଧନ ଜୀବନ ନଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣ



ବୌଦ୍ଧ,୨୪ ।୩(ସମିସ): ଏପ୍ରିଲ ୨ ତାରିଖରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ପିଲାଙ୍କ ନାମ ଲେଖା ତଥା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହେବ । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଧଲପୁରରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିପାଇଁ ଗା ଲୋକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଗୋଷ୍ଠୀ ସମ୍ବଳ ସଂଯୋଜକ ଭୁବନେଶ୍ୱର ସେଠୀ, ଧଲପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୋଲସ୍ତି ଭୋକ୍ତା, ଶିକ୍ଷକ ବିଜୟଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ଫୁଲତୋଡ଼ା, ବେଲୁନ, ଚକଲେଟ ଦେବା ସହ ସେମାନଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ଦେଇଥିଲେ ।

## ମାନସିକ ସ୍ୱାସ୍ଥ୍ୟ ସଚେତନତା ଶିବିର



ବୌଦ୍ଧ,୨୪ ।୩(ସମିସ): ବୌଦ୍ଧ ମଡେଲ ଡିଗ୍ରି କଲେଜରେ ଆଜି ଏକ ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଆତ୍ମହତ୍ୟା ପ୍ରତିରୋଧ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ କଲେଜର ଅଧକ୍ଷ ରବୀନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ ବୋଲି ସେ ପରାମର୍ଶ ଦେଇଥିଲେ । କଲେଜ ପ୍ରଶାସନିକ ଅଧିକାରୀ ପ୍ରମୋ ମେହେର ଏହି ଶିବିରକୁ ପରିଚାଳନା କରିଥିଲେ । ପ୍ରମୋଦ ମହାରଣା ନିଜର ଅଭିଭାଷଣରେ ସକାରାକ୍ଷକ ଦୃଷ୍ଟିଭଙ୍ଗୀ ଏବଂ ଅସଫଳତାରୁ ଶିକ୍ଷା ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେବା ସହ ଆତ୍ମହତ୍ୟା ନ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପଞ୍ଚାୟତ କଲେଜର ଡକ୍ଟର ପ୍ରବୀର ଦାସ ମନୋପରାମର୍ଶର ଗୁରୁତ୍ୱ, ସକାରାତ୍ମକ ମନୋଭାବ ଗଢ଼ି ତୋଳିବା, ବିଫଳତାରୁ ଶିଖିବା ଏବଂ କେବେ ହାର ନ ମାନିବା ବିଷୟରେ ଆଲୋଚନା କରିଥିଲେ । ବୌଦ୍ଧ ମହିଳା କଲେଜର ଅଧକ୍ଷ ରବୀନ୍ଦ୍ରନାଥ ଗୁରୁ ମନୋସ୍ୱାସ୍ଥ୍ୟ ସମସ୍ୟାରେ ସହାୟତା ନେବାକୁ ନେଇ ଥିବା କୁସଂସ୍କାରକୁ ଦୂର କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେହିପରି ମହିଳା ମହାବିଦ୍ୟାଳୟର କାଉନ୍ସେଲର ଉତ୍ତମ ବେହେରା, ପଞ୍ଚାୟତ କଲେଜର କାଉନସେଲର ତ୍ରିନାଥ ରଣା, ସୁରେଶ୍ୱର ଯୋଶୀ, ଡକ୍ଟର ଦେବସ୍ମିତା ନାଏକ ଏବଂ ସୁଶ୍ରୀ ପ୍ରଜ୍ଞା ପାରମିତା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।

## ଡୁମାଲ ସମାଜର ବାର୍ଷିକ ବୈଠକ



ବିନିକା,୨୪ ।୩(ସମିସ): ବିନିକା ବ୍ଲକ୍ ଭଣ୍ଡାର ପଞ୍ଚାୟତ କଦଳିପାଲୀ ଗ୍ରାମରେ ଗୁଲୁଣ୍ଡା କେନ୍ଦ୍ର ଡୁମାଲ ସମାଜର ଏକ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଇଷ୍ଟଦେବୀ ମା' ମାହେଶ୍ୱରୀଙ୍କଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ବନ୍ଦନା କରାଯାଇଥିଲା । କେନ୍ଦ୍ର ସଭାପତି ବିଜୟ ମହାକୁରଙ୍କ ଅଧକତାରେ ଅନୁଷ୍ଟିତ ସଭାରେ ଯୋଗଦେଇଥିବା ଜାତି ଭାଇମାନେ ସମାଜର ବିକାଶ ଓ ଉନ୍ନତି ଦିଗରେ ସୁଚିନ୍ତିତ ମତାମତ ରଖିଥିଲେ । କୋଷାଧ୍ୟକ୍ଷ ଡୋଲମଣୀ ବାରିକ କେନ୍ଦ୍ରର ବାର୍ଷିକ ଆୟ ବ୍ୟୟ ଅଟକଳ ପଠନ କରିଥିଲେ । ସଭାରେ ୧୫ ଖଣ୍ଡ ଗ୍ରାମର ପାଖାପାଖି ୫ଶହ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ । କଦଳିପାଲୀ ଗ୍ରାମରେ ବସବାସ କରୁଥିବା ସମସ୍ତ ଡୁମାଲ ଜାତି ଭାଇମାନେ ସହଯୋଗ କରିଥିଲେ । କେନ୍ଦ୍ର ସମ୍ପାଦକ ଦେବାଶିଷ କଳତା, ଉପସଭାପତି ହରିହର ଛନ୍ଦ, ଭୁବନେଶ୍ୱର ପାତ୍ର, ବିନିକା ନଗର ଉପସଭାପତି ଗନ୍ଧର୍ବ ମାହାର ସଭାରେ ଉପସ୍ଥିତ ଥିଲେ । କେନ୍ଦ୍ର ସଂଯୋଜକ ଗୋପାଳ ଚନ୍ଦ୍ର ବାରିକ ସଭା ସଂଯୋଜନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅଧ୍ୟକ୍ଷଙ୍କ ପାତାଳୀ ଶ୍ରୀକ୍ଷେତ୍ର ପରିଦର୍ଶନ



ବୀରମହାରାଜପୁର,୨୪ ।୩(ସମିସ): ଆଜି ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧକ୍ଷ ପ୍ରବୀଣ ତୋଗାଡିଆ ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ ପରିଦର୍ଶନ କରିଥିଲେ । ତାଙ୍କୁ କୋଟସମଲାଇ ଗ୍ରାମର ପ୍ରବେଶ ପଥରେ ଶ୍ରୀପାତାଳି କ୍ଷେତ୍ର ଟ୍ରଷ୍ଟ ଏବଂ ଅଞ୍ଚଳର ଜନସାଧାରଣ ପୁଷ୍ପ ମାଲ୍ୟ ପ୍ରଦାନ ସହ ପାରମ୍ପାରିକ ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରାରେ ପାତାଳି ଶ୍ରୀକ୍ଷେତ୍ରକୁ ପାଛୋଟି ନେଇଥିଲେ । ଛଳିଆ ପାହାଡ଼ ଜଗନ୍ନାଥ ମନ୍ଦିରରେ ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡାଙ୍କ ସମେତ ଶତାଧିକ ସେବାୟତ ବେଦ ପାଠ କରି ସ୍ୱାଗତ କରିଥିଲେ । ସେଠାରେ ଡ. ତୋଗାଡ଼ିଆ ଠାକୁରଙ୍କ ଦର୍ଶନ କରି ପୂଜା ଆରାଧନା କରିଥିଲେ । କ୍ଷେତ୍ରର ଶୋଭାରାଜି ଦେଖି ଆତ୍ମବିଭୋର ହୋଇ କ୍ଷେତ୍ରର ଐତିହାସିକ ମହାତ୍ମ୍ୟ ବର୍ଣ୍ଣନା କରିଥିଲେ । ସେଠାରୁ ଗେଷ୍ଟ ହାଉସ ଯାଇ ଟ୍ରଷ୍ଟ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ବୌଦ୍ଧିକ ମଣ୍ଡପଠାରେ ସମବେତ କାର୍ଯ୍ୟକର୍ତ୍ତାଙ୍କୁ ''ସୁସ୍ଥ, ସମୃଦ୍ଧ, ସଂସ୍କୃତି ସଂପନ୍ନ ପରିବାର ଓ ହିନ୍ଦୁତ୍ୱ' ଆଧାରିତ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ କରିଥିବା ବେଳେ ଗଡ଼ତ୍ୟା ଚମରା ଅମାତ, ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ର, ଜାନକୀରାମ ଦେହୁରୀ, ଜଗଦୀଶ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ ।

## ବାବା ଭୂତେଶ୍ୱରଙ୍କ ବାର୍ଷିକ ଉତ୍ସବ

ବୌଦ୍ଧ,୨୪ ।୩(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଠର ମୌଜା ଶୁକପାଲିସ୍ଥିତ ପ୍ରସିଦ୍ଧ ବାବା ଭୂତେଶ୍ୱର ପୀଠରେ ବାର୍ଷିକ ଉତ୍ସବ ସମାପ୍ତ ହୋଇଛି । ଉତ୍ସବର ଆରମ୍ଭରେ ଶୋଭାଯାତ୍ରା ସହିତ କଳସଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ । ହରେକୃଷ୍ଣ ମହାମନ୍ତ୍ର ଓ ଭଜନ-କୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଯାଇଥିଲା । ପ୍ରସିଦ୍ଧ ପରାୟଣ ଗାୟିକା ସ୍ୱପ୍ନାରାଣୀ ଯୋଶୀଙ୍କ ଦ୍ୱାରା ପରାୟଣ ଅନୁଷ୍ଠିତ ହୋଇଥିଲା । ଏହା ସହିତ ଘୃତଯଜ୍ଞ ଓ ଅନ୍ନଯଜ୍ଞ ସହ ସମସ୍ତଙ୍କ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା । ବାବା ଭୂତେଶ୍ୱରଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଭକ୍ତଙ୍କ ଭିଡ଼ ଲାଗିଥିଲା ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବୌଦ୍ଧ,୨୪ ।୩(ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ପଲିଟେକନିକ କଲେଜରେ ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ହେଲମେଟ ପିନ୍ଧି ଗାଡ଼ି ଚଳାିବା, ଦ୍ରୁତ ଗତିରେ ନ ଯିବା, ମଦ୍ୟପାନ କରି ଗାଡି ନ ଚଳାଇବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସେ ସଚେତନ କରାଇଥିଲେ ।

## ଜଙ୍ଗଲରୁ ଜବତ ଗଞ୍ଜେଇ କୋର୍ଟରେ ପ୍ରଦର୍ଶିତ



ବୌଦ୍ଧ,୨୪ ।୩(ସମିସ): ବୌଦ୍ଧ ଥାନା ଟିକରପଡା ନିକଟ ଜଙ୍ଗଲରୁ ଜବତ ହୋଇଥିବା ୧୦୦ କେଜି ଗଞ୍ଜେଇକୁ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ କୋର୍ଟରେ ପ୍ରଦର୍ଶନ କରିଛି । ଟିକରପଡା ଜଙ୍ଗଲରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଇନ୍ସପେକ୍ଟର ସୁଧୀର ମିଶ୍ରଙ୍କ ତତ୍ତ୍ୱାବଧାନରେ ଚଢଉ କରାଯାଇଥିଲା ।

### ରାମପୁର କୃଷକ ସଂଗଠନର ବୈଠକ

## ସଭାପତିଙ୍କ ନାମରେ ମିଥ୍ୟା ଅପପ୍ରଚାରକୁ ନିନ୍ଦା



ଡୁଙ୍ଗୁରିପାଲି,୨୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁରର ଯୁବ ସମାଜସେବୀ ତଥା ରାମପୁର କୃଷକ ସଂଗଠନ ସଭାପତି ଉମେଶ ପୂଜାରୀଙ୍କୁ ଗୋ-ଚାଲାଣକାରୀ କହି ସାମାଜିକ ଗଣମାଧ୍ୟମରେ ବାରମ୍ବାର ପୋଷ୍ଟ କରି ମିଥ୍ୟା ଅପପ୍ରଚାର କରିବାକୁ ନେଇ ରାମପୁର ପାକ୍ସ ଅନ୍ତର୍ଗତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଶ୍ରୀ ପୂଜାରୀଙ୍କ ନାଁରେ ସୋସିଆଲ ମିଡ଼ିଆରେ ମିଥ୍ୟା ଅପପ୍ରଚାରକୁ ନେଇ ରାମପୁର କୃଷକ ସଂଗଠନ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର ସଭାପତି ଉମେଶ ପୂଜାରୀଙ୍କ ସମେତ ସମ୍ପାଦକ ସରୋଜ ମେହେର, ବରିଷ୍ଠ ସଦସ୍ୟ କୃପାସିନ୍ଧୁ ପୂଜାରୀ, ଘଡିଗୋପାଳ ମିଶ୍ର, ବନମାଳୀ ନାଏକ, ବାସୁଦେବ ପଧାନ, ପ୍ରସନ୍ନ ପଧାନ, ଶୁକଦେବ ପଧାନ, ବନମାଳୀ ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ । ଶ୍ରୀ ପୂଜାରୀ ଜଣେ ଯୁବ ସମାଜସେବୀ ହୋଇଥିବା ବେଳେ ଜଣେ କୃଷକ ସଂଗଠକ ତଥା ଜଣେ ଦକ୍ଷ ରାଜନୈତିକ ସଂଗଠକ । ଏଣୁ ଜାଣିଶୁଣି ତାଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ, ରାଜନୈତିକ ପ୍ରତିଦ୍ୱନ୍ଦିତା ମୂଳକ ଆକ୍ରୋଶକୁ ନେଇ ଜଣେ ବ୍ୟକ୍ତି ଏଭଳି ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ । ଏଭଳି ଏକ ଘଟଣାକୁ ନବନିର୍ମାଣ କୃଷକ ସଂଗଠନ ତରଫରୁ ମଧ ଏହାକୁ କୃଷକ ଆନ୍ଦୋଳନ ସହ ଯୋଡି ଶ୍ରୀ ପୂଜାରୀଙ୍କୁ ବଦନାମ କରାଯାଉଥିବାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥିରେ ଯଦି କିଛି ସତ୍ୟତା ଥାଏ ତେବେ ବଳିଷ୍ଠ ପ୍ରମାଣ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ସାମାଜିକ ଗଣମାଧ୍ୟମରେ ଆପତ୍ତିକର ପୋଷ୍ଟ କରିବା ଠିକ ନୁହେଁ ବୋଲି ଏକ ପ୍ରେସ ବିବୃତ୍ତିରେ ବରିଷ୍ଠ ସଦସ୍ୟମାନେ ମତ ରଖିବା ସହ ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଏକ ପଲିଟିକାଲ ଷ୍ଟଣ୍ଟ ବୋଲି କହିଛନ୍ତି ।

## ଯକ୍ଷ୍ମାମୁକ୍ତ ପଞ୍ଚାୟତ ସମ୍ବର୍ଦ୍ଧନା ଉତ୍ସବ

ବୌଦ୍ଧ,୨୪ ।୩(ସମିସ): ବୌଦ୍ଧ ଟାଉନ୍ ହଲ୍‌ରେ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁଙ୍କ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ ଯୋଗ ଦେଇଥିଲେ । ଜିଲ୍ଲା ଯକ୍ଷ୍ମା ସେଲର ନୋଡ଼ାଲ ଅଧିକାରୀ ଡାକ୍ତର ନାରାୟଣ ସାହୁ ଯକ୍ଷ୍ମା ରୋଗ ଓ ତାର ନିରାକରଣ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଗିରିଜା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲାର ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଭାବରେ ଘୋଷିତ ୨୫ଟି ପଞ୍ଚାୟତର ସରପଞ୍ଚ, ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ବାଇକ୍ ସହ ୧୨ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ବୌଦ୍ଧ,୨୪ ।୩(ସମିସ): ବୌଦ୍ଧ ଅବକାରୀ ଥାନା ପକ୍ଷରୁ ଆମ୍ବଝରୀ ଛକ ନିକଟରୁ ବାଇକ ସହ ୧୨ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ପାଟ୍ରୋଲିଂ ଚାଲିଥିବା ବେଳେ ଆମ୍ବଝରୀ ଛକ ନିକଟରେ ଏକ ବାଇକକୁ ଅଟକାଇ ଯାଞ୍ଚ କରା ଯାଇଥିଲା । ସେଥିରୁ ୧୨ କେଜି ଗଞ୍ଜେଇ ବାହାରିଥିଲା । ଗଞ୍ଜେଇ ଚାଲାଣ ଅଭିଯୋଗରେ ମନମୁଣ୍ଡା ଥାନା ମାଳତୀ ଗୋଛାପଡା ଗ୍ରାମର ରୋଶନ ବଘାରଙ୍କୁ ଗିରଫ କରାଯାଇଥିଲା । ଏ ସମ୍ପର୍କରେ ବୌଦ୍ଧ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

## କାମକୁ ନୁହେଁ ବଉଳସିଙ୍ଗା ଗାଁ କଲ୍ୟାଣୀ ସମିତି

ଶଗଡା,୨୪ ।୩ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲା ପଞ୍ଚାୟତ ବଉଳସିଙ୍ଗା ଗ୍ରାମର ବିଦ୍ୟାଳୟ ସମ୍ମୁଖରେ ଥିବା ନଳକୂପ ନିକଟରେ ଆବର୍ଜନା ଭର୍ତ୍ତି ହୋଇ ରହିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରିଛି । ଏହା ଉପରେ ଗ୍ରାମର ୪୦ ପରିବାର ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ପିଇବା ପାଣି ଉପରେ ନିର୍ଭର କରନ୍ତି । ଏହି ନଳକୂପ ନିକଟରେ ସଫା କରାଯାଉ ନ ଥିବାରୁ ଦୁର୍ଗନ୍ଧ ହେଉଛି । ଏଣୁ ଲୋକମାନେ ଏଠାରୁ ପାଣି ନେବା ପାଇଁ ଉପଯୁକ୍ତ ମଣୁ ନାହାନ୍ତି । ପ୍ରତି ବର୍ଷ ଗ୍ରାମର ସଫେଇ ପାଇଁ ଆର୍ଥିକ ସହାୟତା ଆସୁଛି; ହେଲେ ଏହି ଟଙ୍କା ଗ୍ରାମର ସଫେଇ କାର୍ଯ୍ୟରେ ଆସୁ ନାହିଁ । ଅନେକ ସମୟରେ ନଳକୂପ ନିକଟରେ ଗାଁ ଲୋକଙ୍କ ସହ ଛାତ୍ରଛାତ୍ରୀ ସଫା କରୁଥିବା ଗ୍ରାମବାସୀ କହିଛନ୍ତି; ହେଲେ ଗାଁ କଲ୍ୟାଣୀ ସମିତି ଟଙ୍କା ଉଠାଇ ଆତ୍ମସାତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଜଳିଗଲା ୩ ବଖରା ଘର ସହ ସମସ୍ତ ଆସବାବପତ୍ର



ହରଭଙ୍ଗା,୨୪ ।୩(ସମିସ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ନିକଟସ୍ଥ ଜୟପୁର ଗ୍ରାମରେ ଆଜି ମଧ୍ୟାହ୍ନ ଟାରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ହୋଇଛି । ଘରେ କେହି ନ ଥିବା ସମୟରେ ହଠାତ୍ ନିଆଁ ଲାଗିଥିଲା । କିଛି ସମୟ ଭିତରେ ନିଆଁ ଭୟାବହ ରୂପ ଧାରଣ କରିଥିଲା । ଏହି ଅଗ୍ନିକାଣ୍ଡରେ ଗ୍ରାମର ଅଶୋକ ବାରିକ, ଅଲେଖ ବାରିକ ଓ ଗୁଲେଖ ବାରିକଙ୍କ ୩ ବଖରା ଚାଳ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଛି । ଘର ଭିତରେ ଥିବା ସମସ୍ତ ଆସବାବ ପାତ୍ର, ବସ୍ତ୍ର ଓ ଦୈନନ୍ଦିନ ବ୍ୟବହାରର ସାମଗ୍ରୀ ମଧ ଅଗ୍ନିରେ ନଷ୍ଟ ହୋଇଯାଇଛି । ଏହା ଫଳରେ ୩ଟି ପରିବାର ବର୍ତ୍ତମାନ ଦୁର୍ଦ୍ଦଶାରେ ଜୀବନ ଯାପନ କରୁଛନ୍ତି । ଖବର ପାଇ ଚାରିଛକ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା । ଅଗ୍ନିକାଣ୍ଡର ଠିକ କାରଣ ଜଣାପଡ଼ିନାହିଁ ।

## ଜନଗଣନାକାରୀ ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ କର୍ମଶାଳା

ତରଭା,୨୪ ।୩(ସମିସ): ତରଭା ପ୍ରଶାସନ ତରଫରୁ ଜନଗଣନାକାରୀ ଓ ସୁପରଭାଇଜରମାନଙ୍କ ୩ଦିନିଆ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତରଭା ତହସିଲଦାର ଶ୍ୱେତାଲିନା ମହାଣାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି । ଭାରତୀୟ ଜନଗଣନାର ଐତିହାସିକ ପୃଷ୍ଠଭୂମି, ଜନଗଣନା ପରିଚାଳନାର ଉଦ୍ଦେଶ୍ୟ, ଭାରତୀୟ ଜନଗଣନା-୨୦୨୭, ଗଣନାକାରୀ ଓ ସୁପରଭାଇଜରଙ୍କ ଭୂମିକା ଓ ଦାୟିତ୍ୱ, ଆଇନଗତ ବ୍ୟବସ୍ଥା, ଗଣନାକାରୀ ଏବଂ ସୁପରଭାଇଜରଙ୍କ ଅଧିକାର, ଜନଗଣନା ଆଇନ ୧୯୪୮, ଗୃହତାଲିକା, ନକ୍ସା ପ୍ରସ୍ତୁତି ଏବଂ ବିଲ୍ଡିଂ ଓ ସେନସସ୍ ଗୃହଗୁଡ଼ିକୁ ନମ୍ବର କରିବା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ସତର୍କତାର ସହ ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତିତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜନଗଣନା କାର୍ଯ୍ୟକ୍ରମ ଦେଶର ସାମାଜିକ ଓ ଆର୍ଥିକ ପରିକଳ୍ପନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ତେଣୁ ଏହାକୁ ଠିକ ଓ ସ୍ୱଚ୍ଛଭାବେ ସମ୍ପନ୍ନ କରିବାକୁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ତରଭା ବ୍ଲକ୍ କନଫରେନ୍ସ ହଲ୍ ପ୍ରଶିକ୍ଷଣ କେନ୍ଦ୍ରରେ ସାଧନକର୍ମୀ ଭାବେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ, ତରଭା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ସହକାରୀ କୃଷି ଅଧିକାରୀ ଲିପ୍ସା ତ୍ରିପାଠୀ ଓ ତରଭା ବାଳିକା ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ କ୍ଷେତ୍ର ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ୨୩୧ ଜଣ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ତରଭା ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ୨୮ ରେ ଡୁଙ୍ଗୁରିପାଲି ଓକିଲ ସଂଘ ନିର୍ବାଚନ

ଡୁଙ୍ଗୁରିପାଲି,୨୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଓକିଲ ସଂଘ ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ ରେ ଅନୁଷ୍ଠିତ ହେବ । ସଭାପତି ଏବଂ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବ । ସଭାପତି ପଦବୀ ପାଇଁ ସୁବାଷ ଚନ୍ଦ୍ର ଭୋଇ ଏବଂ ରାଜେନ୍ଦ୍ର ପ୍ରସାଦ ଭୋଇ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସମ୍ପାଦକ ପଦବୀ ପାଇଁ ମିତେନ୍ଦୁ ଅବିନାଶ ଗୌତମ, ବୀରେନ୍ଦ୍ର କୁମାର ଦଣ୍ଡସେନା ଓ ପରମେଶ୍ୱର ଦେହେରି ପ୍ରତିଦ୍ୱନ୍ଦିତା କରୁଛନ୍ତି । ଉପସଭାପତି ପଦବୀରେ ପ୍ରମୋଦ କୁମାର ହୋତା ଓ ଯୁଗ୍ମ ସମ୍ପାଦକ ପଦବୀରେ ହରେକୃଷ୍ଣ ବେହେରା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଓକିଲ ଲକ୍ଷ୍ମଣ ନାଏକ ନିର୍ବାଚନ ଅଧିକାରୀ ଦାୟିତ୍ୱ ନେଇଛନ୍ତି । ମାର୍ଚ୍ଚ ୨୮ ତାରିଖ ସକାଳ ୭ଟା୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ହେବ । ଅପରାହ୍ନ ୪ଟାରେ ଭୋଟ ଗଣତି ହେବ ବୋଲି ଜଣାପଡ଼ିଛି ।

# ଗଭୀର ନଳକୂପରେ ଲାଗୁନି ମିଟର

ଶଗଡା,୨୪ ।୩(ସମିସ)



ସରକାର ଚାଷୀ ଓ ଚାଷ ପାଇଁ ମାଳମାଳ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ କ୍ଷେତ୍ରରେ ଏକ ପ୍ରକାର ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି । କଣ୍ଟାମାଳ ବ୍ଲକ ଶୁଣ୍ଡିପଦର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ୪ଜଣ ଚାଷୀ ୨୦୧୯ ମସିହାରେ ବିଜୁ କୃଷକ ବିକାଶ ଯୋଜନାରେ ୨୦ ହଜାର ଟଙ୍କା ଅଗ୍ରୀମ ଦେଇ ନିଜ ଚାଷ ଜମିରେ ଗଭୀର ନଳକୂପ ଖନନ କରିଥିଲେ । ୨୦୨୪ ମସିହାରେ ନଳକୂପରେ ବିଦ୍ୟୁତ ସଂଯୋଗ ଦିଆ ଯାଇଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ଲଗାଯାଇ ନାହିଁ । ଅଣ ଜଳସେଚିତ ଜମିରେ ଅଧିକ ଚାଷ କରି ଲାଭବାନ ହୋଇ ପରିବାର ଚଳାଇବା ଆଶା ନେଇ ଚାଷୀ ଏହି ବୋରୱେଲ ଖନନ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀର ବୋରୱେଲରେ ବିଦ୍ୟୁତ ମିଟର ଲାଗି ନ ଥିବା ଅଭିଯୋଗ କରିଛନ୍ତି । ମିଟର ନ ଥିବା ଫଳରେ ଚାଷୀ ଚାଷ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ ବିଭାଗର ଅବହେଳାକୁ ଚାଷୀମାନେ ଦାୟୀ କରିଛନ୍ତି । ଏନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି । କିନ୍ତୁ କିଛି ସୁଫଳ ମିଳି ନ ଥିବା କହିଛନ୍ତି । ପୁରୁଷୋତ୍ତମପୁର ଗ୍ରାମର ସେବତୀ କର୍ଣ୍ଣ, ସବିତା କର୍ଣ୍ଣ, ବିଲ କର୍ଣ୍ଣ, ଲିଙ୍ଗରାଜ ମହାକୁଡ, ପ୍ରମୁଖ ଚାଷୀ ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ । ୧୫ ଦିନରେ ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ଚେତାବନୀ ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

# ପ୍ରଶାସନିକ କ୍ଷେତ୍ରରେ 'ଏଆଇ'ର ବହୁଳ ଆବଶ୍ୟକତା ରହିଛି

ଅନୁଗୋଳ, ୨୪।୩(ସମିସ)




ପ୍ରଶାସନିକ କ୍ଷେତ୍ରରେ ଏଆଇର ସରଳ ବ୍ୟବହାର କରି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଜି ସ୍ଥାନୀୟ ବ୍ଲକ୍‌ଡାଇମଣ୍ଡ ସଭାଗୃହ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଆଜିର ଆଧୁନିକ ଯୁଗରେ ଏଆଇର ପ୍ରୟୋଗ ବଢ଼ି ବଢ଼ି ଚାଲିଛି। ପ୍ରଶାସନିକ କ୍ଷେତ୍ରରେ ଏଆଇର ବହୁ ଆବଶ୍ୟକତା ରହିଛି। ପ୍ରତ୍ୟେକ ବିଭାଗ ଏଆଇକୁ ନିଜ କାର୍ଯ୍ୟଧାରାରେ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନ କରିବା ସହ କାର୍ଯ୍ୟକ୍ଷମତା ମଧ୍ୟ ବୃଦ୍ଧି କରିପାରିବେ ମାତ୍ର ଏହାକୁ ପ୍ରୟୋଗ କରିବା ବେଳେ ସତର୍କତା ଅବଲମ୍ବନ କରିବା ଜରୁରୀ ଓ ଓକାକ୍ ସୌଜନ୍ୟରୁ ଏବଂ ଓକେସିଏଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସମ୍ବିତ ଶୁଭାଶିଷ ସାହୁ ଏବଂ ସତ୍ୟଜିତ ସାମନ୍ତସିଂହାର ତାଲିମଦାତା ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ ଏଆଇର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ) ଗୁଡିକ ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ। ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ, ପାରଦର୍ଶୀ ଓ ଲୋକାଭିମୁଖୀ କରିବାରେ ଏଆଇ ମୁଖ୍ୟ ମାଧ୍ୟମ ହେବ ଏବଂ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଅତ୍ୟାଧୁନିକ ଏଆଇର ବ୍ୟବହାର କରିବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଉଦୟକୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଡେପୁଟି କଲେକ୍ଟର ଜୟଜିତ ଧଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ଇ ଗଭର୍ଣ୍ଣାନ୍ସ ମ୍ୟାନେଜର୍ ଦେବଦତ୍ତ ସାହୁ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଏହି କର୍ମଶାଳାରେ ବୈଷୟିକ ସହାୟତା କରିଥିଲେ। ଓକେସିଏଲର ଜିଲ୍ଲା ସଂଯୋଜକ ଦିବ୍ୟଜ୍ୟୋତି ଦାଶ, ଗିରିଶ ଚନ୍ଦ୍ର ମିଶ୍ର, ସୌମ୍ୟରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

● ନାଲ୍‌କୋ କର୍ମଚାରୀଙ୍କ ପାଇଁ 'ଉତ୍ପାଦନ ପ୍ରୋତ୍ସାହନ ରାଶି' ଘୋଷଣା କରିବାକୁ କଲେ ଅନୁରୋଧ



**ଅନୁଗୋଳ, ୨୪।୩(ସମିସ):** ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ଶ୍ରମିକ ଓ କର୍ମଚାରୀଙ୍କ ମନୋବଳ ବଢ଼ାଇବା ତଥା ସେମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଚଳିତ ଆର୍ଥିକ ବର୍ଷ ପାଇଁ 'ପ୍ରଡକ୍ସନ ଗିଫ୍ଟ' ବା ଉତ୍ପାଦନ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଭେଟି ଅନୁରୋଧ କରିଛନ୍ତି। ଆର୍ଥିକ ବର୍ଷ ୨୦୨୪-୨୫ ରେ ନାଲ୍‌କୋ ୭, ୧୩୫ କୋଟି ଟଙ୍କାର ରେକର୍ଡ ଲାଭ (ପିବିଟି) ହାସଲ କରିଛି, ଯାହା କମ୍ପାନୀର ଦକ୍ଷତାକୁ ପ୍ରମାଣିତ କରୁଛି। ଏହି ସଫଳତା ପଛରେ କମ୍ପାନୀର ପ୍ରତ୍ୟେକ ଶ୍ରମିକ ଓ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଏବଂ ନିଷ୍ଠା ରହିଛି ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି। ନାଲ୍‌କୋର ଭାରତୀୟ ମଜଦୁର୍ ସଂଘ(ବିଏମସି) ସମନ୍ୱୟ କମିଟିର ପ୍ରସ୍ତାବ ଆଧାରରେ ସମୁଦାୟ ଲାଭର କିଛି ଅଂଶକୁ 'ପ୍ରଡକ୍ସନ ଗିଫ୍ଟ' ଭାବେ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ଆର୍ଥିକ ବର୍ଷ ୨୦୨୧-୨୨ରେ ମଧ୍ୟ ସମାନ ଭାବେ କର୍ମଚାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଥିଲା, ଯାହା ଶ୍ରମିକମାନଙ୍କ ମଧ୍ୟରେ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିଥିଲା। ଏହି ପଦକ୍ଷେପ ଦ୍ୱାରା କର୍ମଚାରୀମାନେ କାମ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ। ସେମାନଙ୍କର ମନୋବଳ ବୃଦ୍ଧି ହେବ। ଫଳସ୍ୱରୂପ ଆଗାମୀ ଦିନରେ କମ୍ପାନୀର ଉତ୍ପାଦନ କ୍ଷମତା ଓ ଲାଭ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି। ଅନୁଷ୍ଠାନିକ ଉତ୍କର୍ଷତା ଏବଂ ଶ୍ରମିକ କଲ୍ୟାଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବ ଉପରେ ସହୃଦୟତାର ସହ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ସାକ୍ଷାତ ସମୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ବିଏମ୍‌ଏସି ସମନ୍ୱୟ କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି ଦାବିରେ ଆନ୍ଦୋଳନ ଚେତାବନୀ




**କଣିହାଁ, ୨୪।୩(ସମିସ):** ପିଜିସିଆଇଏଲ ରେଙ୍ଗାଳିରେ କାମ କରୁଥିବା ୬ ଜଣ ଠିକା ଶ୍ରମିକଙ୍କୁ ଛଟେଇ କରାଯାଇଥିବାରୁ ଏହାର ପ୍ରତିବାଦ କରି ଅନୁଗୋଳ ଡିଷ୍ଟ୍ରିକ୍ଟ ପିଜିସିଆଇଏଲ ୱାର୍କର୍ସ ୟୁନିଅନ ପକ୍ଷର ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି, ଇଲେକ୍ଟ୍ରିକାଲ ବିଭାଗରେ ସମସ୍ତ କାର୍ଯ୍ୟଦିବସରେ କାମ ଯୋଗାଣ ଓ ସମସ୍ତ ଶ୍ରମିକଙ୍କୁ ଇଏସ୍‌ଆଇ କାର୍ଡ ପ୍ରଦାନ ଦାବି କରାଯାଇଛି।

ଏହି ସମସ୍ତ ଦାବି ୨୪ ମାର୍ଚ୍ଚ ସୁଦ୍ଧା ପୂରଣ ନ ହେଲେ ଆସନ୍ତା ୨୬ ମାର୍ଚ୍ଚ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ୟୁନିଅନ ପକ୍ଷରୁ ଲିଖିତ ଭାବରେ ପିଜିସିଆଇଏଲ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନଙ୍କୁ ଜଣାଇ ଦିଆଯାଇଥିଲା। ଏହା ସହିତ, ଆନ୍ଦୋଳନ ସମ୍ପର୍କରେ ସଚେତନତା ପାଇଁ ୨୪ ମାର୍ଚ୍ଚ ସନ୍ଧ୍ୟା ୬ ଟାରେ ରେଙ୍ଗାଳି ବଜାରରେ ପ୍ରଚାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରଚାରରେ ୟୁନିଅନର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ ସହ ବଂଶୀଧର ସାହୁ, କୈଳାସ ମାଝୀ, ଗୌତମ ସେଠୀ ଓ ବିନୋଦ ନାଏକ ଓ ଅନ୍ୟାନ୍ୟ ଓଏଚ୍‌ପିସି (ଓଏଚ୍‌ପିସି) ଶ୍ରମିକ ଯୋଗ ଦେଇଥିଲେ।

## ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ

# ସରୋଜ ଜେନା ରାଜ୍ୟ ଉପସଭାପତି, ରୁଦ୍ରମୋହନ ସମ୍ପାଦକ ନିର୍ବାଚିତ





**ବଅଁରପାଳ, ୨୪।୩(ସମିସ):** ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଜି ମଙ୍ଗଳବାର ଦିନ ବିଧାନସଭା ଗେଷ୍ଟ ହାଉସ୍ (ଓଲ୍ଡ)ଠାରେ ଆବାହକ ମନୋଜ ସତପଥିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାର ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେଇଥିଲେ। ଉପସ୍ଥିତ ପଦାଧିକାରୀ ତଥା ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଉପଯୋଗୀ ମତାମତ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଭୁବନେଶ୍ୱରରେ ମହାସଂଘର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ରାଜ୍ୟ କମିଟି ନିର୍ବାଚନ ଅନୁଷ୍ଠିତ ହୋଇ ଚେୟାରମ୍ୟାନ୍ ଭାବେ ଶୈଳେଶ କୁମାର ତିୱାରୀ, ୨ ଜଣ ଭାଇସ ଚେୟାରମ୍ୟାନ୍ ଦେବାଶିଷ ଶତପଥି ଓ ସୁବାସ କୁମାର ଗୁପ୍ତା, ସଭାପତି ମନୋଜ ଶତପଥି, କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ଖେଡୁଆଳ ସିଂହ, ୮ ଜଣ ଉପସଭାପତି ବିଜୟାନନ୍ଦ ତ୍ରିପାଠୀ, ବିଷ୍ଣୁ ବେହେରା, ନିରଞ୍ଜନ ପାଣି, ପଦ୍ମନ୍ ଭତ୍ରା, ସୀତାରା ବେଗମ୍, ସରୋଜ କାନ୍ତ ଜେନା, ସତ୍ୟସ୍ୱରୂପ ମିଶ୍ର ଓ ଯୁଧିଷ୍ଠିର ପାତ୍ର। ସେହିପରି ୩ ଜଣ ସାଧାରଣ ସମ୍ପାଦକ ଦୀପକ କୁମାର ସିଂହ, କବିରାଜ ପାତ୍ର ଓ ପ୍ରଭାସ ଜ୍ୟୋତି ମହାନ୍ତି, ସଂଗଠନ ସମ୍ପାଦକ ଗୌରାଙ୍ଗ ଚରଣ ମହି, ୮ ଜଣ ସମ୍ପାଦକ ଆଲୋକ ଚନ୍ଦ୍ର ବାରିକ୍, ନିରାକାର ଗୋପାଳ, ପ୍ରଫୁଲ୍ଲ କୁମାର ସାହୁ, ରୁଦ୍ର ମୋହନ ସାହୁ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ସୁଶାନ୍ତ କୁମାର ପୋଥାଳ, ସୋନୁ ଅନୁଗ୍ର, ଅମ୍ବିକା ପ୍ରସାଦ ମହାପାତ୍ର, ୧୧ ଜଣ ଯୁଗ୍ମ ସମ୍ପାଦକ ଦୀପକ କୁମାର ଭୋଇ, ଗଣପତି ଦାଶ, ଯଶୋବନ୍ତ ପ୍ରଧାନ, ମଦନ ମୋହନ ସାହୁ, ପୁନିଲ କୁମାର ସାମନ୍ତ, ସଦାନନ୍ଦ ବେହେରା, ସଦାନନ୍ଦ ପୃଷେଠ୍, ସର୍ବେଶ୍ୱର ବଳ, ଉମାଶଙ୍କର ଗୌଡ଼, ସାରଦା ପ୍ରସନ୍ନ ଦାସ ଓ ଅତୁଲ କୁମାର ଅଗ୍ରୱାଲ। ସେହିପରି କୋଷାଧକ୍ଷ ଭାବେ ଭରତ ଦତ୍ତ ବିଶ୍ୱକର୍ମା ନିର୍ବାଚିତ ହୋଇଥିବାବେଳେ ନିର୍ବାଚନ ଅଧିକାରୀ ଆଡଭୋକେଟ୍ ଏ ସାମଲ ଘୋଷଣା କରିଥିଲେ। ଜିଲ୍ଲା ପଦାଧିକାରୀ ବୈଠକ ଶେଷ ହେବା ପରେ ରାଜ୍ୟ ପଦାଧିକାରୀଙ୍କ ବୈଠକ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# କିଶୋରନଗର ସିଏଚ୍‌ସିରେ ଡାକ୍ତରଙ୍କ ଯୋଗଦାନ

**କିଶୋରନଗର, ୨୪।୩(ସମିସ):** କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଭାବେ ଭେଷଜ ବିଶେଷଜ୍ଞ ଗତକାଲି ଯୋଗଦାନ କରିଛନ୍ତି। ଏବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ଡାକ୍ତର ୩ ଜଣ, ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କୁ ଧରି ୫ ଜଣ ଡାକ୍ତର ଅଛନ୍ତି। ଡାକ୍ତରମାନେ ରହିବାକୁ କ୍ୱାର୍ଟର ସମସ୍ୟା ଥିବାରୁ ଡାକ୍ତରମାନେ ରହିବାରେ ଅସୁବିଧା ସୃଷ୍ଟି ହେଉଥିବା ନଜିର ରହିଛି।

# ଜିଏସ୍‌ଟି ବିଭାଗର ଚଢ଼ଉ

**ଅନୁଗୋଳ, ୨୪। ୩(ସମିସ):** ଅନୁଗୋଳ ରେଞ୍ଜ ଜିଏସ୍‌ଟି ବିଭାଗ ବିଭିନ୍ନ ସମୟରେ ଚଢ଼ଉ ଜାରି ରଖିଛି। ଆଜି ଜିଏସ୍‌ଟି ବିଭାଗ ପକ୍ଷରୁ ସାନିଟାରୀ ସାମଗ୍ରୀ ସହିତ ଏକ ଗାଡ଼ିକୁ ଜବତ୍ କରାଯାଇଥିଲା। ସାନିଟାରୀ ସାମଗ୍ରୀ ବୋଝେଇ ଟ୍ରକ୍ ଜିଏସ୍‌ଟି ଟ୍ୟାକ୍ସ ଦେଇ ନଥିବାରୁ ଅନୁଗୋଳ ଜିଏସ୍‌ଟି ବିଭାଗ ଏହି ଚଢ଼ଉ କରିଥିଲା। ଏହି ଚଢ଼ଉରେ ଓଡ଼ି ୧୯ ଏବି ୫୪୯୦ ଟ୍ରକ୍ ସହିତ ସାନିଟାରୀ ସାମଗ୍ରୀ ଜବତ କରିଥିଲା। ୩୦ ହଜାର ୯୬୦ ଟଙ୍କା ଫାଇନ୍ କରିବା ପରେ ଜିଏସ୍‌ଟି ବିଭାଗ ଟ୍ରକ୍‌କୁ ଛାଡ଼ିଥିଲା। ଏହି ଚଢ଼ଉ ସମୟରେ ଅନୁଗୋଳ ଜିଏସ୍‌ଟି ବିଭାଗର ଡେପୁଟି କମିଶନର ଉଜ୍ଜ୍ୱଳ କୁମାର ନାୟକ, ଆସିଷ୍ଟାଣ୍ଟ କମିଶନର ଜଗଜୀବନ ସେଠୀ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଦିନ ଦ୍ୱିପହରରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

**ଛେଣ୍ଡିପଦା, ୨୪।୩(ସମିସ):** ଛେଣ୍ଡିପଦା ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ପୁଣି ମାତିଲେ ଲୁଟେରା। ଦିନ ଦ୍ୱିପହରରେ ୨ଜଣ ଲୁଟେରା ବଜାର ଉପରେ ଛିଡ଼ା ହୋଇଥିବା ଏକ ମଟରସାଇକଲର ଡିକି ଭାଙ୍ଗି ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସୁନାଗହଣା। ଏହିପରି ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଠାରୁ ୩୦୦ ଶହ ମିଟର ଦୂର ମଝି ବଜାରରେ। ସୂଚନା ଯେ, ଛେଣ୍ଡିପଦା ଥାନା କେନ୍ଦୁପଶି ଗ୍ରାମର ରାଜକିଶୋର ସାହୁ ତାଙ୍କ ସ୍ତ୍ରୀ ଛେଣ୍ଡିପଦା ସାହୁଜୀ ଗହଣା ଦୋକାନରୁ ୧ଲକ୍ଷ ୯୫ ହାଜର ଟାଙ୍କାର ମଙ୍ଗଳସୂତ୍ର, ଚୂଡ଼ି ଓ କାନ ଫୁଲ କିଣିଥିଲେ। ରାଜକିଶୋରଙ୍କ ସ୍ତ୍ରୀ ମଙ୍ଗଳସୂତ୍ରକୁ ବେକରେ ପିନ୍ଧିବା ସହିତ ଅନ୍ୟ ଅଳଙ୍କାରକୁ ମଟରସାଇକଲ୍ ଡିକିରେ ରଖିଥିଲେ। ଏହା ପରେ ମଟରସାଇକଲ୍‌କୁ ରାସ୍ତା କଡ଼ରେ ରଖି ଏକ ଔଷଧ ଦୋକାନରୁ ଔଷଧ କିଣୁଥିବାବେଳେ ହଠାତ ଦୁଇ ଜଣ ଦୁର୍ବୃତ୍ତ ମଟରସାଇକଲରେ ଆସି ଡିକି ଭାଙ୍ଗି ଡିକିରେଥିବା ୧ଲକ୍ଷ ୨୨ହଜାର ଟଙ୍କାର ଚୁଡ଼ି ଓ କାନଫୁଲ ଲୁଟି ନେଇଥିଲେ। ଏହା ଦେଖି ରାଜକିଶୋର ପାଟି କରିବାରୁ ସ୍ଥାନୀୟ ଲୋକେ ଲୁଟେରାଙ୍କୁ ପିଛା କରିଥିଲେ ମଧ୍ୟ ଧରିବାରେ ସକ୍ଷମ ହୋଇ ନଥିଲେ। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସିସିଟିଭି ଫୁଟେଜ ଆଧାରରେ ଛାନଭିନ ଚଳାଇଛି।

# ମାଣିକପୁର-ଝାରବନ୍ଧଲୀ ଗାଁ ବିବାଦର ସମାଧାନ ନେଇ ଥାନାରେ ବୈଠକ



**କିଶୋରନଗର, ୨୪।୩(ସମିସ):** କିଶୋରନଗର ଥାନା ମାଣିକପୁର ଓ ଝାରବନ୍ଧଲୀ ଗାଁରେ କିଛି ଦିନତଳେ ହୋଇଥିବା ଗୋଷ୍ଠୀ ସଙ୍ଘର୍ଷ ଯୋଗୁଁ ଉଭୟ ଗାଁରେ ଅଶାନ୍ତି ଲାଗି ରହିଥିଲା। ପୁଲିସ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିଥିଲା। ଉଭୟ ଗାଁରେ ଆଉ ଗଣ୍ଡଗୋଳ ନ ହେବା ପାଇଁ ପୁଲିସ ସତର୍କ ଦୃଷ୍ଟି ରଖିଥିଲା। ତେବେ ଗତକାଲି କିଶୋରନଗର ଥାନା ସଭାଘରଠାରେ ଉଭୟ ଗ୍ରାମର ୨୦ ଜଣ ମହିଳା, ପୁରୁଷଙ୍କ ଉପସ୍ଥିତିରେ ଆପୋସ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ କରାଯାଇଥିଲା।

ଏହି ବୈଠକରେ ତହସିଲଦାର ବିକ୍ରମ ନାଏକ ଅଧ୍ୟକ୍ଷତା କରିଥିଲେ। ଡିଏସ୍‌ପି ସୁକୁମାର ତ୍ରିପାଠୀ, ଥାନା ଆଇଆଇସି ବିଭୂତି ପ୍ରଧାନ, ସବ୍ ଇନିସପେକ୍ଟର ପ୍ରସନ୍ନ ରାଉତଙ୍କ ସମେତ ମାଣିକପୁର ଗାଁ'ର ଲିଙ୍ଗରାଜ ପାତ୍ର, ଝାରବନ୍ଧଲୀ ଗାଁର ସଂଯୁକ୍ତା ମିର୍ଦ୍ଧା ଉପସ୍ଥିତ ରହି ପ୍ରତିଶୋଧ ପରାୟଣ ମନୋଭାବ ନ ରଖି ଭାଇଚାରା ସମ୍ପର୍କ ରଖି ଚଳିବା, ଉଭୟ ଗାଁ'ର କେହି ଅରାଜକତା ସୃଷ୍ଟି କଲେ ଗ୍ରାମବାସୀ ନିଜେ ନିଷ୍ପତ୍ତି ନ ନେଇ ପ୍ରଶାସନର ସାହାଯ୍ୟ ଲୋଡ଼ି ଥାନାର ଦ୍ୱାରସ୍ଥ ହେବେ ବୋଲି ନିଷ୍ପତ୍ତି ହୋଇଛି।

# ମା' ବାଟମଙ୍ଗଳାଙ୍କ ବାର୍ଷିକୋତ୍ସବ



**କଣିହାଁ, ୨୪।୩(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଅବସ୍ଥିତ ମା' ବାଟମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମା'ଙ୍କର ଯଥାରୀତି ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମାଆଙ୍କର ବାର୍ଷିକ ହୋମଯଜ୍ଞ ନୀତି ଆରମ୍ଭ ହୋଇଥିଲା। ଆଖଣ୍ଡଳମଣି ମନ୍ଦିରର ମୁଖ୍ୟ ଉପଦେଷ୍ଟା ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ହୋମ ଯଜ୍ଞ କାର୍ଯ୍ୟ ପୂଜକ ଅନନ୍ତ ଚରଣ ମିଶ୍ର ଓ ଦିବ୍ୟଲୋଚନ ଆଚାର୍ଯ୍ୟ ସମ୍ପନ୍ନ କରିଥିଲେ। ଜେୟସ ଧାବଲିଆ ଓ ତାଙ୍କ ସହଧର୍ମିଣୀ ଆଲ୍‌ଫା ଧାବଲିଆ ଯଜ୍ଞରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଆଖଣ୍ଡଳମଣି ମନ୍ଦିରଠାରେ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା। ଆଖଣ୍ଡଳମଣି ମନ୍ଦିର ଓ କପିଳେଶ୍ୱର ମନ୍ଦିର ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅନୁଗୋଳ କଲେଜରେ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଆଲୋଚନା



**ଅନୁଗୋଳ, ୨୪।୩(ସମିସ):** ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ଜାତୀୟ ଶିକ୍ଷା ନୀତି: ସମ୍ଭାବନା ଏବଂ ଆହ୍ୱାନ' ସମ୍ପର୍କିତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ଉପଦେଷ୍ଟା ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପ୍ରଫେସର(ଡକ୍ଟର) ସାହୁ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ବିମଳ ଚରଣ ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗର ମୁଖ୍ୟା ରାଜଶ୍ରୀ ଦାସ ସ୍ୱାଗତ ସମ୍ଭାଷଣ ରଖିଥିଲେ। ଅଧ୍ୟାପିକା ମୋନାଲିସା ପଣ୍ଡା ଆଲୋଚନାଚକ୍ରର ଉପକ୍ରମ ଓ ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ଶିକ୍ଷା ବିଭାଗର ଅଧ୍ୟାପିକା ତଥା ଡକ୍ଟର ସଞ୍ଜୁକ୍ତା ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ସମସ୍ତ ସ୍ନାତକୋତ୍ତର ଶିକ୍ଷା ବିଭାଗ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଗୋବିନ୍ଦ ଓ ଚିନ୍ମୟ ମେମୋରିଆଲ କ୍ରିକେଟ : ଘୋଷର ଚାମ୍ପିଅନ



**କିଶୋରନଗର, ୨୪।୩(ସମିସ):** କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତର ଘୋଷର ମୁଗମାଳ ସାହିରେ ଚାଲିଥିବା ରାତ୍ରିକାଳୀନ ଗୋବିନ୍ଦ ଓ ଚିନ୍ମୟ ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚରେ ଘୋଷର ଦଳ ମୁଗମାଳ ଦଳକୁ ୧୦ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର କ୍ଷୀରୋଦ ସାହୁ, ସମାଜସେବୀ ତଥା ବିଶିଷ୍ଟ ବ୍ୟବସାୟୀ ପ୍ରବୀର ପ୍ରଧାନ, ରତ୍ନାକର ସାହୁ, ସାମ୍ବାଦିକ ସଞ୍ଜୟ ଦାଶ ସମାଜସେବୀ ଧୀରେନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଘୋଷରର କାହ୍ନା ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଗମାଳର ସାଗର ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଲିପୁ ସାହୁ ଓ ଶାନ୍ତନୁ ପୋଢ଼ ଧାରାବିବରଣୀ ପ୍ରଦାନ କରିଥିଲେ। କାଳିଆ ଓ ବିଶ୍ୱଜିତ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

# ବ୍ରାହ୍ମଣୀ ଅବବାହିକାରେ ବଢୁଛି ପାନୀୟ ଜଳ ସମସ୍ୟା

ଅନୁଗୋଳ, ୨୪।୩(ସମିସ)




ତାଳଚେର ଏକ ଶିଳ୍ପ ଏବଂ ଖଣି ସମୃଦ୍ଧ ଅଞ୍ଚଳ ଭାବେ ଜଣାଶୁଣା। ଏହି ଅଞ୍ଚଳରୁ କେନ୍ଦ୍ର ଏବଂ ରାଜ୍ୟ ସରକାର କୋଇଲା ଓ ତାପଜ ବିଦ୍ୟୁତ ବିକ୍ରୟ କରି ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। ଏହି ଅଞ୍ଚଳ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବାରେ ସର୍ବାଗ୍ରେ ରହିଛି। କିନ୍ତୁ ପରିତାପର ବିଷୟ, ଏହି ସହର ପାର୍ଶ୍ୱରେ ଚିରସ୍ରୋତା ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି। ଏହାର ଜଳକୁ କଳକାରଖାନା ଓ କୋଇଲା କମ୍ପାନୀ ପ୍ରଚୁର ପରିମାଣରେ ବ୍ୟବହାର କରୁଥିବାବେଳେ ତାଳଚେର ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏଠାକାର ଜନସାଧାରଣ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପାକ୍ଷିକ ସମ୍ବାଦପତ୍ର 'ରାଷ୍ଟ୍ରତନ୍ତ୍ର' ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ବ୍ରାହ୍ମଣୀ ନଦୀ ଅବବାହିକାରେ ପାନୀୟ ଜଳ ସଙ୍କଟ ଶୀର୍ଷକ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପରିଡ଼ା ଯୋଗଦେଇ ତାଳଚେର ଅଞ୍ଚଳରେ ପାନୀୟ ଜଳ ସଙ୍କଟର କାରଣ ଏବଂ ଏହା କିପରି ଦୂରୀଭୂତ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଶୁଭଦର୍ଶିନୀ ମହାପାତ୍ର ଯୋଗଦେଇଥିଲେ। ସେହିପରି କଣିହାଁ ମହାବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ସତ୍ୟନାରାୟଣ ପରିଡ଼ା, ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ତାଳଚେର ଓକିଲ ସଙ୍ଘର ସଭାପତି ସନ୍ତୋଷ କୁମାର ସାହୁ, ଅନୁଗୋଳ ଜିଲ୍ଲା ରେଡକ୍ରସର ବରିଷ୍ଠ ସଦସ୍ୟ ବଳରାମ ପତି ଓ ଭଦ୍ରକ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସୁଧାକର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣ ଏବଂ ଏହାର ସଦୁପଯୋଗ ସହିତ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପାନୀୟଜଳ ସଙ୍କଟରୁ ମୁକ୍ତି ପାଇବାକୁ ହେଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ପ୍ରତ୍ୟେକ ପରିବାର ନିଜ ଅଗଣାରେ ବର୍ଷା ଜଳର ସଂରକ୍ଷଣ ପ୍ରଣାଳୀ ଅବଲମ୍ବନ କରିବା ଉଚିତ ବୋଲି ମତପୋଷଣ କରିଥିଲେ। ତାଳଚେର ଅଞ୍ଚଳବାସୀଙ୍କୁ ପାଇପ ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଣରେ ସରକାରଙ୍କର ଉଦାସୀନତା ଏବଂ ସ୍ଥାନୀୟ ପ୍ରଶାସନର ତାଳଚେରବାସୀଙ୍କ ପ୍ରତି ଅବହେଳାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ, ସ୍ୱେଚ୍ଛାସେବୀ, ଆଇନଜୀବୀ, ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରତନ୍ତ୍ରର ମୁଖ୍ୟ ସମ୍ପାଦକ ଧୀର ମୋହନ ରାୟ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଦେବାଶିଷ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ଚୈତନ୍ୟ ଚନ୍ଦ୍ର ପ୍ରଧାନ, ପରିବେଶବିତ ଓ ସରକାରୀ ଆଇନଜୀବୀ ବାଉରୀବନ୍ଧୁ ବେଜ, ଶ୍ରମିକ ନେତା ରାଜକିଶୋର ସାହୁ, ଆନନ୍ଦଚନ୍ଦ୍ର ଆଚାର୍ଯ୍ୟ, ଧୀରେନ୍ଦ୍ର ସାହୁ, ଡିଆଇ ପ୍ଲେ ସ୍କୁଲର ଅଧ୍ୟକ୍ଷା ସୌରଭିନୀ ନାୟକ, ସମାଜସେବୀ ଜ୍ୟୋତିରଞ୍ଜନ ଦାସ, ବାପି ମହାନ୍ତି, ସୁନୀଲ ସିଂ, କବି କରୁଣାକର ବାଇ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



# ମିଳୁନି କାମ; ତାମିଲନାଡୁ ମୁହାଁ ଶ୍ରମିକ

ମହୁଲଡିହା,୨୪।୩(ସମିସ):



ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ କାମ ନ ପାଇ ତାମିଲନାଡୁ ମୁହାଁ ହେଉଛନ୍ତି ଶ୍ରମିକ । ଠାକୁରମୁଣ୍ଡା ବ୍ଲକ୍‌ରେ ଲୋକଙ୍କ ସରକାରରେ କାମ ନ ମିଳିବା ଓ ଭି ବି ରାମଜୀ ଯୋଜନାର ଜଟିଳତା ପାଇଁ ଆଗ୍ରହ ପ୍ରକାଶ ନ କରି ପ୍ରତି ମାସରେ ୧୦୦୦ରୁ ୧୫୦୦ ଶ୍ରମିକ ଦାଦନ ଖଟିବାକୁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଚେନ୍ନାଇକୁ ବସ ଯୋଗେ ଯାଉଥିବାବେଳେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ପ୍ରଶାସନ ହାତବାନ୍ଧି ବସିଛି । ଗୋଟିଏ ମାସରେ ୨୦ରୁ ଊର୍ଦ୍ଧ୍ୱ ଗାଡ଼ିରେ ଶ୍ରମିକ ଯାଉଥିବା ଦେଖିବାକୁ ମିଳୁଛି । ଏ ବିଷୟରେ ଶ୍ରମିକଙ୍କ ପ୍ରତିକ୍ରିୟା ନେବାରୁ କହନ୍ତି, ମ୍ୟାଟ୍ରିକ ପରୀକ୍ଷା ଦେଇଛି । ଘରେ ପଇସା ନାହିଁ । କାମ କରି ପଇସା ଆଣିଲେ +୨ରେ ଆଡମିଶନ କରିବି । ଅନ୍ୟ ଜଣକୁ ପଚାରିବାରୁ ମକର ବେଳେ ଏମଜିଏନଆରଜିଏରେ ମାଟିରାସ୍ତା କାମ କରିଥିଲି । ଆଜି ପର୍ଯ୍ୟନ୍ତ ପଇସା ମିଳିଲା ନାହିଁ, ଚଳିବି କେମିତି । ତେଣୁ ବାଧ୍ୟ ହୋଇ ପିଲାଛୁଆ ଧରି ତାମିଲନାଡୁ କାମ କରିବାକୁ ଯାଉଛି ବୋଲି କହିଥିଲେ । ପ୍ରତ୍ୟେକ ମାସରେ ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥରେ ତାମିଲନାଡୁକୁ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର ବସ ସେବା ଦଲାଲଙ୍କ ଦ୍ୱାରା ଉପଲବ୍ଧ ହେଉଛି । ବସ୍‌ରେ ଠାକୁରମୁଣ୍ଡା ବ୍ଲକର ନୂଆପଡା, ବାଲିପୋଷି, ଜରକ, ହାତିଗୋଡା, ସିମଡିହା, କୋଇଲିପାଳ ଆଦି ଗ୍ରାମରୁ ଶ୍ରମିକ ଠାକୁରମୁଣ୍ଡା ଓ ମହୁଲଡିହାରୁ ବସରେ ଆନନ୍ଦପୁର ଦେଇ ତାମିଲନାଡୁ ଅଭିମୁଖେ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି । ଓଡ଼ିଶାରେ ହାତଗଣତି କଳ କାରଖାନା ଥିବାରୁ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାରେ ଯଦି କଳକାରଖାନା ବସାଯାଇ କିମ୍ବା କ୍ଷୁଦ୍ର ଶିଳ୍ପ ଗଢି ଉଠନ୍ତା, ତେବେ ଶ୍ରମିକମାନେ କାମ ପାଇ ଅଞ୍ଚଳବାସୀ ଉପକୃତ ହୋଇପାରିବେ । ନାବାଳକ କାମ କରିବାକୁ ଯାଇଥିବା ବେଳେ ଠାକୁରମୁଣ୍ଡା ବ୍ଲକରେ ଶ୍ରମ ଅଧିକାରୀଙ୍କ ଅଫିସ ଥାଇ ମଧ୍ୟ କେମିତି ଟେର ପାଇ ପାରୁନାହାନ୍ତି ଥାନା ଅଧିକାରିଣୀ । ଦଲାଲ ମାନେ ଗାଁକୁ ଗାଁ ଯାଇ ଲୋକଙ୍କୁ ବୁଝାସୁଝା କରି ତାମିଲନାଡୁ କାମକରିବାକୁ ପଠାଉଥିବା ଦେଖିବାକୁ ମିଳୁଛି । ତେବେ ଶ୍ରମିକ ପଞ୍ଜିକରଣ ନଥିବାରୁ ଅନେକ ସମୟରେ ବାହାର ରାଜ୍ୟକୁ ଯାଇ ମୃତ୍ୟୁବରଣ କଲେ ପରିବାର ଶବ ଆଣିବା ଏବଂ ଶୁଦ୍ଧି କ୍ରିୟା କରିବାକୁ ନୟାନ୍ତ ହେଉଥିବା ଦେଖାଯାଉଛି ।

## ଚାଷୀ ପଦଯାତ୍ରା

# କୃଷି ଓ କୃଷକଙ୍କୁ ଅବହେଳା ବିରୋଧରେ ମହାସଂଗ୍ରାମ

ଆନନ୍ଦପୁର, ୨୪।୩(ସମିସ):



ମାର୍ଚ୍ଚ ୨୨ରେ ନବନିର୍ମାଣ କୃଷକ ସଂଗଠନ ନେତୃତ୍ୱରେ ବାହାରିଥିବା ପଦଯାତ୍ରା ଆଜି ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ପହଞ୍ଚିଛି । ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ସରକାର କର୍ମଚାରୀଙ୍କୁ ୧ ଲକ୍ଷ ୧୮ ହଜାର କୋଟି ଟଙ୍କା ଦରମା, ପେନ୍‌ସନ୍ ଆକାରରେ ଦେଉଥିଲା ବେଳେ ଚାଷୀମାନଙ୍କୁ ମାସିକ ପେନ୍‌ସନ୍ ଦେଇପାରୁନାହାଁନ୍ତି । ସରକାର ୭୦ ଭାଗ ଚାଷୀଙ୍କ ପାଇଁ ୪୩ ହଜାର କୋଟି ଟଙ୍କା ଖର୍ଚ୍ଚ କଲେ ସବୁ ସମସ୍ୟା ସମାଧାନ ହେବ । କିନ୍ତୁ ସରକାର ଅନ୍ନଦାତାଙ୍କ ପ୍ରତି ଅନ୍ୟାୟ ଅବିଚାର କରୁଛନ୍ତି । ଚାଷୀଙ୍କ ପେନ୍‌ସନ୍, ସମ୍ମାନ ଓ ସୁରକ୍ଷା ଭତ୍ତା ଦାବିରେ ଓଡ଼ିଶାରେ ମହାସଂଗ୍ରାମ ଆରମ୍ଭ କରାଯିବ । ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ ଚାଷୀ ଓ ଚାଷର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ । ସମବାୟ ସଂପତି ଗଚ୍ଛିତ ଅର୍ଥକୁ ରାଜ୍ୟ ସରକାର ଅନ୍ୟତ୍ର ବ୍ୟବହୃତ କରୁଛନ୍ତି । ଯେଉଁଥିପାଇଁ ଗୋଦାମ ଘର ତିଆରି କରୁନାହାଁନ୍ତି । ଶୀତଳ ଭଣ୍ଡାର ପ୍ରତିଷ୍ଠା ବିନା ଚାଷୀଙ୍କ ମଧ୍ୟରେ ହା ହା କାର ପଡ଼ିଛି । ନବନିର୍ମାଣ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ କହିଥିଲେ ଯେ ସରକାର ଚାଷୀ ବିରୋଧୀ ବୋଲି ପ୍ରମାଣ ମିଳିଛି । ବାର୍ଦ୍ଧକ୍ୟ ଭତ୍ତା ୩,୦୦୦ କହି କାହିଁ ଠକିଲେ ଓ ବିଜୁଳି ୩୦୦ ୟୁନିଟ୍ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ ଶ୍ରୀ ଅଲ୍ଲୀ । ଆଜିର କାର୍ଯ୍ୟକ୍ରମରେ ସ୍ଥାନୀୟ ଚାଷୀ ଆଦିକନ୍ଦ ଦତ୍ତ ବିପିନି ମିଶ୍ର ସୋମ୍ୟରଞ୍ଜନ ମହାପାତ୍ର, ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ଉମାକାନ୍ତ ଭାରତ, ରାଜ୍ୟ କମିଟି ସଦସ୍ୟ ଡା. କୁଳମଣି, ରଣଜିତ୍ ପଟ୍ଟନାୟକ, ଦିନେଶ ଦାସ, ଅଶ୍ୱିନୀ ଜେନା, ଜାହିର ଖାନ୍, ସତ୍ୟ ନାୟକ, ଅଙ୍କୁର ପଲାଇ, ପ୍ରସନ୍ନ ପ୍ରଧାନ, ଅଶୋକ ଶାନ୍ତି, ଭାଗୀରଥୀ ମଲ୍ଲିକ, ଲକ୍ଷ୍ମୀଧର ପ୍ରଧାନ, ବିଳାସୀନ ମହନ୍ତ, ମଧୁମିତା ସାମଲ, ରାଇମଣୀ ବିଶ୍ୱାଳ, ହୃଶିକେଶ ପ୍ରଧାନ, ଶ୍ରୀକାନ୍ତ, ଇରା, କୃଷ୍ଣ ନାୟକ, ଗଣେଷ ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ଦେଉଳଡିହାରେ ବିଜେପିର ଦୁଇଦିନିଆ ପ୍ରଶିକ୍ଷଣ ବର୍ଗ

ତେଲକୋଇ, ୨୪।୩(ସମିସ): ତେଲକୋଇ ବ୍ଲକ ଦେଉଳଡିହାଠାରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଦୀନଦୟାଳ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ-୨୦୨୬ ଅନ୍ତର୍ଗତ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଛି । ବର୍ଗ ପ୍ରମୁଖ ପୂର୍ବତନ ବିଜେପି ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ତେଲକୋଇ ମଣ୍ଡଳ ରାଜ୍ୟ ନେତୃତ୍ୱ, ଜିଲ୍ଲା ନେତୃତ୍ୱ, ମଣ୍ଡଳ କମିଟି, ପଞ୍ଚାୟତ ପ୍ରମୁଖ ସହପ୍ରମୁଖ, ବୁଥ ସଭାପତି ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକର୍ତ୍ତାଙ୍କୁ ଏହି ଶିବିରରେ ଦଳୀୟ ବିଚାର, ଇତିହାସ, କାର୍ଯ୍ୟବିସ୍ତାର, ବୁଥ ପରିଚାଳନା ଓ କାର୍ଯ୍ୟ ପ୍ରଣାଳୀ ତଥା କୃତ୍ରିମ ବୁଦ୍ଧିମତା ଏବଂ ସାମାଜିକ ଗଣମାଧ୍ୟମ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଛି । ଉକ୍ତ ପ୍ରଶିକ୍ଷଣ ବର୍ଗରେ ପ୍ରଶିକ୍ଷକ ଭାବରେ ବିଜେପିର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ରାଜ୍ୟ ସମ୍ପାଦିକା ମମତା ସିଂ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମମିତା ନାୟକ, ଜିଲ୍ଲା ସମ୍ପାଦକ ଦୁଷ୍ମନ୍ତ ମହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଲୋଚନ ସାହୁ, ବେଣୁଧର ମହାନ୍ତ ଓ ସୌମ୍ୟରଞ୍ଜନ ମହା ପ୍ରଶିକ୍ଷଣ ଦେଇଛନ୍ତି । ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଓ ରାଜ୍ୟ ପରିସଦ ସଦସ୍ୟ ମାନସ ନାଏକ ଉପସ୍ଥିତ ଥିଲେ ।

● ମଙ୍ଗଳା କୋଠି ବିବାଦ

## ବିଡିଓଙ୍କୁ ଭେଟିଲେ ମଧୁସୂଦନପୁରବାସୀ



ତେଲକୋଇ, ୨୪।୩(ସମିସ): ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଖୁଣ୍ଟାପଡା ପଞ୍ଚାୟତ ମଧୁସୂଦନପୁର ଗାଁକୁ ଏକ ମଙ୍ଗଳା କୋଠି ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି । ମଧୁସୂଦନପୁରର ସମସ୍ତ ବାସିନ୍ଦା ଜୁଆଙ୍ଗ ଜନଜାତି ଓ ଆଦିବାସୀ ବର୍ଗର ହୋଇଥିବାରୁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଚଞ୍ଚକତା କରି ମଙ୍ଗଳା କୋଠିକୁ ଅନ୍ୟତ୍ର ଉଠାଇ ନେଇ କାର୍ଯ୍ୟ କରିବାକୁ ମସୁଧା କରୁଥିବା ଗଣମାଧ୍ୟମ ଖବର ପ୍ରସାରଣ ପରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ମଧୁସୂଦନପୁର ଗାଁର ୫୦ରୁ ଅଧିକ ମହିଳା ତେଲକୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ମଙ୍ଗଳା କୋଠିକୁ ମଧୁସୂଦନପୁର ଗାଁର ମଧ୍ୟ ଭାଗରେ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ସାହିର ଉର୍ବଶୀ ପ୍ରଧାନ, ବିନୟ ଜୁଆଙ୍ଗ, ଗୁଳି ନାଏକ, ସୁବାସ ନାୟକ, ରାଧି ନାଏକ, ରେଖା ଜୁଆଙ୍ଗ, ସୁଭଦ୍ରା ମୁଣ୍ଡା, ଜେମା ମୁଣ୍ଡା, ସତ୍ୟବାଦୀ ମୁଣ୍ଡା, ଶାନ୍ତି ନାଏକ, କାଞ୍ଚନ ମହାରଣା ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନହେଲେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୨୪।୩(ସମିସ): ଚମ୍ପୁଆ ସଦର ମହକୁମାର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ନିକଟରୁ ଚମ୍ପୁଆ ପୁଲିସ ଜଣେ ୬୦ ବର୍ଷର ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୋ ବ୍ୟବଚ୍ଛେଦ କରାଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଜିଲା ଶବାଗାରକୁ ପଠାଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ସୂଚନା ଅନୁସାରେ ଗତରାତି ବ୍ୟାଙ୍କ ନିକଟରେ ଅଜଣା ବୃଦ୍ଧା ଜଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲେ ମଧ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଉଛି । ଲିସ ପକ୍ଷରୁ ବିଭିନ୍ନ ସିସିଟିଭି ଯାଞ୍ଚ ସହ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସୂଚନା ମିଳିଛି ।

## ଘୂର୍ଣ୍ଣିଝଡ଼ରେ ଗୁରୁତର ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ



ତୁରୁମୁଙ୍ଗା, ୨୪।୩(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଡାଟ ନିକଟରେ ଗତ ୧୫ ତାରିଖ ଘୂର୍ଣ୍ଣିଝଡ଼ରେ ଗୁରୁତର ହୋଇଥିବା କଲେଜ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି । ମୃତକ ପାଟଣା ଥାନାସାହାରପଡା ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ଗୁଣ୍ଡୁରିପଶି ଗ୍ରାମର ଅନନ୍ତ ମହାରଣାଙ୍କ ଝିଅ ମୋନାଲିସା (୧୭) । ମୋନାଲିସା କରଞ୍ଜିଆ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ । ଗତ ୧୫ ତାରିଖ ରବିବାର ଥିବାରୁ ସାଙ୍ଗମାନଙ୍କ ସହ ମିଶି ରାମତୀର୍ଥକୁ ବୁଲିବାକୁ ଯାଇ ଅପରାହ୍ନରେ ଅଟୋ ଯୋଗେ ଫେରୁଥିଲେ ମୋନାଲିସା । ପବନରେ ଅଟୋକୁ ଉଡାଇ ନେଇ ପୋଖରୀରେ ପକାଇ ଦେଇଥିଲା ଘୂର୍ଣ୍ଣିଝଡ଼ । ଏହି ଘୂର୍ଣ୍ଣିଝଡ଼ରେ ପୂର୍ବରୁ ୨ ଜଣଙ୍କ ସହ ଛାତ୍ରୀଙ୍କ ମୃତ୍ୟୁ ପରେ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି । ଏଥିରୁ ସାହାରପଡା ବ୍ଲକର ଦୁଇ ଜଣଙ୍କ ମୃତ୍ୟୁ ହେବା ସହ ଉଦୟପୁର ଜଗାନାଳୀ ସାହିର ବିଶ୍ୱବନ୍ଦିତା ମୁଣ୍ଡା ଗୁରୁତର ହୋଇ କଟକରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ପରିବାର ଲୋକେ ଆର୍ଥିକ ସଙ୍କଟରେ ଥିବାରୁ ଆମ୍ବୁଲାନ୍ସ ଯୋଗେ ଶବ ଆଣିବାକୁ ଅସମର୍ଥ ଥିଲେ । ପଞ୍ଚାୟତ ପକ୍ଷରୁ ସରପଞ୍ଚ ପାର୍ବତୀ ମୁଣ୍ଡା ୩ ହଜାର ଟଙ୍କା ପରିବାର ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିଛନ୍ତି ।


## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଯୋଡା,୨୪।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍‌ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଯୋଡା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡ଼ିଓ ଡେନିସ ବେହେରା, ଯୋଡା ବ୍ଲକ୍ ସାଂସଦ ପ୍ରତିନିଧି ଅଗନୁ ମହାନ୍ତ, ଚମ୍ପୁଆ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ପଞ୍ଚାୟତ ଓ ପୌରପାଳିକାର ବିଭିନ୍ନ ୱାର୍ଡରୁ ସମୁଦାୟ ୧୪୫ ଜଣ ଭିନ୍ନକ୍ଷମ ଏଥିରେ ପଞ୍ଜୀକରଣ କରାଇଥିଲେ । କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ଉକ୍ତ ବିଭାଗର ୫ ଜଣ ଡାକ୍ତର ଆସି ଭିନ୍ନକ୍ଷମଙ୍କ ଶାରୀରିକ ପରୀକ୍ଷା କରିବା ସହିତ ୪୭ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିସହିତ ଅତିଥିଙ୍କ ଦ୍ୱାରା ୩ଟି ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ବ୍ଲକ୍‌ର ଜୁନିଅର ଆସିଷ୍ଟାଣ୍ଟ ସଚିନ ମହାନ୍ତ, ସେକ୍ସନ ଅଫିସର ହରକୁମାର ନାୟକ ସହଯୋଗ କରିଥିଲେ ।

## କାନପୁରରେ ୨୯ତମ ମା’ ବାସନ୍ତୀ ଦୁର୍ଗାପୂଜା

ଆନନ୍ଦପୁର, ୨୪।୩ (ସମିସ): ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ କାନପୁର ଗ୍ରାମରେ ୨୯ତମ ମା’ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି । ଏଥିପାଇଁ ଉତ୍ସବମୁଖର ହୋଇଛି କାନପୁର ଗ୍ରାମ । ରଙ୍ଗୀନ ଆଲୋକରେ ଝଲସୁଛି ମା’ ବାସନ୍ତୀ ଦୁର୍ଗାଙ୍କ ମନ୍ଦିର । କେନ୍ଦୁଝର ଜିଲ୍ଲାର ଶକ୍ତି ଉପାସନା ପୀଠ ଭାବରେ କାନପୁର ଗ୍ରାମର ସୁଖ୍ୟାତ ରହିଛି । କେନ୍ଦୁଝର ଜିଲ୍ଲାର ଏକମାତ୍ର ଗ୍ରାମ ଭାବରେ ଏହି ଗ୍ରାମରେ ଉଭୟ ବାସନ୍ତୀ ଦୁର୍ଗାପୂଜା ଓ ଶାରଦୀୟ ଦୁର୍ଗାପୂଜା ଧୂମଧାମରେ ପାଳନ କରାଯାଏ । ଏଠାରେ ଗ୍ରାମର ଆରାଧ୍ୟା ଠାକୁରାଣୀ ମା’ ବ୍ରାହ୍ମଣୀଦେବୀ ଓ ମା’ ହିଙ୍ଗୁଳାଙ୍କ ମନ୍ଦିର ରହିଛି । ଗ୍ରାମର ପଶ୍ଚିମ ଦିଗ କୁସେଇ ନଦୀ କୂଳରେ ମା ତାରିଣୀଙ୍କ ମନ୍ଦିର ରହିଥିବାବେଳେ ମଧ୍ୟ ଭାଗରେ ଜଗଜ୍ଜନନୀ ମା’ ବାସନ୍ତୀ ଦୁର୍ଗା ମନ୍ଦିରରେ ପୂଜା ପାଉଛନ୍ତି । ଷଷ୍ଠୀ ପୂଜାରେ ବିଲ୍ୱାଧୀବାସ ପରେ ପରେ ମଙ୍ଗଳବାର ସକାଳୁ ଘଟ ଉତ୍ତୋଳନ କରାଯାଇ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ପହଞ୍ଚିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ପୁରୋଧା କୁଳଗୁରୁ ସାରଙ୍ଗଧର ନନ୍ଦ, ମାନସ ହୋତା, ବ୍ରଜକିଶୋର ଦାଶ, ଶିଶିର କୁମାର ଦାଶ, ଚନ୍ଦ୍ରମଣି ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ପରିଚାଳିତ ହେଉଛି ।



୨୫ରେ ମହାଷ୍ଟମୀ ରେ ଚଣ୍ଡୀପାଠ, ବ୍ରତବନ୍ଧନ, ମହାଷ୍ଟମୀ ପୂଜା, ୨୬ରେ ମହାନବମୀରେ ଚଣ୍ଡୀପାଠ, ଅଶୋକ କଳିକା ସେବନ, ମା’ଙ୍କ ପ୍ରସିଦ୍ଧ ରଥଯାତ୍ରା, କୁମାରୀପୁଜନ,ବଳିଦାନ, ମହାନବମୀ ପୂଜା, ୨୭ରେ ଶ୍ରୀରାମ ନବମୀରେ ଶ୍ରୀରାମ ବିହିତ ପୂଜା, ପୂର୍ଣ୍ଣାହୁତି, ଭଜନସନ୍ଧ୍ୟା, ୨୮ରେ ଦଶହରାରେ ଅପରାଜିତା ପୂଜା, କୁଶଳେଶ୍ୱର କଳାବିକାଶ କେନ୍ଦ୍ର ଦ୍ୱାରା ନୃତ୍ୟ ପରିବେଷଣ ହେବ । ମଧ୍ୟ ରାତ୍ରିରେ ମା’ଙ୍କ ଘଟ ବିଦାୟ ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ପ୍ରତ୍ୟହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଗ୍ରାମର ଅମୂଲ୍ୟ ଚକ୍ରଙ୍କ ଉଦ୍ୟମରେ ମା’ ବାସନ୍ତୀ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇ ପ୍ରତିବର୍ଷ ପୂଜା ବହୁ ଆଡମ୍ବରରେ କରାଯାଇ ଆସୁଛି । ମନ୍ଦିର କମିଟିର ସଦସ୍ୟ ବିରଞ୍ଚିନାରାୟଣ ଚକ୍ର, ବସନ୍ତ ଚକ୍ର, ଅମୂଲ୍ୟ ଚକ୍ର, ଅଜୟ ଚକ୍ର, ଅମିୟ ଚକ୍ର, ଅକ୍ଷୟ ଚକ୍ର, ନିରାକାର ଚକ୍ର, ଚିନ୍ତାମଣି ଚକ୍ର, ଶରତ ଚକ୍ର, ଶ୍ରୀକାନ୍ତ ଚକ୍ର, ରବୀନ୍ଦ୍ର ଚକ୍ର, ମହେନ୍ଦ୍ର ଚକ୍ର, ପ୍ରାଣବନ୍ଧୁ ଚକ୍ର, ଜିତେନ୍ଦ୍ର ଚକ୍ର, ଧର୍ମେନ୍ଦ୍ର ଚକ୍ର, ବିଜୟ ଚକ୍ର, ଅସିତ ଚକ୍ର, ଅବିନାଶ ଚକ୍ର, ଅମିତ ଚକ୍ର, ଅଭିଜିତ ଚକ୍ର, ଜନାର୍ଦ୍ଦନ ଚକ୍ର, ଦେବେନ୍ଦ୍ର ଜେନା, ଉଦ୍ଧବ ଜେନା, ବିଶ୍ୱମଙ୍ଗଳ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

## କୁଶଳେଶ୍ୱର କଲେଜରେ ଆତ୍ମରକ୍ଷା ତାଲିମ୍

ଆନନ୍ଦପୁର, ୨୪।୩ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଆରମ୍ଭ ହୋଇଛି । କଲେଜ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଂଯୋଜନାରେ ଆନନ୍ଦପୁର ଏସ୍‌ଡ଼ିପିଓ କମଳ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଶିକ୍ଷା ସହିତ ଆତ୍ମବିଶ୍ୱାସ ଜୀବନରେ ଜରୁରୀ ବୋଲି କହିଥିଲେ । ଆତ୍ମରକ୍ଷା ତାଲିମ୍ ସଂଯୋଜିକା ଇଲାବତୀ ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେବାସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଶିବିରରେ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ଭାଗ ନେଉଛନ୍ତି । ନିବେଦିତା ପହି, ଲିପିସ୍ମିତା ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ୍ ପ୍ରଦାନ କରୁଛନ୍ତି ।

## ଡ୍ରେନ୍ କାର୍ଯ୍ୟ ନେଇ ଛକାପଞ୍ଝା



ଆନନ୍ଦପୁର, ୨୪।୩ (ସମିସ): ଉନ୍ନୟନ କାମ ପାଇଁ ଲାଗିଥିଲା ଦୁଇଟି ଫଳକ । ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କଲେ ଘସିପୁରା ବିଡିଓ ବିନିତା ବିଜୟିନୀ । ସୂଚନା ଅନୁସାରେ, ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ବଣିଆପଶି ଗ୍ରାମରେ ଡ୍ରେନ କାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାର ସମାଧାନ ପାଇଁ ଆଜି ଘସିପୁରା ବିଡିଓ ବିନିତା ବିଜୟିନୀ ସ୍ଥିତି ପରଖିବା ସହ କାର୍ଯ୍ୟକୁ ବନ୍ଦ ରଖିଛନ୍ତି । ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସମାଧାନ ହେଲେ ପୁଣି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

## ପରାକ୍ରମ କମ୍ପ୍ୟୁଟର ଏକାଡ଼େମୀ ପକ୍ଷରୁ ପରିକ୍ରମା ରଥର ଶୁଭାରମ୍ଭ



ଠାକୁରମୁଣ୍ଡା,୨୪।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକସ୍ଥ ଖୁଣ୍ଟାପଷି ଗ୍ରାମର ପରାକ୍ରମ କମ୍ପ୍ୟୁଟର ଏକାଡ଼େମୀ ଓ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ (ଓକେସିଏଲ) ଆନୁକୂଲ୍ୟରେ ମଙ୍ଗଳବାର ଦିନ ଏକ ପରିକ୍ରମା ରଥର ଶୁଭାରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଜଗନ୍ନାଥ ମହାନ୍ତି, ସମ୍ମାନୀତ ଅତିଥି ଭାବେ ବିକ୍ରମ ମହାନ୍ତ ଯୋଗଦେଇ ପରିକ୍ରମା ରଥର ଶୁଭାରମ୍ଭ କରିଥିଲେ । ଠାକୁରମୁଣ୍ଡା ଅଞ୍ଚଳରେ ଡିଜିଟାଲ ଶିକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ଓକେସିଏଲ୍ ଓ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ପ୍ରଦତ୍ତ ବିଭିନ୍ନ ଡିଜିଟାଲ ପାଠ୍ୟକ୍ରମର ପ୍ରଚାର, ପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ସାମ୍ପ୍ରତିକ ସମୟରେ କୃତ୍ରିମ ବୁଦ୍ଧିମତା (ଏଆଇ), ରୋବଟିକ୍ସ, ମେସିନ୍ ଲର୍ଣ୍ଣିଂ ଆଦିର ବ୍ୟବହାର, ଦକ୍ଷ ହେବା, ସରକାରୀ ଚାକିରି ପାଇଁ ଆବଶ୍ୟକ ପଡୁଥିବା ଓକେସିଏଲ୍, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ଓଏସ୍‌ସିଆଇଟି ଇତ୍ୟାଦି ପାଠ୍ୟକ୍ରମର ବୈଧ ପ୍ରମାଣପତ୍ର ସମ୍ପର୍କରେ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷିକା ଗାୟତ୍ରୀ ମହାନ୍ତ, ସଦସ୍ୟ ବୀଣାପାଣି ମହାନ୍ତ, ଅଞ୍ଜନା ମହାନ୍ତ, ମାନସ ବେହେରା, ନୀଳାମ୍ବୁ ଶେଖର ପଲେଇ, ସନ୍ଧ୍ୟାରାଣୀ ଜେନା, ମାର୍ଶାଲ ଚାତାର, ଅନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ସୁଶାନ୍ତ କୁମାର ମହାନ୍ତ ଉପସ୍ଥିତ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥଲେ ।

## ସର୍ବଭାରତୀୟ ବେସାମରିକ ଖୋ-ଖୋରେ ଓଡ଼ିଶା ତୃତୀୟ




ଗୋପବନ୍ଧୁନଗର/ଉଦଳା,୨୪।୩(ସମିସ): ମହାରାଷ୍ଟ୍ରର ପୁନେସ୍ଥ ଛତ୍ରପତି ଶିବାଜୀ ଷ୍ଟାଡ଼ିୟମରେ ଆୟୋଜିତ ସର୍ବଭାରତୀୟ ବେସାମରିକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତୃତୀୟ ସ୍ଥାନ ଲାଭ କରିଛି । ଉଦଘାଟନୀ ଉତ୍ସବ ପ୍ୟାରେଡରେ ଓଡ଼ିଶା ଦଳ ସର୍ବୋତ୍ତମ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରି ଟ୍ରଫି ହାସଲ କରିଥିବାବେଳେ ଉଭୟ ପୁରୁଷ ଓ ମହିଳା ଦଳ ଖେଳାଳି ତିନିଦିନ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ଓଡିଶାର ବିଜୟ ଧ୍ୱଜା ଉଡ଼ାଇଥିଲେ । ପୁରୁଷ ଦଳ କ୍ୱାର୍ଟରଫାଇନାଲରେ କେରଳଠାରୁ ପରାସ୍ତ ହୋଇଥିଲେ ମଧ୍ୟ ମହିଳା ଦଳ କେରଳକୁ ପରାସ୍ତ କରିଥିଲା । ତେବେ ସେମିଫାଇନାଲରେ ମହାରାଷ୍ଟ୍ରଠାରୁ ପରାସ୍ତ ହୋଇ ତୃତୀୟ ସ୍ଥାନ ପାଇଁ ମୁମ୍ବାଇ ସହିତ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । କ୍ରୀଡାର ନିୟମ ଅନୁଯାୟୀ ଡେଡ୍ ରନ୍ ପଦ୍ଧତିରେ ଓଡ଼ିଶା ଡିଫେଣ୍ଡର ଅଧିକ ସମୟ ଖେଳ ପ୍ରଦର୍ଶନ କରି ମୁମ୍ବାଇକୁ ପରାସ୍ତ କଲା ପରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ଲାଭ କରିଥିଲା । ଏଥିପାଇଁ ପୁରୁଷ ଦଳ ଅଧିନାୟକ ଚିନ୍ମୟ ରାଉତ ଓ ମହିଳା ଦଳ ଅଧିନାୟିକା ପ୍ରିୟଙ୍କା ସିଂଙ୍କୁ ଓଡିଶା ଦଳ ମ୍ୟାନେଜର ବ୍ରଜ ମୋହନ ମାଝି ପ୍ରଶଂସା କରିଥିଲେ । ରାଜ୍ୟ ସଚିବାଳୟ କ୍ରୀଡ଼ା ସଂଘ ଓ ଓଡ଼ିଶା ଗୃହ ବିଭାଗ ପ୍ରଦାନ କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଓଡ଼ିଶାର ବିଜୟ ପାଇଁ ଓଡ଼ିଶାରୁ ବିଭିନ୍ନ କୋଣ ଅନୁକୋଣରୁ ତଥା ନିଜ ମୟୁରଭଞ୍ଜ ଜିଲ୍ଲାର ଉଦଳା କପ୍ତିପଦା ଉପଖଣ୍ଡ ଓ ନିଜ ଶୁଣ୍ଢିଳ ଗ୍ରାମର ଅଧିବସୀ ବୃନ୍ଦ ନିଜ ମାଟିର ସନ୍ତାନ ଶ୍ରେଷ୍ଠ ମ୍ୟାନେଜର ଓ କୋଚ ବ୍ରଜମୋହନ ମାଝିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ପଶ୍ଚିମବଙ୍ଗ ନିର୍ବାଚନ ଭୋଟ ପ୍ରଚାରରେ କେନ୍ଦୁଝରିଆ ନେତା



ଆନନ୍ଦପୁର, ୨୪।୩ (ସମିସ): ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି । ଦୁଇଟି ପର୍ଯ୍ୟାୟରେ ଭୋଟ ଦେବେ ବଙ୍ଗଳା ଭୋଟର । ଓଡ଼ିଶା ବିଜେପିର ଏକ ଟିମ୍ ବଙ୍ଗ ନିର୍ବାଚନ ପ୍ରଚାର ଓ ରଣନୀତି କାର୍ଯ୍ୟରେ ସାମିଲ ହୋଇଛି । କେନ୍ଦୁଝର ଜିଲ୍ଲାର ଯୁବନେତା ଯଜ୍ଞପ୍ରସାଦ ସାହୁ ପଶ୍ଚିମ ମେଦିନପୁର ଜିଲ୍ଲାର ଗଡବେତା ବିଧାନସଭା କ୍ଷେତ୍ରରେ ବିଜେପିର ପ୍ରଚାର ଓ ରଣନୀତି ଦାୟିତ୍ୱରେ ଅଛନ୍ତି । ଏଠାରେ ଆସନ୍ତା ଏପ୍ରିଲ ୨୩ରେ ପ୍ରଥମ ପର୍ଯ୍ୟାୟରେ ଭୋଟ ହେବ । ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଗତ ୫୦ ଦିନ ମଧ୍ୟରେ ୩ ଶହରୁ ଅଧିକ ସଭା ଓ ଶୋଭାଯାତ୍ରା ଆୟୋଜିତ ହୋଇଛି ।

ଶ୍ରୀ ସାହୁ ଗଡବେତା ବିଧାନସଭା କ୍ଷେତ୍ରର ୫୨ଟି ପଞ୍ଚାୟତ ମଧ୍ୟରୁ ୪୯ଟି ପଞ୍ଚାୟତରେ କାର୍ଯ୍ୟକର୍ତ୍ତାଙ୍କ ବୈଠକ କରିଥିବା ଜଣାପଡିଛି । ସେହିପରି ୨୬୬ଟି ବୁଥ୍ ମଧ୍ୟରୁ ୨୪୩ଟି ବୁଥରେ ସାଂଗଠନିକ ବୈଠକରେ ସାମିଲ ହୋଇଛନ୍ତି । ଅପରପକ୍ଷରେ ୧୬ଟି ଅଞ୍ଚଳ ମଧ୍ୟରୁ ୧୫ଟି ଅଞ୍ଚଳରେ ବଡ ଜନସଭା କରାଇଥିବା ସୂଚନା ମିଳିଛି । ପ୍ରତିଟି ସଭାରେ ୫ଶହରୁ ଅଧିକ ଜନସାଧାରଣ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ସେହିପରି ୪ଟି ମଣ୍ଡଳ ସଭା ମଧ୍ୟ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଛି । ଏହି ଜିଲ୍ଲାର ଝାଡଗ୍ରାମ ସାଂଗଠାନିକ ଜିଲ୍ଲାର ଦାୟିତ୍ୱରେ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟ ସଭାପତି ଦିନେଶାନନ୍ଦ ଗୋସ୍ୱାମୀ ଅଛନ୍ତି । ଉଭୟ ବଙ୍ଗାଳୀ ଓ ହିନ୍ଦୀ ଭାଷାରେ ଯଜ୍ଞ ପ୍ରସାଦଙ୍କ ଭାଷଣ ସ୍ଥାନୀୟ ଭୋଟରଙ୍କୁ ଆକର୍ଷିତ କରୁଥିବା ଦେଖିବାକୁ ମିଳିଛି । ବାଲି ଲୁଟ୍ ଓ ଆଳୁର ନିମ୍ନଗାମୀ ଦର ଏବେ ସେଠାକାର ପ୍ରମୁଖ ପ୍ରସଙ୍ଗ ପାଲଟିଛି । ଶ୍ରୀ ସାହୁଙ୍କ ଏ ସମ୍ପର୍କିତ ବିଭିନ୍ନ ଭାଷଣ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳୁଛି । ଶ୍ରୀ ସାହୁ ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ଓ କୃଷକ ମୋର୍ଚ୍ଚାକୁ ସଂଗଠକ କରାଇ ବିଜେପିକୁ ଲୋକଙ୍କ ନିକଟତର କରାଉଛନ୍ତି । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧ ତାରିଖରେ ଏହି ବିଧାନସଭା ଆସନରୁ ବଙ୍ଗର ପରିବର୍ତ୍ତନ ଯାତ୍ରାର ଶୁଭାରମ୍ଭ ହୋଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପଶ୍ଚିମବଙ୍ଗର ବିରୋଧୀ ଦଳର ନେତା ଶୁଭେନ୍ଦୁ ଅଧିକାରୀ ଏହାର ଶୁଭାରମ୍ଭ କରିଥିଲେ । ଏହି ସଭାର ଅନ୍ୟତମ ବିନ୍ଧାଣୀ ଶ୍ରୀ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଏଥିରେ ୧୦ ହଜାରରୁ ଅଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା । ଅପରପକ୍ଷରେ ଗତ ୧୫ ତାରିଖରେ କଲିକତାଠାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଶ୍ରୀ ସାହୁ ସାମିଲ ହୋଇଥିଲେ । ଏଥିରେ କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ୍, କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ ପ୍ରମୁଖ ମାର୍ଗଦର୍ଶନ ରଖିଥିଲେ । ଆଜି ମଧ୍ୟ କଲିକତାଠାରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ବୈଠକରେ ଯଜ୍ଞପ୍ରସାଦ ସାହୁ ସାମିଲ ହୋଇଥିବା ସୂଚନା ମିଳିଛି । ଯଜ୍ଞପ୍ରସାଦ ସାହୁଙ୍କ ସାଂଗଠାନିକ ଦକ୍ଷତା ଓ ନିଷ୍ଠାକୁ ଦଳର ଉଚ୍ଚ ନେତୃତ୍ୱ ପ୍ରଶଂସା କରିଛନ୍ତି ।

### ଆବଶ୍ୟକତା ଅନୁଯାୟୀ କଡ଼ାକଡ଼ି କରାଯିବ ଅଗ୍ନିସୁରକ୍ଷା

# ଭିମସାର୍‌ରେ ଅଗ୍ନି ସୁରକ୍ଷା ସମୀକ୍ଷା କଲେ ଅଗ୍ନିଶମ ଡିଜି

ସମ୍ବଲପୁର, ୨୪।୩ (ସମିସ)



କଟକର ଏସ୍‌ସିବି ମେଡିକାଲରେ ଗତ ୧୬ ତାରିଖରେ ନିଆଁ ଲାଗି ରୋଗୀଙ୍କ ମୃତ୍ୟୁ ପରେ ପ୍ରଶାସନ ତତ୍‌ପର ହୋଇଉଠିଛି।ଏସ୍‌ସିବିରେ ଅଘଟଣ ପରେ ତତ୍ପର ହୋଇଛି ଅଗ୍ନିଶମ ବିଭାଗ। ମଙ୍ଗଳବାର ଅଗ୍ନିଶମ ସେବା ମହାନିର୍ଦ୍ଦେଶକ (ଡିଜି) ଡ. ସୁଧାଂଶୁ ଷଡ଼ଙ୍ଗୀ ସମ୍ବଲପୁରକୁ ଆସି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ସମ୍ମିଳନୀ କକ୍ଷରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକ ପରେ ଡିଜି ଡ. ଷଡ଼ଙ୍ଗୀ ଭିମସାରର ଅଧିକାଂଶ କୋଠା ପୁରୁଣା ହୋଇଥିବାରୁ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ୟାମେରା ବ୍ୟବହାର, ବିଦ୍ୟୁତ୍ ସରଞ୍ଜାମର ନବୀକରଣ, ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ଭିମସାର ଏକ ବହୁ ପୁରୁଣା ଅନୁଷ୍ଠାନ। ଏଠାରେ ଥିବା ୨୦ଟି କୋଠା ମଧ୍ୟରୁ କେତେକ କୋଠା ବହୁ ପୁରୁଣା ଶୈଳୀରେ ନିର୍ମାଣ ହୋଇଛି। ଏଭଳି କୋଠା ଗୁଡ଼ିକରେ ୨୦୧୭ ଅଗ୍ନି ନିରାପତ୍ତା ନିୟମ ଅନୁସାରେ ଅଗ୍ନି ସୁରକ୍ଷାକୁ କଡ଼ାକଡ଼ି କରି ଆବଶ୍ୟକତା ଅନୁଯାୟୀ ସଂସ୍କାର ଆଣିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିୟୁ, ଏସ୍‌ଏନ୍‌ସିୟୁ, ନିଓ-ନାଟାଲ ୟୁନିଟ୍ ଆଦିକୁ ଅଗ୍ରାଧିକାର ଦିଆଯିବ। ବିଦ୍ୟୁତ୍ ସରଞ୍ଜାମ ସତର୍କତା ସହିତ ବ୍ୟବହାର କରିବା ଏବଂ ଡାକ୍ତର, ନର୍ସ ଓ କର୍ମଚାରୀମାନେ ସଚେତନ ରହିବା ଆବଶ୍ୟକ। ମକ୍‌ଡ୍ରିଲ ଆଦି କରି ଲୋକମାନଙ୍କୁ ଅଧିକ ସଚେତନ କରାଯିବ। କୃତ୍ରିମ ବୁଦ୍ଧିମତା (ଏଆଇ) ଭଳି ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯିବ। ଅଗ୍ନିଶମ ପ୍ରମାଣପତ୍ର ମିଳିନଥିବା ବହୁତଳ କୋଠା ଗୁଡ଼ିକ ବିକଳ୍ପ ବ୍ୟବସ୍ଥା କରି କିପରି ସୁରକ୍ଷିତ କରାଯାଇପାରିବ ସେନେଇ ବିଚାର କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିବା କହିଛନ୍ତି। ସେହି ସବୁ ସ୍ଥାନରେ କିପରି ସୁରକ୍ଷିତ ଭାବେ ରୋଗୀ ସେବା ଯୋଗାଇ ଦିଆଯିବ, ସେନେଇ ଅଗ୍ନିଶମ ବିଭାଗ ଓ ଭିମସାର କର୍ତ୍ତୃପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଭିମସାର ଅଞ୍ଚଳର ସର୍ବପୁରାତନ ମେଡିକାଲ




କଲେଜ ଓ ହସପିଟାଲ। ଅଗ୍ନିଶମ ଡିଜିଙ୍କ ଉପସ୍ଥିତିରେ କୋଠାୱାରୀ ସବିଶେଷ ଆଲୋଚନା କରାଗଲା। ଦୀର୍ଘକାଳୀନ ଭିତ୍ତିରେ କିଛି ନୂତନ ପଦକ୍ଷେପ ଗ୍ରହଣ କରାଯିବ, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣ୍ଠି ଅନୁମୋଦନ କରାଯାଇଛି ଏବଂ ପୂର୍ତ୍ତ ବିଭାଗ ଓ ଜିଇଡି ମାଧ୍ୟମରେ କାର୍ଯ୍ୟ କରାଯିବ। ଅଗ୍ନିକାଣ୍ଡକୁ ଆଗୁଆ ଚିହ୍ନଟ କରିବା ପାଇଁ ଏଆଇ ବେସଡ୍ କ୍ୟାମେରାର ସହାୟତା ନିଆଯିବ। ଏହାସହିତ ପୁରୁଣା କୋଠାମାନଙ୍କରେ ୨୦୧୭ ଅଗ୍ନି ନିରାପତ୍ତା ନିୟମ ଅନୁଯାୟୀ ର୍ୟାମ୍ପ ନିର୍ମାଣ, ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଅଗ୍ନିଶମ ବିଭାଗର ପରାମର୍ଶ ଅନୁଯାୟୀ କରାଯିବ ବୋଲି ସେ କହିଛନ୍ତି। ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାୟକ, ଭିମସାର ଅଧକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତି, ଅଗ୍ନିଶମ ସମ୍ବଲପୁର ରେଞ୍ଜ ଅଧିକାରୀ ସଲିଲ ପ୍ରକାଶ କିଣ୍ଡୋ ପ୍ରମୁଖଙ୍କ ସମେତ ଭିମସାର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଗ୍ନିଶମ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଟିପିଡବ୍ଲୁଓଡିଏଲ ଏବଂ ଜିଇଡି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ସଚିବ

ସମ୍ବଲପୁର, ୨୪।୩ (ସମିସ) : ରାଜ୍ୟ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ସଚିବ ବିଶାଲ କୁମାର ଦେବ ଆଜି ସମ୍ବଲପୁର ଗସ୍ତକରି ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏବଂ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବାସହ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଇଆଇଏମ୍ ସମ୍ବଲପୁର ପରିଦର୍ଶନ କରି ସେଠାକାର ନିର୍ଦ୍ଦେଶକ ଏବଂ ଫେକଲ୍‌ଟିଙ୍କ ସହିତ ସେଣ୍ଟର ଅଫ ଏକ୍ସିଲେନ୍ସୀ ଅନ୍ ଏଆଇ ସମ୍ପର୍କରେ ଆଲୋଚନା କରିଥିଲେ। ବସନ୍ତପୁରଠାରେ ହେବାକୁ ଥିବା ଆଇ.ଟି. ପାର୍କ ପାଇଁ ଜାଗା ପରିଦର୍ଶନ କରି ଶିଳ୍ପ ଓ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ହେଉଥିବା ବିକାଶମୂଳକ କାର୍ଯ୍ୟ ଏବଂ ଏହାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଅନୁଧ୍ୟାନ କରିଥିଲେ। ବୁର୍ଲାସ୍ଥିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ (ଏସ୍‌ଟିପିଆଇ) ର ନିର୍ମାଣଧୀନ ଭିତ୍ତିଭୂମି କାମର କାର୍ଯ୍ୟଧାରା ସମୀକ୍ଷା କରିଥିଲେ। ଏହାପରେ ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରଣ କାର୍ଯ୍ୟ, ଡିଡିଆର୍‌ସି ସମ୍ବଲପୁର ସହ ମନ୍ଦଲିଆ ପଡିଆର କାର୍ଯ୍ୟ ମଧ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ସମ୍ବଲପୁର ତହସିଲଦାର ଅଭିଜିତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହୀରାକୁଦ ଡାକ୍ତରଖାନାରେ ରାତ୍ରିକାଳୀନ ସେବା ଆରମ୍ଭ

ସମ୍ବଲପୁର, ୨୪।୩ (ସମିସ) : ସମ୍ପ୍ରତି ହୀରାକୁଦ ଡାକ୍ତରଖାନା ରାତ୍ରି ସମୟରେ କୌଣସି ଡାକ୍ତର ରହୁନଥିବାରୁ ରୋଗୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ରେଫର୍ କରିବାକୁ ମଧ୍ୟ କୌଣସି ଡାକ୍ତର ରହୁନାହାନ୍ତି। ଏହି ଅସୁବିଧା ସମ୍ବନ୍ଧରେ ହୀରାକୁଦର ସ୍ୱେଚ୍ଛାସେବୀ କାର୍ତ୍ତିକ କଲେତ, ଅଶୋକ ମହାପାତ୍ର, ସୁନିଲ ସେଠ, ପ୍ରହଲ୍ଲାଦ ତାଣ୍ଡି ପ୍ରମୁଖ ସିଡିଏମଓଙ୍କୁ ଭେଟି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିଡିଏମଓଙ୍କ ସୁପାରିଶ କ୍ରମେ ହିଣ୍ଡାଲକୋ ଦ୍ୱାରା ଆଜିଠାରୁ ହୀରାକୁଦ ସରକାରୀ ଡାକ୍ତରଖାନାରେ ରାତ୍ରୀକାଳୀନ ରୋଗୀସେବା ଆରମ୍ଭ କରାଯାଇଛି। ଏହି ବିଷୟରେ ଅବଗତ ହେବାପରେ ହୀରାକୁଦ ଜନସାଧାରଣ ସିଡିଏମଓ ଓ ହିଣ୍ଡାଲକୋ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିବାସହ ଦିନବେଳା ମଧ୍ୟ ଜଣେ ସ୍ଥାୟୀ ଡାକ୍ତରଙ୍କୁ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରିଛନ୍ତି।

## ବିଜୁ ଯୁବ ଜନତା ଦଳ ପକ୍ଷରୁ ସହିଦ ଭଗତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର, ୨୪।୩ (ସମିସ) : ମହାନ କ୍ରାନ୍ତିକାରୀ ସହିଦ ଭଗତ ସିଂହ, ସୁଖଦେବ ଥାପର ଏବଂ ଶିବରାମ ରାଜଗୁରୁ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାଲିସ୍‌ବିହୀନ ସଂଗ୍ରାମ କରି ୧୯୩୧ ମାର୍ଚ୍ଚ ୨୩ରେ ହସି ହସି ଫାସିଖୁଣ୍ଟରେ ଝୁଲିଯାଇଥିଲେ। ସାମ୍ରାଜ୍ୟବାଦ ବିରୋଧରେ ଏହି ଚରମ ତ୍ୟାଗର ଦିନକୁ ସହିଦ ଦିବସ ଭାବରେ ପାଳନକରିସମ୍ବଲପୁରଜିଲ୍ଲାବିଜୁଯୁବଜନତା ପକ୍ଷରୁ ଗୋଲବଜାର ଛକସ୍ଥିତ ସମସ୍ତ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି (ଝୁପୁନା)ଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରାରେ ଆସିବା ପରେ ବିଜେଡିର ବରିଷ୍ଠ ନେତା ବେଣୁଧର ଦାଶ, ବସନ୍ତ ମିଶ୍ର, ଗୋକୁଳ ମେହେର, ମହମ୍ମଦ ସନାଉଲ୍ଲା, ସୁରୁବାବୁ ମେହେର, ସଂଯୁକ୍ତା ମେହେର, ଆନନ୍ଦ ବଡଗାୟାଁ ପ୍ରମୁଖ ସହିଦମାନଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ହରଦୀପ ସିଂ ଭୁଜି, ସଞ୍ଜିବ ଷଡ଼ଙ୍ଗୀ, ସୁବାସ ଜେନା, ସଞ୍ଜୟ ବର୍ମା, ନଳିନୀ ଦେବୀ, ଦୁଲାଲ ରାୟ, ସନ୍ତୋଷ ମହାନ୍ତି, କିଶୋର ମୁଣ୍ଡା, ସଞ୍ଜିବ ବେହେରା, ଅଂଶୁମାନ ବେହେରା, ରବିନ୍ଦ୍ର ସିଂ, ମନୋଜ ଦାସ, ମୁକେଶ ସିଂ, ପ୍ରତାପ ତପନ, ଅଜୟ ସୁନା, ଏମ.ଡି. ରାଜା, ସୁରଜ ଦୋରା, ଗୁଣନିଧି, ମୁକେଶ, ମାନା ପଣ୍ଡା, ରୋହିତ, ଗଣେଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅଟୋ ଓଲଟି ଛାତ୍ରଛାତ୍ରୀ ଆହତ

ସମ୍ବଲପୁର, ୨୪।୩ (ସମିସ) : ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଏକ ଅଟୋ ସହ ବାଇକ୍ ଧକ୍କା ହେବାଫଳରେ ଅଟୋଟି ଓଲଟି ପଡ଼ିଥିଲା। ଏହାଦ୍ୱାରା ଅଟୋରେ ବସିଥିବା ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିବାବେଳେ ଜଣେ ଛାତ୍ରର ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ପୁଲିସ ଉଭୟ ଗାଡ଼ିକୁ ଜବତ କରିବାସହ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଆଜି ସକାଳେ ଶାସନ ଥାନା ଅନ୍ତର୍ଗତ ବିଶାଳଖିଣ୍ଡା ଗ୍ରାମରୁ ପରମାଣପୁରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲକୁ ସବୁଦିନ ପରି ଏକ ଅଟୋ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିଲା। ଏହି ସମୟରେ ଏକ ବୁଲାଣିରେ ଅପରପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଅଟୋକୁ ଧକ୍କା ଦେଇଥିଲା। ଏହା ଫଳରେ ଅଟୋରେ ବସିଥିବା ୪ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯାଇଥିଲେ। ଅଟୋରେ କଡ଼ରେ ବସିଥିବା ଜଣେ ଛାତ୍ରଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ବାଇକ୍‌ରେ ବସିଥିବା ପତିପତ୍ନୀ ମଧ୍ୟ ଆହତ ହୋଇ ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଉଭୟ ଅଟୋ ଓ ବାଇକ୍‌କୁ ଜବତ କରି ଥାନାରେ ରଖିବାସହ ଘଟଣାର ତଦନ୍ତ କରୁଛି।

## ଜନଗଣନା ଦାୟିତ୍ୱକୁ ନେଇ କଲେଜରେ ଅସନ୍ତୋଷ

ସମ୍ବଲପୁର, ୨୪।୩ (ସମିସ) : କୁଚିଣ୍ଡା କଲେଜରେ ଜନଗଣନା କାର୍ଯ୍ୟ ପାଇଁ କିଛି ଅଧ୍ୟାପକଙ୍କୁ ହଠାତ୍ ସୁପରଭାଇଜର ଭାବେ ନିଯୁକ୍ତ କରାଯାଇଥିବା ଘଟଣାକୁ ନେଇ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏସ୍‌ଏସ୍‌ବି ଅଧ୍ୟାପକମାନେ ମୂଳତଃ ସ୍ନାତକ ସ୍ତରର ଶିକ୍ଷାଦାନ ପାଇଁ ନିଯୁକ୍ତ ଥିବାବେଳେ ସେମାନଙ୍କୁ କ୍ଷେତ୍ରସ୍ତରୀୟ ଜନଗଣନା ଦାୟିତ୍ୱ ଦେବା କୁ ଅନୁଚିତ ବୋଲି ମତପ୍ରକାଶ ହୋଇଛି। ଅନ୍ୟପଟେ, କିଛି ଅଧ୍ୟାପକଙ୍କୁ ଟ୍ରେନର ଓ ଅନ୍ୟମାନଙ୍କୁ ସୁପରଭାଇଜର କରାଯାଇଥିବା ସହିତ ଏକାସମୟରେ କାଉନସିଲ୍ ପରୀକ୍ଷା ମୂଲ୍ୟାୟନ ଦାୟିତ୍ୱ ଦିଆଯାଇଥିବାରୁ ଚାପ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ଏହାଫଳରେ ଶିକ୍ଷାଦାନ କାର୍ଯ୍ୟ ପ୍ରଭାବିତ ହେବା ସହିତ ଛାତ୍ରଛାତ୍ରୀଙ୍କ ଏକାଡେମିକ୍ ହିତ ହାନିହେବ ବୋଲି ଶିକ୍ଷକ ମାନେ କହିଛନ୍ତି। ଏହି ନୀତିକୁ ପୁନଃବିଚାର କରିବା ପାଇଁ ଅଧ୍ୟାପକ ମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

ରେଢ଼ାଖୋଲ,୨୪।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ମାଳ ରେଞ୍ଜରେ ବନବିଭାଗ ପକ୍ଷରୁ ଚଢ଼ାଉ କରି ଦେଶୀ ବନ୍ଧୁକ ଜବତ କରିବା ସହ ଜଣେ ଶିକାରୀକୁ ଗିରଫ କରାଯାଇଛି। ଗିରଫ ଶିକାରୀ ଭାଲିଆକଟା ପଞ୍ଚାୟତ ଝାଙ୍କରପାଲିଗ୍ରାମର ବାସିନ୍ଦା ମଣି ଭୋଇ (୩୮)। ସୂଚନା ଯୋଗ୍ୟ ଯେ ସୋମବାର ରାତ୍ରୀରେ ବଡ଼ମାଳ ରେଞ୍ଜ ଅଧୀନ ମୋଚିବାହାଲ ଫରେଷ୍ଟ ବିଟ ଭାଲିଆକଟା ପଞ୍ଚାୟତ ଝାଙ୍କରପାଲି ଗ୍ରାମ ସ୍ଥିତ ଖେସଡା ଜଙ୍ଗଲକୁ ଶିକାର କରିବା ଉଦ୍ଦେଶ୍ୟରେ ଯାଇଥିବା ସନ୍ଦେହରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଜଣେ ଯୁବକକୁ ଗିରଫ କରିଥିଲେ। ଯୁବକ ପାଖରୁ ଏକ ଦେଶୀ ବନ୍ଧୁକ ସହ ବାରୁଦ, ମାଚିଶ ବକ୍ସ, ଲାଇଟ, ବାଣ ଇତ୍ୟାଦି ଜବତ କରାଯାଇଥିଲା। ସମ୍ପୃକ୍ତ ଯୁବକ ଜଣେ ପେସାଦାର ଶିକାରୀ ବୋଲି ରେଞ୍ଜ ଅଧିକାରୀ ଚିନ୍ମୟ କୁମାର ଗର୍ତିଆ ପ୍ରକାଶ କରିଛନ୍ତି।ରେଢ଼ାଖୋଲ ବନ ବିଭାଗ ଏସିଏଫ ମାଳତୀ ଲତା ହାଁସଦା ସମ୍ପୃକ୍ତ ଶିକାରୀ ଓ ସାକ୍ଷଙ୍କ ମତକୁ ଭିତ୍ତି କରି ବନ୍ୟଜନ୍ତୁ ଅପରାଧିକ ମାମଲା ରୁଜୁ କରି ଉକ୍ତ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ନୃସିଂହ ଗୁରୁଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର,୨୪।୩(ସମିସ): 'ପଶ୍ଚିମ ଓଡିଶାର ଗାନ୍ଧୀ' ଭାବେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ନୃସିଂହ ଗୁରୁଙ୍କ ଜୟନ୍ତୀ ଉପଲକ୍ଷେ ଦଳମତ ନିର୍ବିଶେଷରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ପୂର୍ବତନ ନଗରପାଳ ଗିରିଶ ପଟେଲ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର କାମଦେବ ସାହୁ, ଡ. ଶ୍ୟାମ ସୁନ୍ଦର ଧର, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, କାର୍ତ୍ତିକ ପ୍ରସାଦ ବହିଦାର, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଡ. ରାଜକୁମାର ଶାଣ୍ଡିଲ୍ୟ, ଲଳିତ ଅଗ୍ରୱାଲ, ରାମଦାସ ପଣ୍ଡା, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର, ସୁଧୀର ବହିଦାର, ରଞ୍ଜିତ ରାଉତ, ସୂର୍ଯ୍ୟ ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରସାଦ ନନ୍ଦ ପ୍ରମୁଖ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାଛଡା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏନ୍‌ସିସି ଓ ସ୍କାଉଟ୍ ଛାତ୍ରଛାତ୍ରୀ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ପଣ ପୂର୍ବକ ସମ୍ମାନ ଜଣାଇଥିଲେ। ଏହି ଅବସରରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଓ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସତ୍ୟନାରାୟଣ ପଟେଲ ଓ ସୀତାରାମ ଅଗ୍ରୱାଲ ଗାୟତ୍ରୀ ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର, ଫାରୁକ୍ ମହମ୍ମଦ୍ କୋରାନ୍, ପାଷ୍ଟର ଇଶାନ୍ ନାଏକ ବାଇବେଲ୍ ଏବଂ ଜ୍ଞାନୀ ଅଜୟ ସିଂହ ଗୁରୁବାଣୀ ପାଠ କରିଥିଲେ। ଭଜନ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନିତ୍ୟାନନ୍ଦ ସେଠୀ, ରବିନ୍ଦ୍ର ପଣ୍ଡା ଓ ମାନସ ଷଡଙ୍ଗୀ କଣ୍ଠଦାନ କରିଥିବାବେଳେ ଦେବାଶିଷ ପାଢୀ, ଅନୁରାଗ କୁମାର ଓ ଲୋଟସ୍ ନାଏକ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।



## କୁନ୍ତରା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା

କୁଚିଣ୍ଡା,୨୪।୩(ସମିସ): ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ୍ କୁନ୍ତରା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଦିନ କୁନ୍ତରା ଧାନ ମଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଅଛି।ସଭାରେ କୁସୁମୀ ଲ୍ୟାମ୍ପର ପୂର୍ବତନ ଏମ୍‌ଡିଙ୍କ ନିଲମ୍ବନକୁ ନେଇ ପ୍ରବଳ ହଟ୍ଟଗୋଳ ହେବାରୁ ଚାଷୀଙ୍କ ସମସ୍ୟା ବାବଦରେ ବିଶଦ ଆଲୋଚନା ହୋଇ ପାରିନଥିଲା।ଲ୍ୟାମ୍ପର ସଭାପତି ବିପ୍ର ଚରଣ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ଏସଏଆରସିଏସ ମନୋଜ ମହନ୍ତ ଓ ସୋମିତ୍ର ବେହେରା, କୁଚିଣ୍ଡା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିସ୍ମୟ ପଟେଲ ଓ କର୍ମଚାରୀ ବବନ ନାୟକ, ଲ୍ୟାମ୍ପର ଏମଡି ରଙ୍ଗବଲ୍ଲଭ ପ୍ରଧାନ, ଲ୍ୟାମ୍ପ କର୍ମଚାରୀ ଅଲେଖ ନାଏକ, ନିର୍ଦ୍ଦେଶକ ସୁଶୀଲ ନାୟକ ଓ ସବିତା ନାୟକ ପ୍ରମୁଖ ଅତିଥି ଗଣ ଉପସ୍ଥିତ ଥିଲେ। ଏମଡି ରଙ୍ଗବଲ୍ଲଭ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିବା ସହ ଗତ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣୀ ଦେଇଥିଲେ। ସଭାରେ ଉପସ୍ଥିତ ସଭ୍ୟ ମାନେ ସାର ବଣ୍ଟନ କେନ୍ଦ୍ର କୁନ୍ତରାରେ କରିବା ସହିତ ସଠିକ ସମୟରେ ଚାଷୀଙ୍କୁ ସାର ପ୍ରଦାନ ପାଇଁ ଓ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବା ଗୋଦାମ ଘରର ନିର୍ମାଣ ଅତି ଶୀଘ୍ର ସାରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପଣ୍ଡରି ପଥର ଗ୍ରାମର ଅମୂଲ୍ୟ ଗୌଡ଼ ଲ୍ୟାମ୍ପରୁ ଋଣ ନେଇ ନ ଥିଲେ ମଧ୍ୟ ତାଙ୍କ ନାମରେ କେହି ବ୍ୟକ୍ତି ଜାଲିଆତି କରି ଋଣ ଉଠାଇ ନେଇଥିବା ଅଭିଯୋଗ କରି ଏହାର ତଦନ୍ତ ପାଇଁ ଦାବି କରିଥିଲେ। ଏହି ସମୟରେ କୁସୁମୀ ଲ୍ୟାମ୍ପର ପୂର୍ବତନ ଏମଡି କୈଳାସ ମାଝୀ ତାଙ୍କୁ ଚକ୍ରାନ୍ତ କରି ବେଆଇନ ଭାବେ ନିଲମ୍ବିତ କରାଯାଇଥିବା ଅଭିଯୋଗ କରି ତାଙ୍କୁ ପୁନଃ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ। ସଭାପତି ଶ୍ରୀ ବାଗ ପୂର୍ବତନ ଏମ: ଡି ୧୩ ଲକ୍ଷ ୫୦ ହଜାର ଟଙ୍କା ହେରଫେର କରିଥିବା ଅଭିଯୋଗ କରି ଏହି କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଉତ୍ତର ଦେଇଥିଲେ।ନିଲମ୍ବିତ ଏମଡି ଶ୍ରୀ ମାଝୀ ବିରୋଧ କରି ଯଦି ମୁଁ ଟଙ୍କା ହେରଫେର କରିଛି ତେବେ ଅଡିଟ ରିପୋର୍ଟ ପ୍ରଦାନ କରନ୍ତୁ ବୋଲି କହିଥିଲେ। ଶ୍ରୀ ମାଝୀ ଅଭିଯୋଗ କରିଥିଲେ ଯେ, କୁସୁମୀ ଲ୍ୟାମ୍ପର ଅନ୍ୟତମ କର୍ମଚାରୀ



ଅଲେଖ ନାଏକ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ବେଳେ ତାଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ମତେ କାହିଁକି ନିଲମ୍ବନ କରାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିରେ ହସ୍ତକ୍ଷେପ କରି ଏସଏଆରସିଏସ ମନୋଜ ମହନ୍ତ ସଭାରେ କହିଲେ ଯେ, ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ କରିଥିବା ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଛି ଏବଂ ତଦନ୍ତ ପରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏମଡି ରଙ୍ଗବଲ୍ଲଭ ପ୍ରଧାନ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ବାବଦରେ ଚାଷୀଙ୍କୁ ଅବଗତ କରାଇବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୃଥକ୍ ଦୁର୍ଘଟଣାରେ ଦୁଇ ମୃତ, ଜଣେ ଗୁରୁତର

ରେଙ୍ଗାଲି,୨୪।୩(ସମିସ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳ ସମ୍ବଲପୁର ରାଉରକେଲା ରାଜ୍ୟ ରାଜପଥ ୧୦ରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ମଙ୍ଗଳବାର ଭୋରୁ ରେଙ୍ଗାଲି ଥାନା ଅନ୍ତର୍ଗତ କିଶନନଗର ରେଲୱେ ଓଭର ବ୍ରିଜ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲେ। ଲାରିପାଲି ଗ୍ରାମର ନିତ୍ୟାନନ୍ଦ ରୋହିଦାସ (୪୫) କୋଇଲା ସଂଗ୍ରହ ପାଇଁ ଖୁଣ୍ଡା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରେଙ୍ଗାଲି ଥାନା ଜିଓ ପେଟ୍ରୋଲ ପମ୍ପ ସମ୍ମୁଖରେ କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ ଏକ ଟାଟା ସଫାରୀ ନଂ ଓଡି୧୫ଇଇ-୦୧୮୫ ଏବଂ ବାଇକ୍ ନଂ ଓଡି୧୫ଘ-୪୫୧୫ ମଧ୍ୟରେ ଧକ୍କା ହୋଇଥିଲା ଏଥିରେ ବାଇକ୍ ଚାଳକ ଜମନକିରା ଥାନା ଭାଲୁଡିହି ଗ୍ରାମର ଅଜିତ ରାଉତ ଓ ତାଙ୍କ ସାଙ୍ଗରେ ଥିବା ଜଣେ ମହିଳା ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ବୁର୍ଲା ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅଜିତଙ୍କୁ ମୃତ ଘୋଷଣା କରିଥିଲେ। ରେଙ୍ଗାଲି ପୁଲିସ ଦୁଇଟି ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗୋଲାପ ଚାଷୀ ଧର୍ମନାରାୟଣଙ୍କ ପରଲୋକ

ସମ୍ବଲପୁର, ୨୪।୩ (ସମିସ) : ପଡ଼ିଆବାହାଲ ନିକଟସ୍ଥ ସନାତନପାଲିରେ ଗୋଲାପ ଫୁଲ ଚାଷୀ ଧର୍ମନାରାୟଣ ପ୍ରଧାନ (୭୪)ଙ୍କ ଆଜି ଅପରାହ୍ଣରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସମ୍ବଲପୁର ଜିଲ୍ଲାରେ ବିଭିନ୍ନ କିସମର ଗୋଲାପ ଚାଷ କରିବାସହ ସେ ଅନ୍ୟ ଚାଷୀମାନଙ୍କୁ ଉତ୍ସାହିତ କରୁଥିଲେ। ସେ ସବୁଜ ସନାତନପାଲି କୃଷକ ଉତ୍ପାଦକ ସଂଘର ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ପଛରେ ପତ୍ନୀ ଅସରପି, ଦୁଇପୁଅ ଅଶୋକ ଓ ଅରୁଣ, ବୋହୂ ଓ ନାତିନାତୁଣୀ ରହିଛନ୍ତି। ସନ୍ଧ୍ୟାରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସବୁଜ ସନାତନପାଲି କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକ ମନବୋଧ ବାରିକଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।



### ସମ୍ବଲପୁର ଜିଲ୍ଲାରେ ରବି ଧାନ ଚାଷ

# ସରିଲା ପଞ୍ଜୀକରଣ, ୧୮୪୨୯ ଚାଷୀ ପଞ୍ଜିକୃତ

ସମ୍ବଲପୁର, ୨୪।୩ (ସମିସ)

ରବି ଧାନକ୍ରୟ ପାଇଁ ପଞ୍ଜିକରଣ ପ୍ରକ୍ରିୟାରେ ବଂଶାବଳୀ ବାଧକ ହେଉଥିବାବେଳେ ମାତ୍ର ୧୫ ଦିନ ସମୟ ଅବଧି ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଥିଲା। ପ୍ୟାକ୍ସ / ଲ୍ୟାମ୍ପସ ମାନଙ୍କରେ ଡାଲୁଅ ଚାଷୀ ପଞ୍ଜିକରଣ କରିବାକୁ ଯିବାସମୟରେ ଭାଗ ହୋଇନଥିବା ଜମି ସକାଶେ ସମସ୍ତ ସତ୍ତ୍ୱାଧିକାରୀଙ୍କ ସହମତି ଓ ଦସ୍ତଖତ ସମସ୍ୟା ସୃଷ୍ଟି କରୁଛି। ଏହାସହ ପଞ୍ଜିକରଣ ଅବଧି ମାର୍ଚ୍ଚ ୧୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଥିବାରୁ ଏହାକୁ ବୃଦ୍ଧି କରିବାକୁ ଚାଷୀମାନଙ୍କ ଦାବି ସତ୍ତ୍ୱେ ଆଜି ପଞ୍ଜିକରଣ ଶେଷ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୪୦ଟି ପ୍ୟାକ୍ସ / ଲ୍ୟାମ୍ପସ / ସ୍ୱୟଂ ସହାୟକ ଗୋଷ୍ଠୀରେ ୧୮୪୨୯ ଜଣ ଚାଷୀ ପଞ୍ଜିକରଣ କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାରେ ଗତବର୍ଷ ରବି ଧାନସଂଗ୍ରହରେ ଭାଗନେଇ ଜିଲ୍ଲାର ୧୬୬୫୮ ଜଣ ଚାଷୀ ୧୪୧୮୧୧୭.୬୧ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପତ୍ରସଂଖ୍ୟା ୩୯୪୩ ତା. ୫-୩-୨୦୨୬ ଜରିଆରେ ରାଜ୍ୟର ୨୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମାର୍ଚ୍ଚ ୧୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ପତ୍ର ଅନୁଯାୟୀ ରବି ଧାନସଂଗ୍ରହ ମେ ୧ ତାରିଖରୁ ଆରମ୍ଭ ହୋଇ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଦୁଇମାସ ଚାଲିବ। ସରକାରଙ୍କ ପକ୍ଷରୁ ପ୍ୟାକ୍ସ / ଲ୍ୟାମ୍ପସ୍ / ମହିଳାଏସ୍‌ଏଚ୍‌ଜି / ପାଣିପଞ୍ଚାୟତ ଜରିଆରେ ଚାଷୀଠାରୁ ରବି ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୩୬୯ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ''କୃଷକ ସମୃଦ୍ଧି ଯୋଜନା' ଅନ୍ତର୍ଗତ ଚାଷୀଙ୍କୁ ଅତିରିକ୍ତ ୭୩୧ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ବଂଶାବଳୀର ସମସ୍ୟା ଏବଂ ସ୍ତମ୍ଭ-୨ (କଲମ୍-୨) ସାମିଲ ହେବାଯୋଗୁଁ ସମସ୍ତେ ନିଜ ନିଜ ନାମରେ ସ୍ୱତନ୍ତ୍ର ଭାବେ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ପ୍ରାୟ ୨ ହଜାର ଚାଷୀ ଅଧିକ ପଞ୍ଜିକୃତ ହୋଇଥିଲେ ହେଁ କ୍ଷେତର ପରିମାଣ ସମାନ ରହିଥାଇପାରେ। ଏହାବ୍ୟତୀତ ଆହୁରି ଅନେକ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ମଧ୍ୟରେ ଫଶି ରହିଯାଇଛନ୍ତି, ଏଣୁ ଧାନ ବିକ୍ରୟ କରିପାରିବେ ନାହିଁ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଗ୍ରଣୀ ଚାଷୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ରବି ଧାନ ବିକ୍ରୟ ସକାଶେ ଅଧିକ ସଂଖ୍ୟାରେ ଚାଷୀ ପଞ୍ଜିକରଣ କରିବା ସ୍ୱାଗତଯୋଗ୍ୟ। ରବି ଧାନଚାଷ ପ୍ରକ୍ରିୟା ଜୋରସୋରରେ ଚାଲିଛି।

ଆଗାମୀ ମାସ ଶେଷବେଳକୁ ଅମଳଯୋଗ୍ୟ ହେବ। ସରକାର ପ୍ରାରମ୍ଭରୁ ଚାଷୀପିଛା କେତେ ଧାନ କିଣିବେ ତାହା ଘୋଷଣା କରିଦେଲେ ଭଲ ହୁଅନ୍ତା, ଖରିଫ୍ ଭଳି ଦ୍ୱନ୍ଦ୍ୱ ରହନ୍ତା ନାହିଁ। ରବି ଧାନ ଅମଳ ସମୟରେ ବର୍ଷା ଋତୁ ଆସନ୍ନ ଥିବାରୁ ସରକାର ଏକକାଳୀନ ସମସ୍ତ ଟୋକନ ଦେବେ ତ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି।

## ରାସ୍ତା କଡ଼ରୁ ମୃତଦେହ ଉଦ୍ଧାର

ସମ୍ବଲପୁର,୨୪।୩ (ସମିସ):ସମ୍ବଲପୁର ସଦର ଥାନା ପଡ଼ିଆବାହାଲ ପେଟ୍ରୋଲ ପମ୍ପ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ଯୁଯୋମୁରା ଥାନା ଭଣ୍ଡାରିମାଲ ଅଞ୍ଚଳର ବୋଲି ଜଣାପଡ଼ିଛି। ଆଜି ସକାଳେ ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକମାନେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବୁର୍ଲାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସଦର ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## 'ଯଯାତି'ର ଶେଷ ସନ୍ଧ୍ୟା } ଡାନିସ୍‌ଙ୍କ ଗୀତରେ ଦୁଲୁକିଲା ଯଯାତି ମଞ୍ଚ

ଯାଜପୁର, ୨୪।୩(ସମିସ)




ଜିଲ୍ଲା ମହୋତ୍ସବ 'ଯଯାତି'ର ଶେଷ ସନ୍ଧ୍ୟାରେ ପ୍ରଖ୍ୟାତ ବଲିଉଡ୍ ଗାୟକ ମହମ୍ମଦ ଡାନିସଙ୍କ ମନଛୁଆଁ କଣ୍ଠସ୍ୱରରେ ଦର୍ଶକ ମତୁଆଲା ହୋଇଛନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ଜିଲ୍ଲାର ବିକାଶ ପାଇଁ ପ୍ରଶାସନର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟରେ ଆଲୋକପାତ କରିଥିଲେ। ମହୋତ୍ସବରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ମେଳା ଯୋଗୁଁ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବା ସହ ହସ୍ତଶିଳ୍ପର ପ୍ରସାର ହୋଇପାରିବ। ଗଡ଼ମଧୁପୁରର କାଇଁଚ, ରୁଦ୍ରପୁରର ପଥର ଖୋଦେଇ କାରୁକାର୍ଯ୍ୟ, ହରିପୁରର ଚାନ୍ଦୁଆ, କଣ୍ଟାବଣିଆର ବେତ କାରୁକାର୍ଯ୍ୟ, ବୈଦ୍ୟରାଜପୁରର କଂସା ପିତ୍ତଳ କାମ, ଗୋପାଳପୁରର ହସ୍ତତନ୍ତ ଇତ୍ୟାଦି ଏହି ମେଳାରେ ପ୍ରଦର୍ଶିତ ହୋଇଛି।

ଏହି ଅବସରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ରାଉତରାୟ, କଳାକାର ଡ. କୈଳାଶ ବେହେରା, ନାଟ୍ୟକାର ଡ. ଦୀପକ ଜେନା, କୁସ୍ତିଯୋଦ୍ଧା ପ୍ରଶାନ୍ତ ସାମଲଙ୍କୁ 'ଯଯାତି' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆମେ ଯାଜପୁରିଆ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଏବଂ କଳାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଉପସ୍ଥିତ ଥିଲେ। ସଭା ଶେଷରେ ଉପଜିଲ୍ଲାପାଳ ।ପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ରଜନୀରେ ଭଜନ ସଙ୍ଗୀତ, ତାଣ୍ଡବ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଫ୍ୟାସନ୍ ସୋ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ପରେ ପ୍ରସିଦ୍ଧ ନୃତ୍ୟ ଦଳ ପ୍ରିନ୍ସ ଡାନ୍ସ ଗ୍ରୁପ ଖୁବ୍ ସୁନ୍ଦର ରୋମାଞ୍ଚକର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମଞ୍ଚକୁ ଆସିଥିଲେ ବଲିଉଡ ଗାୟକ ଡାନିସ ଏବଂ ତାଙ୍କ ଦମଦାର ଗୀତରେ ସମବେତ ଦର୍ଶକ ନାଚିଥିଲେ। ଟ୍ରାଫିକ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଚାରିଆଡ଼େ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ଏବଂ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା।

### ୨୦ ଘଣ୍ଟା ଅଟକ ପରେ

## ଜାମିନରେ ଗଲେ ଆନ୍ଦୋଳନକାରୀ ଚାଷୀ

**ଯାଜପୁର, ୨୪।୩(ସମିସ):** ଗତକାଲି ଯାଜପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ଚଢ଼ି ଅଭିନବ ଉପାୟରେ ପ୍ରତିବାଦ କରି ପୁଲିସ ଦ୍ୱାରା ଗିରଫ ହୋଇଥିବା ନବନିର୍ମାଣ କୃଷକ ସଂଗଠନର ୧୫ ଜଣ ଚାଷୀଙ୍କୁ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଛି। ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ପୁଲିସ କର୍ମଚାରୀ ମୁତୟନ ହୋଇଥିବା ତିନିଥାକିଆ ସୁରକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରି ଧାନ ବସ୍ତା ମୁଣ୍ଡେଇ ଓ ଭାର ବାହୁଙ୍ଗିରେ ନେଇ ମଞ୍ଚରେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ମୁଖ୍ୟଅତିଥି ଥିବା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମହୋତ୍ସବକୁ ଆସୁଥିବାରୁ ପ୍ରଶାସନ ବଡ଼ଅଡୁଆରେ ପଡ଼ିଯାଇଥିଲା। ପୁଲିସ ମଧ୍ୟ ଆନ୍ଦୋଳନକାରୀ ଚାଷୀମାନଙ୍କ ଯୋଜନାର ଟେର୍ ପାଇନଥିଲା। ପୁଲିସର ଗୁଇନ୍ଦା ବିଭାଗ ମଧ୍ୟ ବିଫଳ ହୋଇଥିଲା। ଫଳରେ ସୋମବାର ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସର୍ବୋପରି ରାଜ୍ୟ ସରକାରଙ୍କୁ ଏହି ଘଟଣା ବଦନାମ କରିବାକୁ ସୁଯୋଗ ସୃଷ୍ଟି ହୋଇଥିଲା। ଧାନକିଣାକୁ ନେଇ ଚାଷୀମାନଙ୍କ ଅସନ୍ତୋଷକୁ ପୂର୍ବରୁ ଯେ ପ୍ରଶାସନ ଗୁରୁତ୍ୱ ଦେଇ ନାହିଁ ତାହା ଏଥିରୁ ପ୍ରତିଫଳିତ ହୋଇଥିଲା।

**ଇନ୍ଦା ବିଫଳତା ପାଇଁ ଅଡୁଆରେ ପ୍ରଶାସନ**

ଉଲ୍ଲେଖଯୋଗ୍ୟ ଯେ ଯାଜପୁର ଜିଲ୍ଲାରେ ଧାନ କିଣା ନେଇ ଚାଷୀମାନଙ୍କୁ ନାହିଁନଥିବା ଶୋଷଣ କରାଯାଉଛି। ଏହା ଏବେ ନୁହେଁ, ପ୍ରତି ବର୍ଷ ଚାଷୀମାନଙ୍କୁ ଧାନ କିଣା ବିକା ବେଳେ ଶୋଷଣ କରାଯାଉଛି ଓ ନାନା ପ୍ରକାର ଅବ୍ୟବସ୍ଥା ସୃଷ୍ଟି କରାଯାଉଛି। ମଣ୍ଡି ଗୁଡିକରେ ଖରା ବର୍ଷାରୁ ରକ୍ଷା ପାଇଁ କିଛି ବ୍ୟବସ୍ଥା କରାଯାଉନାହିଁ। ଅସଲ ଚାଷୀ ଧାନ ବିକ୍ରି କରିବାକୁ ବାଦ୍ ପଡୁଛନ୍ତି। ଜିଲ୍ଲା ପ୍ରଶାସନ ଧାନ କିଣା ବୈଠକରେ ମିଲର ମାନଙ୍କୁ କଟନୀ ଛଟନୀ ନ କରିବାକୁ ଆଲୋଚନା କରୁଥିଲେ ମଧ୍ୟ ସେସବୁକୁ ମିଲର ମାନେ ସାମାନ୍ୟ ଭାବେ ଖାତିର କରୁନଥିବା ଦେଖାଯାଏ। ମଣ୍ଡି ପରିବର୍ତ୍ତେ ରାଇସ ମିଲକୁ ଧାନ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। ଟୋକନ ପ୍ରଦାନରେ ପାତରଅନ୍ତର ସାଧାରଣ କଥା ହୋଇଛି। ଏହି ସବୁ ସମସ୍ୟାକୁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଯୋଗୁଁ ଏହି ଅଭିନବ ପ୍ରତିବାଦ କରିବାକୁ ଚାଷୀ ମାନେ ଆସି ମହୋତ୍ସବ ମଞ୍ଚରେ ପହଞ୍ଚିଥିଲେ। ତେବେ ଆନ୍ଦୋଳନକାରୀ ୩୫ ଜଣ ଚାଷୀଙ୍କ ମଧ୍ୟରୁ ପୁଲିସ ୧୫ ଜଣଙ୍କୁ ଥାନାକୁ ନେଇ ଦୀର୍ଘ ୨୦ ଘଣ୍ଟା ଅଟକ ରଖି ଦଫା ୪୧ରେ ଏକ ମାମଲା ରୁଜୁ କରି ଆଜି ଜାମିନରେ ଛାଡିଦେଇଛନ୍ତି। ଗିରଫ ହୋଇଥିବା ଚାଷୀ ନେତା ଓ ସତ୍ୟାଗ୍ରହୀମାନେ ହେଲେ ନିମାଇଁ ରାୟ, ଦୁର୍ଗା ପ୍ରସାଦ ଦାଶ, ମାଧବ ଶାନ୍ତି, ପ୍ରଫୁଲ୍ଲ ନାୟକ, ସୁବ୍ରତ ସାହୁ, ବଲ୍ଲବ ଜେନା, ମହେଶ୍ୱର ସ୍ୱାଇଁ, ହରିଶ୍ଚନ୍ଦ୍ର ଦଳାଇ, ଚଗଲି ଦାସ, ହେମନ୍ତ ଦାସ, ପ୍ରଭାତ ପ୍ରଧାନ, ଶ୍ରୀଧର ମହଲ, ଅରୁଣ ସ୍ୱାଇଁ, ସୁଦର୍ଶନ ଜେନା ଓ ସୁଶାନ୍ତ ଦଳାଇ। ଗତକାଲିର ଏହି ଅଘଟଣ ପରେ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ବ୍ୟାପକ ପୁଲିସ ମୁତୟନ ସହିତ ନାନା କଟକଣା କରାଯାଇଛି।

## ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ

**ବଡ଼ଚଣା, ୨୪।୩(ସମିସ):** ଗତକାଲି ରାତିରେ ଜଣେ ବ୍ୟବସାୟୀଙ୍କ ବେକରୁ ସୁନା ଚେନ ଦୁର୍ବୃତ୍ତ ମାନେ ଝାମ୍ପି ନେଇଥିବା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ବଡ଼ଚଣା ଥାନା ସୁଙ୍ଗୁଡା ଗ୍ରାମର ପ୍ରମୋଦ କୁମାର ରାଉତ (୫୨) ଗତକାଲି ରାତିରେ ନିଜ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ନିଜ ଘରକୁ ଫେରୁଥିଲେ। ଗ୍ରାମ ଶ୍ମଶାନ ନିକଟରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପ୍ରମୋଦଙ୍କୁ ଅଟକାଇ ତାଙ୍କ ଆଖିରେ ବିଷାକ୍ତ ବାଷ୍ପ ପକାଇ ପିନ୍ଧିଥିବା ସୁନାଚେନଟିକୁ ଛିଡ଼ାଇ ଦ୍ରୁତ ଗତିରେ ଚଣ୍ଡିଖୋଲ ଜାତୀୟ ରାଜପଥ ଆଡ଼କୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପ୍ରମୋଦ ଆଜି ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଚଣ୍ଡିଖୋଲ ପୁଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପ୍ରକାଶ ଥାଉ କି ଚଣ୍ଡିଖୋଲ ଛକ ଦେଇ ଯାଇଥିବା ୫୩ନମ୍ବର ଓ ୧୬ନମ୍ବର୍ ଜାତୀୟ ରାଜପଥରେ ବାରମ୍ବାର ରାହାଜାନୀ, ଛିନତାଇ, ଲୁଟ୍ ମାମଲା ବୃଦ୍ଧି ପାଉଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଉଛି।

### ଗଛ କାଟିବାକୁ ନୟାନ୍ତ ଘର ମାଲିକ

## ବିପଦପୂର୍ଣ୍ଣ ଘରେ ରହୁଛନ୍ତି ମଣିଭଦ୍ର

**ପ୍ରୀତିପୁର, ୨୩।୩(ସମିସ):** ଜନୈକ ବ୍ୟକ୍ତି ନିଜ ଘରକୁ ଲାଗିଥିବା ନଡିଆ ଗଛକୁ କାଟିବା ପାଇଁ ତହସିଲ ଅଫିସ୍ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ ସୁଫଳ କିଛି ମିଳିପାରୁନାହିଁ। ଘଟଣା ରୁ ପ୍ରକାଶ ଯେ, ବିଂଝାରପୁର ତହସିଲ ସ୍ଥିତ ଅଳକୁଣ୍ଡ ଥାନା ଅନ୍ତର୍ଗତ ପ୍ରୀତିପୁର ଗ୍ରାମର ମଣିଭଦ୍ର ପାତ୍ର ପୁରୁଷାନୁକ୍ରମେ ରହି ଆସୁଛନ୍ତି। ତାଙ୍କ କୋଠା ଘରକୁ ଲାଗି ଦୁଇଟି ନଡ଼ିଆ ଗଛ ଓ ଏକ ଚାକୁଣ୍ଡା ଗଛ ରହିଛି। ଗଛ ଗୁଡ଼ିକ ମୂଳରେ ପୋକ ଲାଗି ଖୋଲ ହୋଇଯାଇଛି। କିନ୍ତୁ ସେ ଗଛଗୁଡ଼ିକୁ କାଟିବାକୁ ଯିବାରୁ ପଡୋଶୀ ପର୍ଶୁ ପାତ୍ର ବିରୋଧ କରୁଛନ୍ତି। ବାରମ୍ବାର ଗଛ କାଟିବା ଲୋକଙ୍କୁ ଫେରାଇ ଦେଉଛନ୍ତି। ଏ ସମ୍ପର୍କରେ ଅଳକୁଣ୍ଡ ଥାନାରେ ମନିଭଦ୍ର ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସମାଧାନ କରିବାକୁ ଚାହିଁଥିଲେ। ପାର୍ଟିସନ୍ ଆଳ କରି ପର୍ଶୁ ଖସି ଆସିଥିଲେ। ମଣିଭଦ୍ର ଅନୁମତି ପାଇଁ ବନବିଭାଗ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଉପଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। କିନ୍ତୁ ଚାରିମାସ ହୋଇଗଲାଣି ଉପଜିଲ୍ଲାପାଳ ଅନୁପସ୍ଥିତ କାରଣରୁ ଏହା ଗଡ଼ିଗଡ଼ି ଚାଲିଛି। ଏଣେ ଡରିଡରି ବିପଦ ପୂର୍ଣ୍ଣ ଘରେ ମଣିଭଦ୍ର ରହୁଛନ୍ତି। ଯଦି ପବନରେ ଗଛ ଗୁଡ଼ିକ ଭାଙ୍ଗି ଯାଏ ଜୀବନ ହାନି ହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ମଣିଭଦ୍ର କହିଛନ୍ତି।

## ସହିଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ବ୍ୟାସନଗର, ୨୪।୩(ସମିସ):** ସହିଦ ଭଗତ ସିଂ, ରାଜଗୁରୁ, ସୁଖଦେବଙ୍କ ୯୫ତମ ଫାଶୀ ଦିବସ ପାଳନ ଅବସରରେ ସ୍ଥାନୀୟ ଗୁଗୁଲ୍ ମଣ୍ଡପ ଠାରେ ବ୍ୟାସନଗର ଅଞ୍ଚଳର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସହିଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସଂଘର ସ୍ଥାୟୀ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ଧଳ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଅଧକ୍ଷା ସବିତା ରାଉତ, ସୌମ୍ୟରଞ୍ଜନ ଧଳ, ବ୍ୟଙ୍ଗକବି ବାଇଧର ମାଝୀ, ରମ୍ୟରଞ୍ଜନ ପୁହାଣ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ସମାଜସେବୀ ନରେଶ ମସ୍କରା, ବିଜେପି ନେତା ପ୍ରସନ୍ନ ସାମଲ, ବରିଷ୍ଠ ସାମ୍ବାଦିକ ଡ. ଚିନ୍ତାମଣି ପାଢ଼ୀ, ସମାଜସେବୀ ଚନ୍ଦ୍ରମଣି ସାମଲ, ନାରାୟଣ ଚନ୍ଦ୍ର ନାୟକ, ଅଶୋକ ଦାସ ଆଦି ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୨୬ ଜଣ ରକ୍ତ ଦାତା ରକ୍ତଦାନ କରିଥିଲେ। ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲଡ ବ୍ୟାଙ୍କ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଦ୍ୱିତୀୟ ଅଧିବେସନରେ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ପରିବହନ ଆୟୁକ୍ତ ପିୟୁଷକାନ୍ତ ପାଣି, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, କାହ୍ନୁଚରଣ ମହାବିଦ୍ୟାଳୟ ଅଧକ୍ଷ ଡ. ମୋହନଚରଣ ଖୁଣ୍ଟିଆ, ସମାଜସେବୀ ନରେଶ ମସ୍କରା, ସମାଜସେବୀ ସୌମ୍ୟରଞ୍ଜନ ଧଳ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ଶ୍ରମିକ ନେତା ଚନ୍ଦ୍ରମଣି ସାମଲ ଯୋଗଦେଇଥିଲେ। ସଂଘର ସଭ୍ୟ ଦୀପକ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ହେମନ୍ତ କୁମାର ଧୀର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସଭାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମରଣୋତ୍ତର ସମ୍ମାନ ଢେଙ୍କାନାଳର ବିପ୍ଳବୀ ସହିଦ ବାଜି ରାଉତ ପରିବାରଙ୍କୁ ଦିଆଯାଇଥିବା ବେଳେ ଶ୍ରେଷ୍ଠ ଶ୍ରେଷ୍ଠ ସମାଜସେବୀ ଭୁବନେଶ୍ୱରର ଗଗନ ପଇଟାଳ, ରଞ୍ଜିତ ବେହେରା, ଶ୍ରେଷ୍ଠ ଶବ ଦାହିକା ଭାବେ ମଧୁସ୍ମିତା ପୃଷ୍ଟି, ଶ୍ରେଷ୍ଠ ସାମ୍ବାଦିକ ଭାବେ ବ୍ୟାସନଗରର ବରିଷ୍ଠ ସାମ୍ବାଦିକ ଉମାକାନ୍ତ ରାଉତ, ବୈଦୁତିକ ଗଣମାଧ୍ୟମ ନନ୍ଦିଘୋଷ ଟିଭିର ବ୍ୟାସନଗର ପ୍ରତିନିଧି ବିକ୍ରମ କେଶରୀ ସାହୁ, ଆମ୍ବୁଲାନ୍ସ ସେବକ ପଦ୍ମଲୋଚନ ମହାରଣା, ସମାଜସେବା ଅନୁଷ୍ଠାନ ବିଶ୍ୱାସ ପରିବାର କୋରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ସଙ୍ଗୀତ, ବକ୍ତୃତା ଓ ନୃତ୍ୟରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ସଂଘର କାର୍ଯ୍ୟକାରୀ ସଭାପତି ରମେଶ ବିଶ୍ୱାଳ ମଞ୍ଚପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ହେମନ୍ତ କୁମାର ନାୟକ, ଅସିତ୍ ଦାସ, ସାହିଲ୍ ବୋଇତାଇ, ଆଶିଷ ମଲ୍ଲିକ, ମାନସ ରାଉତ, ଶଶାଙ୍କ ବ୍ରହ୍ମ, ଭାଗିରଥୀ ବାରିକ, ତପନ ବାରିକ, ତପନ ସିଂ, ବିଜୟ ନନ୍ଦୀ, , ଜନ୍ମେଜୟ ରାଉତ, ସୁଦର୍ଶନ ମଲ୍ଲିକ, ଶିବାନନ୍ଦ ଦାସ, ମନୋଜ ଦାସ, ପରେଶ ଦାସ, ମାଣିକ ଗାଗରାଇ, ପ୍ରମୋଦ ମଲ୍ଲିକ, ସୋମ୍ୟ ଓଝା ସାହାଯ୍ୟ କରିଥିଲେ। ସଭ୍ୟ ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।



## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ମଙ୍ଗଳପୁର, ୨୪।୩(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ (୬୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ସତ୍ୟଜିତ ନାୟକ ମୁଖାଗ୍ନି ଦେଇଥିଲେ। ସେ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ବେଳେ ସେହି ବିଦ୍ୟାଳୟରେ ଶିକ୍ଷକତା ଚାକିରି ଆରମ୍ଭ କରି ମଧ୍ୟ ସେଠାରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ଦାସ, ବରିଷ୍ଠ ଶିକ୍ଷକ ପ୍ରଜାପତି ରାଉତ, ଅବସରପ୍ରାପ୍ତ କିରାଣି ସଚ୍ଚିଦାନନ୍ଦ ନାୟକ, କର୍ମଚାରୀ ଅଶୋକ ବେହେରା, ଅବସରପ୍ରାପ୍ତ କର୍ମଚାରୀ ଗୋଲକ ବାରିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୀତବାସ ବେହୁରିଆ, ଶରତ ଚନ୍ଦ୍ର ନାୟକ, ଶଶଧର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି, ବର୍ତ୍ତମାନର ପ୍ରଧାନ ଶିକ୍ଷୟତ୍ରୀ ଝୁନୁପ୍ରିୟା ସାମଲ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନିରୋଦ କୁମାର ରାୟ, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ପୂର୍ବତନ ଛାତ୍ର ଡ. ବିଜୟୀପାର୍ଥ ରାୟ, ଜୟପ୍ରକାଶ ନାୟକ, ଦୁଷ୍ମନ୍ତ କୁମାର ନାୟକ, ପ୍ରିୟବ୍ରତ ବିଶ୍ୱାଳ, ଗଙ୍ଗାଧର ଯେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ଦିବସ

**ପ୍ରୀତିପୁର, ୨୪।୩ (ସମିସ):** ଯକ୍ଷ୍ମା ରୋଗର ନିରାକରଣ ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମୌଳିକ ଲକ୍ଷ୍ୟକୁ ଜନକୈନ୍ଦ୍ରିକ କରିବା ପାଇଁ ଏହାର ପ୍ରଚାର, ପ୍ରସାର କାର୍ଯ୍ୟକୁ ଯକ୍ଷ୍ମା ଦିବସ ପାଳନର ଏକମାସ ପୂର୍ବରୁ ବିଞ୍ଝାରପୁର ବ୍ଲକର ସମସ୍ତ ପଞ୍ଚାୟତ ଅଞ୍ଚଳରେ ଡାକବାଜି ଦ୍ୱାରା ବ୍ୟାପକ ପ୍ରଚାର କାର୍ଯ୍ୟ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। ଆଜି ଯକ୍ଷ୍ମା ଦିବସ ପାଳନ ଅବସରରେ ରଘୁନାଥପୁର (ସୟଦପୁର) ସ୍ଥିତ ଭଗବତୀ ସ୍କୁଲ ଅଫ ନର୍ସିଂର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.କ୍ଷିତିଶ କୁମାର ନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭଗବତୀ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷ ଭାଗ୍ୟଶ୍ରୀ ପଣ୍ଡା, ସିଏଚଓ ସ୍ନିଗ୍ଧା ସୋନାଲୀ ଦାସ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଆର୍ଏନ୍ ପଣ୍ଡା ଓ ତାଜଉଦ୍ଦିନ ଖାଁ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ତୃଣମୂଳ ସ୍ତରରେ ଲୋକାଭିମୁଖୀ କରିବା ସରକାରଙ୍କର ଲକ୍ଷ୍ୟ ବୋଲି ଏସ୍‌ଟିଏସ୍ ଶୀତିକଣ୍ଠ ମିଶ୍ର ଆୟୋଜିତ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ।

### ପରୀକ୍ଷା ତାରିଖ ଘୁଞ୍ଚାଇବା ଦାବି

## ମହିଳା ମହାବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀ

ବ୍ୟାସନଗର, ୨୪।୩(ସମିସ)




ବ୍ୟାସନଗର ସହରର ଏକମାତ୍ର ମହିଳା ମହାବିଦ୍ୟାଳୟ ଦଳା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଗେଟ୍ ସମ୍ମୁଖରେ ମଙ୍ଗଳବାର ପାଠ୍ୟକ୍ରମ ବିଷୟ ନ ମାରି ଶୀଘ୍ର ପରୀକ୍ଷା କରାଯିବା ନେଇ ଶତାଧିକ ଯୁକ୍ତ ୩ ଛାତ୍ରୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ହେବ ଏହି ମହାବିଦ୍ୟାଳୟରେ ଆବଶ୍ୟକୀୟ ପାଠ୍ୟକ୍ରମ ଶେଷ ହୋଇନଥିବା ବେଳେ ପରୀକ୍ଷା କରାଯାଉଥିବାରୁ ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଯୁକ୍ତ ୩ ଅଧକ୍ଷ ରତ୍ନାକର ଜେନାଙ୍କୁ ଅବଗତ କରିଥିଲେ। ମାତ୍ର ଏହାକୁ ନେଇ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ କିଛି ନିଷ୍କର୍ଷ ବାହାରି ନ ପାରିବାରୁ ବାଧ୍ୟ ହୋଇ କଲେଜ ମୁଖ୍ୟ ଗେଟ୍ ସମ୍ମୁଖରେ ଛାତ୍ରୀମାନେ ଧାରଣାରେ ବସିବା ସହିତ ଗେଟ୍‌ରେ ତାଲା ପକାଇ ଦେଇଥିଲେ।

ସୂଚନା ଅନୁଯାୟୀ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ପାଠପଢ଼ା ସଠିକ୍ ସମୟରେ ଶେଷ ହୋଇନାହିଁ। ଏପରିକି ଗତ କିଛି ଦିନ ତଳେ ଉକ୍ତ ପାଠ୍ୟକ୍ରମର ବହି ମିଳିଥିବା ବେଳେ କିପରି ଅପ୍ରେଲ ୭ ତାରିଖରେ ପରୀକ୍ଷା ଦେବୁ ବୋଲି ଅଭିଯୋଗ କରିଛନ୍ତି ଛାତ୍ରୀମାନେ। ସେହିପରି ଏହି କଲେଜର କିଛି ଅଧ୍ୟାପିକା/ଅଧ୍ୟାପକ ଯେଉଁ ଛାତ୍ରୀଙ୍କ ଉପରେ ପ୍ରସନ୍ନ ହେଉଛନ୍ତି ତାଙ୍କ ବ୍ୟାକ୍‌ପେପର କ୍ଲିୟର କରିଦେଉଛନ୍ତି। ବାକି ଛାତ୍ରୀଙ୍କୁ ହଇରାଣ କରୁଥିବା ମଧ୍ୟ ଆନ୍ଦୋଳନରତ ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ୪୦ ଶତକଡ଼ାରୁ ଅଧିକ ନମ୍ବର ରଖିଲେ ବ୍ୟାକ କ୍ଲିୟର ହେବାର ନିୟମ ରହିଥିବା ୭୫ ଶତକଡା ନମ୍ବର ରଖିବା ପରେ କିଛି ଛାତ୍ରୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ୬ ମାସରେ ଥରେ ସେମିଷ୍ଟର ପରୀକ୍ଷା ହେବାକୁ ରହିଥିବା ବେଳେ ୨ ମାସରେ କଲେ ଆମେ କ'ଣ ପାଠ ପଢ଼ି ପରୀକ୍ଷା ଦେବୁ ବୋଲି ଅନେକ ଛାତ୍ରୀ ଯୁକ୍ତି ବାଢ଼ିଛନ୍ତି। ଏପରିକି ୧ମ ସେମିଷ୍ଟର ପରୀକ୍ଷାର ଫଳାଫଳ ଆସିନଥିବା ବେଳେ ୨ୟ ସେମିଷ୍ଟର ପରୀକ୍ଷା କିପରି କରାଯାଉଛି ବୋଲି ଅନେକ ଛାତ୍ରୀ ଅଭିଯୋଗ କରିଛନ୍ତି। ସାଧାରଣତଃ କଲେଜ ଟାଇମ ଅନୁସାରେ ଲାଇବ୍ରେରୀ ଖୋଲିବା ନିୟମ ରହିଥିବା ବେଳେ ମନଇଚ୍ଛା ୨ଟା ବେଳେ ଖୋଲି ଭୋକ ହେଲାଣି ବାହାନା କରି ବନ୍ଦ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏପରିକି କଲେଜ ଲାଇବ୍ରେରୀରେ ଅନେକ ବହି ନଥିବା ବେଳେ କିପରି ପାଠ ପଢ଼ିବୁ ବୋଲି ଛାତ୍ରୀମାନେ ଅଧକ୍ଷଙ୍କୁ ପ୍ରଶ୍ନ କରୁଥିଲେ ମଧ୍ୟ ଅଧକ୍ଷ ନିରବ ରହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଛାତ୍ରୀମାନେ ଧାରଣାରେ ବସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଫଟୋ ଉଠାଇବା ସମୟରେ କଲେଜରେ ପରୀକ୍ଷା ନିୟନ୍ତ୍ରିକା ଭାବେ କାର୍ଯ୍ୟରତ ସସ୍ମିତା ଆଚାର୍ଯ୍ୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଫଟୋ ନ ଉଠାଇବାକୁ ଧମକ ଦେଇଥିଲେ। ଏପରିକି ଛାତ୍ରୀମାନଙ୍କ ଉପରେ ରୋଷ କରିବା ସହିତ 'ତୁମ କଥା ପରେ ବୁଝାଯିବ' ବୋଲି ଧମକ ଦେଇଥିଲେ। କଲେଜରେ ପାଠପଢ଼ା ଏବଂ ପରୀକ୍ଷା ଆଳରେ ଅନେକ ଦୁର୍ନୀତି ହେଉଥିବା ଛାତ୍ରୀମାନେ ପରୋକ୍ଷରେ ସୂଚନା ଦେଇଛନ୍ତି। ଏହି ମହାବିଦ୍ୟାଳୟରେ ବ୍ୟାକ୍‌ପେପର ଫି' ୫୦ ଟଙ୍କା ବଦଳରେ ୪୫୦ ଟଙ୍କା, ଫର୍ମପୂରଣ ଏବଂ ରିଆଡମିଶନ୍‌ରେ ଅତ୍ୟଧିକ ଅର୍ଥ ଦାବି କରାଯାଉଛି। ଏହାବାଦ୍ ଅନ୍ୟ ଏକ ୯୦୦ ଟଙ୍କା ପିଲାମାନଙ୍କ ନିକଟରୁ ଆଦାୟ କରାଯାଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ପାଠ୍ୟକ୍ରମ ସିଲାବସ ବଦଳିବା ପରେ ସିଲାବସ ଆସିବା ନେଇ ବିଳମ୍ବ କରାଯିବା ଏବଂ ସିଲାବସ ଆସିବା ପରେ ୧୦ ଦିନ ପରେ ପରୀକ୍ଷା କରାଯାଉଛି। ଏପରିକି ଅପ୍ରେଲ ମାସ ୭ ତାରିଖରେ ପରୀକ୍ଷା ହେବାକୁ ଥିବା ବେଳେ ଇଣ୍ଟର୍ଣ୍ଣସିପ୍ ପେପର ବିଷୟରେ ଏଯାଏଁ ଛାତ୍ରୀମାନେ ଅଜ୍ଞ ରହିଛନ୍ତି। ଏପରିକି ସେମିଷ୍ଟର ପୂର୍ବରୁ ଇଣ୍ଟରନାଲ ପରୀକ୍ଷା କରାଯାଉଥିବା ବେଳେ ଦିନକୁ ଗୋଟିଏ ବଦଳରେ ୨ଟି ପରୀକ୍ଷା ରଖି ପରୋକ୍ଷରେ ଛାତ୍ରୀମାନଙ୍କୁ ମାନସିକ ଚାପ ଦିଆଯାଉଛି। ସରକାର ବହି ଦେଉନଥିବା ଆଳ କରି ଛାତ୍ରୀମାନଙ୍କୁ ଲାଇବ୍ରେରୀରେ ବହି ଦିଆଯାଉନାହିଁ। ଏନେଇ ଯୁକ୍ତ ୩ କଲେଜ ଅଧକ୍ଷ ରତ୍ନାକର ଜେନାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଏହା ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଅଧୀନରେ ରହିଛି। ତେବେ ପିଲାମାନେ ଏନେଇ ଅଭିଯୋଗ କରିବା ପରେ ମୁଁ ଗତ ୧୯ ମାର୍ଚ୍ଚରେ ଏନେଇ ଚିଠି କରିଥିବା ବେଳେ ଏନେଇ କିଛି ଉତ୍ତର ମିଳିନଥିବା କହି ପରୀକ୍ଷା ନିୟନ୍ତ୍ରକଙ୍କ ମୁଣ୍ଡରେ ସମସ୍ତ ଦୋଷ ଲଦି ଏକପ୍ରକାର ଦୋଷଛଡା ହେବାକୁ ଚେଷ୍ଟା କରିଛନ୍ତି। ତେବେ ପ୍ରାୟ ୨ ଘଣ୍ଟା ଆନ୍ଦୋଳନ ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଏହି ଆନ୍ଦୋଳନରେ ଉଭୟ ବ୍ୟାଚ୍‌ର ଶତାଧିକ ଛାତ୍ରୀ ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

- ୬ ମାସ ବଦଳରେ ୨ ମାସରେ ହେଉଛି ସେମିଷ୍ଟର ପରୀକ୍ଷା
- ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଇଲେ ପରୀକ୍ଷା ନିୟନ୍ତ୍ରିକା
- ଇଣ୍ଟର୍ଣ୍ଣସିପ୍ ପେପର ବିଷୟରେ ଏବେବି ଛାତ୍ରୀମାନେ ଅଜ୍ଞ


**TPNODL** TP NORTHERN ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP NORTHERN ODISHA DISTRIBUTION LIMITED**
Regd. /Corporate Office: Januganj, Remuna Golei, Balasore – 756 019, Odisha, India
Website: www.tpnodl.com I Email: ceooffice@tpnodl.com
Corporate Identification Number (CIN): U40109OR2021PLC035951 I Telephone No. 06782 244336

**OPEN ACCESS CHARGES NOTIFICATION**

**Surcharge, Wheeling Charge & Transmission Charge for HT & EHT Open Access Consumers 1MW & above and for LT Green Energy Open Access Consumers of 100 kW and above.**

**EFFECTIVE FROM 1st April, 2026**

In exercise of the powers conferred under Sections 39,40 and 42 of the Electricity Act, 2003 read with the provisions of OERC (Terms and Conditions of Intra State Open Access) Regulations, 2020, the Odisha Electricity Regulatory Commission has passed Common Order on 24.03.2026 in Case Nos. 137, 126, 130, 134, 138, 127, 131,135 of 2025 with regard to approval of Open Access Charges (Transmission/wheeling Charges, Surcharge and Additional Surcharge) applicable to Open Access customers at HT EHT level and Green Energy Open Access customers at LT level for use of Intra-state transmission/ distribution system which shall be effective from **1st April, 2026.**

1. The wheeling charge and surcharge as indicated in Table below shall be applicable **w.e.f. 01.04.2026.**

**Surcharge, Wheeling Charge & Transmission Charge for HT & EHT Open Access Consumers of 1MW & above and for LT Green Energy Open Access Consumers of 100 kW and above**

| Name of the licensee | Cross Subsidy Surcharge (P/U) | | | Wheeling Charge P/U applicable to HT & LT Consumers | Transmission Charges for Open Access Customer (applicable for HT & EHT Consumers) |
|---|---|---|---|---|---|
| | EHT | HT | LT | | |
| TPCODL | 151.83 | 56.42 | 112.90 | 116.56 | The Open Access customer availing Open Access shall pay Rs.5760/MW-day (Rs.240/MWh) as transmission charges. |
| TPNODL | 142.73 | 1.63 | 34.39 | 180.86 | |
| TPWODL | 118.23 | 17.26 | 24.49 | 120.90 | |
| TPSODL | 250.53 | 106.02 | 140.34 | 197.32 | |

2. The normative transmission loss at EHT (3.0%) and normative wheeling loss for HT level (7.0%) are applicable for the year 2026-27.
3. Additional Surcharge: No additional surcharge over and above the Cross-Subsidy Surcharge needs to be paid to the embedded licensee.
4. The Consumers availing renewable power through Open Access shall have to pay the transmission charge, wheeling charge and cross subsidy surcharge as applicable to Consumers availing conventional power.

**Exemption under Odisha renewable Energy Policy 2022:**
(1) Fifty percent (50%) of Cross-subsidy surcharge are payable by the Open Access Consumers, on consumption of energy from RE projects commissioned in the State during the policy period for fifteen (15) years.
(2) No Cross-subsidy surcharge are payable by the Industries in the State availing Renewable power from GRIDCO (with GRIDCO acting as a demand aggregator).
(3) 25% exemption on Wheeling Charges shall be provided to Captive / Open Access Consumers on consumption of energy from RE projects commissioned in the state during the during the RE Policy period for Fifteen (15) years.
(4) OPTCL shall provide exemption of twenty (20) paise per unit on STU (Transmission) charges to captive/open access Consumers on consumption of energy from RE projects commissioned in the State during the policy period for fifteen (15) years. This exemption shall be extended for five (5) more years in case of projects commissioned before 31.03.2026.
(5) No Cross Subsidy surcharge and wheeling charge shall be levied on purchase of power by EV charging stations through Open Access from renewable energy plants located in Odisha for 10 years.
These charges as notified for the FY 2026-27 will remain in force until further order.
For the information of the General Public and interested persons, the Commission hereby publishes the charges as would be applicable for all classes of consumers at HT & EHT. The said order shall be available in the Commissions website www.orierc.org as well as in the website of the Distribution Licensee www.tpnodl.com.

Place: Balasore
Dated: 24.03.2026
**Chief Executive Officer**

● ଘନଉଛି ଗ୍ୟାସ୍ ସଙ୍କଟ

# ହୋଟେଲ ମାଲିକଙ୍କୁ କାଠ ଭରସା

କୋରାପୁଟ,୨୪।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସାରା ଦେଶରେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ କୋରାପୁଟ ଜିଲ୍ଲାରେ ଗ୍ୟାସ ସମସ୍ୟା ଉତ୍କଟ ରୂପ ନେଇଛି । ଅର୍ଦ୍ଧାଧିକ ହୋଟେଲ, ଫାଷ୍ଟ ଫୁଡ ସେଣ୍ଟର ଏବଂ ଛୋଟ ଛୋଟ ଜଳଖିଆ ଦୋକାନ ବନ୍ଦ ହେଇ ସାରିଥିବା ବେଳେ ଆଉ କିଛି ହାତ ଗଣତି ହୋଟେଲ କାଠ ଯୋଗାଡ଼ କରି ବେପାର ଚଳେଇଛନ୍ତି । ହୋଟେଲ ରେଷ୍ଟୁରାଣ୍ଟ ବନ୍ଦ ହେବାରୁ ଜିଲ୍ଲାରେ ପ୍ରାୟ ୨୦ ହଜାର ପରିବାର ପ୍ରତ୍ୟକ୍ଷ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି । କେତେକ ହୋଟେଲ କାଠ ଚୁଲା ଉପରେ ଭରସା କରି ବ୍ୟବସାୟ କରୁଛନ୍ତି । କାଠ ଚୁଲିରେ ସମୟ ଅଧିକ ନେଉଥିବାରୁ ଖାଦ୍ୟ ଆଇଟମ ସଂଖ୍ୟା କମାଇବାକୁ ପଡୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି । ହୋଟେଲରେ କାର୍ଯ୍ୟକରୁଥିବା ଲୋକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ହୋଟେଲ ବନ୍ଦ ନ କରି କାଠ ଚୁଲା ଉପରେ ନିର୍ଭର କରିବାକୁ ପଡୁଛି ବୋଲି ହୋଟେଲ ମାଲିକ ପ୍ରତାପ କୁମାର ସାହୁ କହିଛନ୍ତି । କାଠ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କାରେ କ୍ରୟ କରିବାକୁ ପଡୁଛି ବୋଲି ସେ କହିଛନ୍ତି । ଗ୍ୟାସ ନ ଥିବା ସତ୍ୱେ ଖାଦ୍ୟ ଦର ପୂର୍ବଭଳି ରଖାଯାଇଥିବା ସେ କହିଛନ୍ତି । କୋରାପୁଟ ସହରର କିଛି ହୋଟେଲ ମଙ୍ଗଳବାର ଠାରୁ ବନ୍ଦ ରହିବ ବୋଲି କୁହାଯାଉଛି । କମର୍ସିଆଲ ଗ୍ୟାସ ମିଳୁ ନ ଥିବାରୁ ଏବଂ ଘରୋଇ ଗ୍ୟାସ ମିଳିବାରେ ବିଳମ୍ବ ହେଉଥିବାରୁ ଅନେକ ଜଳଖିଆ ଦୋକାନ ସଂକଟରେ ପଡ଼ିଥିବା ଦେଖିବାକୁ ମିଳିଛି । ଦେଶ୍ରୁ ସରକାର ଯଦି ଗ୍ୟାସ ସଙ୍କଟ ଦୂର କରିବାରେ ଗୁରୁତ୍ୱ ନଦିଅନ୍ତି ତାହେଲେ ଆସନ୍ତା ଦିନରେ ଗ୍ୟାସ ସମସ୍ୟା ଉଗ୍ର ରୂପ ନେବା ସହ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଉଛି ।



# ମା' ଭଣ୍ଡାରଘରଣୀ, ମା' ବୁଢ଼ି ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ

ନବରଙ୍ଗପୁର,୨୪।୩(ସମିସ): ନବରଙ୍ଗପୁର ଠାରେ ଆରମ୍ଭ ହୋଇଯାଇଛି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ଏବଂ ମା' ବୁଢ଼ି ଠାକୁରାଣୀଙ୍କ ପ୍ରସିଦ୍ଧ ନବ ଦିନାତ୍ମକ ଘଟଯାତ୍ରା ବା ଘଟପର୍ବ । ଚୈତ୍ର ପ୍ରତିପଦା ତିଥି ଅର୍ଥାତ ମା'ଙ୍କ ଚୈତ୍ର ବାସନ୍ତୀକ ନବରାତ୍ରି ଯେଉଁ ଦିନ ଆରମ୍ଭ ହୋଇଥାଏ, ତାର ପରବର୍ତୀ ସମୟରେ ଯେଉଁ ପ୍ରଥମ ସୋମବାର ପଡ଼ିଥାଏ, ସେହି ଦିନ ରାତ୍ର ଠାରୁ ମାଁଙ୍କ ଏହି ଘଟ ଯାତ୍ରା ପର୍ବ ଆରମ୍ଭ ହେଉଥିବାର ନବରଙ୍ଗପୁର ଠାରେ ବହୁ ପୁରାତନ କାଳରୁ ଚାଲି ଆସୁଛି । ସେଥିପାଇଁ ସୋମବାର ରାତ୍ର ଠାରୁ ଏହି ମାଁ ଘଟଯାତ୍ରା ପର୍ବ ଆରମ୍ଭ ହେଉଛି । ଏହି ଯାତ୍ରାରେ ନଅ ଦିନ ୪ଟି ଘଟ ସାମିଲ ହୋଇଥାନ୍ତି ପ୍ରଥମ ଘଟହାଣ୍ଡି ମାଁ ବୁଢ଼ୀ ଠାକୁରାଣୀଙ୍କ ହୋଇଥିବା ବେଳେ ଦ୍ୱିତୀୟ ଘଟହାଣ୍ଡି ମାଁ ଭଣ୍ଡାର ଘରଣୀ ତୃତୀୟ ଘଟହାଣ୍ଡି ମାଉଲି ମାଁ ଏବଂ ଚତୁର୍ଥ ଘଟହାଣ୍ଡି ମାଁ ପରଦେଶୀ କନକ ଦୁର୍ଗା ଏହି ଯାତ୍ରାରେ ସାମିଲ ହୋଇଥାନ୍ତି । ଏହା ବ୍ୟତୀତ ଏହି ଯାତ୍ରାରେ ମାଁ'ଙ୍କ ଦୁଇଟି ଲାଠି , ଗୋଟିଏ ଛତ୍ର, ଗୋଟିଏ ହଳଦୀ କଳସ ଏବଂ ଗୋଟିଏ ଫୁଲ ଚାଙ୍ଗୁଡ଼ି ଏହି ଭଳି ମୋଟ ୯ ଜଣ ଦେବୀ ସାମିଲ ହୋଇ ସହର ପରିକ୍ରମା କରିଥାନ୍ତି । ଏହି ଘଟ ଯାତ୍ରା ପର୍ବ ସୋମବାର ରାତ୍ର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ଅର୍ଥାତ୍ ଚଳିତ ବର୍ଷ ଚୈତ୍ର ଶେଷ ମଙ୍ଗଳବାର ରାତ୍ର ପର୍ଯ୍ୟନ୍ତ ପ୍ରାୟ ୯ଦିନ ଧରି ଚାଲିବ । ଏହି ଯାତ୍ରାର ପ୍ରଥମ ଦିବସର ସନ୍ଧ୍ୟାରେ ମାଁ ବୁଢ଼ି ଠାକୁରାଣୀ ଭଣ୍ଡାର ଘରଣୀ ମନ୍ଦିର ପହଞ୍ଚି ଶୃଙ୍ଗାର ନୀତି ସରିବା ପରେ ମନ୍ଦିରକୁ ପୁଣି ଫେରି ସେଠାରୁ ପୁର୍ବବାର ପାରମ୍ପରିକ ବାଜା ବାଜଣା ଘଣ୍ଟ ମହୁରି କାହାଳୀ ଓ ତାରି ଆଦେ ଧୁମଧାମ ପରିବେଶରେ ଭକ୍ତଙ୍କ ଗହଳରେ ୯ଜଣ ଦେବୀ ସହର ପରିକ୍ରମା କରିଥାନ୍ତି । ଏହି ଅବସରରେ ସହରର ମାଁ ଙ୍କ ପ୍ରତ୍ୟେକ ଭକ୍ତ ଙ୍କ ଦୁଃଖ ବୁଝିବା ପାଇଁ ଘର ନିକଟକୁ ଯାଇଥାଆନ୍ତି ମାଁ । ପ୍ରଥମ ଦିନ ଠାରୁ ଶେଷ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମାଁ ଙ୍କ ଏହି ସହର ପରିକ୍ରମା ଆରମ୍ଭରେ ପୂର୍ବ ପରମ୍ପରା ଅନୁଯାୟୀ ପ୍ରଥମେ ରାଜା ଘରକୁ ଯାଇ ପ୍ରଥମ ଭୋଗ ଖାଇବା ପରେ ଆରମ୍ଭ କରିଥାନ୍ତି ମା'ଙ୍କ ସହର ପରିକ୍ରମା । ଶେଷ ଦିବସର ପୂର୍ବଦିନ ମାଁ ଙ୍କ ନିଜ ମାଁ ଘର ଦଣ୍ଡାସୀ ସାହି ପରିକ୍ରମା ପରେ ଫେରିବା ବାଟରେ ହାଟକୁଲା ନୀତି ଅନୁଷ୍ଠିତ ହୋଇଥାଏ । ଏହାପରେ ଶେଷ ଅର୍ଥାତ୍ ୩୧ ତାରିଖ ଦିନ ବଡି ଭୋର ହୋଇଯାଏ ମାଁ ମନ୍ଦିର ଫେରିବା ବେଳକୁ । ମନ୍ଦିରକୁ ଫେରି ବିଶ୍ରାମ ନେବା ପରେ ସନ୍ଧ୍ୟା ୬ଘଣ୍ଟା ସମୟରେ ମାଁ ପୁଣିଥରେ ଈଶ୍ୱର ମନ୍ଦିର ସାହି ରାଜୁସାହି ଦେଇ ପ୍ରଥମେ ଭୋଗ ଖାଇ ସହର ପରିକ୍ରମାରେ ଯାଇ ସନ୍ଧିଭଙ୍ଗାରେ ପହଞ୍ଚିବା ପରେ ସେଠାରେ ସମସ୍ତ ପୂଜା ନୀତି କାନ୍ତି ସାରିବା ପରେ ଘଟ ବିସର୍ଜନ କରାଯାଇଥାଏ । ଏହି ମାଁଙ୍କ ନବ ଦିନାତ୍ମକ ଘଟ ଯାତ୍ରାର ସମସ୍ତ ନୀତି କାନ୍ତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ମାଁ ଭଣ୍ଡାର ଘରଣୀ ଏବଂ ମାଁ ବୁଢ଼ି ଠାକୁରାଣୀ ମନ୍ଦିର ମୁଖ୍ୟ ପୂଜକ ବାବୁନ୍ ରଥ, ରାଜୀବ ଲୋଚନ ପୁଜାରୀ ଏବଂ କୃଷ୍ଣ ପୂଜାରୀ ପୂଜାର ସମସ୍ତ ନୀତିକାନ୍ତି ହୋଇଥିବା ବେଳେ ଏହି ନବ ଦିନାତ୍ମକ ଯାତ୍ରାରେ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ପରିଚାଳନା କମିଟି, ମାଁ ଭଣ୍ଡାର ଘରଣୀ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ନବରଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ ବହୁ ମହିଳା ଏବଂ ପୁରୁଷ ପୋଲିସ କର୍ମଚାରୀ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥାନ୍ତି ।



# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ପଦ୍ମପୁର,୨୪।୩(ସମିସ): ରାୟଗଡ଼ା ଜିଲ୍ଲାପାଳ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ରାୟଗଡ଼ା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପଦ୍ମପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନିଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗଗୋଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ଆଚାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବ୍ଲକ ଖାଉଟି ବିଭାଗ ଅଧିକାରୀ ଆମର ଶବର, ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ସ୍ମିଗ୍ଧାମୟୀ ବାରିକ, କନିଷ୍ଠ ସହାୟକ ପ୍ରଭାତ କୁମାର ଶବର, ପି.ଏ ସୁଚିତ ଆନନ୍ଦ ତ୍ରିପାଠୀ ତଥା ସମସ୍ତ କର୍ମଚାରୀ ଓ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥ, ପଦ୍ମପୁର ଭିନ୍ନକ୍ଷମ ମହାସଂଘର ସଭାପତି ଭଗବାନ ସାହୁ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ ଓ ଚଳା ପାଣି ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ୨୧୯ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୮ ଜଣ ଭିନ୍ନକ୍ଷମ ଶିଶୁଙ୍କୁ ସି.ପି ଚୌକି , ଜଣଙ୍କୁ ଚକ ଲଗା ଚୌକି, ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଗଲା । ଏତଦବ୍ୟତୀତ, ୩ ଜଣଙ୍କ ଡିଆରଆଇ ଋଣ ଫର୍ମ, ୧୩ଟି ବର୍ଦ୍ଧିତ ଭତ୍ତା, ୧୯ ଜଣଙ୍କ ମଧୁବାବୁ ଭତ୍ତା ଫର୍ମ ଓ ୪ ଜଣଙ୍କ ବସ ପାସ ଫର୍ମ ସଂଗ୍ରହ କରାଯାଇଛି । ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ । ଶିବିରରେ ୯୬ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିରୋଗ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି ।

# ୧୫ ବର୍ଷ ପରେ ନିଖୋଜ ପୁଅ ଘରକୁ ଫେରିଲା

ନବରଙ୍ଗପୁର,୨୪।୩(ସମିସ): ଦୀର୍ଘ ୧୫ ବର୍ଷ ତଳେ ଘରୁ ପଳାଇଥିଲେ । ସେତେବେଳେ ସେ ନାବାଳକ ଥିଲେ । ପୁଅ ଫେରିବା ବାଟକୁ ଚାହିଁଚାହିଁ ବାପା ଆରପାରିକୁ ଚାଲିଗଲେଣି । ମା', ଭଉଣୀ ଓ ଭାଇ ତାଙ୍କ ଆସିବା ବାଟକୁ ଅନାଇ ବସିଥିଲେ । ଯୁବକ ଜଣକ ଘରକୁ ଫେରିଛନ୍ତି । ଗାଁ ଓ ପରିବାର ଲୋକେ ବାଜା ବଜାଇ ତାଙ୍କୁ ସ୍ୱାଗତ କରିଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପଦିଆଗୁଡ଼ା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ସୂଚନାନୁଯାୟୀ ଦୀର୍ଘ ୧୫ ବର୍ଷ ତଳେ ଜଗଦୀଶ ମାଝୀଙ୍କ ପୁଅ ହରିଚରନ ଗାଁ ପାଖ ଜଣେ ବ୍ୟକ୍ତିଙ୍କ ପ୍ରଲୋଭନରେ ପଡ଼ି ତାଙ୍କ ସହ ଘରୁ ବାହାରି ଯାଇଥିଲେ । ସେତେବେଳେ ହରିଚରନଙ୍କ ବୟସ ୧୨ ବର୍ଷ ହୋଇଥିଲା । ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ । ହରିଚରନ ଯେଉଁ ବ୍ୟକ୍ତିଙ୍କ ସହ ଘରୁ ପଳାଇଥିଲେ ସେ ଲୋକ ୨୦ଦିନ ପରେ ଗାଁକୁ ଫେରି ଆସିଥିଲେ । କିନ୍ତୁ ହରିଚରନ ଘରକୁ ଆସି ନ ଥିଲେ । ସେତେବେଳେ ପରିବାର ଲୋକ ବହୁତ ଖୋଜାଖୋଜି କରିବା ପରେ ମଧ ହରିଚରନଙ୍କ କୌଣସି ପତ୍ତା ମିଳି ନ ଥିଲା । ଏହା ମଧ୍ୟରେ ଜଗଦୀଶଙ୍କ ମୃତ୍ୟୁ ହୋଇଯାଇଥିଲା । ହରିଚରନ ରାଜସ୍ଥାନରେ କାମ କରୁଥିଲେ । କିନ୍ତୁ ଉକ୍ତ ମାଲିକ କୌଣସି ଟଙ୍କା ନ ଦେଇ ନିର୍ଯାତନା ଦେଉଥିଲେ । ସୋପେଇଜା ଗ୍ରାମ ଭିଗଭାଗ ଉକ୍ତ ସ୍ଥାନରେ ଚଢ଼ଉବେଳେ ହରିଚରନଙ୍କୁ ଧରି ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରିଥିଲେ । ସେହି ସମୟରେ ହରିଚରନ କୌଣସି ପରିଚୟ ଦେଇ ନ ପାରିବାରୁ ପୋଲିସ ରାଜସ୍ଥାନ ଜୟପୁର ଆଲବର୍ଭରେ ଥିବା "ଏକ ଅପନା ଘର' ନାମକ ଆଶ୍ରମକୁ ତାଙ୍କୁ ହସ୍ତାନ୍ତର କରି ଦେଇଥିଲେ । ୨ ଦିନ ତଳେ ହରିଚରନ ନିଜ ଗାଁ ଓ ପଞ୍ଚାୟତର ନାମ କହିବା ପରେ ଆଶ୍ରମ କର୍ତ୍ତୃପକ୍ଷ ଗୁଗଲରେ ସର୍ଚ୍ଚ କରି ଚୁର୍ଚ୍ଚାର ପୂର୍ବତନ ସରପଞ୍ଚ ବାରସିଂ ମାଝୀଙ୍କ ମୋବାଇଲ ନମ୍ବର ପାଇ ଯୋଗାଯୋଗ କରିଥିଲେ । ହରିଚରନଙ୍କ ଫଟୋ ସେମାନଙ୍କୁ ପଠାଯାଇଥିଲା । ଫଟୋ ମିଶିବା ପରେ ଆଶ୍ରମ କର୍ତ୍ତୃପକ୍ଷ ହରିଚରନଙ୍କୁ ନେଇ ଯିବା ପାଇଁ ଅନୁରୋଧ କରିଥିଲେ । ଚୁର୍ଚ୍ଚା ପୂର୍ବତନ ସରପଞ୍ଚ ବାରସିଂ ମାଝୀ, ହରିଚରନଙ୍କ ଭାଇ ଜୟଦେବ ମାଝୀ, ଶୋଭାସିଂ ଗଣ୍ଡ ଓ ଧନସାଇ ଗୌଡ଼ ସେଠାକୁ ଯାଇ ସମସ୍ତ କାଗଜପତ୍ର ପ୍ରକ୍ରିୟା ସରିବା ପରେ ହସ୍ତାନ୍ତର କରିଥିଲେ । ଏହାପରେ ସମସ୍ତେ ହରିଚରନଙ୍କୁ ଧରି ଗାଁରେ ପହଞ୍ଚି ଥିଲେ । ଗ୍ରାମବାସୀ ବାଜା ବଜେଇ ଶୋଭାଯାତ୍ରାରେ ହରିଚରନଙ୍କୁ ସ୍ୱାଗତ କରିଛନ୍ତି । ହରିଚରନଙ୍କୁ ଦେଖି ମା' ଓ ଭଉଣୀ ଭାଇ ଖୁସି ଥିବା କହିଛନ୍ତି ।



● ପରିବାରରେ ଖୁସିର ଲହରୀ

# ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨୪।୩(ସମିସ): ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଦୁଷ୍କର୍ମ ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଡମ୍ବୁ ସିଂ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁଯାୟୀ , କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଚଟାହାଣ୍ଡି ଗ୍ରାମର ପାଡିତା ଗତ ୨୦୨୫ ଏପ୍ରିଲ ୨୨ ତାରିଖ ଦିନ କୋଡ଼ିଙ୍ଗା ଥାନାରେ କେସ ନମ୍ବର ୭୮/୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କୁ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡେଙ୍ଗୁଲିଗୁଡା ଗ୍ରାମର ଡମ୍ବୁ ସିଂ ଭତରା ବିବାହ କରି ସ୍ତ୍ରୀ କରି ରଖିବି ବୋଲି ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲା ଏବଂ ପାଡିତା ୨ ମାସର ଗର୍ଭବତୀ ହେବା ପରେ ଦେଶୀ ଔଷଧ ଖୁଆଇ ତାହାର ଗର୍ଭ ନଷ୍ଟ କରିଥିଲା । ଅଭିଯୁକ୍ତ ଘର ଚୋଳିବା ପାଇଁ ପାଡ଼ିତା ଠାରୁ ପାଡିତାର ଜଣେ ବନ୍ଧୁଙ୍କ ଉପସ୍ଥିତିରେ ତଥା ବିଭିନ୍ନ ଆକାରରେ ମୋଟ ଚାରିଲକ୍ଷ ଟଙ୍କା ନେଇଛି । ପାଡିତା ଯେତେବେଳେ ଅଭିଯୁକ୍ତକୁ ନିଜର ବକେୟା ଟଙ୍କା ମାଗିଲେ, ସେ ବିଭିନ୍ନ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଛି । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଡମ୍ବୁ ସିଂ ଭତରାକୁ କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୬୩/୪୯୩/୩୭୬(୨)(ଏନ୍ )/୪୧୭/୨୯୪/୫୦୬ ପ୍ରକାରେ ମାମଲା ରୁଜୁ କରିଥିଲେ । ସମସ୍ତ ୧୭ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଅଭିଯୁକ୍ତ ଡମ୍ବୁ ସିଂ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବି ନରସିଂହ ନାଥ ତ୍ରିପାଠୀଙ୍କ ସମେତ ଆଇନଜୀବୀ ପ୍ରଫୁଲ୍ଲ ସିଂ, ଶେଖ ବାବା ଅଲିଶା ଓ ସହଯୋଗୀ ମାଲିକଙ୍କୁ ପରିଚାଳନା କରୁଥିଲେ ବୋଲି ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି ।

# ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି ମା' ଜଗତ୍‌ଜନନୀ

ଉମରକୋଟ,୨୪।୩ (ସମିସ): ମା' ଜଗତ୍‌ଜନନୀ ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ ହୋଇଛି । ପୌରାଣିକ କଥା ବସ୍ତୁ ଅନୁଯାୟୀ, ମାଁ ନିଜ ବାପ ଘରକୁ ଯାଇ ନବଦିନ ଯାଏଁ ସହର ପରିକ୍ରମା କରି ଲୋକଙ୍କ ଦୁଃଖ ଦୂର କରିବା ସହ ସୁଖ ଶାନ୍ତି ପାଇଁ ଆଶୀର୍ବାଦ କରିଥାନ୍ତି । ଜଗନ୍ନାଥ ମନ୍ଦିର ନିକଟସ୍ଥ ଅସ୍ଥାୟୀ ମନ୍ଦିର ଠାରେ ମା' ଜଗତଜନନୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଗ୍ରାମବାସୀ ଦର୍ଶନ କରିବା ସହ ମାନସିକ ଧାରା ଭକ୍ତ ମାନେ ମୁର୍ଗା ପଶା ଭୋଗ କରିଥିଲେ । ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳ ସହ ପଡୋଶୀ ରାଜ୍ୟ ଛତିଶଗଡରୁ ଭକ୍ତ ଆସିଥିଲେ । ମେନୋରଞ୍ଜନ ପାଇଁ ମୀନାବଜାର, ପଡୋଶୀ ରାଜ୍ୟ ଛତିଶଗଡ, ମହାରାଷ୍ଟ୍ର, ଅନ୍ଧ୍ରର ବ୍ୟବସାୟୀ ମାନେ ଅନେକ ଘର କରଣା ଉପକରଣ, ଘର ସଜା ଓ ହସ୍ତକଳା ସାମଗ୍ରୀ ଷ୍ଟଲ ପକାଇଥିବା ଦେଖିବାକୁ ମିଳିଛି । ଦର୍ଶନ ପାଇଁ ସହର ତଥା ସହର ବାହାରୁ ଭକ୍ତ ମାନଙ୍କର ପ୍ରବଳ ଭିଡ଼ ହୋଇଥିଲା ।

# ପଞ୍ଜଡ଼ା ସେବା ଆଶ୍ରମରେ ବାର୍ଷିକ ଉତ୍ସବ

କାକିରିଗୁମା,୨୪।୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପଞ୍ଜଡ଼ା ସେବା ଆଶ୍ରମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ଭୁକୁଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ରାତା ମହାନ୍ତି ଲକ୍ଷ୍ମୀପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ମଣି ଖରା, ଏକ ନମ୍ବର ଜୋନ୍ ଜିଲ୍ଲା ପରିଷଦ ହିଙ୍ଗୁ ସାଉଁତା , ଉମେଶ ପାତ୍ର ପଞ୍ଜଡ଼ା କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏବଂ ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ । ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ ଓ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରଭାତ ଛୋଟ ରାୟ ମଞ୍ଚ ପରିଚାଳନା କରିଥିଲେ । ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶେଷରେ ସୁନିଲ କୁମାର ଭୁକୁଟି ଧନ୍ୟବାଦ ଅର୍ପଣ କରିଥିଲେ ।

● ପୂର୍ଣ୍ଣଚନ୍ଦ୍ର ନନ୍ଦ ଶ୍ରେଷ୍ଠ ବନାଞ୍ଚଳ ଅଧିକାରୀ

# ବିଶ୍ୱ ବନ ଦିବସରେ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ

କୋଷାଗୁମୁଡ଼ା,୨୪।୩(ସମିସ): ଜଙ୍ଗଲ ଓ ବନ୍ୟ ପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ କୋଡ଼ିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ପୁରସ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ଓଡ଼ିଶାର ଶ୍ରେଷ୍ଠ ୪ ବନାଞ୍ଚଳଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ଶ୍ରୀ ନନ୍ଦ । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ଅଞ୍ଚଳରେ ଜଙ୍ଗଲ ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ରୋକିବାରେ ଶ୍ରୀ ନନ୍ଦ ପ୍ରମୁଖ ଭୂମିକା ତୁଲାଉଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ମାନପତ୍ର, ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଚେକ୍ ଆକାରରେ ପ୍ରଦାନ କରିଥିଲେ । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. କେ.ମୁର୍ଗା ସେନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ,କୋଡ଼ିଙ୍ଗା ରେଞ୍ଜର ଶ୍ରୀ ନନ୍ଦଙ୍କ ତତ୍ତ୍ୱାବଧାନରେ ପାର୍ଶାଗୁଡ଼ା ପଞ୍ଚାୟତରେ ରାଜ୍ୟର ପ୍ରଥମ ବର୍ଣ୍ଣମାଳା ଉଦ୍ୟାନ ନିର୍ମାଣ ହୋଇଛି । ସେହିପରି ନୂତନ ବନୀକରଣ ସୃଷ୍ଟି ସହ କାଠ ମାଫିଆଙ୍କୁ ସାବାଡ଼ କରି ଚର୍ଚ୍ଚାରେ ରହିଛନ୍ତି ଶ୍ରୀ ନନ୍ଦ ।



# ଯୁବ ବଜରଙ୍ଗୀ ସଂଘର ଶ୍ରୀରାମ ନବମୀ ପ୍ରସ୍ତୁତି

ରାୟଗଡ଼ା,୨୪।୩(ସମିସ): ଆସନ୍ତା ଶୁକ୍ରବାର ଦିନ ସ୍ଥାନୀୟ ଖାନ୍ ଖ୍ନା ପାହାଡ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀରାମ ନବମୀ ଉତ୍ସବ ଉପଲକ୍ଷେ ରାୟଗଡା ଯୁବ ବଜରଙ୍ଗୀ ସଂଗଠନ ପକ୍ଷରୁ ଏକ ବିଶାଳ ହିନ୍ଦୁ ଶୋଭାଯାତ୍ରା ବାହାରିବ । ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ପଣା ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାୟଗଡା ଯୁବ ବଜରଙ୍ଗୀ ସଂଘର ବରିଷ୍ଠ ସଦସ୍ୟ ମାନେ କହିଛନ୍ତି ଯେ, ଶ୍ରୀରାମ ଭଗବାନଙ୍କୁ ନେଇ ରାଜନୀତି ବନ୍ଦ କରିବା ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ହିନ୍ଦୁ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ । କାର୍ଯ୍ୟକ୍ରମରେ ଦଳ ମତ ନିର୍ବିଶେଷରେ ସମସ୍ତ ବୁଦ୍ଧିଜୀବୀ , ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ରାୟଗଡା ଜନସାଧାରଣଙ୍କୁ ସାମିଲ ହେବା ପାଇଁ ସଂଘ ଅନୁରୋଧ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଦସ୍ୟ ଜନ୍ମେଜୟ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ପୃଷ୍ଟି, ରିତୁ ରାଜ ଗଉଡ,ବିଭିଶନ ନାୟକ,ବିବେକାନନ୍ଦ ସାହୁ, ସନ୍ତୋଷ ପାଇକ ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।




# ନାଲ୍‌କୋ ପକ୍ଷରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା




ସେମିଳିଗୁଡ଼ା,୨୪।୩(ସମିସ): ନାଲକୋ କର୍ପୋରେଟ ସାମାଜିକ ବିଭାଗ ପକ୍ଷରୁ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ସେମିଳିଗୁଡା ବ୍ଲକ ଅନ୍ତର୍ଗତ ବେହେରାଗୁଡା ଠାରେ ଉକ୍ତ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ମିଶ୍ର ନାଲକୋ ଶିକ୍ଷା ଉନ୍ନତି ସହ କ୍ରୀଡ଼ା ଓ ସଂସ୍କୃତି ଉପରେ ବିଶେଷ ଦୃଷ୍ଟି ଦେଉଥିବା ସୂଚନା ଦେଇଥିଲେ । ଆଗାମୀ ଦିନରେ ଏକ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବା ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇଛନ୍ତି । ଗ୍ରାମୀଣ ଖେଳାଳିଙ୍କୁ ନାଲକୋ ପକ୍ଷରୁ ଉତ୍ସାହିତ କରିବା ସହ ଏକ ଆଦର୍ଶ ଖେଳାଳି ଭାବେ ଉତ୍ସାହିତ ପାଇଁ ପ୍ରୟାସ ଜାରି ରଖିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ନାଲକୋ ଜେନେରାଲ ମ୍ୟାନେଜର ସ୍ୱଗତ ଆନନ୍ଦ ବାସୁ ପ୍ରତିଯୋଗିତାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପାତ୍ର ନାଲକୋ ଦ୍ୱାରା ଏକ ଷ୍ଟାଡିୟମ୍ ପାର୍କ ପ୍ରତିଷ୍ଠା ପାଇଁ ନିବେଦନ କରିଛନ୍ତି । ନାଲକୋ କ୍ରୀଡ଼ା ବିଭାଗର ଅଧିକାରୀ ଅମରେନ୍ଦ୍ର କୁମାର ମିଶ୍ର, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କ୍ରୀଡ଼ା ବିଭାଗର ଡକ୍ଟର ଅମନ କୁମାର, ସେମିଳିଗୁଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଉପସ୍ଥିତ ଥିଲେ । 'ରାଷ୍ଟ୍ରଦୀପ'ର ବରିଷ୍ଠ ପତ୍ରକାର ଏବଂ ବିଶିଷ୍ଟ ସମାଜସେବୀ ଡକ୍ଟର ଜଲେନ୍ଦ୍ର ତ୍ରିପାଠୀ ଏବଂ 'ରାଷ୍ଟ୍ରଦୀପ'ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ମୁଖ୍ୟତଃ ୩ଟି ବ୍ଲକ, ସେମିଳିଗୁଡା, ପଟାଙ୍ଗି ଏବଂ କୋରାପୁଟର ବିଭିନ୍ନ ଗ୍ରାମରୁ ମୋଟ ୪୮ ଦଳକୁ ନେଇ ଉକ୍ତ ପ୍ରତିଯୋଗିତା ଆରମ୍ଭ ହୋଇଛି । ଖୋଲାଗୁଡ଼ା, ବଡ଼ପାଡ଼ା, କୁନ୍ଦୁଗୁଡ଼ା, ନୂଆଗାଁ, ଓମ୍ ଅମୁଲବାଡି, ଥୁରିଆ, ଦମନଝୋଲା କଲୋନୀ, ସିପାଇପୁଟ, କଣ୍ଡାଗୁଡ଼ା, ପଟାଙ୍ଗି, ପାଟିଆପିଲି, ମାଳିପୁଟ, ଡୁମୁରିଗୁଡ଼ା, ମରିଚମାଳ, ଗୌଡ଼ଗୁଡ଼ା, ଖରଧରା, ଗୁମାଲଗୁଡା, ଡୁମୁରିପଦର, ଖାଲପାଡ଼ି, ଚୌଗାଁ, କୁମାରଗୁଡା, ଡେଙ୍ଗା ଯାନିଗୁଡା, ଚମ୍ପାପଦର, ଏଲ.ଗୌଡ଼ଗୁଡ଼ା, ସୋରିଶ ପଦର, ଆଲିଗାଁ, ରାଜାଙ୍ଗୁଳ, ଛାଇରାଗୁଡ଼ା, ସୁକ୍ରୁଗୁଡ଼ା, ଲେଣ୍ଡିଗୁଡ଼ା, ଅମ୍ବାଗାଁ, କିଲାର, କଙ୍କଡା ଆମ୍ବ, ଲୁଙ୍ଗୁରି, ପୁତୁରାଗାଡି, ବେହେରାଗୁଡ଼ା, ଲିଟିଗୁଡ଼ା, ବାରଙ୍ଗପୁଟ, ପାକଝୋଲା, ମାଳି ମାର୍ଲା, ଗାଦୀପାବଲି, ଟୁମଗୁଡା, ଚିନ୍ଦିପାର କଲୋନୀ, କୋଟିଆ, ମାଥାଲପୁଟ, ଗଲଗାବଦର, ପ୍ରମୁଖ ଗାଁ ମାନଙ୍କର ଦଳ ଗୁଡିକ ଭାଗ ନେଇଥିବା ସୂଚନା ମିଳିଛି । ଅଜୟ ବାରିକ, ସୁଦର୍ଶନ ସେନାପତି, ଡକ୍ଟର ଅଶୋକ କୁମାର ମହାନ୍ତି,ମୁରଲୀଧର ମହାପାତ୍ର, ପିତାମ୍ବର ସାହୁ ସହଯୋଗ କରିଥିଲେ । କୋରାପୁଟ ବ୍ଲକ କ୍ରୀଡା ସମ୍ପାଦକ ଅନିଲ କୁମାର ପତି, କ୍ରୀଡ଼ା ଶିକ୍ଷକ ଡକ୍ଟର ନିରୋଦ କୁମାର ପ୍ରଧାନ, ଅର୍ଜୁନ ବାମୀ, ସୁରେନ୍ଦ୍ର ଯାନୀ, ଦୁଲୁ ଶୁଙ୍ଗାରି, ରାହୁଲ ଶୁଙ୍ଗାରି, ସଞ୍ଜୟ ଶୁଙ୍ଗାରି, ଅନିଲ ବାମୀ, ସଦା ଗାଦବା, ଦମ୍ବରୁ ଲମପା, ପ୍ରମୁଖ ଉକ୍ତ କ୍ରୀଡା ପ୍ରତିଯୋଗିତା ପରିଚାଳନା କରି ସାଫଲ୍ୟ ମଣ୍ଡିତ କରିଥିଲେ । ନାଲକୋ ଓ ରାଷ୍ଟ୍ରଦୀପ ପ୍ରଚାର ସମିତି ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି ।



■ ନଇକେରା ବାଲିଘାଟ ଟେଣ୍ଡରକୁ ବିରୋଧ

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୨୪।୩(ସମିସ): କୁନ୍ଦ୍ରା ବ୍ଲକ ଅନ୍ତର୍ଗତ କୁସଙ୍ଗୁଡା ପଞ୍ଚାୟତର ନଇକେରା ନଦୀଘାଟରୁ ବାଲି ଉଠାଣ ନିମନ୍ତେ ଖଣି ବିଭାଗ ତରଫରୁ ଟେଣ୍ଡର କରାଯାଇଥିଲା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି । ଉକ୍ତ ନଦୀଘାଟରୁ ବଡ଼ ବଡ଼ ଗାଡ଼ିରେ ବାଲି ପରିବହନ କରାଯାଇ ରାସ୍ତା ଗୁଡ଼ିକ ଖରାପ ହୋଇ ଗଲାଣି । ଯଦ୍ୱାରା ଜନ ସାଧାରଣଙ୍କୁ ଯିବା ଆସିବା କଷ୍ଟକର ହୋଇଛି । ଟେଣ୍ଡର ଅବଧି ଶେଷ ହୋଇଥିବା ବେଳେ ଆଉ ଟେଣ୍ଡର ନ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରପଞ୍ଚ ତମ୍ବୁଧର ପୂଜାରୀଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ କୋରାପୁଟ ଆସି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଭାରୀଯାନରେ ବାଲି ପରିବହନ ହେଉଥିବାରୁ ଗ୍ରାମର ରାସ୍ତା ଖରାପ ହେଉଛି । ଯଦ୍ୱାରା ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହେଉଥିବା ଗ୍ରାମର ତୁଳାରାମ ଗୌଡ ଅଭିଯୋଗ କରିଛନ୍ତି । ସେଣୁ ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଆଉ ବାଲିଘାଟ ଟେଣ୍ଡର ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଧନସିଂ ଭତ୍ରା, ଭଗତରାମ ଭତ୍ରା, ଜଲେନ୍ଦ୍ର ଭତ୍ରାଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ଉଦିତନଗର ହାଇସ୍କୁଲ ଆଲୁମିନି ଆସୋସିଏସନର ବାର୍ଷିକୋତ୍ସବ




**ରାଉରକେଲା, ୨୪।୩(ସମିସ):** ଉଦିତନଗର ହାଇସ୍କୁଲ ଆଲୁମିନି ଆସୋସିଏସନର ଅଷ୍ଟମ ବାର୍ଷିକୋତ୍ସବ ତଥା 'ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ' ଅବସରକାଳୀନ ସମ୍ବର୍ଦ୍ଧନା ସଭା ଉଦିତନଗର ମ୍ୟୁନିସିପାଲ ଲାଇବ୍ରେରୀ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁନ୍ଦରଗଡ଼ ଟେରିଟୋରିଆଲ ରେଞ୍ଜ, ରାଉରକେଲା ଅଧୀନସ୍ଥ ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗର ଅତିରିକ୍ତ ଆୟୁକ୍ତ ପ୍ରକାଶ ଚନ୍ଦ୍ର ଡୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ନବପିଢିଙ୍କୁ ସଠିକ ମାର୍ଗଦର୍ଶନ ଦେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପିଏମ୍ ଶ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ସୁପ୍ରଭାତ ବେହେରା ଯୋଗଦେଇଥିଲେ। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷା କର୍ମଚାରୀ ଅଶୋକ ଗୌଡ଼, ଅମିତ ମଲ୍ଲିକ, ନିରଞ୍ଜନ ପ୍ରଧାନ ଓ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମାହାନାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରକାଶ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ୧୯୮୦ ବ୍ୟାଚର ନଳିନୀ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆଲୁମିନିବୃନ୍ଦଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିନା ଜଳକର ରସିଦରେ ପଞ୍ଜୀକରଣ ଦାବି

**ବଣାଇଁ, ୨୪।୩(ସମିସ)**



ଜିଲ୍ଲାପାଳଙ୍କୁ ଚାଷୀଙ୍କ ଫେରାଦ

ବର୍ତ୍ତମାନ ସବୁ ଆଡେ ରବି ଋତୁ ପାଇଁ ଧାନ ବିକ୍ରୟ ପାଇଁ ପଞ୍ଜିକରଣ ଚାଲୁଥିବା ବେଳେ ବଣାଇଁଗଡ଼ ଓ ଗୁରୁଣ୍ଡିଆ ବ୍ଲକର କିଛି ଚାଷୀଙ୍କ ପଞ୍ଜୀକରଣ ପାଇଁ ଏବେ ମୁଣ୍ଡ ବ୍ୟଥା ପାଲଟିଛି ଜଳକର ରସିଦ। ରୁକୁଡା ଜଳ ସେଚନ ପ୍ରକଳ୍ପ ଦ୍ୱାରା ଜଳ ସେଚିତ ଅଞ୍ଚଳର ଚାଷୀ ଏକ ପଦଯାତ୍ରାରେ ଆସି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ରବି ଧାନ ବିକ୍ରୟ କରିବା ପାଇଁ ଚାଷୀଙ୍କ ପଞ୍ଜିକରଣ ବିନା ଜଳକର ରସିଦରେ କରାଯିବାକୁ ନିବେଦନ କରିଛନ୍ତି। ପ୍ରକାଶ ଥାଉ କି, ରୁକୁଡା ଜଳ ସେଚନ ପ୍ରକଳ୍ପ ୨୦୧୮ ମସିହାରେ ପୂର୍ଣ୍ଣାଙ୍ଗ ହୋଇସାରିଛି। ବଣାଇଁଗଡ଼ ଓ ଗୁରୁଣ୍ଡିଆ ବ୍ଲକର ଚାଷୀ ଗଣ ଗତବର୍ଷ ରବି ଧାନ ଚାଷ କରି ସରକାରଙ୍କ ନିୟମ ଅନୁସାରେ ପଞ୍ଜୀକରଣ କରି ବିକ୍ରୟ କରିଥିଲେ। କିନ୍ତୁ ଚଳିତ ବର୍ଷ ୪୦ ଜଣ ଚାଷୀଙ୍କର ପଞ୍ଜୀକରଣ ସରିଥିବା ବେଳେ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଜଳକର ରସିଦ ଆଳ ଦେଖାଇ ପଞ୍ଜିକରଣ ବନ୍ଦ କରିଛନ୍ତି। ଜଳକର ଆଦାୟ କରିବା ଓ ଜଳକର ରସିଦ ଦେବା ସମ୍ପୂର୍ଣ୍ଣ ରୂପେ ରାଜସ୍ୱ ବିଭାଗର କ୍ଷମତା ଅନ୍ତର୍ଭୁକ୍ତ। ରୁକୁଡା ଜଳ ସେଚନ ପ୍ରକଳ୍ପ ୮ ବର୍ଷ ପୁରି ଯାଇଥିଲେ ବି ଜଳକର ଟିକସ ରସିଦ ଦେବାରେ ରାଜସ୍ୱ ବିଭାଗର ଉଦାସୀନତା ଯୋଗୁଁ ଚଳିତ ବର୍ଷ ବଣାଇଁ ଓ ଗୁରୁଣ୍ଡିଆ ତହସିଲ ଅନ୍ତର୍ଭୁକ୍ତ ପ୍ରାୟ ୭୦ଟା ରାଜସ୍ୱ ଗ୍ରାମର ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ। ଖରିଫ ଧାନ ବିକ୍ରୟ ବେଳେ ବି ଜଳ ସେଚିତ ଜମି ପାଇଁ ଏକର ପ୍ରତି ୧୯ କୁଇଣ୍ଟାଲ ଧାନ ବିକ୍ରି କରି ନପାରି ଅଣଜଳସେଚିତ ଜମି ପାଇଁ ଧାର୍ଯ୍ୟ ୧୩ କୁଇଣ୍ଟାଲ ଆକାରରେ ବିକ୍ରି କରୁଛନ୍ତି। ତେଣୁ ଆଜି ଧାନ ବିକ୍ରୟ କରିବା ପାଇଁ ଚାଷୀ ପଞ୍ଜୀକରଣକୁ ଅନୁମୋଦନ କରିବା ସହିତ ଜମିର କିସମକୁ ପରିବର୍ତ୍ତନ କରାଯାଇ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ଚାଷୀ। ଜିଲ୍ଲାପାଳ ତାଙ୍କ ପାଖରେ ଏ କ୍ଷମତା ନାହିଁ ବୋଲି କହିବା ସହ ଏ ବାବଦରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିବା କହିଛନ୍ତି। ରାଜ୍ୟ ସରକାର ଯଦି କିଛି ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଚାଷୀକୂଳ ଆଜି ଜିଲ୍ଲାପାଳଙ୍କ ଠାରୁ ହତାଶ ହୋଇ ଫେରିବା ପରେ ଆସନ୍ତା ୩୦ ତାରିଖ ଦିନ ବଣାଇଁର ଚାଷୀ କୂଳ ୧୪୩ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି।

# ରାଉରକେଲାରେ ଫାଶୀ ଦିବସ

**ରାଉରକେଲା, ୨୪।୩(ସମିସ):** ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍ଆଇ), ଭାରତର ଛାତ୍ର ଫେଡେରେସନ (ଏସଏଫ୍ଆଇ) ସୁନ୍ଦରଗଡ଼ ଜିଲ୍ଲା କମିଟି ଓ ସହିଦ ଭଗତ ସିଂହ ସ୍ମୃତି କମିଟି ପକ୍ଷରୁ ଆଜି ସହୀଦ ଏ. ଆଜମ, ଭଗତ ସିଂହ ଓ ଶୁକଦେବ, ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ଆଜି ରାଉରକେଲା ସ୍ଥିତ ଛେଣ୍ଡ କଲୋନୀ ସ୍ଥିତ ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଛି। ସହିଦ ଭଗତ ସିଂହ ସ୍ମୃତି କମିଟିର ଅଧକ୍ଷ ତଥା ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗଦେଇ ଶହୀଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ଭଗତ ସିଂହଙ୍କ ଅବଦାନ ସର୍ବଦା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ। ସ୍ମୃତି କମିଟିର ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି କମିଟିର ସମ୍ପାଦକ ରାଜ କିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏଆଇଏଫଆଇ ଜିଲ୍ଲା ସଭାପତି ଶେଖର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ପ୍ରଫେସର ଡ. ପ୍ରଭାତ ମଲ୍ଲିକ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସନ୍ତୋକ ସିଂହ ପ୍ରମୁଖ ସହିଦ ଭଗତ ସିଂହଙ୍କ ସ୍ମୃତି ଚାରଣ କରିଥିଲେ। ବରିଷ୍ଠ ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ବସନ୍ତ ନାୟକ, ବିପି ମହାପାତ୍ର, ଶକୁନ୍ତଳା ମହାକୁଡ଼, ହୃଦୟାନନ୍ଦ ଯାଦବ, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଗୁରୁଦ୍ୱାର ପ୍ରବନ୍ଧକ କମିଟିର ବଲବୀର ସିଂହ, ଗୁରୁମିତ୍ ସିଂହ, ଇନ୍ଦ୍ରଜିତ୍ ସିଂହ, ଦଲଜିତ ସିଂହ, ସିସିୟୁଏ ଆବାହକ ଭାଗିରଥି ଟୁଡୁ, ଶ୍ରମିକ ନେତା ପ୍ରଦୀପ ସେଠୀ, ଏନ୍‌ଏନ୍ ପାଣିଗ୍ରାହୀ, ସଚିନ୍ ରାୟ, କୁଳମଣି ରାଉତ, ରତ୍ନାକର ନାୟକ, ଅଶୋକ ମିଶ୍ର, ବାସୁଦେବ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଉଜ୍ଜ୍ୱଳ ପ୍ରଦୀପ ଦାସ, ଅରୁଣ ମହାରଣା, ସମାଜସେବୀ ଭରତ ଭାଇ, ପରେଶ ବିଶ୍ୱାଳ, ସୁନିଲ ପଟ୍ଟନାୟକ, ଯୁବନେତା ସତ୍ୟମ୍ ତନ୍ତୀ, ଆଇନଜୀବୀ ସନ୍ତୋଷ ବିଶ୍ୱାଳ, ପ୍ରମୋଦ ବାରିକ୍, ଅଶୋକ ଦାସ, ଆଦିତ୍ୟ ନାୟକ, ସି. ଦିବାକର ରାଓ, ପ୍ରମୋଦ ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




# ରଶ୍ମିପ୍ରଭା ସାହିତ୍ୟ ଅନୁଷ୍ଠାନର ବାର୍ଷିକୋତ୍ସବ



**ରାଉରକେଲା, ୨୪।୩(ସମିସ):** ସହରର ଅନ୍ୟତମ ସାମାଜିକ, ସାଂସ୍କୃତିକ ଓ ସାରସ୍ୱତ ଅନୁଷ୍ଠାନ ରଶ୍ମିପ୍ରଭା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଇସ୍ପାତ ସାହିତ୍ୟ ସଂସଦ ପରିସରରେ ୯ମ ବର୍ଷିକୋତ୍ସବ ପାଳିତ ହୋଇଯାଇଛି। ଲେଖିକା ମଞ୍ଜୁଳା କୁମାରୀ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଡ. ମନସ୍ୱିନୀ ଦାଶ ଏବଂ ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ଡା. ଗୀତାଞ୍ଜଳି ପତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ 'ରଶ୍ମିପ୍ରଭା' ତ୍ରୟମାସିକ ପତ୍ରିକାର ଲୋକାର୍ପଣ ସହିତ ମଞ୍ଜୁଳା କୁମାରୀ ରଥଙ୍କ ଗଳ୍ପ ସଂକଳନ 'ଅନ୍ତର୍ଦାହ', ସୁକାନ୍ତି ନାୟକଙ୍କ କବିତାଙ୍କ ସଙ୍କଳନ 'ଭାବରୁ ଅକ୍ଷର', ବନଲତା ମିଶ୍ରଙ୍କ କବିତା ସଙ୍କଳନ 'ପ୍ରତିବିମ୍ବ' ଏବଂ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ ଶିଶୁକବିତା ସଙ୍କଳନ 'କଅଁଳ କବି' ପୁସ୍ତକ ଲୋକାପିତ ହୋଇଥିଲା। ଲୋକାର୍ପିତ ପୁସ୍ତକଗୁଡ଼ିକର ସମୀକ୍ଷା ଯଥାକ୍ରମେ ପ୍ରଶାନ୍ତ ପତି, ବ୍ରଜେନ୍ଦ୍ର ଦାଶ, ସୁସ୍ମିତା ମହାପାତ୍ର ଓ ବିଜୟିନୀ ଜେନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ 'ଓଡ଼ିଶା ବାଣି ଭଣ୍ଡାରକୁ ମାହାଙ୍ଗାର ଅବଦାନ' ଶୀର୍ଷକ ଆଲୋଚନା ବରିଷ୍ଠ ଶିକ୍ଷାବୀତ୍ ପ୍ରଶାନ୍ତ କୁମାର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇସ୍ପାତ ସାହିତ୍ୟ ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ବରେଣ୍ୟ ଅତିଥିଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ସମ୍ମାନୀତ ଅତିଥିଭାବେ ଶିକ୍ଷାବୀତ୍ ଡ. ନଗେନ କୁମାର ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ରଶ୍ମିପ୍ରଭା ସାରସ୍ୱତ ସମ୍ମାନରେ ବରିଷ୍ଠ ଲେଖିକା ବିଷ୍ଣୁପ୍ରିୟା ମହାପାତ୍ର, ଡ. ମନସ୍ୱିନୀ ଦାଶ, ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଡ.କୀର୍ତ୍ତିଚନ୍ଦ୍ର ବହିଦାର, ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ମନୋଜ କୁମାର ମିଶ୍ରି, ନୃସିଂହ ଚରଣ ବିଶ୍ୱାଳ ଓ ସୁସ୍ମିତା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ପୂର୍ବରୁ ଅନୁଷ୍ଠିତ ଗଳ୍ପ ପ୍ରତିଯୋଗିତାର ବିଚାରକଭାବେ କବୀ ବିଜୟିନୀ ଜେନା ଓ କବିତା ପ୍ରତିଯୋଗିତାର ବିଚାରକଭାବେ କବି ସବିତା ବସ୍ତିଆଙ୍କୁ ସମ୍ମାନିତ କରାଯିବା ସହ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବରିଷ୍ଠ ଶିଶୁ ସାହିତ୍ୟିକ ସତ୍ୟବ୍ରତ ଦାସଙ୍କ ଅଧକ୍ଷତାରେ କବିତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଇସ୍ପାତ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ଯୋଗ ଦେଇଥିଲେ। କବି ମମତା ଜେନା, ସୁମିତ୍ରା ମିଶ୍ର, ଗୀତାରାଣି ବେହେରାଙ୍କ ସଂଯୋଜନାରେ ଶତାବ୍ଦୀ ଶତରୂପା ମହାପାତ୍ର, ଗୀତାଞ୍ଜଳି ରଥ, ପ୍ରକାଶ ସେଠୀ, ରଙ୍କନିଧି ସେଠୀ, ମନୋଜ କୁମାର ଭୋଇ, ଦେବସ୍ମିତା ବାରିକ, ରଶ୍ମିରମଣ ନନ୍ଦ, ଶ୍ରିନିବାସ ମହାପାତ୍ର, ସବିତା ପରିଡ଼ା, ନିରୁପମା ନାୟକ, ସବିତା ପରିଡ଼ା, ଦିବାକର ଦାସ ପ୍ରମୁଖ କବିତା ପାଠ କରିଥିଲେ। ରଶ୍ମିପ୍ରଭା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ମନୋଜ ନନ୍ଦ, ସହ ସମ୍ପାଦକ ଶ୍ୱେତ କୁମାର ବେହେରାଙ୍କ ସମେତ ସୁମିତ୍ରା ମିଶ୍ର, ମମତା ଜେନା, ପୁଷ୍ପଲତା ବିଶ୍ୱାଳ, ଉପେନ୍ଦ୍ର ବସ୍ତିଆ ପ୍ରମୁଖ ସହଯୋଗ କରିଥିଲେ।

# ଚୈତ୍ର ପର୍ବ ପାଇଁ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଆମନ୍ତ୍ରଣ

**ବଣାଇଁ, ୨୪।୩(ସମିସ):** ବଣାଇଁର ପ୍ରସିଦ୍ଧ ଓ ପାରମ୍ପରିକ ଚୈତ୍ର ପର୍ବ ପାଇଁ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବଙ୍କ ନେତୃତ୍ୱରେ ଚୈତ୍ର ପର୍ବ କମିଟିର ସଦସ୍ୟମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟଅତିଥି ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପର୍ବରେ ଉପସ୍ଥିତ ରହିବାକୁ ଆମନ୍ତ୍ରଣ କରିଛନ୍ତି। ଏହି ଅବସରରେ ଏହି ପର୍ବକୁ ରାଜ୍ୟସ୍ତରୀୟ ମାନ୍ୟତା ଦେଇ ଆହୁରି ଆକର୍ଷଣୀୟ ଓ ସୁସଂଗଠିତ ଭାବେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ସାକ୍ଷାତକାର ସମୟରେ କମିଟିର ସଦସ୍ୟ ସଞ୍ଜୀବ କୁମାର ମହାନ୍ତି, ବିଶ୍ୱଜିତ ସାହୁ, ଭବତୋଷ ଦେଓ, ପଦ୍ମଚରଣ ଆଚାର୍ଯ୍ୟ, ଦିବ୍ୟମଞ୍ଜରୀ ଶେଖର ଦେଓ ଓ ସଚିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମା' ବାସନ୍ତୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶେଷ

# ଜଳପରୀ ଓ ଛତିଶଗଡ଼ର କ୍ରାଫ୍ଟ ମେଳା ମୁଖ୍ୟ ଆକର୍ଷଣ

**ରାଉରକେଲା, ୨୪।୩(ସମିସ):** ସାଂସ୍କୃତିକ ସଂଗଠନ ବାସନ୍ତୀ ପରିଷଦ ପକ୍ଷରୁ ୫୧ତମ ବାସନ୍ତୀକ ଦୁର୍ଗା ପୂଜା ମହାସମାରୋହରେ ପାଳନ ହେବ। ଏହି କ୍ରମରେ ମଙ୍ଗଳବାର ବିଲ୍ୱାଧିବାସ ସହ ବୁଧବାର ମହା ସପ୍ତମୀ ପୂଜା ଅବସରରେ ସକାଳୁ କଳସ ଯାତ୍ରା, ନବ ପତ୍ରିକା ସହ ଦେବୀ ମଣ୍ଡପରେ ଘଟ ପ୍ରବେଶ, ପୂଜାରମ୍ଭ, ପ୍ରାଣ ପ୍ରତିଷ୍ଠା, ନ୍ୟାସ ଉପଚାର ପୂଜା, ଚଣ୍ଡୀପାଠ, ହୋମ ବଳିଦାନ ସହ ଆଳତି ଓ ପୁଷ୍ପିଞ୍ଜଳୀ ଆଦି ଅନୁଷ୍ଠିତ ହେବ। ଗୁରୁବାର ସକାଳ ୮ଟାରେ ପୂଜାରମ୍ଭ, ଚଣ୍ଡୀପାଠ, ହୋମ, ବଳିଦାନ, ଆରତି ଓ ପୁଷ୍ପାଞ୍ଜଳୀ, ସନ୍ଧିପୂଜା, ଦିବା ୧୧ଟାରେ ପୂଜାରମ୍ଭ ହୋମ, ସନ୍ଧି ବଳିଦାନ, ପୁଷ୍ପାଞ୍ଜଳୀ ସହ ସନ୍ଧ୍ୟାରେ ଆଳତି ଓ ପୁଷ୍ପିଞ୍ଜଳୀ। ଶୁକ୍ରବାର ରାମନବମୀରେ ସକାଳ ୮ଟାରୁ ପୂଜାରମ୍ଭ, ଚଣ୍ଡୀପାଠ, ହୋମ ବଳିଦାନ, ୧୨ଟା ୩୦ ଆଳତି ପୁଷ୍ପାଞ୍ଜଳୀ ସହ ସଂଧ୍ୟାରେ ଆଳତି। ଶନିବାର ଦଶହରା ସକାଳ ୮ଟା ୩୦ମିନିଟ୍ ପୂଜାରମ୍ଭ, ହୋମ ପୂର୍ଣ୍ଣାହୁତି, ପୂର୍ଣ୍ଣ ଆଳତି, ପୁଷ୍ପାଞ୍ଜଳୀ, ଦିବା ୧୧ଟା ୩୦ ମିନିଟ୍ ଦେବୀ ବନ୍ଦାପନା, ସିନ୍ଦୂର ଦାନ, ମନ୍ତ୍ରାକ ମୂଳ ବିସର୍ଜନ, ଅପରାଜିତା ପୂଜନ ଓ ବନ୍ଧନ ସହ ୨ଟାରେ ଘଟ ବିସର୍ଜନ ହେବ। ଅଷ୍ଟମୀ ଠାରୁ ଦଶହରା ପ୍ରତିଦିନ ସଂଧ୍ୟା ଆଠ ଘଟିକାରେ ପାଲା ମଣ୍ଡପରେ କେନ୍ଦ୍ରାପଡ଼ାର ପାଲା ଗାୟକ ସୁଶାନ୍ତ କୁମାର ମଲ୍ଲିକ ଓ ତାଙ୍କ ସାଥୀ ପାଲା ପରିବେଷଣ କରିବେ। ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସଂଧ୍ୟା ସମୟରେ ଭଜନ ପରିବେଷଣ କରାଯିବ। ଯେଉଁଥିରେ ମୁଖ୍ୟ ଆକର୍ଷଣ ଭାବେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଭୁବନେଶ୍ୱରର ପ୍ରଶାନ୍ତ ପାଢ଼ୀ ଯୋଗ ଦେବେ। ଏହା ବ୍ୟତୀତ ରାଉରକେଲାର ପ୍ରତିଭାବାନ କଣ୍ଠଶିଳ୍ପୀ ମାନେ ମଞ୍ଚରେ ଭଜନ ପରିବେଷଣ କରିବେ। ଅପ୍ରେଲ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଉଭୟ ଜୁନିୟର ଓ ସିନିୟର ଓ ଗ୍ରୁପଙ୍କ ମଧ୍ୟରେ ଭକ୍ତି ସଙ୍ଗୀତ ଆଧାରିତ ନୃତ୍ୟ ପ୍ରତିଯୋଗିତା ପ୍ରତିଭା ଅନୁଷ୍ଠିତ ହେବ। ଏଥିରେ ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳର ସମସ୍ତ ନୃତ୍ୟ କଳାକାରଙ୍କୁ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଉଛି। ୫ ତାରିଖ ପୁରସ୍କାର ବିତରଣୀ ଉତ୍ସବ ପାଳନ ସହ ୬ ତାରିଖ ଦିନ ମା ମେଲାଣି ନେବେ। ପୂଜା ସହିତ ବାସନ୍ତୀ ପରିଷଦ ପକ୍ଷରୁ ମୀନା ବଜାର ମେଳାର ଆୟୋଜନ କରାଯାଇଛି। ଏଥିରେ ଡ୍ରାଗନ, ବ୍ରେକ ଡ୍ୟାନ୍ସ, ନୌକା ଓ ଜ୍ୟାଣ୍ଟ ହୁଇଲ୍ ଦୋଳି ସହ ଛୋଟ ପିଲାଙ୍କ ମିକି, ଜମ୍ପିଂ, ସ୍କୋର୍ପିଓ, ହେଲିକପ୍ଟର ଓ ଭୂତ ବଙ୍ଗଳା ରହିଛି। ପ୍ରଥମ କରି ମନୋରଞ୍ଜନ ନିମନ୍ତେ ଜଳପରୀ ବାସନ୍ତୀ ପଡ଼ିଆରେ ଲାଗିବ। ଏଥିସହ ଛତିଶଗଡ଼ର କ୍ରାଫ୍ଟ ବଜାର ଅନ୍ୟତମ ଆକର୍ଷଣ ହେବ ବୋଲି ସୂଚନା ମିଳିଛି।




# ଆର୍‌ଏସ୍‌ପିରେ ସ୍ୱଚ୍ଛତା ଶୋଭାଯାତ୍ରା



**ରାଉରକେଲା, ୨୪।୩(ସମିସ):** ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ଇଞ୍ଜିନିୟରିଂ (ଟିଇ) ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ କାରଖାନା ଏବଂ ଟାଉନସିପ୍ ମଧ୍ୟରେ ବିଭିନ୍ନ ପ୍ଲାଷ୍ଟିକ୍ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଆରଏସପି ଦ୍ୱାରା ଗଠିତ ବିଭିନ୍ନ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ସଦସ୍ୟମାନେ ମାର୍ଚ୍ଚ ୨୨ରେ ସାର୍ବଜନୀନ ସ୍ଥାନରୁ ପ୍ଲାଷ୍ଟିକ୍ ଅଳିଆ ଅପସାରଣ କରିବା ଉଦ୍ଦେଶ୍ୟରେ ଏକ ଅନନ୍ୟ ପ୍ଲାଷ୍ଟିକ୍ ସଂଗ୍ରହ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାକୁ ଟିଇ-ଜନ ସ୍ୱାସ୍ଥ୍ୟ ବିଭାଗର ଉପମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦୀପା ଲାଭାଙ୍ଗରେ ଆନୁଷ୍ଠାନିକ ଭାବରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାଟି ଇସ୍ପାତ ଷ୍ଟାଡିୟମରୁ ଆରମ୍ଭ ହୋଇ ସେକ୍ଟର-୬ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ, ମାର୍କେଟ ଦେଇ ପରିକ୍ରମା କରି ଫିଟନେସ୍ ପାର୍କରେ ଶେଷ ହୋଇଥିଲା। ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ରାସ୍ତାରେ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରିଥିଲେ। ଏଥିରେ ସେକ୍ଟର-୬ ସ୍ଥିତ ଫିଟନେସ୍ ପାର୍କ ସ୍ୱଚ୍ଛତା ଗ୍ରୁପ୍, କ୍ଲିନ୍ ଆଣ୍ଡ ଗ୍ରୀନ୍ ଗ୍ରୁପ୍ ସାମିଲ ହୋଇଥିଲେ। ଏହାକୁ ଟିଇ-ପିଏଚର ଆସିଷ୍ଟାଣ୍ଟ ମ୍ୟାନେଜର ଆର ପ୍ରଧାନ ସଂଯୋଜନା କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ



**ରାଉରକେଲା, ୨୪।୩(ସମିସ):** ମଙ୍ଗଳବାର ପୁଲିସ ମୁଖ୍ୟାଳୟଠାରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ସହରର ବିଭିନ୍ନ ଅଞ୍ଚଳରୁ ୫୬୨ ଜଣ ବରିଷ୍ଠ ନାଗରିକଙ୍କୁ ଏହି ଅବସରରେ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଏହି ପରିଚୟ ପତ୍ର ମାଧ୍ୟମରେ ସହଜ ଚିହ୍ନଟ, ଶୀଘ୍ର ସହାୟତା ଓ ବୃଦ୍ଧ ମାନଙ୍କ ପାଇଁ ସୁବିଧା ଉନ୍ନତ କରିବାକୁ ଜରୁରୀ ସମୟରେ ସହାୟତା ମିଳିବ ବୋଲି ସୂଚନା ଦିଆଯାଇଛି। ରାଉରକେଲା ସହର ଅଧୀନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୮୬ ଜଣ ବିଟ୍ ଅଫିସର୍ ନିଯୁକ୍ତ କରାଯାଇଛି। ସେମାନଙ୍କୁ ବରିଷ୍ଠ ନାଗରିକମାନଙ୍କ ସହ ସମୟୋପଯୋଗୀ ସମ୍ପର୍କ ରଖିବା, ସେମାନଙ୍କ ସମସ୍ୟା ଶୁଣିବା ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସହାୟକ ଓ ପ୍ରଗତିଶୀଳ ପରିବେଶ ସୃଷ୍ଟି ପାଇଁ ପୁଲିସ ନିରନ୍ତର ପ୍ରୟାସ କରିବ ବୋଲି ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି।


**TPWODL**

**TP WESTERN ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.- Sambalpur - 768017 (Odisha)

**OPEN ACCESS CHARGES NOTIFICATION**

**Surcharge, Wheeling Charge & Transmission Charge for HT & EHT Open Access Consumers 1MW & above and for LT Green Energy Open Access Consumers of 100 kW and above.**

**EFFECTIVE FROM 1st April, 2026**

In exercise of the powers conferred under Sections 39,40 and 42 of the Electricity Act, 2003 read with the provisions of OERC (Terms and Conditions of Intra State Open Access) Regulations, 2020, the Odisha Electricity Regulatory Commission has passed Common Order on 24.03.2026 in Case Nos. 137, 126, 130, 134, 138,127, 131, 135 of 2025 with regard to approval of Open Access Charges (Transmission/wheeling Charges, Surcharge and Additional Surcharge) applicable to Open Access customers at HT EHT level and Green Energy Open Access customers at LT level for use of Intra-state transmission/ distribution system which shall be effective from **1st April, 2026.**

**1.** The wheeling charge and surcharge as indicated in Table below shall be applicable **w.e.f. 01.04.2026.**

**Surcharge, Wheeling Charge & Transmission Charge for HT & EHT Open Access Consumers of 1MW & above and for LT Green Energy Open Access Consumers of 100 kW and above**

| Name of the licensee | Cross Subsidy Surcharge (P/U) | | | Wheeling Charge P/U applicable to HT & LT Consumers | Transmission Charges for Open Access Customer (applicable for HT & EHT Consumers) |
|---|---|---|---|---|---|
| | EHT | HT | LT | | |
| TPCODL | 151.83 | 56.42 | 112.90 | 116.56 | The Open Access customer availing Open Access shall pay Rs.5760/MW-day (Rs.240/MWh) as transmission charges. |
| TPNODL | 142.73 | 1.63 | 34.39 | 180.86 | |
| TPWODL | 118.23 | 17.26 | 24.49 | 120.90 | |
| TPSODL | 250.53 | 106.02 | 140.34 | 197.32 | |

2. The normative transmission loss at EHT (3.0%) and normative wheeling loss for HT level (7.0%) are applicable for the year 2026-27.
3. Additional Surcharge: No additional surcharge over and above the Cross-Subsidy Surcharge needs to be paid to the embedded licensee.
4. The Consumers availing renewable power through Open Access shall have to pay the transmission charge, wheeling charge and cross subsidy surcharge as applicable to Consumers availing conventional power.

**Exemption under Odisha renewable Energy Policy 2022:**
(1) Fifty percent (50%) of Cross-subsidy surcharge are payable by the Open Access Consumers, on consumption of energy from RE projects commissioned in the State during the policy period for fifteen (15) years.
(2) No Cross-subsidy surcharge are payable by the Industries in the State availing Renewable power from GRIDCO (with GRIDCO acting as a demand aggregator).
(3) 25% exemption on Wheeling Charges shall be provided to Captive / Open Access Consumers on consumption of energy from RE projects commissioned in the state during the during the RE Policy period for Fifteen (15) years.
(4) OPTCL shall provide exemption of twenty (20) paise per unit on STU (Transmission) charges to captive/open access Consumers on consumption of energy from RE projects commissioned in the State during the policy period for fifteen (15) years. This exemption shall be extended for five (5) more years in case of projects commissioned before 31.03.2026.
(5) No Cross Subsidy surcharge and wheeling charge shall be levied on purchase of power by EV charging stations through Open Access from renewable energy plants located in Odisha for 10 years.
These charges as notified for FY 2026-27 will remain in force until further order.
For the information of the General Public and interested persons, the Commission hereby publishes the charges as would be applicable for all classes of consumers at HT & EHT. The said order shall be available in the Commissions website www.orierc.org as well as in the website of the Distribution Licensee www.tpwesternodisha.com.

Place: Burla
Dated: 24.03.2026

**Chief Executive Officer**


## କନ୍ତସରା ସରକାରୀ ଜମି ହସ୍ତାନ୍ତରକୁ ବିରୋଧ

# ପଲ୍ଲୀ ମଙ୍ଗଳ ସମିତିର ବିଶାଳ ଶୋଭାଯାତ୍ରା

**ବଣାଇଁ, ୨୪।୩ (ସମିସ)**




ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ କନ୍ତସରା ଗ୍ରାମର ସରକାରୀ ଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ବେଆଇନ ଭାବେ ଇଡ୍‌କୋକୁ ହସ୍ତାନ୍ତର କରାଯିବାକୁ ବିରୋଧ କରି ଆଜି ବଣାଇଁ ଅଞ୍ଚଳରେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କନ୍ତସରା ଗ୍ରାମ ପଲ୍ଲୀ ମଙ୍ଗଳ ସମିତିର ଆହ୍ୱାନରେ ଏହି ରାଲି ବଣାଇ ବାଣେଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇଥିଲା। ରାଲିରେ କନ୍ତସରା ସହିତ କେଲୋ, କେନାଭେଟା, ଗୋଗୁଆ, ଇନ୍ଦ୍ରପୁର, ଫଳସାଘାଟ ଓ ନଦୀ ପାର୍ଶ୍ୱରେ ଅବସ୍ଥିତ ଗିଲ୍ଲୀ, ଦେଓପୋଷ, ବନେଇକଳା ଆଦି ଗ୍ରାମର ଶତାଧିକ ଲୋକ ଯୋଗଦେଇଥିଲେ। ରାଲି ସମୟରେ ପ୍ରତିବାଦକାରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସରକାରଙ୍କ ନିଷ୍ପତ୍ତିକୁ ତୀବ୍ର ଭାବରେ ବିରୋଧ କରିଥିଲେ। ଏହି ଶିଳ୍ପ ପ୍ରତିଷ୍ଠା ହେଲେ ଅଞ୍ଚଳର ପରିବେଶ ଉପରେ ଗୁରୁତର ପ୍ରଭାବ ପଡ଼ିବ। ନଦୀ ପାର୍ଶ୍ୱ ଅଞ୍ଚଳ ଦୂଷିତ ହେବା ସହିତ ଚାଷ ଜମି, ଜଳ ସମ୍ପଦ ଓ ସ୍ଥାନୀୟ ଲୋକଙ୍କ ଜୀବିକା ଉପରେ ମାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେମାନେ କହିଥିଲେ। ଏହି ପ୍ରତିନିଧିମଣ୍ଡଳ ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରି ଉକ୍ତ ଜମି ହସ୍ତାନ୍ତରକୁ ତତ୍‌କ୍ଷଣାତ୍ ବାତିଲ କରିବାକୁ ଦାବି କରିଥିଲେ। ସରକାର ଲୋକଙ୍କ ମତାମତକୁ ଅଗ୍ରାହ୍ୟ କରି ପ୍ରକଳ୍ପ ଆଗକୁ ବଢ଼ାଇଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ। ସମିତି ଏହି ରାଲିରେ ପ୍ରାୟତଃ ୧୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।

# ଉଚ୍ଛେଦ ପ୍ରକ୍ରିୟା ବେଳେ ପୁଲିସ ଓ ବସ୍ତି ବାସିନ୍ଦା ମୁହାଁମୁହିଁ



ବରଗଡ଼, ୨୪।୩(ସମିସ): ବରଗଡ଼ ଗଙ୍ଗାଧର ନଗର କେନାଲ ପାର୍ଶ୍ୱରେ ଥିବା ୧୧୦ ଟି ପରିବାରଙ୍କୁ ସରକାରୀ ଜମି ଜବର୍‌ଦଖଲ କରିଥିବା ଦର୍ଶାଇ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିଲା। କିନ୍ତୁ ସେମାନଙ୍କୁ ଥଇଥାନ ନ କରି ଅଳ୍ପ ସମୟ ମଧ୍ୟରେ ଭାଙ୍ଗି ଦେବାରୁ ଆଜି ବସ୍ତିରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ପୁଲିସ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇ ଟଣାଓଟରା ହାଇଥିବା ଆଜି ଦେଖିବାକୁ ମିଳିଥିଲା। ଘର ନଭାଙ୍ଗିବାକୁ ଜେସିବି ଆଗରେ ବସି ପ୍ରତିବାଦ କରିଥିଲେ ଲୋକେ। ଦୀର୍ଘ ସମୟ ଧରି ଯୁକ୍ତିତର୍କ ପରେ ପ୍ରତିବାଦ କରୁଥିବା ମହିଳାଙ୍କୁ ମହିଳା ପୁଲିସ୍ ଉଠାଇ ନେଇଥିଲା। ୧୧୦ଟି ଘର ମଧ୍ୟରୁ ୪୦/୪୫ଟି ଘର ଉଚ୍ଛେଦ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଦୀର୍ଘ ୪୦ ବର୍ଷରୁ ଉପରେ ହେବ ଏହି ଜାଗାରେ ସମସ୍ତେ ରହି ଆସୁଥିଲେ। ସମସ୍ତେ ପ୍ରାୟ ଗରିବ ହୋଇ ଥିବାରୁ ଏତେ ଶୀଘ୍ର କୋଉଠି ଘର ନିର୍ମାଣ କରିବେ କି କୋଉଠି ଘର ଭଡା ନେଇ ରହିବେ ସେଇ ଚିନ୍ତାରେ ସମସ୍ତେ। ସମସ୍ତଙ୍କୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ସହାୟତା ଯୋଗାଇ ଦେବା ସହ ଥଇଥାନ କରିବା ପାଇଁ ପଢ଼ାବାସୀ ନିବେଦନ କରିଛନ୍ତି।

# ଧାନକାର୍ଡ ପାଇଁ ସୋସାଇଟିରେ ତାଲା, ଧାରଣାରେ ଚାଷୀ

ମେଲଛାମୁଣ୍ଡା, ୨୪।୩(ସମିସ)



ଧାନ କାର୍ଡ ପାଇଁ ତାତିଲେ ଚାଷୀ। ସୋସାଇଟିରେ ତାଲା ଦେଇ ଚାଷୀ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ରବି ଋତୁ ପାଇଁ ଧାନ ବିକ୍ରିକୁ ନେଇ ଏବେ ଚିନ୍ତାରେ ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ସନିମାଲ ଗାଁର ଚାଷୀ। ଧାନ ଅଛି, ପାଣି ଅଛି, କିନ୍ତୁ ବିକ୍ରି ପାଇଁ ଧାନକାର୍ଡ ହେଇପାରୁନାହିଁ। ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ସନିମାଲ ନିକଟସ୍ଥ ଭିକ୍ଟୋରିଆ ସାଗର ଡ୍ୟାମ୍‌ର ପାଣିରେ ଚଳିତ ବର୍ଷ ରବି ଚାଷ ହୋଇଛି। ଗତ ବର୍ଷ ତୁଳନାରେ ଏବର୍ଷ ଚାଷର ପରିମାଣ ଅଧିକ ହୋଇଛି। କିନ୍ତୁ ସୋସାଇଟି କର୍ମଚାରୀ ଅଧିକ କାର୍ଡ ପାଇଁ ସିଧାସଳଖ ମନା କରିଛନ୍ତି। ଗତ ବର୍ଷ ଯେତିକି ଧାନକାର୍ଡ ହୋଇଥିଲା, ଏ ବର୍ଷ ମଧ ସେତିକି ହିଁ ହେବ ବୋଲି କହିଛନ୍ତି। ତେବେ ଏଇଠି ପ୍ରଶ୍ନ ଉଠେ ଯେ, ଯଦି ଚାଷ ଅଧିକ ହୋଇଛି, ତେବେ କାହିଁକି ଅଧିକ କାର୍ଡ କାର୍ଡ ଚାଷୀଙ୍କୁ ଦିଆଯାଉ ନାହିଁ? ଚାଷୀଙ୍କ ପରିଶ୍ରମର ମୂଲ୍ୟ କଣ କେବଳ ସରକାରୀ କାର୍ଡ ସଂଖ୍ୟାରେ ସୀମିତ ରହିଛି? ଧାନ କାର୍ଡ ପାଇଁ ସମୟ ସୀମା ଶେଷ ହେବାକୁ ଯାଉଥିବାବେଳେ ପ୍ରଶାସନ କାହିଁକି ଚୁପ୍‌ରହିଛି? ସୋସାଇଟି କର୍ମଚାରୀ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଧାନକାର୍ଡ ସମସ୍ୟା ନେଇ ଜଣାଇଛୁ ଏବେ୍ ଆମେ କିଛି କରିପାରିବୁ ନାହିଁ କହି ହାତ ଟେକି ଦେଇଛନ୍ତି। ଧୈର୍ଯ୍ୟହରା ହୋଇ ଚାଷୀ ଦେବରାଜ ବାରିକ, ଭବାନୀ ଶଙ୍କର ପଧାନ, କୁନୁ ପଣ୍ଡା, କିଶୋର ସାହୁ, ହରି ଶଙ୍କର ବଣିଆଁ, ପ୍ରଫୁଲ୍ଲ ଭୋଇ, ରଘୁ ସାହୁ, ରିଙ୍କୁ ବେହେରା, ଯନ୍ତ ସାହୁ, ସରୋଜ ବେହେରାଙ୍କ ସମେତ ବହୁ ଚାଷୀ ଶନିମାଲ ସୋସାଇଟିରେ ତାଲା ଠୁଙ୍କି ଧାରଣା ଦେଇଛନ୍ତି। ସମସ୍ତ ଚାଷୀଙ୍କୁ ଧାନ କାର୍ଡ ନମିଳିବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଚାଷୀ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ଗଭୀର ନଳକୂପରେ ନିର୍ଭର କରି ଚାଷ କରିଥିବା କେଇଜଣ କାର୍ଡ ପାଇନଥିବା ଚାଷୀଙ୍କ କାର୍ଡ କରିବା ପ୍ରକ୍ରିୟାରେ ବାଧା ସୃଷ୍ଟି ହେଇଛି। ଏଣୁ ଉଭୟ ଗଭୀର ନଳକୂପ ଓ ଭିକ୍ଟୋରିଆ ଡ୍ୟାମ୍ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମଧ୍ୟରେ ଆପୋଷ ଆଲୋଚନା ହୋଇଥିଲା। ଯଦ୍ୱାରା କେବଳ ଚାଷୀଙ୍କ କାର୍ଡ କରିବା ପ୍ରକ୍ରିୟା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନକରିବାକୁ ଧାରଣାରତ ଚାଷୀ ସୋସାଇଟି କର୍ମଚାରୀଙ୍କୁ ରୋକଠୋକ୍ ଚେତାବନୀ ଦେଇଛନ୍ତି। ଧାନକାର୍ଡ ପାଇବାରୁ ବଞ୍ଚିତଥିବା ଚାଷୀ ମଙ୍ଗଳବାର ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବରଗଡ଼ଙ୍କୁ ଭେଟିବା ଆସିଥିଲେ ହେଲେ ଭେଟି ନ ପରି ପୁଣି ଘରକୁ ଫେରି ଯାଇଛନ୍ତି।

# କବି ଖଗେଶ୍ୱର ସେଠଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଇଁ ଦାବିପତ୍ର



ବିଜେପୁର, ୨୪।୩(ସମିସ): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ପକ୍ଷରୁ ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ପାଇଁ ଉଚ୍ଚ ଶିକ୍ଷା, ଯୁବ ଓ କ୍ରୀଡା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଆ ସାହିତ୍ୟରେ କବି ଖଗେଶ୍ୱର ସେଠଙ୍କର ଅବଦାନ ଅଦ୍ୱିତୀୟ। ୧୯୭୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସାରସ୍ୱତ ସମାରୋହରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ କବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କବି ୧୯୭୪ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସର ନାମକରଣ କରିଥିଲେ। ନିକଟ ଅତୀତରେ ତାଙ୍କର ପୂର୍ଣ୍ଣାଙ୍ଗ ଗ୍ରନ୍ଥାବଳୀ ପ୍ରକାଶ ପାଇଛି। ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ପକ୍ଷରୁ ଦୀର୍ଘ ଚତୁର୍ଦ୍ଦଶ ବର୍ଷ ଧରି କବିଙ୍କର ଜୟନ୍ତୀ, ପୁଣ୍ୟ ତିଥି ପାଳନ ହୋଇ ଆସୁଛି। ଏବେ ତାଙ୍କର ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ପ୍ରକାଶିତ ହେଉଥିବା ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହଖେଳର ୪ଟି ସଂଖ୍ୟାକୁ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥଲା। କବି ଖଗେଶ୍ୱରଙ୍କର ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ମନ୍ତ୍ରୀଙ୍କ ସହ ବିଜେପୁର ବିଧାୟକ ସନତ ଗଡ଼ତୀଆ ଉପସ୍ଥିତ ଥିଲେ। ଖଗେଶ୍ୱର ସାହିତ୍ୟ କଳା ପରିଷଦର ଉପଦେଷ୍ଟା ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନ, ସମ୍ପାଦକ ରାଜେଶ୍ୱର ବେହେରା, ଉପସଭାପତି ହୃଦମଣି ସାହୁ, ସହ ସମ୍ପାଦକ ମକରଧ୍ୱଜ ସାହୁ, କୋଷାଧ୍ୟକ୍ଷ ଦେବାଶିଷ ମେହେର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ



ବରପାଲି, ୨୪।୩(ସମିସ): ବରପାଲି ବାଟ ଦେଇ ଛତିଶଗଡ଼ ରାଜ୍ୟକୁ ରିତିମତ ଚୋରା ଗଞ୍ଜେଇ ଚାଲାଣ କାରାବାର ଚାଲିଛି। ଚୋରା ଚାଲାଣକାରୀ ମାନେ ବିଭିନ୍ନ ଗ୍ରାମାଞ୍ଚଳ ବାଟ ଧନ୍ଦା ଚଳାଉଛନ୍ତି। ଗତକାଲି ବରପାଲି ପୁଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଜାତୀୟ ରାଜପଥ ରାବଣଗୁଡା ଛକ ନିକଟରେ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଛନ୍ତି। ଦୁଇଜଣ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ତଲାସି ବେଳେ ବାଇକରୁ ୨୦ କେଜି ୮୧୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଗଞ୍ଜେଇ ସହ ଏକ ବାଇକ୍ (ସିଜି୦୪ଡିକ୍ୟୁ୮୦୦୭), ଦୁଇଟି ମୋବାଇଲ୍ ଫୋନ୍, ନଗଦ ୧୫୧୦ ଟଙ୍କା ଜବତ ହୋଇଥିଲା। ଅଭିଯୁକ୍ତ ଦୁଇ ଜଣ ମଧ୍ୟପ୍ରଦେଶର ଦାମୋହ ଜିଲ୍ଲା କମଲେଶ ଯାଦବ(୩୮) ଓ ପ୍ରବିନ ଅହିୱାର (୫୪)ଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ପୁଲିସ ସେମାନଙ୍କୁ ଗିରଫ କରିବା ସହ କୋର୍ଟକୁ ପଠେଇ ଦେଇଥିଲା। ଗଞ୍ଜେଇ ଜବତ ବେଳେ ମାଜିଷ୍ଟ୍ରେଟ ତହସିଲଦାର ରୁକ୍ମଣ ମେହେର ଉପସ୍ଥିତ ଥିଲେ।

## ଅଧ୍ୟାପିକା ଡ.ମନ୍ଦାକିନୀ ପାଢ଼ୀଙ୍କୁ ପ୍ରୀତି କନ୍ୟା ସମ୍ମାନ

ପଦ୍ମପୁର, ୨୪।୩(ସମିସ): 'ପ୍ରୀତି ପ୍ରଣତି ସାହିତ୍ୟ ସଂସଦ' ଆନନ୍ଦପୁର, କେନ୍ଦୁଝର ଓଡ଼ିଶା ଦ୍ୱାରା ଆୟୋଜିତ ବାର୍ଷିକ ମହୋତ୍ସବ ୨୦୨୬ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିରରେ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଦେବବ୍ରତ ବାରିକଙ୍କ ଅଧ୍ୟକ୍ଷତାରେ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡ.ସୁଷମା ମିଶ୍ର, ଜ୍ଞାନେନ୍ଦ୍ର ହୋତା, ଦେବଦାସ ଛୋଟରାୟ କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ବିଜ୍ଞ ଓ ଅଭିଜ୍ଞ କବି, ଗାଳ୍ପିକ, ଔପନ୍ୟାସିକଙ୍କ ଉପସ୍ଥିତିରେ ଆଲୋଚନା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କ୍ରମରେ ବରଗଡ଼ ଜିଲ୍ଲା ପଦ୍ମପୁରର ସାହିତ୍ୟିକା ଅଧ୍ୟାପିକା ଡ.ମନ୍ଦାକିନୀ ପାଢ଼ୀଙ୍କୁ 'ପ୍ରୀତି କନ୍ୟା' ସମ୍ମାନ ପ୍ରଦାନ କରାହୋଇଛି। ପାଣ୍ଡୁଲିପି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସେ ଏହି ସମ୍ମାନ ହାସଲ କରିଛନ୍ତି। ଏହି ଅବସରରେ ଡ.ପାଢ଼ୀଙ୍କ ପାଣ୍ଡୁଲିପି ପୁସ୍ତକ 'ଜ୍ଞାନମଧୁ' ସାହିତ୍ୟ ସଂସଦ ପକ୍ଷରୁ ଉନ୍ମୋଚିତ ହୋଇଥିଲା। ଡ.ପାଢ଼ୀଙ୍କ ସଫଳତାରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅନେକ ଶୁଭେଚ୍ଛୁ ଓ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏପ୍ରିଲ ୨୭ରୁ ପ୍ରସିଦ୍ଧ ନୃସିଂହନାଥ ବୈଶାଖ ମେଳା

ପାଇକମାଳ, ୨୪।୩(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ନିକଟସ୍ଥ ପ୍ରସିଦ୍ଧ ଶନୃସିଂହନାଥ ମନ୍ଦିର କାର୍ଯ୍ୟାଳୟରେ ନୃସିଂହନାଥ ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିନ୍ହାଙ୍କ ସଭାପତିତ୍ୱରେ ଚଳିତ ବର୍ଷ ପାଇଁ ପ୍ରସିଦ୍ଧ ନୃସିଂହନାଥ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ବରଗଡ଼ ସାଂସଦ ପ୍ରତିନିଧି ପ୍ରିତେଶ ବହିଦାର, ପଦ୍ମପୁର ବିଧାୟିକା ପ୍ରତିନିଧି ଗୌତମ ସିଂ, ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ। ବୈଶାଖ ମେଳା ଆସନ୍ତା ଏପ୍ରିଲ ୨୭ରୁ ମେ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଶାଖ ମେଳା ସମୟରେ ପାଇକମାଳ ଓ ନୃସିଂହ ନାଥ ଅଞ୍ଚଳରେ ନିଶା ଦ୍ରବ୍ୟ ବିକ୍ରି ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇ ବରିଷ୍ଠ ସାମ୍ବାଦିକ ବଡ ଶତପଥୀ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ବୈଠକରେ ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ ଦାୟିତ୍ୱ ସମୟରେ ସଠିକ୍ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ ସରକାରୀ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ପଦ୍ମପୁର, ଝାରବନ୍ଧ, ପାଇକମାଳ, ମାଣ୍ଡୋସିଲ ଅଞ୍ଚଳର ସଚେତନ ନାଗରିକ ତଥା ବରଗଡ଼ ଜିଲ୍ଲାର ବହୁ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ପାଇକମାଳରୁ ନୃସିଂହନାଥ ପର୍ଯ୍ୟନ୍ତରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଥିଲା। ତତ୍ ସହିତ ନୃସିଂହନାଥରୁ ଗୁରୁଣ୍ଡାରାସ୍ତା ମରାମତି କରାଯିବ ପାଇଁ ମଧ ଉପସ୍ଥାପନ କରାଯାଇଥିଲା। ଶେଷରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବରଗଡ଼ରେ ଉତ୍ତମ ରେଳସେବା ପାଇଁ ସାଂସଦଙ୍କ ରେଳମନ୍ତ୍ରୀଙ୍କୁ ଚିଠି



ଜିଲ୍ଲାବାସୀଙ୍କ ମୁଖ୍ୟ ଦାବି ଗାଏବ

ବରଗଡ଼, ୨୪।୩(ସମିସ): ପଶ୍ଚିମ ଓଡ଼ିଶାରେ ରେଳ ବିକାଶ ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ରେଳ ସଂଯୋଗୀକରଣ, ନିୟମିତ ଟ୍ରେନ ବ୍ୟବସ୍ଥା, ରହଣି, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସୁବିଧା ପାଇଁ ତୁରନ୍ତ ହସ୍ତକ୍ଷେପ ପାଇଁ ଚିଠି ଲେଖିଛନ୍ତି। ବରଗଡ଼ ସଂସଦୀୟ କ୍ଷେତ୍ର ଅଧୀନରେ ଇସ୍ପାତ ଏକ୍ସପ୍ରେସର କ୍ରମାଗତ ବିଳମ୍ବ ହେଉଛି। ଏବେ କେତକ ଟ୍ରେନ ୨୦/୨୨ ଘଣ୍ଟା ବିଳମ୍ବ ହେଉଥିବାରୁ ପଶ୍ଚିମ ଓଡ଼ିଶାର ଛାତ୍ର, ରୋଗୀ ଓ ବ୍ୟବସାୟୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଏହାର ସମୟାନୁବର୍ତ୍ତିତା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି। ବ୍ରଜରାଜନଗରର ଏକ ପ୍ରମୁଖ ଶିଳ୍ପାଞ୍ଚଳ, ଏମସିଏଲ, ଏନଟିପିସି ଓ ଓରିଏଣ୍ଟ ପେପର ମିଲ୍ସ ଭଳି ଶିଳ୍ପାନୁଷ୍ଠାନ ରହିଛି। ଏହି ଅଞ୍ଚଳରୁ ରେଳବାଇ ବାର୍ଷିକ ୪୨୦୦ କୋଟିରୁ ଅଧିକ ଟଙ୍କା କୋଇଲା ପରିବହନରୁ ପାଉଥିଲେ ସୁଦ୍ଧା ଏଠାରେ ଯାତ୍ରୀ ସୁବିଧା ଅତ୍ୟନ୍ତ ନଗଣ୍ୟ ବୋଲି ସାଂସଦ ଜଣାଇଛନ୍ତି। ବ୍ରଜରାଜନଗରରେ ଟାଟା-ବିଲାସପୁର ଏକ୍ସପ୍ରେସର ରହଣି ପୁନଃ ପ୍ରଚଳନ କରାଯାଉ ଏବଂ ଆଜାଦ ହିନ୍ଦ୍, ସିକନ୍ଦରାବାଦ-ଦରଭଙ୍ଗା, ହାଇଦ୍ରାବାଦ-ରକ୍ସାଉଲ, ପୁରୀ-ବିକାନେର ଏବଂ ପୁରୀ-ଭାଲସାଡ ଏକ୍ସପ୍ରେସର ରହଣି ପାଇଁ ଅନୁରୋଧ କରିବା ସହ ବିଲାସପୁର-ପୁରୀ ମଧ୍ୟରେ ଏକ ନୂତନ ଟ୍ରେନ ପ୍ରଚଳନ କରିବାକୁ ଦାବି କରିଛନ୍ତି। ଗୋଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ଏବଂ ଜନଶତାବ୍ଦୀ ଏକ୍ସପ୍ରେସକୁ ଝାରସୁଗୁଡ଼ା-ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଝାରସୁଗୁଡ଼ା-ହାଟିଆ ପାସେଞ୍ଜରକୁ ରାୟଗଡ଼ ପର୍ଯ୍ୟନ୍ତ ବଢ଼ାଯାଉ, ହୀରାକୁଦ ଏକ୍ସପ୍ରେସ ସପ୍ତାହକୁ ୩ ଦିନ ପରିବର୍ତ୍ତେ ଦୈନିକ ଚଳାଯାଉ, ବ୍ରଜରାଜନଗରରେ ଶୌଚାଳୟ ନିର୍ମାଣ, କୋଚ୍ ଲୋକେଟର ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା ପାଇଁ ଦାବି ଜଣାଇଛନ୍ତି। ବେଲପାହାଡ ଷ୍ଟେସନକୁ 'ଅମୃତ ଭାରତ ଷ୍ଟେସନ' ଯୋଜନାରେ ତ୍ୱରାନ୍ୱିତ କରିବା, ବରଗଡ଼-ନୂଆପଡ଼ା ରେଳଲାଇନ ପଶ୍ଚିମ ଓଡ଼ିଶା ଓ କେବିକେ ଅଞ୍ଚଳର ବିକାଶ ପାଇଁ ପ୍ରାଥମିକତା ଭିତ୍ତିରେ ଶେଷ କରିବାକୁ ବରଗଡ଼ ସାଂସଦ କେନ୍ଦ୍ର ରେଳମନ୍ତ୍ରୀଙ୍କ ଆଗରେ ଦାବି କରିଛନ୍ତି। କିନ୍ତୁ ସାଂସଦ ପୁରୋହିତ ତାଙ୍କ ନିର୍ବାଚନ ମଣ୍ଡଳୀର ବରଗଡ଼ ଜିଲ୍ଲାର ଲୋକମାନଙ୍କ ଦୁର୍ଦ୍ଦଶା କଥା ପତ୍ରରେ ବିଶେଷ କିଛି ଉଲ୍ଲେଖ କରିନାହାନ୍ତି। ଝାରସୁଗୁଡ଼ା ଜିଲ୍ଲା ଅପେକ୍ଷା ବରଗଡ଼ ଜିଲ୍ଲା ରେଳସେବା କ୍ଷେତ୍ରରେ ଅନେକ ପଛରେ ରହିଯାଇଛି। ଜିଲ୍ଲାର ଦୁଇ ଦଶନ୍ଧି ପୁରୁଣା ମୁଖ୍ୟ ଦୁଇଟି ଦାବି ଆଜି ପର୍ଯ୍ୟନ୍ତ ଅସମାହିତ ହୋଇ ରହିଛି। ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ଓ ଦିଲ୍ଲୀକୁ ସିଧାସଳଖ ଟ୍ରେନ ପାଇଁ ବରଗଡ଼ବାସୀ ଅନେକ ଆଶା ବାନ୍ଧି ରହିଛନ୍ତି। ଅଥଚ ରେଳମନ୍ତ୍ରୀଙ୍କୁ ଲେଖାଯାଇଥିବା ପତ୍ରରେ ଉକ୍ତ ଦୁଇ ସମସ୍ୟା ଉପରେ ପଦେ ବି ଲେଖାଯାଇ ନାହିଁ।

## ନୃସିଂହନାଥରେ କନ୍ଧ ବୁଢ଼ା, କନ୍ଧେନ ବୁଢ଼ୀ ପୂଜା ପ୍ରସ୍ତୁତି

ପାଇକମାଳ, ୨୪।୩(ସମିସ): ଶ୍ରୀଶ୍ରୀ ନୃସିଂହନାଥରେ ଆସନ୍ତା କନ୍ଧ ବୁଢ଼ା, କନ୍ଧେନ ବୁଢ଼ୀ ତଥା ଦେବଦେବୀଙ୍କ ଚତୁର୍ଥ ବାର୍ଷିକ ପୂଜନ ମହୋତ୍ସବକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଯମୁନା କାନ୍ଧୁଣୀ ଆଦିକନ୍ଧ ସମାଜ, ନୃସିଂହନାଥ, ପଦ୍ମପୁର ପକ୍ଷରୁ ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ସଭାପତି, ସମ୍ପାଦକ ଓ ସମସ୍ତ ଜାତିଭାଇଙ୍କ ଉପସ୍ଥିତିରେ କନ୍ଧ କନ୍ଧୁଣୀ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିର୍ମଳ ଗହୀରଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ପୂଜାକ ପାଳନ ପାଇଁ ବିସ୍ତୃତ ଯୋଜନା ହୋଇଥିଲା। ଆସନ୍ତା ଏପ୍ରିଲ ୧୪ରେ ସମାଜର ପାରମ୍ପରିକ ରୀତିନୀତି ଅନୁସାରେ ପୂଜା ଅନୁଷ୍ଠାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ଜୟନ୍ତ ଦୁଧେକାଙ୍କ ସହ ସମସ୍ତ କର୍ମକର୍ତ୍ତା ବୈଠକରେ ସାମିଲ ଥିଲେ।

## ବରପାଲି ମହାବିଦ୍ୟାଳୟରେ ମନୋଦର୍ପଣ କାର୍ଯ୍ୟକ୍ରମ

ବରପାଲି, ୨୪।୩(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ 'ମନୋଦର୍ପଣ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ସୁଶୀଲ ଶଥପଥୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପମୁକ୍ତ ରହିବାକୁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଅଧ୍ୟାପକ ସଂଗ୍ରାମ ରଥ ମାନସିକ ଚାପରୁ ଛାତ୍ରଛାତ୍ରୀ କିପରି ସୁରକ୍ଷିତ ରହିବେ ସେ ସମ୍ବନ୍ଧରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗ ଅଧ୍ୟାପିକା ମନୀଷା ଦାଶ ପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗ ଅଧ୍ୟାପିକା ଡ.ସମ୍ବିତା ପ୍ରଧାନ ସହଯୋଗ କରିଥିଲେ।

## ଗୁଡ଼େଶିରା ମାଁ ସମଲେଶ୍ୱରୀ ପୀଠରେ ଚୈତ୍ର ନବରାତ୍ର

**● ମାଁଙ୍କ କାତ୍ୟାୟନୀ ବେଶ**



ବରଗଡ଼, ୨୪।୩(ସମିସ): ବରଗଡ଼ ସହର ଉପକଣ୍ଠ ଗୁଡେଶିରା ଗାଁରେ ମାଁ ସମଲେଶ୍ୱରୀଙ୍କ ପୀଠରେ ପବିତ୍ର ଚୈତ୍ର ନବରାତ୍ରି ଅବସରରେ ମାଁଙ୍କର ବିଭିନ୍ନରୂପକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଏହି କ୍ରମରେ ଆଜି ମାଁ ସମଲେଶ୍ୱରୀ 'କାତ୍ୟାୟନୀ' ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଘଣ୍ଟ, ଶଙ୍ଖ ଓ ହୁଳହୁଳି ଧ୍ୱନିରେ ଗୁଡେଶିରା ଅଞ୍ଚଳ ଉତ୍ସବମୁଖର ହୋଇଛି। ବରଗଡ଼ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ମାଁଙ୍କ ଦର୍ଶନ କରିଛନ୍ତି। ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେଉଛି।

## ହାଟପଦାରେ ପୁଣି ଭୁଜାଲି ମାଡ଼

**● ଆହତଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର**



ବରଗଡ଼, ୨୪।୩(ସମିସ): ପୁଲିସ ପ୍ରଶାସନ ପକ୍ଷରୁ ଦିନରାତି ପାଟ୍ରୋଲିଂ ଚାଲିଥିଲେ ମଧ ମଙ୍ଗଳବାର ସହରର ହାଟପଦା ଅଞ୍ଚଳରେ ପୁଣି ଭୁଜାଲି ଆକ୍ରମଣ ହୋଇଛି। ଅମିତ ମଲ୍ଲିକ ନାମକ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି। ମୁହଁ ଆଉ ପିଠିରେ ଧାରୁଆ ଅସ୍ତ୍ରରେ ଖୁବ୍ ଜୋର୍‌ରେ ଆଘାତ ହୋଇଥିବା ଦେଖା ଯାଇଛି। ଗୁରୁତର ଆହତ ଅବସ୍ଥାରେ ଅମିତଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାହୋଇଥିଲା। ପରେ ବୁର୍ଲା ଭୀମସାର ରେଫର କରାଯାଇଥିଲା। ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନଥିବା ବେଳେ ସମଗ୍ର ଅଞ୍ଚଳରେ ଖୁବ୍ ଉତ୍ତେଜନା ଲାଗି ରହିଛି। ଅଞ୍ଚଳବାସୀ ଏବେ ଖୁବ୍ ଭୟଭୀତ ଅବସ୍ଥାରେ ଅଛନ୍ତି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସହର ସମସ୍ତ ପ୍ରମୁଖ ରାସ୍ତା ସିଲ୍ କରି ଏବେ ବିଭିନ୍ନ ଜାଗା ଗୁଡିକରେ ଚଢ଼ଉ ଜାରି ରହିଛି। ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା କହିଛନ୍ତି।

# କାମରେ ଆସୁନି ଆୟୁଷ୍ମାନ କାର୍ଡ

**ଅଙ୍କିତଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଅନୁରୋଧ**

ବରଗଡ଼, ୨୪।୩(ସମିସ)



ଝାରବନ୍ଧ ବ୍ଲକ ଅଧୀନ ବେହେରାଡୁବୁରୀ ଗାଁର ୧୦ ବର୍ଷୀୟ ଶିଶୁ ଅଙ୍କିତ ଲୁହାର ଜଟିଳରୋଗ 'ଲୁପସ'ରେ ପୀଡିତ ହୋଇ ଜୀବନ ସଂଘର୍ଷ କରୁଛନ୍ତି। ଗତବର୍ଷରୁ ସେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଅଙ୍କିତଙ୍କ ବାପା ମିନିକେତନ ଲୋହାର ପୁଅଙ୍କ ଚିକିତ୍ସା ପାଇଁ ସବୁ କାମ ଛାଡି ହସ୍ପିଟାଲରେ ରହୁଥିବା ବେଳେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଛି। ପ୍ରଥମେ ରୋଗର ଲକ୍ଷଣ ଦେଖାଦେବା ପରେ ଅଙ୍କିତଙ୍କୁ ସ୍ଥାନୀୟ ଡାକ୍ତରଖାନା ସହିତ ବରଗଡ଼, ନୂଆପଡ଼ା ଓ ବୁର୍ଲାରେ ଚିକିତ୍ସା କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଠାରେ ଗତ ବର୍ଷ ପ୍ରାୟ ଦେଢ଼ ମାସ ଧରି ଚିକିତ୍ସା ଚାଲିଥିଲା। ଏଥିରେ ବହୁ ଟଙ୍କା ଖର୍ଚ୍ଚ ହୋଇଛି। ପରିବାର ପାଖରେ ଆୟୁଷ୍ମାନ କାର୍ଡ ଥିବା ସତ୍ତ୍ୱେ ସମସ୍ତ ଔଷଧ ଏବଂ ଇଂଜେକ୍ସନ ମାଗଣାରେ ମିଳୁନାହିଁ। ବିଶେଷକରି ଗୋଟିଏ ଇଞ୍ଜେକ୍ସନର ମୂଲ୍ୟ ପ୍ରାୟ ୧୨ ହଜାର ଟଙ୍କା ହୋଇଥିବାରୁ ପରିବାର ପକ୍ଷେ ସେଗୁଡିକୁ କିଣିବା ଅସମ୍ଭବ ହୋଇପଡ଼ିଛି। ଚିକିତ୍ସା, ରହିବା ଓ ଖାଦ୍ୟ ଖର୍ଚ୍ଚ ମିଶି ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇଛି। ବର୍ତ୍ତମାନ ଅଙ୍କିତ ଏମ୍ସର ଆଇସିୟୁରେ ରହିଥିବା ବେଳେ ତାଙ୍କର ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଏହି ପରିସ୍ଥିତିରେ ପୁଅଙ୍କ ଜୀବନ ବଞ୍ଚାଇବା ପାଇଁ ମିନିକେତନ ଲୋହାର ସରକାର, ପ୍ରଶାସନ ତଥା ଓ ସମାଜର ସହାୟତା ଆଶା କରୁଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ଦେଇ ପାଇକମାଲ ବ୍ଲକ ଟେମରି ଗାଁର ସ୍ୱେଚ୍ଛାସେବୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରି ଅଙ୍କିତଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ବ୍ୟବସ୍ଥା କରିବା ସହିତ ଜିଲ୍ଲାରେଡ୍ କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ବୁଣାକାରଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ବରଗଡ଼, ୨୪।୩(ସମିସ): ବରଗଡ଼ ଜିଲ୍ଲାର ଅନୁସୂଚିତ ଜାତି (ଏସ୍‌ସି) ବୁଣକମାନଙ୍କ ପାଇଁ ଡୋବି ଓ ଜାଲା ବୁଣା କୌଶଳର ବିକାଶ ନିମନ୍ତେ ୬୦ ଦିବସୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସୋହେଲା ବ୍ଲକ ଅଧୀନ ଗୋଠ, ଛୁରିଆପାଲି ଓ ସାଧୁପାଲି ଏବଂ ବିଜେପୁର ବ୍ଲକ ରଙ୍ଗମାଟିଆ ଓ ବିଜେପୁର ସ୍ଥିତ ହସ୍ତତନ୍ତ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା (ପିଏମ-ଏଜେୱାଇ)ର ହାଇବ୍ରିଡ୍ ପ୍ରକଳ୍ପ ଅଧୀନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଅନୁସୂଚିତ ଜାତି ବୁଣାକାମାନଙ୍କୁ ସଂଗଠିତ କରିବା, ବର୍ତ୍ତମାନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ କୌଶଳ ଗୁଡିକୁ ଶିଖାଇବା, ଡୋବି ଓ ଜାଲା ପରି ଆଧୁନିକ ବୁଣା ପ୍ରଯୁକ୍ତିରେ ତାଙ୍କର ଦକ୍ଷତା ବୃଦ୍ଧି, ପାରମ୍ପରିକ ବୁଣା କୌଶଳକୁ ସୁଦୃଢ଼ କରିବା, ଆଧୁନିକ ଡିଜାଇନ ଓ ଉତ୍ପାଦନ ପ୍ରଣାଳୀକୁ ଏକତ୍ର କରି ଉତ୍ପାଦନ କ୍ଷମତା ଓ ଆୟ ବୃଦ୍ଧି କରିବା ଏହି ଶିବିରର ଉଦ୍ଦେଶ୍ୟ ରହିଛି। ତାଲିମ ଶିବିରରେ ଆଗାମୀ ୬ ମାସରେ ଜିଲ୍ଲାର ୩୦୦ ଜଣ ଅନୁସୂଚିତ ଜାତି ବୁଣାକାରଙ୍କୁ ୩ଟି ପର୍ଯ୍ୟାୟରେ ତାଲିମ ଦିଆଯିବ। ଶିକ୍ଷାର୍ଥୀ ତଥା ବୁଣାକାରଙ୍କୁ ଦୈନିକ ୨୦୦ ଟଙ୍କା ହିସାବରେ ଜଣଙ୍କୁ ୬୦୦୦ ଟଙ୍କା ଭତ୍ତା ପ୍ରଦାନ କରିବା ସହ ଟ୍ରେନିଂରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଶିକ୍ଷାର୍ଥୀଙ୍କୁ ନିଜ ଉଦ୍ୟୋଗର ବିକାଶ ନିମନ୍ତେ ୫୦ ପ୍ରତିଶତ ସବସିଡିରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଲୋନ ଯୋଗାଇ ଦିଆଯିବ। ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଏଫଡିସି ମେମ୍ବରରାଜ ମହାନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସୋହେଲା ବିଡିଓ କରିସ୍ମା ଭେଷ୍ଟ୍ରା ଏବଂ ଜିଲ୍ଲା ଶ୍ରମ ଅଧିକାରିଣୀ ସସ୍ମିତା ବିଶ୍ୱାଳଙ୍କ ସମେତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।





## ରାସ୍ତା ମାଡ଼ି ବସୁଛନ୍ତି ବୁଲା ଗୋରୁ

# କିଏ ପିଉଛି କ୍ଷୀର; କିଏ ଖାଉଛି କଚଡ଼ା

ଭୁବନେଶ୍ୱର, ୨୪।୩(ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ବୁଲା ଗୋରୁ ଏବେ ଲୋକଙ୍କ ଚିନ୍ତାର ବିଷୟ ପାଲଟିଛନ୍ତି। କାରଣ ଗୋରୁମାନଙ୍କ ପାଇଁ ରାଜରାସ୍ତା ଏବେ ଗୋରୁ ଗୁହାଳ ପାଲଟିଛି। ଏଥିଯୋଗୁଁ ରାସ୍ତାରେ ମାଳ ମାଳ ଗୋରୁ ମନଇଚ୍ଛା


**■ ରାତି ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକ**



ବୁଲୁଛନ୍ତି। ଫଳରେ ଯାନବାହାନ ଚଳାଚଳ ପ୍ରଭାବିତ ହେଉଛି। ରାସ୍ତା ଉପରେ ଛିଡ଼ା ହେବା ଦ୍ୱାରା ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି।

କିଛି ଗୋରୁ ପାଳକ ଗୋରୁ ରଖୁଛନ୍ତି କେବଳ କ୍ଷୀର ଦୁହିଁବାକୁ। କ୍ଷୀର ଦୁହିଁସାରିବା ପରେ ଗୋରୁଙ୍କୁ ରାସ୍ତାକୁ ଛାଡ଼ି ଦେଉଛନ୍ତି। ଦିନରାତି ଗୋରୁ ବାହାରେ ବୁଲୁଛନ୍ତି। ଅଧିକାଂଶ ସମୟରେ ଏହି ଗୋରୁମାନେ ରାସ୍ତା ଉପରକୁ ଚାଲି ଆସୁଛନ୍ତି। କେବେକେ ସହରରେ ବିଶେଷ କାର୍ଯ୍ୟକ୍ରମ ପାଳନ ସମୟରେ କିମ୍ବା ଅନ୍ୟ କୌଣସି ବଡ଼ ମହୋତ୍ସବ ବା କୌଣସି ମନ୍ତ୍ରୀ ଆସିଲେ ବିଏମ୍‌ସି ପକ୍ଷରୁ ତତ୍ପରତା ଦେଖିବାକୁ ମିଳୁଛି। ସେହି ସମୟରେ ହିଁ ଗୋରୁଙ୍କୁ ଉଠାଉଛନ୍ତି, ନଚେତ୍ ଏପରି ମାଳ ମାଳ ଗୋରୁ ରାସ୍ତା ମାଡି ବସୁଛନ୍ତି। ହେଲେ ଏହି ପରିସ୍ଥିତି ରାତି ସମୟରେ ଅଧିକ ଜଟିଳ ହେଉଛି। ଫଳରେ ସେଠାରେ ଦୁର୍ଘଟଣା ହେବାର ଭୟ ମଧ୍ୟ ଉପୁଜୁଛି। ରାଜଧାନୀସହର ଭିତର ଅପେକ୍ଷା ଉପକଣ୍ଠର ଲୋକେ ଏହି ବୁଲା ଗୋରୁଙ୍କ ପାଇଁ ଅଧିକ ହଇରାଣ ହେଉଛନ୍ତି। ରାତିରେ ଚଳନ୍ତା ଗାଡ଼ି ସାମ୍ନାକୁ ଏମାନେ ହଠାତ୍ ଚାଲି ଆସିବାରୁ ସମସ୍ୟା ଉପୁଜୁଛି। ନଚେତ୍ ସେମାନଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ପରିସ୍ଥିତି ସୃଷ୍ଟି ହେଉଛି। ବିଶେଷ କରି କଳିଙ୍ଗ ବିହାର, ଭଗବାନପୁର, ଜାଗମରା, ଖଣ୍ଡଗିରି, ଗଣ୍ଡମୁଣ୍ଡା ଛକ, ସୁନ୍ଦରପଦା - ଜଟଣୀ ରାସ୍ତା, ନୂଆଗାଁ ରାସ୍ତା, କଳିଙ୍ଗ ଷ୍ଟୁଡିଓ ଛକ, ସତ୍ୟବିହାର, ପଟିଆ ଆଦି ସ୍ଥାନରେ ରାସ୍ତାରେ ମାଳ ମାଳ ଗୋରୁ ଦେଖିବାକୁ ମିଳୁଛି। ସୁନ୍ଦରପଦା ହାଟ ଛକ ରାସ୍ତାରେ ସନ୍ଧ୍ୟା ହେବା ମାତ୍ରେ ଗାଇଗୋରୁ ରାସ୍ତା ମାଡି ବସୁଛନ୍ତି। ଏମାନେ ସହର ସୌନ୍ଦର୍ଯ୍ୟୀକରଣକୁ ନଷ୍ଟ କରିବା ସହିତ ସେମାନଙ୍କ କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ବିଏମ୍‌ସି ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି କରାଯାଉଛି।

**ପୁରୁଣା ଫଟୋ: ପୁରୁଣା ସ୍ମୃତି**



ଭୁବନେଶ୍ୱର, ୨୪।୩(ସମିସ): ଭାରତ ଇତିହାସରେ ଓଡ଼ିଶା ବା ପ୍ରାଚୀନ କଳିଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଯାହା ଏହାର ପ୍ରାଚୀନ ସାମରିକ ଶକ୍ତି, ସମୃଦ୍ଧ ସଂସ୍କୃତି, ବାଣିଜ୍ୟ ଏବଂ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ପାଇଁ ଜଣାଶୁଣା। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ସେ ନେଇ ଅନେକ ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ଓଡ଼ିଶାଗ୍ରସ୍ତରେ ଆସିଛନ୍ତି। ସେହି ସମୟର କିଛି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ଯେଉଁଥିରେ ଏକ କଳାଧଳା ଫଟୋରେ ସ୍ୱାଧୀନତା ପୂର୍ବ ସମୟର କିଛି ଇତିହାସ ବଖାଣୁଛି। ସେଥିରେ ଓଡ଼ିଶାକୁ ପ୍ରଥମକରି ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଆସିଥିଲେ। ତାଙ୍କ ଆଗମନ କରିବା ଅବସରରେ କଟକ କାଠଯୋଡି ନଦୀ ପଠାରେ ଅନୁଷ୍ଠିତ ସାଧାରଣ ସଭାରେ ମହାତ୍ମା ଗାନ୍ଧୀଙ୍କ ଉଦବୋଧନ। ନିକଟରେ ଉପସ୍ଥିତ ଅଛନ୍ତି କସ୍ତୁରବା ଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଗଣ। ଯେଉଁ ସମୟରେ ଗାନ୍ଧୀ ଅସହଯୋଗ ଆନ୍ଦୋଳନ କରିଥିଲେ ବୋଲି ଇତିହାସରୁ ଜଣାଯାଏ।

## ଚୋରି ପିକଅପ୍ ସହ ଥର୍ ଉଦ୍ଧାର; ଦୁଇ ଅଟକ

ହଂସପାଳ, ୨୪।୩(ସମିସ): ହଂସପାଳ ଅଭୟମୁଖି ରାସ୍ତା ବାଲିଅନ୍ତା ମାଟିକୋଟ ନିକଟରୁ ଚୋରି ହୋଇଥିବା ବୋଲେରୋ ପିକଅପ୍ ଗାଡ଼ିକୁ ଧରିବା ରେ ସଫଳ ହୋଇଛି ବାଲିଅନ୍ତା ଥାନା ପୋଲିସ। ସୂଚନା ଅନୁସାରେ ଗତ ୧୯ ତାରିଖ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ କଳା ରଙ୍ଗର ଥର ଗାଡ଼ିରେ ଆସି ମାଟିକୋଟ ରାସ୍ତପାର୍ଶ୍ୱ ସିମେଣ୍ଟ ଦୋକାନ ସମ୍ମୁଖରେଥିବାବୋଲେରୋ ପିକଅପ୍ ଗାଡ଼ିକୁ କୌଶଳ କ୍ରମେ ସେଠାରୁ ନେଇ ପଳାଇଥିଲେ। ସକାଳୁ ଗାଡ଼ି ମାଲିକ ନିଜ ପିକଅପ୍ ଚୋରି ହୋଇଥିବା ଜାଣି ବାଲିଅନ୍ତା



ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସିଟିଭି ଆଧାରରେ ବିଭିନ୍ନ ସ୍ଥାନରେ ଚଢଉ କରି ଖଣ୍ଡଗିରି ଥାନା ଯଦୁପୁର ନିକଟରୁ ଥର ଗାଡ଼ିକୁ ଜବତ କରିବା ସହ ୨ ଜଣଙ୍କୁ କାବୁ କରିଥିଲେ ଏବଂ ଅନ୍ୟ ଜଣେ ଖସି ପଳାଇଥିଲେ। ପଚରାଉଚରା ସମୟରେ ସେ ପିକଅପ୍ ଗାଡ଼ିକୁ ଏମ୍ସ ମେଡିକାଲ ପଛପଟେ ରଖିଥିବା ମାନିଥିଲେ। ପୋଲିସ ଏମ୍ସ ପଛପଟୁ ପିକଅପ୍ ଗାଡ଼ିକୁ ଥାନାକୁ ଆଣିବା ସହ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି।

## ପିଲାର୍‌ରୁ ଲୁହାଛଡ଼ ଫ୍ରେମ୍ ଚୋରି; ୨ ଗିରଫ



ହଂସପାଳ, ୨୪।୩(ସମିସ): ନିର୍ମାଣାଧୀନ କୋଠାରୁ କଂକ୍ରିଟ ପିଲାର୍‌ର ଲୁହାଛଡ଼ ଫ୍ରେମ୍ ଚୋରି କରିବା ଅଭିଯୋଗରେ ଦିଲ୍ଲୀପ ସେଠୀଙ୍କ ଲିଖିତ ରିପୋର୍ଟ ଆଧାରରେ ପାହାଳ ଥାନା ପୁଲିସ ଦୁଇ ଅଭିଯୁକ୍ତ ଜଗନ୍ନାଥପୁର ଗ୍ରାମର ବିଶାଳ ରାଉତ(୨୭) ଓରଫ ରାଜା ଏବଂ କଟକ ସଦର ଥାନା ଗୁଆଳି ଗ୍ରାମର ରୋହିତ ସିଂହ (୧୯) ଓରଫ ବବୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଦିଲ୍ଲୀପ ଙ୍କର ଜଗନ୍ନାଥପୁର ଗ୍ରାମରେ ମୋଟ ୬୦ ଡିସିମିଲ ପରିମାଣର ଦୁଇଟି ପ୍ଲଟ ରହିଛି। ସେହି ପ୍ଲଟ ଦୁଇଟିରେ ସେ ପାଚେରୀ ନିର୍ମାଣ କରିବା ଲାଗି ୧୩ ଟି କଂକ୍ରିଟ ପିଲାର ସ୍ଥାପନ କରିଥିଲେ। କିନ୍ତୁ ସନ୍ଧ୍ୟା ହୋଇଯିବାରୁ କଂକ୍ରିଟ କାମ ବନ୍ଦ କରିଦିଆଯାଇଥିଲା। ଫଳରେ ଚାରିଟି ପିଲାରର କଂକ୍ରିଟ୍ କାମ ଭଲଭାବେ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏହାର ସୁଯୋଗ ନେଇ ଅଜଣା ଦୁର୍ବୃତ୍ତମାନେ କାମ ଅଧା ରହିଥିବା ପିଲାରରୁ ଲୁହା ଛଡ ସବୁକୁ କାଢ଼ି ନେବା ସହ ଚାରିଟି ଲୁହା ଜାଲି ପ୍ୟାନେଲକୁ ମଧ୍ୟ ଚାଡି ନେଇଯାଇଥିଲେ। ଏନେଇ ଦିଲୀପ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ, ବିଶାଳ ଓ ରୋହିତ ପ୍ରାତଃ ସମୟରେ ଏକ ମୋଟରସାଇକେଲ ଯୋଗେ ଲୁହା ଜାଲି ପ୍ୟାନେଲ ବୋହି ଅନନ୍ତପୁରସ୍ଥିତ କବାଡିଆ ଦୋକାନ ଅଭିମୁଖେ ଯାଉଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସଙ୍ଗେ ସଙ୍ଗେ ପାହାଳ ଥାନା ପୁଲିସ ଟିମ ଘଟଣାସ୍ଥଳରେ ଅତର୍କିତ ଚଢଉ କରି ବିଶାଳ ଏବଂ ରୋହିତଙ୍କୁ ଗିରଫ କରିଥିବା ବେଳେ, ଉଭୟଙ୍କ ହେପାଜତରୁ ଦୁଇଟି ଲୁହାଜାଲି ପ୍ୟାନେଲକୁ ଜବତ କରିଥିଲେ। ପଚରାଉଚରା ସମୟରେ ଉଭୟ ଚୋରୀ ନେଇ ନିଜ ଦୋଷ ସ୍ୱୀକାର କରିଥିଲେ। ବିଶାଳ ପୂର୍ବରୁ ସଦର ଥାନାର ଦୁଇଟି ଭିନ୍ନ ମାମଲାରେ ଜଡିତ ଥିବା ତଦନ୍ତ ସମୟରେ ଜଣାପଡ଼ିଛି।

## ସର୍ବାଧିକ ହୋଲ୍ଡିଂ ଟାକ୍ସ ପ୍ରଦାନକାରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୪।୩(ସମିସ): ସର୍ବାଧିକ ହୋଲ୍ଡିଂ ଟାକ୍ସ ପ୍ରଦାନକାରୀଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସମ୍ମାନ ସୂଚକ ପ୍ଲାଣ୍ଟର ପ୍ରଦାନ କରାଯାଇଛି। ପ୍ରତି ଜୋନରୁ ୩୦ ଜଣ ଲେଖାଏଁ ସର୍ବାଧିକ ହୋଲ୍ଡିଂ ଟାକ୍ସ ଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ ସ୍ୱଚ୍ଛ ସର୍ବେକ୍ଷଣ ବାର୍ତ୍ତା ଭୁବନେଶ୍ୱରବାସୀଙ୍କୁ ଦେବା ସହ ସବୁଜ ସୁନ୍ଦର ଭୁବନେଶ୍ୱର ଗଠନରେ ସେମାନଙ୍କର ଅବଦାନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ଲାଣ୍ଟର ପ୍ରଦାନ କରାଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ପରି ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ବିଏମ୍‌ସି ଅଞ୍ଚଳରୁ ହୋଲ୍ଡିଂ ଟାକ୍ସ ଆଦାୟ ଜାରି ରହିଛି। ଏ ଯାଏ ସର୍ବାଧିକ ହୋଲ୍ଡିଂ ଟାକ୍ସ ଦାତାଙ୍କ ମଧ୍ୟରେ ଉତ୍ତର ଜୋନର କିଟ୍ ପ୍ରାୟ ୧ କୋଟି ୧୯ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଦକ୍ଷିଣ-ପଶ୍ଚିମ ଜୋନର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ୩ କୋଟିରୁ ଅଧିକ ଟଙ୍କାର ହୋଲ୍ଡିଂ ଟାକ୍ସ ଦେଇଛି। ସେହିପରି ଦକ୍ଷିଣ-ପୂର୍ବ ଜୋନର କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ ସର୍ବାଧିକ ପ୍ରାୟ ୪୩ଲକ୍ଷ ଟଙ୍କା ହୋଲ୍ଡିଂ ଟାକ୍ସ ପ୍ରଦାନ କରିଛନ୍ତି। ସର୍ବାଧିକ ଟାକ୍ସ ପ୍ରଦାନକାରୀଙ୍କ ସହ ସମସ୍ତ ଟିକସଦାତାଙ୍କୁ ମେୟର ସୁଲୋଚନା ଦାସ ଓ କମିସନର ଚଞ୍ଚଳ ରାଣା ଅଭିନନ୍ଦନ ଜଣାଇଛନ୍ତି।

## ପିଆଇବି ହାଇଦ୍ରାବାଦ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି

ଭୁବନେଶ୍ୱର, ୨୪।୩(ସମିସ): ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ତେଲଙ୍ଗାନା ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧିଦଳ ଆଜି ପ୍ରଥମ ଦିନରେ ହାଇଦ୍ରାବାଦସ୍ଥିତ ପତ୍ର ସୂଚନା



କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସହ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପ ଓ ଅନୁଷ୍ଠାନମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ପ୍ରତ୍ୟକ୍ଷ ଅବଗତି ହାସଲ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ପିଆଇବି ହାଇଦ୍ରାବାଦର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୁତି ପାଟିଲ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ସରକାରୀ ନୀତି ଓ ଜନସାଧାରଣଙ୍କ ସଚେତନତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ଏପରି ପ୍ରେସ୍ ଟୁର୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ସାମ୍ବାଦିକମାନେ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରି ତଥ୍ୟଭିତ୍ତିକ ଓ ପ୍ରଭାବଶାଳୀ ଖବର ପରିବେଷଣ କରିପାରିବେ। ଭାରତ ସରକାର ଦକ୍ଷତା ବିକାଶ ଓ କ୍ଷମତା ବୃଦ୍ଧିକୁ ଗୁରୁତ୍ୱ ଦେଇ ରାଜ୍ୟମାନଙ୍କ ସମାବେଶୀ ବିକାଶ ପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛନ୍ତି। ତେଲେଙ୍ଗାନାରେ ବହୁସଂଖ୍ୟକ ଓଡ଼ିଆ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବାରୁ ଦୁଇ ଅଞ୍ଚଳ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ।

## 'ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦଙ୍କୁ ସମ୍ମାନ ଓ ସ୍ୱୀକୃତି ମିଳୁ'

ଭୁବନେଶ୍ୱର, ୨୪।୩(ସମିସ): ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଏବଂ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନର ୫ମ ବାର୍ଷିକ ରାଜ୍ୟ ସମ୍ମିଳନୀ ମଙ୍ଗଳବାର ରାଜ୍ୟ ସ୍କାଉଟ୍ସ ଓ ଗାଇଡସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ଡକ୍ଟର କାଳୀପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ପ୍ରାକ୍ତନ



ବିଧାୟକ ତଥା ଶତାୟୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମ ଚରଣ ନାୟକ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଏବଂ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗ ଦେଇଥିଲେ। ଶ୍ରୀ ରାଉତରାୟ ଓ ଶ୍ରୀ ତ୍ରିପାଠୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପରିବାରକୁ ସରକାର ଉପଯୁକ୍ତ ସମ୍ମାନ ଦେବା ସହିତ ଦାୟଦମାନଙ୍କ ପାଇଁ ଘୋଷଣା କରାଯାଇଥିବା କୁଟୁମ୍ବ ପେନସନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଜେପି ନେତା ତୁଷାରକାନ୍ତି ଚକ୍ରବର୍ତ୍ତୀ ଯୋଗ ଦେଇଥିବା ବେଳେ ପ୍ରାରମ୍ଭରେ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଉପସଭାପତି ଦିବାକର ପୁଷ୍ଟି, ସୀତାବଲ୍ଲଭ ମହାପାତ୍ର, ଶିବନାରାୟଣ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ସଭାପତି ବୈକୁଣ୍ଠ ନାଥ ମହାପାତ୍ର ଓ ବାଲେଶ୍ୱର ଜିଲ୍ଲା ସଭାପତି ବିଧାନ ଚନ୍ଦ୍ର ରାୟ ଉଦବୋଧନ ଦେଇଥିଲେ କୁଳମଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦମାନଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୫୦ ଜଣ ନୂତନ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

## ମାନବିକତା ଦେଖାଇଲେ ରୀନାରାଣୀ





ବାଲିଅନ୍ତା, ୨୪।୩(ସମିସ): ବାଲିଅନ୍ତା ଥାନା ଅଧୀନ ଖମଙ୍ଗ ଶାସନ ଗ୍ରାମର ସଂଯୁକ୍ତା ସ୍ୱାଇଁଙ୍କ ମୃତ୍ୟୁ ପରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌ରେ ଥିବା ୨ ଲକ୍ଷ ଜମା ଟଙ୍କାକୁ ଫେରାଇଛନ୍ତି ସେହି ଆକାଉଣ୍ଟ୍‌ର ନୋମିନି କାକରୁଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ରୀନାରାଣୀ ଜେନା। ସୂଚନା ଅନୁସାରେ ସଂଯୁକ୍ତାଙ୍କ ମୃତ୍ୟୁ ପରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌ରେ ୨ ଲକ୍ଷ ଟଙ୍କା ରହିଥିଲା। ଯାହାର ନୋମିନି ଥିଲେ ରୀନାରାଣୀ। ଯାହା ଫଳରେ ବ୍ୟାଙ୍କ୍ ଅଧିକାରୀ ସେହି ଟଙ୍କାକୁ ରୀନାରାଣୀଙ୍କ ଆକାଉଣ୍ଟ୍‌କୁ କ୍ରେଡିଟ କରି ଦେଇଥିଲେ। ରୀନାରାଣୀ ନିଜର ମାନବିକତା ଦେଖାଇ ସେଇ ଟଙ୍କାକୁ ବାଲିଅନ୍ତା ଥାନା ଅଧିକାରୀଙ୍କ ଉପସ୍ଥିତିରେ ସଂଯୁକ୍ତାଙ୍କ ସ୍ୱାମୀ ରାଜକିଶୋର ସ୍ୱାଇଁଙ୍କୁ ଚେକ୍ ମାଧ୍ୟମରେ ହସ୍ତାନ୍ତର କରିଥିଲେ। ରୀନାରାଣୀଙ୍କ ଏଇଭଳି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ସୁଅ ଛୁଟୁଛି।

## 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର' ଲୋକାର୍ପିତ



ଭୁବନେଶ୍ୱର, ୨୪।୩(ସମିସ): ଶ୍ରୀଜଗନ୍ନାଥ ସୌରଭ ସମ୍ଭାର ପୁସ୍ତକର ଲୋକାର୍ପଣ ଓ ଆଲୋଚନା ଚକ୍ର ମାଷ୍ଟରକ୍ୟାଣ୍ଟିନ ସ୍ଥିତ ବୁଲନଭାଇ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ପ୍ରସ୍ତୁତ ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର ପୁସ୍ତକ ବିଷୟରେ ଏକ ଆଲୋଚନା ହୋଇଥିଲା। ଶ୍ରୀ ଜଗନ୍ନାଥଙ୍କ ସସ୍କୃତି ସୌରଭ ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ଏହି ପ୍ରୟାସ କରାଯାଇଛି ବୋଲି ଡ. ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ ପ୍ରମୁଖ ସଭାରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବିଜୟ ଦାଶ ଓ ପଣ୍ଡିତ ଦାଶରଥି ସାମନ୍ତରାୟଙ୍କ ଦ୍ୱାରା ପୁସ୍ତକର ସମସ୍ତ ବିଷୟରେଆଲୋଚନାକରାଯାଇଥିଲା।ପ୍ରଥମେଭାରତୀଭୂଷଣପଟ୍ଟନାୟକ, ସ୍ୱର୍ଣ୍ଣଲତାପାଣି, ତେଜେଶ୍ୱନୀ ରଥ, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

# ଅଟକିଯାଇଛି ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର/କଟକ, ୨୪।୩(ସମିସ): ତତ୍କାଳୀନ ବିଜେଡି ସରକାର ଏସସିବି ମେଡିକାଲକୁ ଏମ୍ସ ପ୍ଲସ କରିବା ଲକ୍ଷ୍ୟ ନେଇ ପ୍ରଥମେ ଏସସିବିକୁ ସଂଯୋଗ କରୁଥିବା ଏହି କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ ଯୋଜନା କରିଥିଲେ। ଏହି ଯୋଜନା କାର୍ଯ୍ୟକାରୀ କରି ପ୍ରଥମ ପର୍ଯ୍ୟାୟରେ ଯୋବ୍ରାରୁ ରାଣିହାଟ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲକୁ ନୂତନ ରୂପ ଦେବା ସହ କେନାଲର ଉଭୟ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କରିଥିଲେ ତତ୍କାଳୀନ ସରକାର। ଏପରିକି ଏହି ସୌନ୍ଦର୍ଯ୍ୟକରଣ କାମ ସେହିସମୟରେ ସାଧାରଣରେ ବେଶ ପ୍ରଶଂସା ସାଉଁଟିଥିଲା। ପରବର୍ତ୍ତୀ ସମୟରେ ଏହାର ଆଖିଦୃଶିଆ ଅଗ୍ରଗତି ହୋଇଚାଲିଥିଲେ ସୁଦ୍ଧା ସରକାର ବଦଳିବା ପରେ ଏହି କାର୍ଯ୍ୟ ଏକପ୍ରକାର ମନ୍ଥର ହୋଇଯାଇଥିଲା। ଯୋବ୍ରାଠାରୁ ବିରିବାଟୀ ପର୍ଯ୍ୟନ୍ତ ପ୍ରାୟ ୧୧କିଲୋମିଟର ଦୀର୍ଘ ଐତିହାସିକ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ଯୋଜନା ଆଉ ଆଗକୁ ନ ବଢ଼ି ଏକ ପ୍ରକାର ଅଟକିଯାଇଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟରେ ଯେତିକି ବି ସୌ÷ନ୍ଦର୍ଯ୍ୟକରଣ ହୋଇଥିଲା ତାହା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଲାଣି। ବିଭିନ୍ନ ସମୟରେ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଅଗ୍ରଗତି ପ୍ରସଂଗରେ ହାଇକୋର୍ଟ ଶୁଣାଣି କରିଆସୁଛନ୍ତି। ଏପରିକି ପ୍ରକଳ୍ପ କାର୍ଯ୍ୟ ମନ୍ଥର ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତଥାପି ଏକ ବର୍ଷରୁ ଅଧିକ ସମୟ ଧରି କଚ୍ଛପ ଗତିରେ ଚାଲିଛି ଏହି ସବୁ କାମ। କେନାଲ ୱାଲକୁ ଅତ୍ୟାଧୁନିକ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ 'ସିନ୍ଥେଟିକ୍ ମାଟ୍ରେସ୍' ବ୍ୟବହାର କରାଯାଇ ଲାଇନିଂ କାର୍ଯ୍ୟ କରାଯାଇଥିଲା। ହେଲେ ଏବେ ବି ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ସିନ୍ଥେଟିକ ୱାଲ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି।



୬୫କୋଟି ଟଙ୍କାର ବ୍ୟୟରେ ଚାଲିଥିବା କେନାଲ ସୌନ୍ଦର୍ଯ୍ୟକରଣ କାମ କେବେ ଶେଷ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ପ୍ରକଳ୍ପର ପରିକଳ୍ପନା ହୋଇଥିଲା ତାହା ସାଧନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପ୍ରସାରିତ ହୋଇଥିବା କେନାଲ ରାସ୍ତା ଫୁଟପାଥରେ ପଡ଼ିଥିବା ପେଭରବ୍ଲକ ଭାଙ୍ଗିରୁଜି ଗଲାଣି। ଏବେ ବି ୧୬ନମ୍ବର ଜାତୀୟ ରାଜପଥ ନିକଟ ମାତୃଭବନ ଠାରୁ ତିନିଘରିଆ ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱ ରାସ୍ତା ନବିକରଣ, ଫୁଟପାଥ କାର୍ଯ୍ୟ ସରିବାର ନାଁ ଧରୁନି। ନବୀକରଣ ହୋଇଥିବା ସମ୍ପ୍ରସାରିତ ରାସ୍ତାରେ ପ୍ରଥମ ଲେୟାର ପିଚୁ ଉଠି ଖାଲଖମାରେ ପରିଣତ ହୋଇଥିଲା ବେଳେ ଆଉ ମରାମତି କାମ ହୋଇନାହିଁ। ସେହିଭଳି କେନାଲ ମଧ୍ୟକୁ ସହରର ଯାବତୀୟ ବର୍ଜ୍ୟ ଜଳ ୮ଟି ଡ୍ରେନ ଦେଇ ନିଷ୍କାସନ ବନ୍ଦ ହେଲା ପରେ କେନାଲ ଲାଇନିଂ କାମ ସମ୍ପୂର୍ଣ୍ଣ ହୋଇପାରିବ ବୋଲି କହିଛନ୍ତି ବିଭାଗୀୟ ଯନ୍ତ୍ରୀ। ଖରିଫ ଋତୁରେ ଜଳସେଚନ ପାଇଁ କେନାଲରେ ଜଳ ପ୍ରବାହ ବନ୍ଦ ହେବା ପରେ ଉକ୍ତ ଲାଇନିଂ କାମ ଆରମ୍ଭ ହେବା କଥା କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ଏସସିବି ମେଡିକାଲ କଲେଜ ଓ ହସପିଟାଲକୁ ପଡୋଶୀ ଜିଲ୍ଲା ମାନଙ୍କରୁ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଓ ଯାନବାହନ ପାଇଁ ଟ୍ରାଫିକ ଭିଡ଼ବିହୀନ ତାଳଦଣ୍ଡା କେନାଲ ରାସ୍ତା ଏକମାତ୍ର ଭରସା। ହେଲେ ଏହି ରାସ୍ତା ପାର୍ଶ୍ୱର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ସହ ଗୃହ ନିର୍ମାଣ ସାମଗ୍ରୀ ଗଦା ହୋଇ ରହିବା ଚିନ୍ତାଜନକ ହୋଇଛି। ସେହିଭଳି ରାସ୍ତା ପ୍ରଶସ୍ତ ହେବା ପରେ ଅନେକ ଲୋକ ଗାଡି ପାର୍କିଂ ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ହାଇକୋର୍ଟଙ୍କ ତାଗିଦା ପରେ ବି ପ୍ରଶାସନିକ ନିଷ୍କ୍ରିୟତା ପାଇଁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନି। ଇତିମଧ୍ୟରେ ମତ୍ତଗଜପୁର ପର୍ଯ୍ୟନ୍ତ କେନାଲ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶେଷ କରାଯାଇଛି ହେଲେ ମତ୍ତଗଜପୁରଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ଅନ୍ଧକାରମୟ ହୋଇରହିଛି। ନିର୍ଦ୍ଧାରିତ ଡେଡଲାଇନ ସରିଥିଲେ ମଧ୍ୟ କେନାଲ ସୌନ୍ଦର୍ଯ୍ୟକରଣ କାମ ପାଇଁ ବର୍ତ୍ତମାନର ସରକାର କେତେଦୂର ଉଦ୍ୟମ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

## ଚୈତ୍ର ନବରାତ୍ର ଷଷ୍ଠ ସନ୍ଧ୍ୟା



ବାରିପଦା ମା'ଅମ୍ବିକାଙ୍କ ଛିନ୍ନମସ୍ତା ବେଶ

**କଲମା ଅରବିନ୍ଦ ଶିକ୍ଷାକେନ୍ଦ୍ର ୱାର୍ଡେନ ହତ୍ୟା ଘଟଣା**

# ୭୨ ଘଣ୍ଟା ପରେ ବି ପୁଲିସର ହାତ ଖାଲି

ବେତନଟୀ,୨୪।୩(ସମିସ):

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ କଳମାରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନ

### ମୃତକଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ

ସନ୍ନ୍ୟାସୀ ଦାସଙ୍କ ନିର୍ମମ ହତ୍ୟା ଘଟଣାକୁ ୭୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ଏ ପର୍ଯ୍ୟନ୍ତ କୌଣସି ସୁରାଗ ପାଇପାରିନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅସନ୍ତୋଷ ଦେଖାଦେଇଛି।

ମାନଗୋବିନ୍ଦପୁର ପଞ୍ଚାୟତର ଧନାପାଳ ଗ୍ରାମର ସନ୍ନ୍ୟାସୀ ଦାସ ୬ ମାସ ତଳେ ଉକ୍ତ ଶିକ୍ଷାକେନ୍ଦ୍ରରେ ୱାର୍ଡେନ ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ସେ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ରାଉତଙ୍କୁ ନିଜ ବାଇକରେ ଡା. ବିଜୟ କୁମାର ରାଉତଙ୍କ କ୍ଲିନିକକୁ ନେଇଯାଉଥିବାବେଳେ ଏହି ଘଟଣା ଘଟିଥିଲା। ବିଦ୍ୟାଳୟରୁ କିଛି ଦୂର ଜଙ୍ଗଲିଆ ରାସ୍ତାରେ ପୂର୍ବରୁ ଲୁଚିଥିବା ୩ରୁ ୪ ଜଣ ସଶସ୍ତ୍ର ଦୁର୍ବୃତ୍ତ ହଠାତ୍ ଆକ୍ରମଣ କରିଥିଲେ। ଧାରୁଆ ଅସ୍ତ୍ରରେ ନିର୍ମମ ଭାବେ ଆକ୍ରମଣ ହେବାରୁ ସନ୍ନ୍ୟାସୀ ଦାସ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ରାଉତ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଡା. ବିଜୟ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସନ୍ନ୍ୟାସୀ ଦାସଙ୍କୁ ମୃତ ଘୋଷଣା କରିଥିବାବେଳେ କାଦମ୍ବିନୀ ରାଉତ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ଘଟଣା ପରେ ବେତନଟୀ ପୁଲିସ, ଏସଡିପିଓ ମିନତୀ ବିଶ୍ୱାଳ ଓ ଅତିରିକ୍ତ ପୁଲିସ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ କରିଥିଲେ। ଥାନା ଅଧିକାରୀ ବାରିଣୀ ଦାସଙ୍କ କହିବା ଅନୁଯାୟୀ, ଘଟଣାର ସତ୍ୟତା ଖୋଜିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ହତ୍ୟାକାରୀଙ୍କ ବିଷୟରେ କୌଣସି ଠୋସ ସୁରାକ ମିଳିନାହିଁ। ଏହି ଘଟଣା ପରେ ବୈଶିଙ୍ଗା ଓ ପାଖାପାଖି ଅଞ୍ଚଳରେ ଡର ଓ ଭୟର ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଥିବାବେଳେ ପୁଲିସ ପ୍ରତି ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ୁଛି। ଶୀଘ୍ର ଦୋଷୀଙ୍କୁ ଗିରଫ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ରାମ ନବମୀରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

ବାରିପଦା, ୨୪।୩(ସମିସ): ପବିତ୍ର ଶ୍ରୀରାମ ନବମୀରେ ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହୁଥିବାବେଳେ ଉକ୍ତଦିନ ଶିକ୍ଷକଙ୍କ ଜନଗଣନା ତାଲିମ ପାଇଁ ଶିକ୍ଷକଙ୍କ ବ୍ୟକ୍ତିଗତ ମୋବାଇଲକୁ ମେସେଜ ଆସିଛି। ସରକାରୀ ଛୁଟି ଦିବସ ପୁଣି ରାମ ନବମୀ ଭଳି ପବିତ୍ର ଦିନରେ ଶିକ୍ଷକ ତାଲିମକୁ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ମେସଜ ଅନୁଯାୟୀ ଚଳିତ ମାସ ୨୬ରୁ ଆରମ୍ଭ ୨୭ ଓ ୨୮ ତାରିଖ ତିନି ଦିନି ଧରି ତାଲିମ ଚାଲୁ ରହିବ। ବିଭିନ୍ନ ଶିକ୍ଷକଙ୍କ ମୋବାଇଲକୁ ଏପରି ମେସେଜ ଆସିଲା ପରେ ସବୁଠି ଗୁଞ୍ଜରଣ ଆରମ୍ଭ ହୋଇଯାଇଥିଲା। ଶ୍ରୀରାମଙ୍କୁ ଆରାଧ୍ୟ ମାନୁଥିବା ଗେରୁଆ ଦଳ ବିଜେପିର ସରକାର ଚାଲିଥିବାବେଳେ ରାମ ନବମୀରେ ଶିକ୍ଷକ ତାଲିମକୁ ନେଇ ଆଶ୍ଚର୍ଯ୍ୟର ସୀମା ନଥିଲା। ବିଭିନ୍ନ ଆଡୁ ଫୋନ ପାଇଲା ପରେ ଅବଶ୍ୟ ପରବର୍ତ୍ତୀ ସଂଶୋଧିତ ମେସେଜରେ ୨୭ ତାରିଖ ରାମ ନବମୀ ଦିନକୁ ତାଲିମରୁ ବାଦ ଦିଆଯାଇଛି। ଏଥି ସହିତ ଉକ୍ତ ତାଲିମ ୨୬, ୩୦ ଓ ୩୧ ତାରିଖରେ ହେବ ବୋଲି ମେସେଜରେ ସୂଚନା ପ୍ରଦାନ କରାଯାଇଛି। ତେବେ ବିଜେପି ଶାସନରେ ଥାଇ ରାମ ନବମୀ ଦିନକୁ ତାଲିମ ପାଇଁ ଚୟନ କରାଯାଇଥିବାବେଳେ ଅନ୍ୟ ଦଳ ଶାସନରେ ଥିଲେ ଏତେବେଳକୁ ସରକାରଙ୍କୁ ହିନ୍ଦୁ ବିରୋଧି ବୋଲି ଆଖ୍ୟା ମିଳି ସାରନ୍ତା ବୋଲି ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି। ତେବେ ଆନ୍ଦୋଳନ ଭୟରେ ବାଧ ହୋଇ ଉକ୍ତ ଦିନର ତାଲିମ କାର୍ଯ୍ୟକ୍ରମ ବାତିଲ କରାଯାଇଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ସ୍ୱରାଜ ବାରିକ 'ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ଅଭିଯାନର ବ୍ରାଣ୍ଡ ଆମ୍ବାସାଡର

ବାରିପଦା, ୨୪।୩(ସମିସ): ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱପଟରେ ପ୍ରତିଷ୍ଠା କରିବା ପାଇଁ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ "ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ନାମକ ଅଭିଯାନ ଗତ ୨୦୨୫ ଜୁନ ୧୫ ତାରିଖରେ ଆରମ୍ଭ କରାଯାଇଥିଲା। ଏହି ଅଭିଯାନର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ସ୍ୱରାଜ ବାରିକଙ୍କୁ ମନୋନୀତ କରାଯାଇଛି।



ଆଜି ଅମ୍ବିକାସାହିସ୍ଥ ପ୍ରତିଷ୍ଠାନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବ୍ରାଣ୍ଡ ଆମ୍ବାସାଡର୍ ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏହାର ସଫଳତା କାମନା କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରତିଷ୍ଠାନର କୋଷାଧ୍ୟକ୍ଷ ସରୋଜ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଣବ ଦେବ, ହେମନ୍ତ କୁମାର ନାୟକ, ବିଭୁତିଭୂଷଣ ଦାସ ଓ ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ରହି ଛଉ ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ନିଜ ନିଜର ସୁଚିନ୍ତିତ ମତ ଦେଇଥିଲେ। ଏହି ଅଭିଯାନ ଛଉ ନୃତ୍ୟକୁ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଚାର କରି ଯୁବପିଢ଼ିଙ୍କୁ ଆକର୍ଷିତ କରିବ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କର୍ମଶାଳା, ଆନ୍ତର୍ଜାତିକ ପ୍ରଦର୍ଶନୀ ଓ ସାମାଜିକ ମିଡିଆ କ୍ୟାମ୍ପେନ୍ ଯୋଜନାରେ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଥିଲେ। ଏ ଅବସରରେ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**● ବେତନଟୀ-ମାଣତ୍ରୀ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର**

## ଡିପିଆର୍ ପାଇଁ ସର୍ଭେ ଆରମ୍ଭ, ଖୁବଶୀଘ୍ର ଟେଣ୍ଡର



ବାରିପଦା, ୨୪।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ-ମାଣତ୍ରୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘଦିନର ଦାବି ପରେ ଶେଷରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି। ମୟୂରଭଞ୍ଜ (ଆର୍ ଆଣ୍ଡ ବି) ଡିଭିଜନ୍‌ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ମେମୋ ନମ୍ବର ୧୯୨୮ ଅନୁଯାୟୀ, କାର୍ଯ୍ୟ ବିଭାଗର ବିଜ୍ଞପ୍ତି ନମ୍ବର ୨୭୮୭ ତାରିଖ ୧୨।୨।୨୦୨୬ ଅନୁସାରେ ଏହି ରାସ୍ତାକୁ ହସ୍ତାନ୍ତର କରିବା ନିଷ୍ପତ୍ତି ନିଆଯାଇଛି। ଉକ୍ତ ମେମୋରେ ଉଲ୍ଲେଖ ଅଛି ଯେ, ମୟୂରଭଞ୍ଜ (ଆର୍‌ଏଣ୍ଡବି) ଡିଭିଜନ୍‌ର ସମ୍ପୃକ୍ତ ସବ୍‌ଡିଭିଜନାଲ୍ ଅଫିସରଙ୍କୁ ଉଦଳା ରୁରାଲ୍ ୱାର୍କସ୍ ଡିଭିଜନ୍‌ର ସମ୍ପୃକ୍ତ ଅଧିକାରୀଙ୍କ ସହିତ ପରାମର୍ଶ କରି ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପ ଥିବାରୁ ଶୀଘ୍ର ଏହି ପ୍ରକ୍ରିୟା ସମାପ୍ତ କରିବାକୁ ଅନୁରୋଧ କରାଯାଇଛି। ଏହି ମେମୋର ନକଲ ମୟୂରଭଞ୍ଜ ଜିଲ୍ଲାପାଳ ଓ ମୁଖ୍ୟ ଇଞ୍ଜିନିୟର (ରୋଡ୍ସ-୧), ଓଡ଼ିଶା, ଭୁବନେଶ୍ୱରଙ୍କୁ ମଧ୍ୟ ପଠାଯାଇଛି। ଏହି ହସ୍ତାନ୍ତର ପରେ ରାସ୍ତାର ରକ୍ଷଣାବେକ୍ଷଣ ଓ ଉନ୍ନୟନ କାର୍ଯ୍ୟ ବେତନଟୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଅଧୀନରେ ଆସିବ। ସ୍ଥାନୀୟ ଲୋକେ ଏହି ରାସ୍ତାର ଉନ୍ନତି ପାଇଁ ବହୁଦିନରୁ ଦାବି କରୁଥିଲେ। ୧୪ କିମିର ଏହି ରାସ୍ତାଟି ବେତନଟୀ ଓ ବଡ଼ସାହି ବ୍ଲକକୁ ସଂଯୋଗ କରୁଥିବା ବେଳେ ବେତନଟୀ ସହିତ ରେମୁଣା, ମିତ୍ରପୁର ଓ ନୀଳଗିରି ଓ ଉଦଳାକୁ ବିକଳ୍ପ ସଂଯୋଗକାରୀ ସଡକ ଅଟେ। ତତସହିତ ମାଣତ୍ରୀରେ ଉତ୍ତର ଓଡିଶା ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦନାଥଙ୍କ ମନ୍ଦିର ଥିବାରୁ ଉପରୋକ୍ତ ଘୋଷଣା ଶ୍ରଦ୍ଧାଳୁଙ୍କ ମନରେ ଖୁସି ଆଣିଛି। ବିଜ୍ଞପ୍ତି ପ୍ରକାଶ ପରେ ବେତନଟୀ ପୂର୍ତ୍ତ ବିଭାଗ ପକ୍ଷରୁ ଡିପିଆର ପ୍ରସ୍ତୁତ ନିମନ୍ତେ ସର୍ଭେ ଆରମ୍ଭ ହୋଇଛି। ଏହାପରେ ଅଟକଳ ପ୍ରସ୍ତୁତ କରି ଟେଣ୍ଡର ସାଙ୍ଗକୁ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**● କାଠ ବୋଝେଇ ଟ୍ରକ୍ ଜବତ**

## ଡ୍ରାଇଭର ଓ ହେଲପର ଅଟକ

ମୋରଡା,୨୪।୩(ସମିସ): ମୋରଡା ଥାନା ଅଧୀନ ଟ୍ରକପଳାଶିଆ ସୀମାରେ ନାକା ଚେକିଂ ସମୟରେ ପଶ୍ଚିମବଙ୍ଗ ପଟୁ ଆସୁଥିବା ଏକ କାଠ ବୋଝେଇ ଟ୍ରକ୍‌କୁ ଜବତ କରି ଥାନାକୁ ଆଣି ତନାଘନା କରୁଥିବା ଦେଖିବାକୁ ମିଳିଛି। ଉକ୍ତ ଟ୍ରକରେ ମୂଲ୍ୟବାନ କାଠ ଥିବା ଦେଖି କାଗଜପତ୍ର ଯାଞ୍ଚ ପାଇଁ ପୁଲିସ ଉକ୍ତ ଟ୍ରକକୁ ଜବତ କରି ଥାନାକୁ ଆଣିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପୁଲିସ କାଠର ଆନୁମାନିକ ମୂଲ୍ୟ କହିପାରି ନ ଥିବାବେଳେ ମୂଲ୍ୟବାନ କାଠ ଥିବା କହିଛନ୍ତି ଏଏସଆଇ ମୀନକେତନ ପ୍ରଧାନ। ତେବେ କାଗଜପତ୍ରର ସଠିକ ଯାଞ୍ଚ ପାଇଁ ପୁଲିସ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କୁ ଚିଠି କରିଥିବା ଜଣାପଡିଛି।





## ଅମଣିଦା-ଭୁରକୁଣ୍ଡି ରାସ୍ତା ମରଣଯନ୍ତା, ମରାମତି ଦାବି

ବେତନଟୀ,୨୪।୩(ସମିସ):ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ବେତନଟୀଅଁଳା ଗ୍ରାମ ଉନ୍ନୟନ ରାସ୍ତାର ଅମଣିଦାଠାରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ମରାମତି ହେଉ ନ ଥିବାରୁ ବର୍ତ୍ତମାନ ମରଣଯନ୍ତାରେ ପରିଣତ ହୋଇଛି। ଦହିକୋଟିଠାରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ଅମଣିଦା ପର୍ଯ୍ୟନ୍ତ କିଛି ଅଂଶରେ ମରାମତି କାମ ହୋଇଥିବା ସତ୍ତ୍ୱେ ଅନ୍ୟପଟେ ପ୍ରାୟ ୧ କିମି ରାସ୍ତା ଅବହେଳିତ ହୋଇ ରହିଯାଇଛି। ଫଳରେ ସମଗ୍ର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଅନେକ ସ୍ଥାନରେ ବଡ଼ ବଡ଼ ଗଡ଼ିଆ ଆକାର ନେଇଛି। ଯାହା ଯାତାୟାତକୁ ବିପଦଜନକ କରିଦେଇଛି। ଏହି ରାସ୍ତାଟି ମୋରଡା ଓ ରସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରିବା ସହ ପଶ୍ଚିମବଙ୍ଗ ସହିତ ବାଲେଶ୍ୱର ଜିଲ୍ଲାର ବସ୍ତା, ଅମର୍ଦା, ଜଳେଶ୍ୱର, ବାଲିଆପାଳ ଓ ଚନ୍ଦନେଶ୍ୱର, ପର୍ଯ୍ୟଟନ ସ୍ଥଳୀ ଦିଘାକୁ ଯାଇଥିବା ଏକ ମୁଖ୍ୟ ସଡ଼କ ଅଟେ। ପ୍ରତିଦିନ ସରକାରୀ ଓ ବେସରକାରୀ ବସ୍ ଏହି ରାସ୍ତା ଦେଇ ଚଳାଚଳ କରୁଥିବାରୁ ଯାତ୍ରୀ ବିପଦର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଦୈନିକ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ବାଇକ୍ ଦୁର୍ଘଟଣା ଏଠାରେ ନିତିଦିନିଆ ଘଟଣା ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହି ସମସ୍ୟାର ଶୀଘ୍ର ସମାଧାନ ଦାବି କରି ସରପଞ୍ଚ ଚୈତନ୍ୟ ହେମ୍ବ୍ରମଙ୍କ ସହିତ ବରିଷ୍ଠ ନାଗରିକ ଅକ୍ଷୟ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରଭାକର ମହାନ୍ତ ଓ ସରୋଜ କୁମାର ମହାନ୍ତ ପ୍ରମୁଖ ଦାବି ଉଠାଇଛନ୍ତି। ଯଦି ଶୀଘ୍ର ରାସ୍ତା ମରାମତି କାମ ଆରମ୍ଭ ନ ହୁଏ, ତେବେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ୧୭୪ ଲିଟର ମଦ ଜବତ, ୨ ଗିରଫ

କୁଆମରା, ୨୪।୩(ସମିସ): ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଆଜି ଏକାଧିକ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ ମଦ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ୧୭୪ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ବାନ୍ଧଗଡା ଗ୍ରାମର ରାଇନାଥ ମୁର୍ମୁ (୩୧)ଙ୍କଠାରୁ ୧୬ ଲିଟର ଓ ବହଳଦା ଗ୍ରାମର ରାଙ୍ଗା ସିଂ (୪୬)ଙ୍କଠାରୁ ୧୮ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିସହ ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ କେନ୍ଦୁଆମୁଣ୍ଡି ଗ୍ରାମର ଏକ ନିଛାଟିଆ ସ୍ଥାନରେ ବେଆଇନ ମଦ ତିଆରି ହେଉଥିବାବେଳେ ସେଠାରୁ ୧୪୦ ଲିଟର ମଦ ଜବତ ହେବା ସହ ୧୮୦୦ କେଜି ପୋଚ ନଷ୍ଟ କରାଯାଇଛି। ଚଢ଼ଉ ପୂର୍ବରୁ ଅଭିଯୁକ୍ତ କୈଶଳ କ୍ରମେ ଖସି ପଳାଇଥିଲେ। ଏ ନେଇ ପୃଥକ ମାମଲା ରୁଜୁ କରିଛି ଅବକାରୀ ବିଭାଗ। ଚଢ଼ଉରେ ବିଭାଗୀୟ ଏଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ, ଦିବ୍ୟାଂଶୁ ପଣ୍ଡା, ଦୀପାଞ୍ଜଳି ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ

ଶୁକ୍ରୁଳି, ୨୪।୩(ସମିସ): ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ପାଣ୍ଡରଶିଳ ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଛଅ ଦିନ ଧରି ବାର୍ଷିକ ଉତ୍ସବ ତଥା ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ୨୭ ଓ ୨୮ ତାରିଖ ଦୁଇଦିନ ଧରି ଶ୍ରୀଶ୍ରୀ ଲକ୍ଷ୍ମନାରାୟଣଙ୍କ ବାର୍ଷିକ ଉତ୍ସବ ପାଳନ ହେଉଥିବାବେଳେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏହି ନାମଯଜ୍ଞରେ ବାଙ୍ଗିରିପୋଷି, ବାରିପଦା ତଥା ପଡ଼ୋଶୀ ଜିଲ୍ଲା କେନ୍ଦୁଝରରୁ ପାଞ୍ଚଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଯୋଗଦାନ କରିବାକୁ ମନ୍ଦିର ତଥା ଯଜ୍ଞ ସମିତି ସଭାପତି ଓ ସମ୍ପାଦକ ନିବେଦନ କରିଛନ୍ତି।

## ମେଘାସନ କଲେଜରେ ବିପର୍ଯ୍ୟୟ ପରିଚାଳନା ଓ ଅଗ୍ନିଶମ ସୁରକ୍ଷା ସଚେତନତା





ପିଙ୍ଗୁ,୨୪।୩(ସମିସ): ନୁଦଡ଼ିହା ମେଘାସନ କଲେଜର ଏନ୍‌ଏସ୍‌ଏସ୍, ୱାଇଆରସି ଓ ନିସ୍‌ସି ୟୁନିଟର ମିଳିତ ଆନୁକୂଲ୍ୟରେ କଲେଜ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ଓ ଅଗ୍ନିଶମ କୌଶଳ ପ୍ରଦର୍ଶନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ନିରଞ୍ଜନ ପାଠୀ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେଘାସନ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୁଦଡ଼ିହା ଫାଣ୍ଡି ଇନଚାର୍ଜ କ୍ଷୀରୋଦ କୁମାର ପାତ୍ର, ନରେନ୍ଦ୍ର ରାଉତ, ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଦୈନନ୍ଦିନ ଜୀବନରେ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ନରେନ୍ଦ୍ର ରାଉତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମେତ ବିଭିନ୍ନ ପ୍ରକାରର ବିପର୍ଯ୍ୟୟ, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ।

ସେହିପରି କ୍ଷୀରୋଦ କୁମାର ପାତ୍ର ସାଇବର ସୁରକ୍ଷା ଉପରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଅନଲାଇନ ଠକେଇ ଓ ଏହାର ପ୍ରତିରୋଧ କୌଶଳ ବିଷୟରେ ସଚେତନ କରିଥିଲେ। ତତ୍ତ୍ୱଭିତ୍ତିକ ଆଲୋଚନା ପରେ ଅଗ୍ନିଶମ ସୁରକ୍ଷା ଦଳ ଦ୍ୱାରା ଏକ ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। ଏହି ଦଳରେ ଲକ୍ଷ୍ମୀଧର ନାୟକ, ପବିତ୍ର ମୋହନ ଖୁଣ୍ଟିଆ, ନବୀନ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ନର୍ତମ ଦାସ ପ୍ରମୁଖ ସାମିଲ ହୋଇ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ବିଶେଷ କରି ଘରୋଇ ନିଆଁ, ଏଲପିଜି ଗ୍ୟାସ ଲିକ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ କିଭଳି ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଅରୁଣ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ଓ ଅଗ୍ନି ନିର୍ବାପକ ମକ୍‌ଡ୍ରିଲ



ବାରିପଦା, ୨୪।୩(ସମିସ): ମଙ୍ଗଳବାର ବାରିପଦାର ସାଇ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରଶମନ ଓ ଅଗ୍ନି ନିର୍ବାପକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଓ ଜିଲ୍ଲା ଆପଦକାଳୀନ ବିଭାଗ ସାମିଲ ଥିଲା। ଏ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପାଲଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆପଦକାଳୀନ ବିଭାଗର ଡେପୁଟି କଲେକ୍ଟର ଭବାନୀପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆପଦକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ବିଭିନ୍ନ ପ୍ରକାର ବିପର୍ଯ୍ୟୟ ବଜ୍ରପାତ, ବନ୍ୟା, ବାତ୍ୟା, ଜଳ ବୁଡି, ଅଗ୍ନିଜନିତ ବିଭିନ୍ନ ସମସ୍ୟାରୁ କିପରି ରକ୍ଷା ପାଇପାରିବା, ସେ ଦିଗରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ତଥା ସାମ୍ବାଦିକ ଗୌରଦାସ ଗିରି ସାହସ ଓ ଉପଯୁକ୍ତ କୌଶଳ ହିଁ ଆମକୁ ବିପର୍ଯ୍ୟୟରୁ ରକ୍ଷା କରିପାରେ ବୋଲି ମତବ୍ୟକ୍ତ କରିଥିଲେ। ସଚେତନତା, ସତର୍କତା ଓ ସାହସ ଆମକୁ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରେରିତ କରିଥାଏ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପାଲ ପ୍ରକାଶ କରିଥଲେ। ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀ ହିଁ ରାଷ୍ଟ୍ରର ପ୍ରକୃତ ବନ୍ଧୁ ବୋଲି ମତ ପ୍ରକାଶ ପାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ଗୋପୀନାଥ ନାୟକ ଓ ଓଡ୍ରାଫ୍‌ର ଅରୁଣ କୁମାର ମହାନ୍ତ ଓ କର୍ମଚାରୀ ବିପର୍ଯ୍ୟୟକୁ ମୁକାବିଲା କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ଅଧ୍ୟାପିକା ସ୍ନିଗ୍ଧାଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିଥଲେ। ଅଧ୍ୟାପିକା ମିନାକ୍ଷୀ ମହାନ୍ତି, ରାଜଶ୍ରୀ ସାସମଲ, ନିହାରିକା ସାହୁ, ଲୀଳାବତୀ ମହାନ୍ତ, ଜୟଶ୍ରୀ ମହାନ୍ତ ଓ ଅଣଶିକ୍ଷକ କର୍ମଚାରୀ କପିଳାସ ବେହେରା, ଜଗଦୀଶ ସେଠୀ, ଗାୟତ୍ରୀ ପାତ୍ର, ମୋନାଲିସା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ଛାତ୍ରଛତ୍ରୀ ଭବାନୀ ଶଙ୍କର ସିଂ, ସ୍ମୃତିମୟୀ ଗିରି, ରାଧାରାଣୀ ବେହେରା, ଲିକି ଟୁଡୁ, ସୋନାଲି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଚିଲିମା ଗ୍ରାମରେ ଅଗ୍ନିକାଣ୍ଡ

କୁଆମରା,୨୪।୩(ସମିସ):ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ଚିଲିମା ଗ୍ରାମ ଦୁଇ ନମ୍ବର ୱାର୍ଡର ନିନି ହାଁସଦାଙ୍କ ଏକ ବଖରା ଘର ଆଜି ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ ଓ କାଗଜପତ୍ର ପୋଡି ଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ପୁରୁଣା ବାରିପଦା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

**କଳାବାଘ ଚମଡା ଜବତ ଘଟଣା**


# ଗିରଫ ସଂଖ୍ୟା ୧୧କୁ ବୃଦ୍ଧି; ଆଉ ୫ ସନ୍ଦିଗ୍ଧଙ୍କୁ ଜେରା

ବାରିପଦା, ୨୪।୩ (ସମିସ):

ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ବିରଳ କଳା ମହାବଳ ବାଘ (ମେଲାନିଷ୍ଟିକ)ର ଛାଲ କୁଳିଅଣା ଅଞ୍ଚଳରୁ ବାରିପଦା ବନଖଣ୍ଡ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଘଟଣାରେ ଏ ପର୍ଯ୍ୟନ୍ତ ୧୧ ଜଣଙ୍କୁ ଗିରଫ କରାଯାଇଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ତତ୍ତ୍ୱାବଧାନରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ ସହ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଖଣ୍ଡର ଉପନିର୍ଦ୍ଦେଶକଙ୍କ ମିଳିତ ଉଦ୍ୟମରେ ଚଢ଼ଉ ଜାରି ରହିଛି। ରବିବାର କୁଳିଅଣାରୁ ବାଘଛାଲ ଜବତ ସହ ୨ ଜଣଙ୍କୁ ପ୍ରଥମେ ଗିରଫ ପରେ ପର୍ଯ୍ୟାୟକ୍ରମେ ୪ ଜଣ ଓ ୩ ଜଣ ଗିରଫ ହୋଇସାରିଲେଣି। ସେମାନଙ୍କ ମଧ୍ୟରୁ ସୋମବାର ୬ ଜଣ ଅଭିଯୁକ୍ତଙ୍କୁ ଚାଲାଣ କରାଯାଇଛି। ସେମାନେ ହେଲେ ଯଶିପୁର ଥାନା କାପଣ୍ଡ ଗ୍ରାମର ନିକୁଞ୍ଜ ବିହାରୀ ସେଠୀ (୩୮), କୁଳିଅଣା ଥାନା ପାରିଆକୁଳି ଗ୍ରାମର ବିଜୁ ରଣା (୩୪), ବାରିପଦା ସଦର ଥାନାର ହରିଶଚନ୍ଦ୍ରପୁର ଗ୍ରାମର ଡମ୍ବରୁଧର ମହାନ୍ତ (୨୬), ଉଦଳା ଥାନାର ଶ୍ରୀଦାମଚନ୍ଦ୍ରପୁରର ବିକର୍ତ୍ତନ ମହାନ୍ତ (୨୪), ଶରତ ଥାନା ଶରତ ଅଞ୍ଚଳର ଦୁଇଜଣ ଶାନ୍ତନୁ କୁମାର ମହାନ୍ତ (୩୧) ଓ ଅଜିତ କୁମାର ରଣା (୩୭)। ବାକି ୫ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ତେବେ ମୁଖ୍ୟ ଅଭିଯୁକ୍ତ ଧରାପଡି ନ ଥିବାରୁ ଆହୁରି ୫ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

ସୂଚନା ମୁତାବକ, ଶେଷ ହୋଇଥିବା ଆଭ୍ୟନ୍ତରୀଣ ସର୍ଭେ ଅନୁଯାୟୀ ଏବେ ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୩୨ ଥିବା ଆକଳନ କରାଯାଇଥିବା ସହିତ ଶାବକଙ୍କ ସଂଖ୍ୟା ୯ ଥିବା କୁହାଯାଉଛି। ଏହି ବାଘଙ୍କ ମଧ୍ୟରୁ ୧୫ରୁ ଅଧିକ କଳା (ମେଲାନିଷ୍ଟିକ) ବାଘ ରହିଥିଲେ। ୨୦୨୪ ପରେ ଏହା ଦ୍ୱିତୀୟ କଳାବାଘ ମୃତ୍ୟୁ ବା ହତ୍ୟା ଘଟଣା। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠାରେ ବିରଳ କଳାବାଘ ରହିଛନ୍ତି। ୧୯୭୩ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣକୁ ଭାରତର ୯ଟି ବ୍ୟାଘ୍ର ଅଭୟାରଣ୍ୟ ମଧ୍ୟରୁ ଗୋଟିଏ ଘୋଷଣା କରାଯାଇଥିଲା। ଏହା ଏସିଆର ଦ୍ୱିତୀୟ ବୃହତମ ଜୈବମଣ୍ଡଳ ଅଭୟାରଣ୍ୟ ଓ ଏହା ୟୁନେସ୍କୋ ଜୈବମଣ୍ଡଳ ଅଧୀନରେ ତାଲିକାଭୁକ୍ତ। ବାଘଙ୍କ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଶିକାର ରୋକାଯାଇପାରୁନି। ଅନ୍ଧ ବିଶ୍ୱାସ ଓ ତନ୍ତ୍ର ସାଧାନରେ ରାତାରାତି ଧନୀ ହେବା ନିଶାରେ ଶିକାର ବୃଦ୍ଧି ପାଉଛି। ଅସମର୍ଥିତ ସୂତ୍ର ସୂଚନା ଅନୁସାରେ ଉପରୋକ୍ତ ଘଟଣାରେ କଳାବାଘକୁ ଦେଶୀ ବନ୍ଧୁକ ସହାୟତାରେ ଶିକାର କରାଯାଇଛି। ଚମଡା ଜବତ ପଛରେ ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧାନା ଘଟଣା ଜଡିତ ଥିବା ଜଣାପଡିଛି। ରବିବାର କୁଳିଅଣା ଅଞ୍ଚଳରେ ବାଘ ଚମଡା ଜବତ ସମୟରେ ଜଣେ ଅଭିଯୁକ୍ତ ବାଘ ଚମଡା ଉପରେ ବସି ତନ୍ତ୍ରସାଧନା କରୁଥିଲେ। ଆକାଶରୁ ପ୍ରଚୁର ଟଙ୍କା ବୃଷ୍ଟି ହେବ ବୋଲି ସେ ପୂର୍ବରୁ କହିଥିଲେ। ଏହାକୁ ବିଶ୍ୱାସରେ ରଖି ତାଙ୍କର ସହଯୋଗୀମାନେ କଳାବାଘର ଚମଡା ଶିକାରୀଙ୍କ ଠାରୁ ଆଣିଥିଲେ। ଏହା ପଛରେ ଜଣେ ଅଭିଯୁକ୍ତ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରାକ୍ତନ କର୍ମଚାରୀ ମୁଖ୍ୟ ଭୂମିକା ନେଇଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ତଥା ଉଦଳା ଥାନା ନିକଟ ପାଟଶାଣୀପୁର ଅଞ୍ଚଳରୁ ପାଖାପାଖି ଦୁଇ ସପ୍ତାହ ତଳେ ୩ବର୍ଷ ବୟସର ହୃଷ୍ଟପୁଷ୍ଟ କଳାବାଘକୁ ଦେଶୀ ବନ୍ଧୁକ ସାହାଯ୍ୟରେ ଶିକାର କରାଯାଇଥିବା କୁହାଯାଇଛି। ତେବେ ବନବିଭାଗ ତଦନ୍ତ ସମ୍ପୂର୍ଣ୍ଣ ପରେ ସବିଶେଷ ତଥ୍ୟ ପ୍ରଦାନ କରିବ ବୋଲି କହିଛି।

## ଦେବେନ୍ଦ୍ରପୁରରେ ଛତା ବଣ୍ଟନ



ବାରିପଦା,୨୪।୩(ସମିସ): ସ୍ଥାନୀୟ ଦେବେନ୍ଦ୍ରପୁରଠାରେ ମଙ୍ଗଳବାର ମିନାକ୍ଷୀ ବିଲଡର୍ସ ପକ୍ଷରୁ ଅନ୍ନଛତ୍ର ସେବା ଓ ଛତା ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। ସ୍ୱତ୍ତ୍ୱାଧିକାରୀ ରଣଜିତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, କାଉନସିଲର ଦେବାଶିଷ ପାତ୍ର, ଅନନ୍ତ ଦାସ, ସମାଜସେବୀ ଅମରସେଠୀ ପ୍ରମୁଖ ଯୋଗଦେଇ ୩୦୦୦ରୁ ଅଧିକ ଜନସାଧାରଣଙ୍କୁ ଛତା ବାଣ୍ଟିଥିଲେ। ଆସିଥିବା ସମସ୍ତ ଜନସାଧାରଣ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ ହୋଇଥିଲେ। ଶ୍ରୀ ମହାନ୍ତିଙ୍କ ପରିବାର ଓ ସଂସ୍ଥାର କର୍ମଚାରୀ ଏଥିରେ ସହାୟତା କରିଥିଲେ।



### ଦିନକ ପରେ ରୁକୁଣା ରଥଯାତ୍ରା

# ଆଜି ମରିଚି କୁଣ୍ଡ ଜଳ ନିଲାମ

ଭୁବନେଶ୍ୱର, ୨୪।୩(ସମିସ): ରୁକୁଣା ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ପଡ଼ିଲାଣି ଏକାମ୍ର କ୍ଷେତ୍ର। ରଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରଥ ପାର୍ଶ୍ୱର ଅନ୍ୟ ସମସ୍ତ କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରା ପାଇଁ ଘରେ ଘରେ କୁଣିଆ ଭର୍ତ୍ତି ହେବା ସହ ବିଭିନ୍ନ ଧର୍ମଶାଳା ସମେତ ମଠ ମାନଙ୍କରେ ଦୂର ଦୂରାନ୍ତରୁ ଲୋକମାନେ ଆସି ଆସ୍ଥାନ ଜମେଇଲେଣି। ଏବେଠାରୁ ମଧ୍ୟ ପୁରୁଣା ଭୁବନେଶ୍ୱରର ରାସ୍ତା, ଗଳି ଭାଡ଼ ଦେଖିବାକୁ ମିଳିଛି।

## ଚଳଚଞ୍ଚଳ ହେଲାଣି ଏକାମ୍ରକ୍ଷେତ୍ର



କଥାରେ ଅଛି ବିଶ୍ୱାସେ ମିଳଇ ହରି ଠିକ୍ ଏହି କଥା ପରି ଅନେକ ଦମ୍ପତି ବିଜ୍ଞାନ ପାଖରୁ ମୁହଁ ଫେରାଇବା ପରେ ବିଶ୍ୱାସ ଉପରେ ନିର୍ଭର କରନ୍ତି। ଆଉ ଏହି ବିଶ୍ୱାସ ସେମାନଙ୍କ ମୁହଁରେ ହସ ଖେଳାଇଥାଏ। ବର୍ଷେ ଦୁଇ ବର୍ଷର ନୁହେଁ କେଉଁ କାଳରୁ ଏହି କଥା ଜନମାନସରେ ରହି ଆସିଛି। ମୁକ୍ତେଶ୍ୱର ମନ୍ଦିର ନିକଟରେ ଥିବା ମରିଚି କୁଣ୍ଡ ଜଳରେ ସାନ୍ନ କରିଲେ ସନ୍ତାନ ପ୍ରାପ୍ତି ହୋଇଥାଏ। ରୁକୁଣା ରଥଯାତ୍ରା ସମୟରେ ନେତ୍ରୋତ୍ସବ ଦିନ ବର୍ଷକୁ ଥରେ ମରିଚି କୁଣ୍ଡ ଖୋଲାଯାଇଥାଏ। ଏହି ଜଳର ଏକ ବିଶେଷ ମହତ୍ତ୍ୱ ରହିଛି। ଯେଉଁ ଦମ୍ପତିଙ୍କର ସନ୍ତାନ ସନ୍ତତି ନହେଉଥିବ ଏହି ମରିଚି କୁଣ୍ଡ ଜଳରେ ସ୍ନାନ କରିଲେ ସେମାନଙ୍କୁ ସନ୍ତାନ ପ୍ରାପ୍ତ ହୋଇଥାଏ। ଏଥିପାଇଁ ଏହି ରଥଯାତ୍ରାର ପୂର୍ବଦିନ ବହୁତ ଦୂର ଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁଙ୍କ ସମେତ ନିଃସନ୍ତାନ ଦମ୍ପତି ପୁରୁଣା ଭୁବନେଶ୍ୱରକୁ ଆସିଥାନ୍ତି। ରଥ ପ୍ରତିଷ୍ଠା ପାଇଁ ପ୍ରଥମ ଗରା ଜଳ ଗଲା ପରେ ଅନ୍ୟ ଗରା ଜଳକୁ ନିଲାମ ଡ଼କାଯାଇଥାଏ।

ପୂର୍ବରୁ ଏହି ମରିଚି କୁଣ୍ଡ ଜଳକୁ ଲକ୍ଷ, ଲକ୍ଷ ଟଙ୍କାରେ ନିଲାମ କରାଯାଉଥିଲା ହେଲେ ଏବେ ଏହି ଦର ଅନେକାଂଶରେ କମି ଯାଇଛି। ବର୍ତ୍ତମାନ ୨୦ ହଜାର ୩୦ ହଜାର ଟଙ୍କାରେ ଏହି ମରିଚି କୁଣ୍ଡ ଜଳ ନିଲାମ ହେଉଅଛି। ପ୍ରତି ବର୍ଷ ୫୦ ରୁ ଅଧିକ ଦମ୍ପତି ଏହି ପାଣିକୁ କିଣିବା ପାଇଁ ଆସିଥାନ୍ତି। ଗତ ବର୍ଷ ଏହି ଜଳକୁ ଦାମୋଦରପୁର ଜିତେନ୍ଦ୍ର ମହରଣା ଓ ଜ୍ୟୋସ୍ନାମୟୀ ମହାରଣା ୨୧ହଜାର ଟଙ୍କାରେ ଏହି ଜଳକୁ ନିଲାମ କରି ନେଇଥିଲେ। ଏନେଇ ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି ୨୦୧୦ କିମ୍ବା ୨୦୧୧ ମସିହାରେ ଏହି ଜଳ ୨.୫ ଲକ୍ଷ ରୁ ୩ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ଯେଉଁମାନେ ଏହି ଜଳକୁ ନିଅନ୍ତି ମନସ୍କାମନା ପୂର୍ଣ୍ଣ ହେବା ପରେ ଲିଙ୍ଗାରଜଙ୍କ ପାଖକୁ ଆସି ସନ୍ତାନର ମୁଣ୍ଡନ କରି ଭୋଗ କରିଥାନ୍ତି ବୋଲି ସେ କହିଛନ୍ତି।

ଲୋକକଥା ଅନୁସାରେ ଏକାମ୍ରକ୍ଷେତ୍ରରେ ଉପଦ୍ରବ କରୁଥିବା ଦୁଇ ଅଜେୟ ଦୈତ୍ୟ, କୀର୍ତ୍ତି ଓ ବାସଙ୍କୁ ଦେବୀ ପାର୍ବତୀ ଗୋପାଳୁଣୀ ସ୍ୱରୂପରେ ରସାତଳଗାମୀ କରି ନିପାତ କରିବା ପରେ ଲୋକମୁଖରେ ତାଙ୍କର ଏକମାତ୍ର ପତ୍ନୀ ଯିଏ ମରୀଚି ନାମରେ ଜଣାଯାଆନ୍ତି ସେ ଶିବଙ୍କୁ ପ୍ରାର୍ଥନା କରି ଏହି ପବିତ୍ର କୁଣ୍ଡର ଜଳ ପାନ କରି ନିଃସନ୍ତାନ ଦୋଷରୁ ମୁକ୍ତି ପାଇଥିଲେ। ତେଣୁ ସେହି କୁଣ୍ଡ 'ମରୀଚି କୁଣ୍ଡ' ନାମରେ ପ୍ରସିଦ୍ଧ। ଏହି କୁଣ୍ଡର ଜଳ ଗ୍ରହଣ କରିବା ଦ୍ୱାରା ଗର୍ଭ ଓ ପ୍ରସୂତି ଜନିତ ସମସ୍ୟା ସହ ଶାସ୍ତ୍ରବର୍ଣ୍ଣିତ ଛଅ ପ୍ରକାର ଶାରୀରିକ ବନ୍ଧ୍ୟା ଦୋଷ (କାକବନ୍ଧ୍ୟା, ଅନପତ୍ୟ, ଗର୍ଭସ୍ରାବୀ, ମୃତବତ୍ସା, ବାଳକ୍ଷୟ, ବାଲ୍ୟାବସ୍ଥା) ନିବାରଣ ହେଉଥିବାର ପ୍ରଖ୍ୟାତ ବିଶ୍ୱାସ ରହିଆସିଛି। ଏହି କୁଣ୍ଡ ଭୁବନେଶ୍ୱରର କେଦାରଗୌରୀ ମନ୍ଦିର ପାର୍ଶ୍ୱବର୍ତ୍ତୀ ସିଦ୍ଧେଶ୍ୱର ମୁକ୍ତେଶ୍ୱର ପ୍ରାଙ୍ଗଣରେ ଥିବା ବୃତ୍ତାକାର କୂପ। ଚତୁଃପାର୍ଶ୍ୱ ବାଲିଆ ପଥରର ପରିଧି ଦ୍ୱାରା ଆବଦ୍ଧ ଓ ସମ୍ମୁଖ ମୁଖଶାଳା ଏକ ସୁବିନ୍ୟସ୍ତ ଓ ଅଳଙ୍କୃତ ତୋରଣ ଯାହାର ଉପର ଭାଗରେ ପ୍ରଖ୍ୟାତ ପାଶୁପତ (ଶୈବ ପନ୍ଥାର ପ୍ରାଚୀନ ସାଧକ ଓ ଧର୍ମପ୍ରଚାରକ) ଧର୍ମର ସନ୍ଥ, ଲକୁଳୀଶଙ୍କ ମୂର୍ତ୍ତି ରହିଛି। ଏହି ଭାସ୍କର୍ଯ୍ୟରୁ ଏହାର କାଳଖଣ୍ଡ ପ୍ରାୟ ନବମ-ଦଶମ ଶତାବ୍ଦୀ ମଧ୍ୟ କାଳରେ ବୋଲି ନିରୂପିତ କରାଯାଏ।

## ଲିଙ୍ଗରାଜ ମହୋତ୍ସବରେ ଯୋଗଦେବେ ୭୦୦ କଳାକାର

ଭୁବନେଶ୍ୱର, ୨୪।୩(ସମିସ): ଚଳିତବର୍ଷ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ପଞ୍ଚଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ଗୁରୁବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଚାଲିବ। ଏଥିରେ ୭୦୦ରୁ ଅଧିକ କଳାକାର ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏବଂ ରୁକୁଣା ରଥଯାତ୍ରା ଉପଲକ୍ଷେ ଏହି ଲିଙ୍ଗରାଜ ମହୋତ୍ସବର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ସୂଚନା ଦେଇଛନ୍ତି। ମଙ୍ଗଳବାରଦିନ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ ଓ ଶ୍ରୀ ମିଶ୍ର କହିଛନ୍ତି ଚଳିତବର୍ଷ ଅଧିକ ପଡ଼ୋଶୀ ତଥା ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ସହିତ ବୀଣାପାଣି କଳାନିକେତନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସତ୍ୟବାଦୀ ମହାବିଦ୍ୟାଳୟ, ଓଡ଼ିଶା ଚ୍ୟାନ୍ତି ଏକାଡ଼େମୀ, ତ୍ରିଧାରା, କୋଶଳ ଫୋକସ ଜ୍ୟାନ୍ତି ଏକାଡ଼େମୀ, କଳାନିକେତନ, ପୂର୍ବାଞ୍ଚଳ ସାଂସ୍କୃତିକ କଳାକେନ୍ଦ୍ର (ଇଜେଡ଼ ସିସି) କୋଲକତାର ଭାରତ ନାଟ୍ୟମ, ପୁରୁଲିଆ ଛଉ, ଶ୍ରଦ୍ଧା କ୍ରିଏଟିଭ, ଜଟାଧାରୀ ବେହେରାଙ୍କ ପ୍ରସିଦ୍ଧ ଘୋଡ଼ାନାଚ, ଶିଳ୍ପୀକା, ଆଦିବାସୀ ନୃତ୍ୟ, ପାଇକ ଆଖଡ଼ା, ବ୍ଲୁ ଆଣ୍ଡ ବ୍ରାଇଟ୍ ଏକାଡ଼େମୀ, ପଦ୍ମଶ୍ରୀ ଦୂର୍ଗାଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ଦିବ୍ୟଶ୍ରୀ ଗାଙ୍ଗୁଲି, ସଂଗମ, ନୃତ୍ୟାର୍ଚ୍ଚନା, ସ୍ୱପ୍ନରାଣି ସିହ୍ନା, ଫୁଲବାଣୀର ଧେମ୍‌ସା, ସ୍ମୃତି କଳାକେନ୍ଦ୍ର, ଅଞ୍ଜଳ ପାଣ୍ଡେ ଆଦି ୩୪ଟି ଟ୍ରୁପ୍‌ର କଳାକାରମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିବେ। ଏହି ସମସ୍ତ ୬ ଦିନିଆ ନୃତ୍ୟ କାର୍ଯ୍ୟକ୍ରମକୁ ବାସୁଦେବ ନାଥ ମଞ୍ଚ ପରିଚାଳନା କରିବେ ବୋଲି ସୂଚନା ଦେଇଛନ୍ତି। ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା ଏବଂ ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଉପସଭାପତି ଶିବାନନ୍ଦ ରାମ ଏହି ୬ ଦିନିଆ ମହୋତ୍ସବ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସେବାୟତ ନିଯୋଗମାନଙ୍କର ପ୍ରତିନିଧିମାନଙ୍କ ସମେତ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥାର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବକୁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ମହାନଗର ନିଗମ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକତା ପ୍ରମୁଖ ସହାୟତା କରିଛନ୍ତି। ଏହି ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ବାଚସ୍ପତିଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଯୋଗ ଦୋବାକୁ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଅନୁଷ୍ଠାନର ଉପସଭାପତି ଆଇନଜୀବୀ ଶିବାନନ୍ଦ ରାୟ ପ୍ରକାଶ କରିଛନ୍ତି।

## କଣ୍ଢେଇ ମେଳନ ଉଦ୍‌ଯାପିତ



ଭୁବନେଶ୍ୱର, ୨୪।୩(ସମିସ): ରାଜଧାନୀ ଉପକଣ୍ଠ ଭଗବାନପୁର ମା ଛୋଟି ଭୁଆସୁଣୀ କଣ୍ଢେଇ ମେଳଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ୬୫ତମ ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳନ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଦିଅଁ ମେଳଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରି ରଜତ ରାୟ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟସାଣୀ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ପାଇକରାୟ, ରୋଟାରୀଆନ ରୁଦ୍ର ପ୍ରସନ୍ନ ହୋତା, ଡା. କଳିକିଙ୍କର ସେନାପତି, ଦୁଃଶାସନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କୁନି କୁନି ପିଲା ତଥା ଅପୋଟିଆମାନେ, ସେମାନଙ୍କ ଦୋଳ ବିମାନକୁ ଧରି ମେଳଣ ପଡ଼ିଆ ସ୍ଥିତ ରତ୍ନବେଦୀ ଚାରିପଟେ ପରିକ୍ରମା କରିଥିଲେ। ଘଣ୍ଟ ଘଣ୍ଟା, ହରି ବୋଲ୍, ହୁଳହୁଳୀରେ ପ୍ରକମ୍ପିତ ହୋଇଉଠୁଥିଲା ମେଳଣ ପଡ଼ିଆ। ପିଲାମାନଙ୍କ ଦ୍ୱାରା ପାରମ୍ପରିକ ହରିହର ଭେଟ କରାଯାଇ କଣ୍ଢେଇ ଠାକୁରଙ୍କୁ ଧରି ପିଲାମାନେ ବିଦାୟ ନେଇଥିଲେ। ପ୍ରତ୍ୟେକ କଣ୍ଢେଇ ଦୋଳରେ ଅବିର ଓ ସାଲୁ ସହିତ ଭୋଗ ହାଣ୍ଡି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ପିଲାମାନଙ୍କ ପାଇଁ ବାଲ୍ୟ ଭୋଜିର ଆସର ଜମିଥିଲା ଓ ମନୋରଞ୍ଜନ ପାଇଁ ଅନୁଷ୍ଠିତ ହୋଇଥିଲା ଗଞ୍ଜାମର ପ୍ରସିଦ୍ଧ ସୂତା କଣ୍ଢେଇ ନାଚ। ଏହି କଣ୍ଢେଇ ନାଚ ଦେଖିବା ପାଇଁ ଦର୍ଶକଙ୍କ ନାହିଁ ନଥିବା ଭିଡ ଲାଗିଥିଲା।

## ଗଜଲ ସନ୍ଧ୍ୟା ଓ 'ସପ୍ତମ ରତୁର ଜହ୍ନ' ରିଲିଜ୍




ଭୁବନେଶ୍ୱର, ୨୪।୩(ସମିସ) : ନୀଳକଇଁ କ୍ରିଏସନ ପକ୍ଷରୁ ଏକ ଭିନ୍ନ ସ୍ୱାଦର ଗଜଲ ସନ୍ଧ୍ୟା ଓ 'ସପ୍ତମ ରତୁର ଜହ୍ନ'ର ସିଡି ଉନ୍ମୋଚନ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଗୀତିକାର, ଲେଖକ ଲେଖିକାଙ୍କ ଦ୍ୱାରା ଲିଖିତ ଗୀତ ଓ ଗଜଲକୁ ଜଣାଶୁଣା କଣ୍ଠଶିଳ୍ପୀମାନେ ପରିବେଷଣ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମ ପୂର୍ବରୁ ଆନୁଷ୍ଠାନିକ ଉନ୍ମୋଚନ ସଭାରେ ଲେଖକ ଦେବଦାସ ଛୋଟରାୟ, ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ଗୀତିକାର ସଂଳାପକାର ଡ. ରଜନୀ ରଞ୍ଜନ, ଲେଖକ ଶରତ କୁମାର ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ୧୭ ଟି ଗୀତକୁ ନେଇ ପ୍ରସ୍ତୁତ ଏହି ସଙ୍ଗୀତ ସିଡି, ଗୀତ ଓ ଗଜଲର ଏକ ଅପୂର୍ବ ସମ୍ମିଶ୍ରଣ ଯାହା ଆଜିର ସଙ୍ଗୀତପ୍ରେମୀମାନଙ୍କୁ ଭଲ ଲାଗିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ନୀଳକଇଁର ସମ୍ପାଦିକା ସସ୍ମିତା ଦାସ କହିଥିଲେ କି, ନୀଳକଇଁ ଦୀର୍ଘ ଦିନ ହେବ ସାହିତ୍ୟ ସଂସ୍କୃତି ଏବଂ ସଙ୍ଗୀତ ଜଗତ ସହ ଜଡିତ ଅଛି। ପରେ ପରେ ସସ୍ମିତା ଦାସଙ୍କ ଲିଖିତ ସପ୍ତମ କବିତା ପୁସ୍ତକ 'ସପ୍ତମ ରତୁର ଜହ୍ନ'ର ଲୋକାର୍ପଣ ହୋଇଥିଲା। ଏହି ସିଡି କ୍ୟାସେଟର ସଙ୍ଗୀତ ନିର୍ଦ୍ଦେଶନା ଯଜ୍ଞ ଦାଶ ଦେଇଥିବା ବେଳେ ଲେଖିକା ଡ. ପ୍ରତିଭା ରାୟ, ଲେଖକ ଦେବଦାସ ଛୋଟରାୟ, ଡ. ରଜନୀ ରଞ୍ଜନ, ଶରତ କୁମାର ଦାଶ, ଅମରେନ୍ଦ୍ର ଖଟୁଆ, ଅଖିଳ କୁମାର ମିଶ୍ର, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଗୀତିକାରମାନଙ୍କ ଲେଖା କଣ୍ଠଶିଳ୍ପୀ ତୃପ୍ତି ଦାସ, ସୋହିନୀ ମିଶ୍ର, କରୁଣାକର, ସ୍ୱରୂପ ନାୟକ, ମହାପ୍ରସାଦ କର ଛନ୍ଦା ମିଶ୍ର ଏବଂ କୁନି କଳାକାର ଫିଓନାଙ୍କ କଣ୍ଠରେ ଗୀତ ସବୁ ସ୍ମୃତି ମଧୁର ହୋଇଛି।

## ଏସ୍‌ସିବି ଅଗ୍ନିକାଣ୍ଡରେ ମୃତକଙ୍କୁ ଦୀପଦାନ

ଭୁବନେଶ୍ୱର, ୨୪।୩(ସମିସ): ଏସ୍‌ସିବି ମେଡିକାଲ କଲେଜ ଟ୍ରମା କେୟାର ସେଣ୍ଟର ଆଇସିୟୁରେ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ଚିକିସାଧୀନ ଅବସ୍ଥାରେ ଥିବା ୨୩ଜଣ ଗୁରୁତର ରୋଗୀଙ୍କ ମଧ୍ୟରୁ ୧୫ଜଣ ରୋଗୀଙ୍କର ମୃତ୍ୟୁ ହେବା ଓ ଅବଶିଷ୍ଟ ରୋଗୀ ଗୁରୁତର ଆହତ ହେବା ଅତ୍ୟନ୍ତ ଦୁଃଖ ଦାୟକ ଓ ହୃଦୟ ବିଦାରକ। ଓଡ଼ିଶା ବିକାଶ ମହାମଞ୍ଚ ଓ ସେବା ପ୍ରତିନିଧ ଅନୁଷ୍ଠାନର ସଦସ୍ୟମାନେ ସେମାନଙ୍କ ଦୁଃଖଦ ମୃତ୍ୟୁରେ ଗଭୀର ଭାବରେ ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠାନର ସଭାପତି ପ୍ରଣବ ଛୋଟରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାୟିକ ତଦନ୍ତର ରିପୋର୍ଟ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଆଗାମୀ ଦିନରେ ସମସ୍ତ ଚିକିତ୍ସାଳୟ ମାନଙ୍କରେ ଅଗ୍ନି ନିର୍ବାପକ ଯନ୍ତ୍ର ପ୍ରଭୃତିର ଅଗ୍ନିଶମ ଅଧିକାରୀ ମାନଙ୍କ ଦ୍ୱାରା ନିୟମିତ ଯାଞ୍ଚ ପ୍ରକ୍ରିୟା କରି ରଖିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେବା ପତିନିଧର ମୁଖ୍ୟ ନୀଳମଣି ମିଶ୍ର, ଗିରିଜା ମହାପାତ୍ର, ବିପିନୀ ବିହାରୀ ରାଉତରାୟ ଓ ହୃଷିକେଶଙ୍କ ସମେତ ଓବିଏମ୍ ଅନୁଷ୍ଠାନର ସମ୍ପାଦକ ସତ୍ୟଜିତ୍ ମହତାବ, ଉପସଭାପତି ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦାନ କରି ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରିବା ସହ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରିଥିଲେ।



## ବେଣ୍ଟପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ





ବାଲିଅନ୍ତା, ୨୪।୩(ସମିସ): ବାଲିଅନ୍ତା ବ୍ଲକ ବେଣ୍ଟପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓ ରଶ୍ମିତା ନାଥ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟ ଝରଣା ସ୍ୱାଇଁ, ବ୍ଲକର ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୩୭ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୫ଟି, ରାସନ କାର୍ଡ ସମ୍ବନ୍ଧୀୟ ୫ଟି, ଭତ୍ତା ସମ୍ବନ୍ଧୀୟ ୧ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧୬ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

## ଏସ୍‌ଟିଏସ୍‌ସି ବିକାଶ ଅର୍ଥ ନିଗମ ଅଧ୍ୟକ୍ଷଙ୍କ ବାଲିପାଟଣା ଗସ୍ତ



ବାଲିପାଟଣା, ୨୪।୩ (ସମିସ) : ରାଜ୍ୟ ଏସସିଏସଟି ବିକାଶ ଅର୍ଥ ନିଗମର ଅଧ୍ୟକ୍ଷ ଆଶିଷ କୁମାର ମହାନ୍ତି ବାଲିପାଟଣା ଗ୍ରସ୍ତ କରି ବ୍ଲକ କାର୍ଯ୍ୟାଳୟରେ ଏହି ଅଞ୍ଚଳରେ ଆଦିବାସୀ ହରିଜନଙ୍କ ପାଇଁ ହେଉଥିବା ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବିଇଓ ପ୍ରଭାତ କୁମାର ରଥ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ସେ ବୁଦ୍ଧନାଥ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲ ପରିଦର୍ଶନ କରି ସେଠାରେ ଛାତ୍ରୀମାନଙ୍କ ସୁବିଧା ପାଇଁ ଆନୁଷଙ୍ଗିକ ବିକାଶ କରିବାକୁ ଆର୍ଥିକ ମଞ୍ଜୁରୀ ଦେବାକୁ ବିଭାଗୀୟ ଅଧିକାରୀ ପ୍ରସ୍ତାବ ଦେବାକୁ କହିଥିଲେ। ତପ୍ରରେ ଭାକର ସାହିସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସର ନିର୍ମାଣ କାର୍ଯ୍ୟ ସମାପ୍ତ କରି ପିଲାମାନେ ରହିବାର ତୁରନ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ସେଠାରୁ ପମ୍ପାଲୋ ଆସି ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କହିଥିଲେ। ପମ୍ପାଲୋ ପଞ୍ଚାୟତର ଲାଇଟ୍ ଲଗାଇବାରେ ଅନିୟମିତତା ଓ ଅନ୍ୟ କାର୍ଯ୍ୟ ଉପରେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ଏବଂ ବିଡିଓଙ୍କୁ ତୁରନ୍ତ ପମ୍ପାଲୋ ପଞ୍ଚାୟତ ଅନୁଧ୍ୟାନ କରିବାକୁ କହିଥିଲେ। ଅଧ୍ୟକ୍ଷଙ୍କୁ ବିଭାଗୀୟ ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଇଥିଲେ। ସମିତି ସଭ୍ୟ ଶୈଳେନ୍ଦ୍ର କୁମାର ଭୋଳ, ଯୁବ ନେତା ସୁକାନ୍ତ ଦାଶ, ଦିଲ୍ଲୀପ ସ୍ୱାଇଁ, ରମେଶ ରଥ, ସମାଜସେବୀ ଟୁବୁଲା ଭୋଇ ପ୍ରମୁଖ ଅଞ୍ଚଳର ବିକାଶ ପାଇଁ ଅଧ୍ୟକ୍ଷଙ୍କ ସହଯୋଗ କାମନା କରିଥିଲେ।

## ୩ରେ ମୁକ୍ତିଲାଭ କରିବ 'ପୁୟୋଦକମ୍'



ଭୁବନେଶ୍ୱର, ୨୪।୩ (ସମିସ): ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ପୁୟୋଦକମ୍' ଏପ୍ରିଲ୍ ୩ତାରିଖ ଦିନ ମୁକ୍ତିଲାଭ କରିବାକୁ ଯାଉଛି। ଏହାରି ମଧ୍ୟରେ ସିନେମାର ଟ୍ରେଲର ମୁକ୍ତିଲାଭ କରିଛି। ଚଳଚ୍ଚିତ୍ରର ଗୀତଗୁଡ଼ିକରେ କାରୁଣ୍ୟମୟ ପାରିବାରିକ ନିର୍ଯାତନା ଓ ମା' ସାରଳାଙ୍କ ଘଟଯାତ୍ରାର ଆଧ୍ୟାତ୍ମିକ ଦୃଶ୍ୟ ସ୍ଥାନ ପାଇଛି। ଏହି ଚଳଚ୍ଚିତ୍ର ସାମାଜିକ ବିଚାର ଉପରେ ଦୈବୀ ବିଚାରର ଶ୍ରେଷ୍ଠତ୍ୱକୁ ପ୍ରତିପାଦିତ କରେ। ଏଥିରେ ଗୁନଗୁନ୍, ଅଭିଷେକ ଗୀରି, ଗାର୍ଗୀ, ଶ୍ରୀତମ ଦାସ ଏବଂ ଶୁଭ୍ରାଂଶୁଙ୍କ ଭଳି ଅଭୀନେତା ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶକ ଓ କାହାଣୀ ଲେଖିଛନ୍ତି ଶିବ ପ୍ରସାଦ ମହାନ୍ତି ଏବଂ ନିର୍ମାତା ହେଉଛନ୍ତି ଗୁନ୍ ଗୁନ୍ ଓ ରୀନା ଜେନା। ସେହିପରି ସଙ୍ଗୀତ ନିର୍ଦ୍ଦେଶନାରେ ବିପିନ ବାରିକ ଓ ଗୌରବ ଆନନ୍ଦ ଥିବାବେଳେ ଗୀତିକାର ଡ. ପଞ୍ଚାନନ ନାୟକ, ଡ. ନିର୍ମଳ ନାୟକ, ସଙ୍ଗୀତରେ ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପାଣ୍ଡା, ସତ୍ୟଜୀତ ପ୍ରଧାନ, ରୂପକ ପରିଡ଼ା ଓ ରାମକୃଷ୍ଣ ବେହେରା ରହିଛନ୍ତି।

### ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ସମୀକ୍ଷା

# ନିରବଚ୍ଛିନ୍ନ ଜଳ ଯୋଗାଣକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୪।୩(ସମିସ): ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଏବଂ ମାର୍ଗଦର୍ଶିକା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ବୈଠକରେ ପୌର ପ୍ରଶାସନର ପ୍ରସ୍ତୁତିର ବିସ୍ତୃତ ସମୀକ୍ଷା କରିଛନ୍ତି। ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ଏସଓପି ଅନୁଯାୟୀ କାର୍ଯ୍ୟ କରିବାକୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ନିରବଚ୍ଛିନ୍ନ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରବଳ ଗ୍ରୀଷ୍ମ ସମୟରେ ଯେପରି ଜଳ ଯୋଗାଣରେ କୌଣସି ସମସ୍ୟା ନଉପୁଜେ, ସେଥିପାଇଁ 'ୱାଟକୋ' ଏବଂ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରପାଳିକା ଓ ଏନଏସିର ନିର୍ବାହୀ ଅଧିକାରୀମାନଙ୍କୁ ସ୍ଥାନୀୟ ସ୍ତରରେ ପାନୀୟ ଜଳ କେନ୍ଦ୍ର (ଜଳଛତ୍ର), ବିଶ୍ରାମ ପାଇଁ ଛାଇ ସ୍ଥାନ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ଥଣ୍ଡା ପରିବେଶ ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲ୍ଲା ସ୍ତରୀୟ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ କ୍ଷେତ୍ର ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପୌର ସଂସ୍ଥାଗୁଡ଼ିକୁ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ସହ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନମ୍ବରଗୁଡ଼ିକୁ ବିଭିନ୍ନ ଯୋଗାଯୋଗ ମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ କୁହାଯିବା ସହ ଯେପରି ସାଧାରଣ ଜନତା ଏହାର ସୁବିଧା ପାଇପାରିବେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହିତ ଲୋକାଭିମୁଖୀ ଆଭିମୁଖ୍ୟ ଗ୍ରହଣ କରି ମନ୍ତ୍ରୀ କହିଛନ୍ତି, 'ଅଂଶୁଘାତରେ ଜଣଙ୍କର ବି ମୃତ୍ୟୁ ହେବା ଉଚିତ ନୁହେଁ। ସମସ୍ତ ଅଧିକାରୀ ସବୁ ସ୍ତରରେ ସତର୍କ ଏବଂ ତତ୍ପର ରହିବା ଆବଶ୍ୟକ'। ବୈଠକରେ ବିଭାଗର ଅତିରିକ୍ତ ସଚିବ ଏବଂ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ। ରାଜ୍ୟର ସମସ୍ତ ମ୍ୟୁନିସିପାଲ୍ କମିଶନର ଏବଂ ନିର୍ବାହୀ ଅଧିକାରୀମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଏଥିରେ ଯୋଗ ଦେଇଥିଲେ।



### ମନରେଗା କାମରେ ଦୁର୍ନୀତିର ଗନ୍ଧ

# ଲକ୍ଷାଧିକ ଟଙ୍କାର ଅନୁଦାନ, ୧୦ ପ୍ରତିଶତ ବି ଲାଗିନି ଗଛ



ରାଇରଙ୍ଗପୁର, ୨୪।୩(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଅନ୍ତର୍ଗତ ରାଇରଙ୍ଗପୁର ବ୍ଲକ ଅଧୀନରେ ବିଭିନ୍ନ ହିତାଧିକାରୀଙ୍କ ଚାଷ ଜମିରେ ଆମ୍ବ ଗଛ ଲଗାଇବାରେ ଦୁର୍ନୀତି ଗନ୍ଧ ବାରି ହୋଇଛି। ରାଇରଙ୍ଗପୁର ଉଦ୍ୟାନ କୃଷି ବିଭାଗରେ ମହାଦୁର୍ନୀତି ହୋଇଛି। ସରକାରୀ ସ୍ତରରେ ଲକ୍ଷାଧିକ ଟଙ୍କାର ଅନୁଦାନ ଆସିଥିଲେ ସୁଦ୍ଧା ୧୦ ପ୍ରତିଶତ ଗଛ ଲଗାଯାଇନି। ଯାହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ଗତ ୨୦୨୪-୨୫ରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଗଛ ଲଗାଯାଇଥିଲା। ବିଭାଗର କହିବା ଅନୁଯାୟୀ ଗଛ ଲାଗିବାର ପରଦିନ ଗାଈ, ଛେଳି

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

ଖାଇଗଲେ। ଯାହାକି ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଘଟଣା ରାଇରଙ୍ଗପୁର ବ୍ଲକ ସୁଦର୍ଶନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାତଗଡ଼ା ଗ୍ରାମରେ ଘଟିଛି। ଆମ୍ବ ଗଛ ଲଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି।

ଭାତଗଡ଼ା ଗ୍ରାମରେ ୫ ହେକ୍ଟର ଜମିରେ ଲଗାଯାଇଥିବା ଆମ୍ବ ଗଛ ବଗିଚାର ହିତାଧିକାରୀ ନୁନାରାମ୍ ମାଝୀ ଓ ଅନ୍ୟ ୫ ଜଣଙ୍କ ଆମ୍ବ ବଗିଚା ନିର୍ମାଣ ପ୍ରକଳ୍ପ ଅଟକଳ ମୂଲ୍ୟ ୧୨ ଲକ୍ଷ ୭୩ ହଜାର ୬୬ ଟଙ୍କା ଅଟେ। ଗ୍ରାମରେ ନିର୍ମିତ ଅର୍ଦ୍ଧଲିଖିତ ସୂଚନା ଫଳକ ଜନସାଧାରଣଙ୍କୁ ଅନ୍ଧାରରେ ରଖିବା ସଦୃଶ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କାର୍ଯ୍ୟାରମ୍ଭ ପୂର୍ବରୁ ଉକ୍ତ ଆମ୍ବ ବଗିଚାର ରକ୍ଷଣାବେକ୍ଷଣ ଦାୟିତ୍ୱ ବଗିଚା ଚାରିପଟେ ଗୃହପାଳିତ ପଶୁଙ୍କଠାରୁ ଆମ୍ବ ଗଛର ସୁରକ୍ଷା ନିମନ୍ତେ ବାଡ଼ ତିଆରି ଓ ଗଛ ଜଗିବା ଦାୟିତ୍ୱ ଜଣେ ଶ୍ରମିକଙ୍କୁ ଦେବାକୁ ବିଭାଗୀୟ ଅଧିକାରୀ କହିଥିଲେ। ବିଡମ୍ବନାର ବିଷୟ ଯେ କିଛି ସପ୍ତାହ ଜଗିବା ପରେ ଜଗୁଆଳି ନ ରହିବାରୁ ଉକ୍ତ ବଗିଚାଟି ଗୋରୁଗାଈ ଛେଳିଙ୍କ ଚରାଭୂଇଁରେ ପାଲଟିଗଲା। ଫଳରେ ଆମ୍ବ ଗଛ ନଷ୍ଟ ହୋଇଗଲା। ଆମ୍ବ ଗଛ ଲଗାଇବା ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏହାବ୍ୟତୀତ ଆମ୍ବ ଗଛର ରକ୍ଷଣାବେକ୍ଷଣ ପାଇଁ ସାର କିମ୍ବା ଔଷଧ ସିଞ୍ଚନର ବ୍ୟବସ୍ଥା ମଧ୍ୟ କରାଯାଇ ନ ଥିବାରୁ ଆମ୍ବ ଗଛ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ତେବେ ସେଠାରେ ୧୦ ପ୍ରତିଶତ ବି ଗଛ ନ ଥିବା ଦେଖିବାକୁ ମିଳୁଛି। ଫଳସ୍ୱରୂପ ୫ ହେକ୍ଟର ଜମିରେ ଆମ୍ବ ଗଛ ଆଶାନୁରୂପ ବୃଦ୍ଧି ପାଇ ନ ଥିବାବେଳେ ଜମିରେ ଗୃହପାଳିତ ପଶୁ କବଳରୁ ବର୍ତ୍ତିପାରି ନ ଥିବା ପରିଲକ୍ଷିତ ହୁଏ। ଅଭିଯୋଗ ଅନୁଯାୟୀ କେବଳ ପ୍ରଥମ ଥର ବାଡ଼ କରାଯାଇ ଜଗୁଆଳି ରଖାଯାଇଥିଲା। ଫଳରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଫେଲ ମାରିଥିବାରୁ ହିତାଧିକାରୀଙ୍କୁ ହତୋତ୍ସାହିତ କରିଛି। ଉଦ୍ୟାନ କୃଷି ବିଭାଗ ଦ୍ୱାରା ରାଇରଙ୍ଗପୁର ବ୍ଲକରେ କରାଯାଉଥିବା ସମସ୍ତ ପ୍ରକଳ୍ପ ପ୍ରାୟତଃ ଫେଲ ମାରୁଥିବା ସାଧାରଣରେ ଆଲୋଚନା ହେଉଛି। ତାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯାଉଛି। ଏ ସମ୍ବନ୍ଧରେ ରାଇରଙ୍ଗପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ରମେଶ ଚନ୍ଦ୍ର ମଲ୍ଲିକଙ୍କ ସହିତ ଯୋଗାଯୋଗ କରିବାରୁ ଉକ୍ତ ପ୍ରକଳ୍ପ ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ସେମାନେ କରିବା କଥା। କିନ୍ତୁ ସେମାନେ କରୁନାହାନ୍ତି, ଯାହାଫଳରେ ସେମିତି ହୋଇଛି। ଯଦି ରକ୍ଷଣାବେକ୍ଷଣ ହିତାଧିକାରୀ ନ କରନ୍ତି, ସେମାନେ ଆଉ ଟଙ୍କା ପାଇବେନି। ସେ ସମ୍ବନ୍ଧରେ କୌଣସି ସମସ୍ୟା ଥିଲେ ଲିଖିତ ଆକାରରେ ଜଣାଇବା ପାଇଁ ନିଜ ମତ ରଖିଛନ୍ତି। ମନରେଗା ଯୋଜନାରେ ବାମନଘାଟି ଉପଖଣ୍ଡରେ ଅନେକ ଗଛ ଲଗାଯାଇଥିବାବେଳେ ତାହାର କୌଣସି ଖୋଜ ଖବର ନାହିଁ। ସେ ନେଇ ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ରହିଛି।

---

### ● ଜନଗଣନା ପାଇଁ ତାଲିମ ଶିବିର

## ପ୍ରଥମ ଦିନରେ ୯୮ ଶିକ୍ଷକ ନେଲେ ତାଲିମ




ମୋରଡ଼ା, ୨୪।୩(ସମିସ): ମୋରଡା ବ୍ଲକ ଅଧୀନ ସଦର ମହକୁମା ଚିତ୍ରଡାରେ ଥିବା ଚିତ୍ରଡା ମହାବିଦ୍ୟାଳୟ ପରିସରରେ ଜନଗଣନା-୨୦୨୭ ପାଇଁ ମଙ୍ଗଳବାର ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହେଉଛି। ଜନଗଣନା କାର୍ଯ୍ୟକାରୀ ଅଧିକାରୀ ତଥା ମୋରଡା ତହସିଲଦାର ଶୁଭମ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ କ୍ଷେତ୍ର ପ୍ରଶିକ୍ଷକ ଭାବେ ଚାରିଜଣ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଜୟନ୍ତ କୁମାର ମହାନ୍ତି, ତରୁଣ କୁମାର ବହୁଭୁଜ, ମହେଶ୍ୱର ମହାନ୍ତ, ସୂର୍ଯ୍ୟକାନ୍ତ ଟିପିରିଆ ଯୋଗ ଦେଇଛନ୍ତି। ଉକ୍ତ ତାଲିମ ଶିବିର ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ୫ଟି ବ୍ୟାଚ୍‌ରେ ଆୟୋଜିତ ହେବ। ଜନଗଣନା-୨୦୨୭ ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଦୁଇଟି ବ୍ୟାଚ୍‌ରେ ୯୮ ଜଣ ଗଣନାକାରୀ ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ତହସିଲଦାର ଶୁଭମ ଦାସ ଶିବିର ଉଦଘାଟନ ସମୟରେ ଯୋଗଦେଇ ସମସ୍ତ ଗୃହର ବିବରଣୀ ପଞ୍ଜିକୃତ କରାଯିବା ସହିତ ଗୃହର ସ୍ଥିତି, ସୁବିଧା, ପ୍ରାଥମିକ ତଥ୍ୟ ସଂଗ୍ରହ, ଗୃହ ତାଲିକା ଓ ଗୃହ ଜନଗଣନା ଆଦି କିପରି ସୁରୁଖୁରୁରେ ହୋଇପାରିବ ମାର୍ଗଦର୍ଶନ ଦେବା ସହିତ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଉପଯୁକ୍ତ ଭାବେ ଦକ୍ଷ ବନାଇବା ଶିବିରର ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଥିଲେ। ଉକ୍ତ ଶିବିରକୁ ସେକ୍ସନ ଅଫିସର ବିଜୟ ଭାରତୀ ଦାସ, ସେକ୍ସନ ଡିଲିଙ୍ଗ ଅଫିସର ମଧୁସ୍ମିତା ମହାନ୍ତ ପରିଚାଳନା କରୁଥିବାବେଳେ ଅନ୍ୟ କର୍ମଚାରୀ ସହଯୋଗ କରୁଛନ୍ତି।

**୫ଟି ବ୍ୟାଚ୍‌ରେ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ ଶିବିର**

---

### ଶିବ ମନ୍ଦିରରେ ଗୋଷ୍ଠୀ ସଂଘର୍ଷ

## ଗ୍ରାମବାସୀଙ୍କୁ ଖଣ୍ଡାରେ ଆକ୍ରମଣ, ଉଭୟ ପକ୍ଷର ୨ ଗିରଫ



ରାଇରଙ୍ଗପୁର/ଗୋରୁମହିଷାଣୀ, ୨୪।୩ (ସମିସ): ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଜାମବଣି-ନାଉପଡ଼ାସ୍ଥ ଶିବ ମନ୍ଦିରରେ ଗୋଷ୍ଠୀ ସଂଘର୍ଷ ହୋଇଛି। ମନ୍ଦିରର ପୂଜା ହେଉଥିବା ଖଣ୍ଡାରେ ଆକ୍ରମଣରେ ଗ୍ରାମବାସୀ ଆହତ ହୋଇଛନ୍ତି। ଶିବ ମନ୍ଦିର ପୂଜକ ଓ ପରିଚାଳନା ଗୋଷ୍ଠୀ, ଗ୍ରାମବାସୀଙ୍କ ଏକ ଗୋଷ୍ଠୀ ମଧ୍ୟରେ ମନ୍ଦିରର ବିଭିନ୍ନ ସମସ୍ୟାକୁ ନେଇ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଗ୍ରାମବାସୀଙ୍କ ଏକ ଗୋଷ୍ଠୀର ନିଷ୍ପତ୍ତି ଅନୁଯାୟୀ ମନ୍ଦିରକୁ ପୂଜା କରିବା ପାଇଁ ଆସୁଥିବା ଭକ୍ତଙ୍କଠାରୁ ୩୦ ଟଙ୍କା ଆଦାୟ କରାଯାଉଥିଲା। ଉକ୍ତ ୩୦ଟଙ୍କା ଆଦାୟ କରି ଉକ୍ତ ଗୋଷ୍ଠୀ ମଦମାଂସ ଖାଉଥିବା ମନ୍ଦିର ପୂଜକ ସତ୍ୟବ୍ରତ ଦାସ ଭକ୍ତଙ୍କୁ କହିଥିଲେ। ଉକ୍ତ କଥା ଜଣେ ମହିଳା ଶୁଣି ଗ୍ରାମବାସୀ ଗୋଷ୍ଠୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଉତ୍ତେଜିତ ହୋଇ ୪/୬ ଜଣ ଆସି ମନ୍ଦିର ପୂଜକଙ୍କୁ ସହିତ ଅଭିଯୋଗର ସତ୍ୟତା ସମ୍ବନ୍ଧରେ ପଚାରିଥିଲେ। ଏ ନେଇ ମନ୍ଦିର ପ୍ରାଙ୍ଗଣରେ ଯୁକ୍ତିତର୍କ ହୋଇଥିଲା। ପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ରକ୍ତପାତ ହୋଇଥିଲା। ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାରୁ ମନ୍ଦିର ପୂଜକ ଶ୍ରୀ ଦାସ ମା' କାଳୀ ଧାରଣ କରିଥିବା ପୂଜା ପାଉଥିବା ଖଣ୍ଡା ଆଣି ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବୁଦ୍ଧେଶ୍ୱର ପାତ୍ର, ଗୟା ମୁଣ୍ଡା ଓ ଅନ୍ୟ ଜଣଙ୍କୁ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଥିଲେ। ପୂଜକ ଶ୍ରୀ ଦାସଙ୍କୁ ଗ୍ରାମବାସୀ ଗୋଷ୍ଠୀ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା। ଏ ନେଇ ଉଭୟ ପକ୍ଷରୁ ଗୋରୁମହିଷାଣୀ ଥାନାରେ ଅଭିଯୋଗ କରାଯାଇଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଗୋରୁମହିଷାଣୀ ଥାନା ଅଧିକାରୀ ଜଗନ୍ନାଥ ମୁଣ୍ଡା ବ୍ୟବହୃତ ଖଣ୍ଡାକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ଉଭୟ ପକ୍ଷର ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ବୁଦ୍ଧେଶ୍ୱର ପାତ୍ର ଓ ସତ୍ୟବ୍ରତ ଦାସଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

---

### ● ଜଙ୍ଗଲ ଜମି ପଟ୍ଟାରୁ ରଙ୍ଗାମାଟିଆର ୧୩୦ ଆଦିବାସୀ ପରିବାର ବଞ୍ଚିତ

## ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଲେ ଭୂମିହୀନ



ବାରିପଦା, ୨୪।୩(ସମିସ):ବାରିପଦା ବ୍ଲକ ଶଙ୍ଖାଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମର ଭୂମିହୀନ ଆଦିବାସୀ ପରିବାର ଜଙ୍ଗଲ ଜମିରେ ଦୀର୍ଘଦିନ ଧରି ବସବାସ କରୁଥିଲେ ହେଁ ଜଙ୍ଗଲ ଜମି ପଟ୍ଟା ପାଇପାରୁନାହାନ୍ତି। ଏ ନେଇ ମଙ୍ଗଳବାର ସେମାନେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଗୁହାରି ଜଣାଇଛନ୍ତି।

ରଙ୍ଗାମାଟିଆଠାରେ ସ୍ଥାନୀୟ ଆଦିବାସୀ ଲୋକ ଦୀର୍ଘବର୍ଷ ଧରି ସରକାରୀ ଜଙ୍ଗଲ ଜମିକୁ ଚାଷ କରି ଭୋଗ ଦଖଲ କରି ବସବାସ କରୁଛନ୍ତି। ସେଠାରେ ପିଆରଏମ ମେଡିକାଲ କଲେଜ ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ପାଇଁ ଜମିଅଧିଗ୍ରହଣ ବେଳେ ସ୍ଥାନୀୟ ଲୋକ ଅଞ୍ଚଳର ବିକାଶ ପାଇଁ ଦଖଲଭୁକ୍ତ ଜମି ଛାଡି ଦେଇଥିଲେ। ଫଳରେ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ସେତେବେଳେ ଦାୟିତ୍ୱରେ ଥିବା ଜିଲ୍ଲାପାଳ ସେମାନଙ୍କୁ ଜଙ୍ଗଲ ଜମିପଟ୍ଟା ଓ ଜମି ହରାଇଥିବା ଲୋକଙ୍କୁ କର୍ମନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ସେମାନଙ୍କୁ କୌଣସି ସୁବିଧା ମିଳିପାରିନାହିଁ। ୧୫୦ ଜଣ ଭୂମିହୀନ ପରିବାରରୁ ମାତ୍ର ୨୦ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିଛି। ଫଳରେ ୧୩୦ ପରିବାର ବର୍ତ୍ତମାନ ସରକାରୀ ସୁବିଧା ଓ ପିଲାଙ୍କ ପାଠପଢ଼ା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ସେମାନଙ୍କୁ ଜଙ୍ଗଲ ଜମିରେ ପଟ୍ଟା ଓ ଗ୍ରୁପ-ଡିରେ ଚାକିରି ପ୍ରଦାନ ଦାବିରେ ଦୁଇ ସପ୍ତାହ ତଳେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ପୁଣିଥରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଛନ୍ତି। ଗ୍ରାମର ବୀରେନ୍ଦ୍ର ନାଥ ମୁର୍ମୁ, ଅର୍ଜୁନ ହାଁସଦା, ନବୀନ ହାଁସଦା, କାସୁ ସୋରେନ, ଲକ୍ଷ୍ମଣ ଟୁଡ୍ଡୁ, ଟିଟୁ ମୁର୍ମୁ ଓ ଦୁର୍ଗାଚରଣ ହାଁସଦାଙ୍କ କହିବାନୁଯାୟୀ ୨୦୦୬ ଜଙ୍ଗଲ ଆଇନ ଅନୁଯାୟୀ ସମସ୍ତେ ପଟ୍ଟା ପାଇଁ ବାରିପଦା ତହସିଲ କାର୍ଯ୍ୟାଳୟରେ ୧୨ ବର୍ଷ ପୂର୍ବେ ଆବେଦନ କରିଛନ୍ତି। ସେଠାରୁ ରାଜସ୍ୱ ନିରୀକ୍ଷକ, ଆଇଟିଡିଏ, ଉପଜିଲ୍ଲାପାଳ ଓ ବନ ବିଭାଗ କାର୍ଯ୍ୟାଳୟ ଦ୍ୱାରା ତଦନ୍ତ ପରେ ଜଙ୍ଗଲ ଜମିପଟ୍ଟା ମିଳିବା କଥା। ତେବେ ୧୫୦ ଜଣ ଆବେଦନକାରୀଙ୍କ ପକ୍ଷରୁ ମାତ୍ର ୨୦ଜଣ ଉପକୃତ ହୋଇଥିବାବେଳେ ଅନ୍ୟମାନେ ବଞ୍ଚିତ ରହିଛନ୍ତି। ଜିଲ୍ଲାପାଳ ସମାଧାନ ପାଇଁ ୨ ମାସ ସମୟ ଲାଗିବ କହିଛନ୍ତି। ଅନ୍ୟଥା ସମସ୍ତେ ଆନ୍ଦୋଳନ ପାଇଁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି।

---

## ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଜାଭିୟର ଫେଷ୍ଟ'



ବୈଶିଙ୍ଗା, ୨୪।୩(ସମିସ): ମହୁରୀସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ 'ଜାଭିୟର ଫେଷ୍ଟ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ଦୀପକ ସିଂହ ଓ ନିର୍ଦ୍ଦେଶିକା ରଶ୍ମୀରେଖା ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଯୋଗଦେଇ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ନିଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ ଦୃଢ ଇଚ୍ଛାଶକ୍ତି ଓ ଉଦ୍ୟମ ଜାରି ରଖିବାକୁ କହିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗବତ ପ୍ରସାଦ ଦାସ ଯୋଗଦେଇ ଶିକ୍ଷା ଏପରି ଏକ ସମ୍ପଦ ଯାହାକି କାହାକୁ ଦେଲେ ସରରେ ନାହିଁ। ବରଂ ଶିକ୍ଷାର ପ୍ରସାର ଅଧିକ ହୋଇଥାଏ ବୋଲି କହିଥିଲେ। ପ୍ରଥମେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ଏକତ୍ର ହୋଇ ମଞ୍ଚରେ ହନୁମାନ ଚାଳିଶା ପଠନ କରିଥିଲେ। ପରେ ଗୀତା ଶ୍ଳୋକ ଉଚ୍ଚାରଣ ପୂର୍ବକ ଶ୍ଳୋକର ମାର୍ମିକ ଅର୍ଥ ବ୍ୟାଖ୍ୟା କରିଥିଲେ। ସେହିଭଳି ରାମାୟଣର ରାମବନବାସକୁ ନେଇ ପିଲାଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଏକ ନୃତ୍ୟନାଟିକା ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସହକାରୀ ଶିକ୍ଷକ ଦେବବ୍ରତ ବାରିକ ଓ ଶିକ୍ଷୟିତ୍ରୀ ଯୋଜନଗନ୍ଧା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ବହୁ ମାନ୍ୟଗଣ୍ୟ ଅତିଥି, ଅଭିଭାବକ, ସାମ୍ବାଦିକ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ଖେଳକୁଦ, ନୃତ୍ୟଗୀତ ଓ ଘୋଷକ/ଘୋଷିକା ଆଦି କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷା ଇପ୍‌ସିତା କରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ରଣଜିତ ନାୟକ, ଶିକ୍ଷୟିତ୍ରୀ ତୃପ୍ତି କୁମାରୀ, ସରସ୍ୱତୀ ଦାସ, ତନୁଶ୍ରୀ ମହାର୍ଣ୍ଣା, ଜ୍ୟୋତି ବାରିକ, ଜ୍ୟୋତିକ୍ରିଷ୍ଟା କାମିଲା ଓ ମନୀଷା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ଉପାଧ୍ୟକ୍ଷା ସୋନାଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

---

## ବଦଳିଲେ ୩ ତହସିଲଦାର

ରାଇରଙ୍ଗପୁର/କରଞ୍ଜିଆ/ମୋରଡା, ୨୪।୩(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଏଏସ୍ ସ୍ତରରେ ଅଦଳବଦଳ ହୋଇଛି। ଜିଲ୍ଲାର ୩ ଜଣ ତହସିଲଦାରଙ୍କ ବଦଳି ହୋଇଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କୁ ମୟୂରଭଞ୍ଜ ସହକାରୀ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଉକ୍ତ ସ୍ଥାନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଭୂମି ସୁଧାର ଅଧିକାରୀ ଭବାନୀ ପ୍ରସାଦ ସାହୁଙ୍କୁ ନିଯୁକ୍ତ କରାଯାଇଛି। ସେହିପରି କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ରୂପାଲି ହାଁସଦାଙ୍କୁ କରଞ୍ଜିଆ ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କୁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ମୋରଡା ତହସିଲଦାର ଭାବେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଭୂମି ସୁଧାର ଅଧିକାରୀ ଶୁଭମ ଦାସଙ୍କୁ ନିଯୁକ୍ତ କରାଯାଇଛି। ବଦଳି ସ୍ଥାନରେ ଯଥାଶୀଘ୍ର ଯୋଗ ଦେବାକୁ ଆଦେଶ ରହିଛି।

---

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କର୍ମଶାଳା

ବାରିପଦା, ୨୪।୩(ସମିସ): ବାରିପଦା ମ୍ୟୁନସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କେସିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ତପସ୍ୱିନୀ ଦାଶ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଉପସ୍ଥିତ ରହି ଏହି କର୍ମଶାଳାକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଉନ୍ନତ ସ୍ୱାସ୍ଥ୍ୟର ଆବଶ୍ୟକତା କ୍ଷେତ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର କୁମାର କବି, ଆୟୁଷ ଡାକ୍ତର ଅଭିଜିତ ରାଉତ ସାଧନକର୍ମୀ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ବିକାଶ ସହ ନିରୋଗ ରହିବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଡିଏମ ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ଅନ୍ତର୍ଗତ ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ୬୫ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

---

## ମହିଳାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ

ରାଇରଙ୍ଗପୁର, ୨୪।୩(ସମିସ): ତିରିଂ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ହୋଇଛି। ଦୀର୍ଘ ୬ ଦିନ ପରେ ମହିଳା ଖସି ଆସି ଥାନାରେ ଅଭିଯୋଗ କରିଛନ୍ତି। ପୀଡିତା ମହିଳା ଜଣକ ଗତ ୧୬ ତାରିଖ ସନ୍ଧ୍ୟାରେ ଘର ପଛ ପଟକୁ ଯାଇଥିଲେ। ଏ ସମୟରେ ଉକ୍ତ ଗ୍ରାମର ସାକିଲା ବାସ୍କେ ଅପହରଣ କରି ନେଇଥିଲେ। ଜାମସେଦପୁରରେ ଲୁଚାଇ ରଖିବା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ଶାରିରୀକ ନିର୍ଯ୍ୟାତନା ଦେଉଥିବାବେଳେ କୌଣସି ପ୍ରକାର ମହିଳା ଜଣକ ଖସିଆସିଥିଲେ। ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବା ପରେ ତିରିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ତିରିଂ ଥାନାରେ ମାମଲା ରୁଜୁ ହୋଇ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।

---

## ଆନ୍ତଃରାଜ୍ୟ ରେଡ୍‌କ୍ରସ୍ ଶିବିରରେ ସତ୍ୟସାଇ ବିଦ୍ୟାଳୟ ଛାତ୍ରୀ




ବୈଶିଙ୍ଗା, ୨୪।୩(ସମିସ): ଖୁଣ୍ଟାପୁରସ୍ଥ ଶ୍ରୀସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରିୟା ପଲ୍ଲବୀ ଦାସ, ହେମାଙ୍ଗିନୀ ରାଉଳ ଓ ବିଷ୍ଣୁ କୃପାଜଳ ମହାପାତ୍ର କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ଆନ୍ତଃରାଜ୍ୟ ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଯୋଗଦାନ ପାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରସ୍ଥ ହାଇଟେକ ମେଡିକାଲ କଲେଜରେ ଏହି ଶିବିର ଚଳିତ ମାସ ୨୫ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଛାତ୍ରୀମାନେ ରାଜ୍ୟସ୍ତରୀୟ ଶିବିରରେ ଦଳଗତ ସଙ୍ଗୀତରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଏହି ସଫଳତା ପାଇଁ ସମ୍ପୃକ୍ତ ଛାତ୍ରୀ ଓ ସେମାନଙ୍କ ମାର୍ଗଦର୍ଶକ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସମେତ ଜ୍ୟୋତ୍ସ୍ନାରାଣୀ ଜେନା, ଶୁଭସ୍ମିତା ସାମନ୍ତରାୟ, ସୌଭଦ୍ର କୁମାର ଦାସ, ଦୀପ୍ତିଶଙ୍କର ପତି ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଆନ୍ତଃରାଜ୍ୟ ସ୍ତରରେ ବିଦ୍ୟାଳୟ ପାଇଁ ସଫଳତା ଆଣିବାକୁ କାମନା କରିଥିଲେ।

---

### ମଇଳା ଖାଦାନ ବର୍ଜ୍ୟବସ୍ତୁ ପରିଚାଳନା ଓ ପୋଖରୀ ପୁନରୁଦ୍ଧାର ଦାବି

## ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ବାରିପଦା, ୨୪।୩(ସମିସ):ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ବାରିପଦା ପୌରାଞ୍ଚଳରେ ଥିବା ରଘୁନାଥପୁର ମଇଳା ଖାଦାନରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ଓ ୧୫ନଂ ୱାର୍ଡରେ ଥିବା ପୋଖରୀର ପୁନରୁଦ୍ଧାରକୁ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ଜିଲ୍ଲା ସଭାପତି କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ପ୍ରଦାନ କରାଯାଇଛି।

ବାରିପଦା ସଦର ମହକୁମାରେ ଥିବା ମଇଳା ଖାଦାନରୁ ନିର୍ଗତ ହେଉଥିବା ଅହରହ ବିଷାକ୍ତ ଧୂଆଁ ବାହାରି ଆଖପାଖ ଅଞ୍ଚଳ ରଘୁନାଥପୁର, ହଦହଦି, ଇନ୍ଦପାହି ଓ ବାଉରା ପ୍ରମୁଖ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସମ୍ପୂର୍ଣ୍ଣ ମାତ୍ରାରେ ବନ୍ଦ କରାଯାଇ ତାହାକୁ ସିଲଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଧାରା ୨୦୧୬ ଅନୁସାରେ କାର୍ଯ୍ୟ ସମ୍ପାଦନ କରାଯାଉ, ବାରିପଦା ପୌରାଞ୍ଚଳର ୧୫ନଂ ୱାର୍ଡର ଅଧିକାଂଶ ଅଧିବାସୀ ଦାରିଦ୍ର ସୀମାରେଖା ତଳେ ନିଜର ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ଗତ କିଛିବର୍ଷ ପୂର୍ବରୁ ଉକ୍ତ ଅଞ୍ଚଳରେ ଥିବା ପୋଖରୀର ରକ୍ଷଣାବେକ୍ଷଣ ଅତି ନିମ୍ନମାନର ହୋଇଥିବାରୁ ତାହା ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇଛି। ତେଣୁ ଉକ୍ତ ପୋଖରୀକୁ ପୁନରୁଦ୍ଧାର ସହ ଗାଧୁଆ ତୁଠ ନିର୍ମାଣ କରି ତାହାକୁ ବ୍ୟବହାର ଉପଯୋଗୀ କରିବା ନିତ୍ୟାନ୍ତ ଜରୁରୀ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବାରିପଦା ସହରବାସୀ, ୧୫ନଂ ୱାର୍ଡର ଶତାଧିକ ମହିଳା ଓ ପୁରୁଷ ଦାରଗାଡାହି ଗୋଲେଇରୁ ପଦଯାତ୍ରା ଆରମ୍ଭ କରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଜିଲ୍ଲା ସଭାପତି ଶ୍ରୀ ଦାସ ସରକାରଙ୍କୁ ପ୍ରଶ୍ନ ଛଳରେ ସାମାନ୍ୟ ବାଇକରେ ପ୍ରଦୂଷଣ ପାଇଁ ଜରିମାନା ଦେୟ ହେଲା ୧୦, ୦୦୦ ଟଙ୍କା, ଆଉ ମଇଳା ଖାଦାନରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ପାଇଁ କେତେ ଟଙ୍କା ଜରିମାନା, କାହାକୁ ଜରିମାନା କରାଯିବ ବୋଲି ପ୍ରଶ୍ନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ସଭାପତି ଶ୍ରୀ ଦାସଙ୍କ ବ୍ୟତୀତ ଉପସଭାପତି ରାଜା ହେମ୍ବ୍ରମ, ଟାଉନ ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ଛାତ୍ର ନେତା ଅଭିଷେକ ଦଣ୍ଡପାଟ, ନାରୀନେତ୍ରୀ ସବିତା ଗୋଛାୟତ, ଗୀତା ବାଗ ଓ ପିଙ୍କି ବିନ୍ଧାଣି ପ୍ରମୁଖ ଯୋଗ ଦେଇଥିଲେ।



# ମା' ବାସେଲୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା






ଢେଙ୍କାନାଳ,୨୪ ।୩(ସମିସ):

ସ୍ଥାନୀୟ ଭାଗୀରଥି ସାଗରକୂଳରେ ଥିବା ମା' ବାସେଲୀଙ୍କ ପୀଠରେ ଚୈତ୍ର ମାସର ତୃତୀୟ ମଙ୍ଗଳବାର ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ, ମଧାହ୍ନରେ ପଣା ଲାଗି ହୋଇଥିଲା । ସନ୍ଧ୍ୟାବେଳେ ଆଳତି ପରେ ପହଡ଼ ପଡ଼ିଥିଲା । ସେହିପରି ସ୍ଥାନୀୟ ଭାଗୀରଥି ସାଗରକୂଳରେ ଥିବା ମା' ମଙ୍ଗଳାଙ୍କ ପୀଠରେ ଚୈତ୍ର ମାସର ତୃତୀୟ ମଙ୍ଗଳବାର ଥିବାରୁ ମା'ଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ, ମଧାହ୍ନରେ ପଣା ଲାଗି ହୋଇଥିଲା । ସନ୍ଧ୍ୟା ବେଳେ ଆଳତି ପରେ ପହଡ଼ ପଡ଼ିଥିଲା । ସେହପରି ଗାନ୍ଧୀ ମନ୍ଦିର ରୋଡ ସ୍ଥିତ ମା ତାରିଣୀଙ୍କ ପୀଠ ରେ ଚୈତ୍ର ମାସର ତୃତୀୟ ମଙ୍ଗଳବାର ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ ମଧାହ୍ନ ପଣା ଲାଗି ହୋଇଥିଲା । ସନ୍ଧ୍ୟା ରେ ଆଳତି ପରେ ରାତ୍ରରେ ପହଡ ପଡ଼ିଛି । ବାଜିଚୌକ ସ୍ଥିତ ମା ବ୍ରାହ୍ମଣୀ ଦେଇ ପୀଠରେ ଆଜି ଚୈତ୍ର ମାସର ତୃତୀୟ ମଙ୍ଗଳବାର ଥିବାରୁ ମା ଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ, ମଧାହ୍ନରେ ପଣା ଲାଗି ହୋଇଥିଲା ।

# ମା' ତରକେଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ


ଗଁଦିଆ,୨୪ ।୩(ସମିସ): ଗଁଦିଆ ବ୍ଲକ ଦେଓଗାଁ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ତରକେଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଯାଇଛି । ସୋମବାର ସନ୍ଧ୍ୟାରେ ଅଙ୍କୁରା ରୋପଣ ଓ ଅଧିବାସ କାର୍ଯ୍ୟ ସହ ଏହି ଆଧାତ୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସକାଳେ ଶତାଧିକ ମହିଳା ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ବାଦ୍ୟ ଓ ହରିନାମ ସଙ୍କୀର୍ତ୍ତନରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଉଠିଛି । ବୁଧବାର ବିଗ୍ରହର ମହାସ୍ନାନ ଓ ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ପ୍ରଦାନ କରାଯିବାର କାର୍ଯ୍ୟସୂଚୀ ରହିଛି ।



ଗ୍ରାମ କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଭକ୍ତ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ କେପି ଉନିକ୍ରିଷ୍ଣନଙ୍କ ବିୟୋଗରେ ଶୋକସଭା

ଢେଙ୍କାନାଳ,୨୪ ।୩(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ କେପି ୟୁନିକ୍ରିଷ୍ଣନଙ୍କର ଗତ ମାର୍ଚ୍ଚ ୩ ତାରିଖରେ ପରଲୋକ ହୋଇଯାଇଅଛି । ଏଥିପାଇଁ ଢେଙ୍କାନାଳ ଠାରେ ଅବସ୍ଥିତ ଉଫୁନା କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଉଫୁନାର ଅଧକ୍ଷ ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକ ଅଧକ୍ଷତା



କରିଥିଲେ । ୧୯୩୬ ମସିହା ସେପ୍ଟେମ୍ବର ୨୦ ତାରିଖରେ କେରଳର କାଲିକଟ ଠାରେ ତାଙ୍କର ଜନ୍ମ ହୋଇଥିଲା । ସେ ଜଣେ ପ୍ରଗତିଶୀଳ ସମାଜବାଦୀ ଜନନାୟକ ଥିଲେ । ସେ କେନ୍ଦ୍ରମନ୍ତ୍ରୀ ଥିଲାବେଳେ ଯୋଗାଯୋଗ ବିଭାଗର ବହୁ ପ୍ରଗତି ହୋଇଥିଲା । ସେ ବହୁ ଦେଶ ପରିଭ୍ରମଣ କରିଥିଲେ । ସେ ୬ଥର ଲୋକସଭାର ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ତାଙ୍କ ଧର୍ମପତ୍ନୀ ଅମ୍ରିତା ଉନିକ୍ରୀଷ୍ଣନ ଏହି ସଙ୍କ୍ରାନ୍ତରେ ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକଙ୍କୁ ଅବଗତ କରିଥିଲେ । ପୂର୍ବତନ ସିବିଆଇ ଜଜ ଭିକାରି ଚରଣ ରାଉତ, କବି ବାହାଦୁର ପାଟଶାହାଣି, ଇଂ ଡମ୍ବରୁଧର ପଣ୍ଡା, ସର୍ବୋଦୟ ନେତା ଇଂ ଲଳିତ ମୋହନ ବେହେରା, ବିପିନ ବେହେରା, ଇଂ ଅକ୍ଷୟ ଶତପଥୀ, ସରୋଜ ଶତପଥୀ ପ୍ରମୁଖ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଥିଲେ ଏବଂ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ତାଙ୍କ ମୃତ୍ୟୁ ପାଇଁ ୨ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ଏପ୍ରିଲ ୨ତାରିଖରେ ସର୍ବଦଳୀୟ ଶୋକସଭା ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ ବୋଲି ତାଙ୍କ ସହଧର୍ମିଣୀ ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକଙ୍କୁ ପ୍ରକାଶ କରିଛନ୍ତି ।

# ଅଗ୍ନିବିପନ୍ନ ପରିବାରଙ୍କୁ ପୂର୍ବତନ ସାଂସଦଙ୍କ ସହାୟତା

ହିନ୍ଦୋଳ/ଖଜୁରିଆକଟା,୨୪ ।୩(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବିଧାନସଭା ଅନ୍ତର୍ଗତ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ନୂଆବଗ ଗାଁରେ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା ପରିବାରଙ୍କୁ ପୂର୍ବତନ ସାଂସଦ ମହେଶ ସାହୁ ଭେଟିଛନ୍ତି । ଏହି ଗ୍ରାମର ସାତଟି ପରିବାରର ମୋଟ ୧୪ ବଖରା ଘର ପୋଡି ପାଉଁଶ ହୋଇଯିବା ସହ ଅଗ୍ନିକାଣ୍ଡ ସମସ୍ତ ଆସବାବପତ୍ର, ବାଛୁରୀ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଜଳି ନଷ୍ଟ ହୋଇଯାଇଛି । ଯାହାକି ଆତ୍ୟନ୍ତ ହୃଦୟ ବିଦାରକ ଥିଲା । ଘଟଣା ସମ୍ପର୍କରେ ଖବର ପାଇ ପୂର୍ବତନ ସାଂସଦ ବିଧାୟକ ମହେଶ ସାହୁ ଘଟଣାସ୍ଥଳରେ ପହଞ୍ଚି ଘଟଣାକୁ ଦେଖି ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଥିଲେ । ସମସ୍ତ ପରିବାରକୁ ଶୁଖିଲା ଖାଦ୍ୟ ପୁଡିଆ, ମହିଳା ଓ ପୁରୁଷ ଲୋକମାନଙ୍କୁ ବସ୍ତ୍ର, କମ୍ବଳ ଆଦି ପ୍ରଦାନ କରିଥିଲେ । ଗ୍ରାମର ନରିଆ ବିଶ୍ୱାଳ, ଗାଲେଖ ବିଶ୍ୱାଳ, ଗାଣ୍ଠୁ ବିଶ୍ୱାଳ, ଦିବାକର ବିଶ୍ୱାଳ, ସୁବାସ ବିଶ୍ୱାଳ, ସିପୁନ ବିଶ୍ୱାଳ, ଭାସ୍କର ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ଘର ପୋଡି ଯାଇ ସର୍ବସ୍ୱାନ୍ତ ହୋଇଯାଇଥିବାବେଳେ ସମ୍ପୃକ୍ତ କ୍ଷତିଗ୍ରସ୍ତମାନଙ୍କୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା, କ୍ଷତିପୂରଣ ଏବଂ ପକ୍କା ଘର ଯୋଗାଇଦେବା ପାଇଁ ପୂର୍ବତନ ସାଂସଦ ମହେଶ ସାହୁ ଦାବି କରିଛନ୍ତି । ପୂର୍ବତନ ସାଂସଦ ମହେଶ ସାହୁଙ୍କ ସହ ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଅଗ୍ନି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଥିଲେ ।



# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ଖଜୁରିଆକଟା,୨୪ ।୩(ସମିସ): ଢ଼େଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ୨୪ ତାରିଖ ଦିନ ଜାତୀୟସେବାଯୋଜନାର ସ୍ୱତନ୍ତ୍ର ସେବା ଶିବିର ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ରୂପେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର ଜିଲ୍ଲା ନୋଡାଲ ଅଫିସର ଡଃ ରୋବର୍ଟ ୱାଲିସନ୍ ଭାତ୍ରା ଯୋଗଦେଇ ଉପସ୍ଥିତ ସ୍ୱେଚ୍ଛାସେବୀ ମାନଙ୍କୁ ସେବାର ମହତ୍ତ୍ୱ ସମ୍ପର୍କରେ ବିଶଦ ଭାବେ ବୁଝାଇଥିଲେ । ମୁଖ୍ୟ ବକ୍ତା ରୂପେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ରସାୟନ ବିଭାଗର ଅଧାପକ ଏସ ଏସ ଆର ମିଶ୍ର ଯୋଗଦେଇ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ । ପ୍ରଥମ ଦିବସରେ ୫୦ ଜଣ ଶିବିରାର୍ଥୀ ଯୋଗଦାନ କରି ନିଜ ପରିଚୟ ପ୍ରଦାନ କରିବା ସହିତ ମଙ୍ଗଳ ଗୀତ ଗାନ କରିଥିଲେ । ପରିଶେଷରେ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରୋଗ୍ରାମ ଅଫିସର ବ୍ରଜ କିଶୋର ବେହେରାଙ୍କ ଠାରୁ ଜଣା ପଡିଛି ।



# ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ନେଇ ସଚେତନତା ଶିବିର



ଗଁଦିଆ,୨୪ ।୩(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକର ବେଗା ଗ୍ରାମଠାରେ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବା ଲକ୍ଷ୍ୟରେ ପାଞ୍ଚକେନ୍ଦୁ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ବେଗା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃ ଓ ଶିଶୁ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟମୂଳକ ଯୋଜନାର ସଠିକ୍ ଲାଭ ନେବା ମାଧ୍ୟମରେ ମାତୃ ଓ ଶିଶୁ ମୃତ୍ୟୁ ହାରକୁ ହ୍ରାସ କରାଯାଇପାରିବ । ଏହି ଶିବିରକୁ ବେଗା ପଞ୍ଚାୟତର ମହିଳା ସ୍ୱାସ୍ଥ୍ୟ କର୍ମୀ ରୁବୀ ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ଆତ୍ମଜ ଚରଣ ରାଉତ, ଓଡଓଝ ସୁପରଭାଇଜର, ରତନପୁର ଓ ଲେଥକାର ସ୍ୱାସ୍ଥ୍ୟ କର୍ମୀମାନେ, ଅଙ୍ଗନୱାଡ଼ି କର୍ମୀମାନେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ମେଡିକାଲ୍ ସୁପରଭାଇଜର ଦିଲ୍ଲୀପ ବେହେରା ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ ।

# ମାଇଁ ଭାରତ ପକ୍ଷରୁ ଯୁବ ମଣ୍ଡଳ ବିକାଶ ଅଭିଯାନ




ଢେଙ୍କାନାଳ,୨୪ ।୩(ସମିସ):ଢେଙ୍କାନାଳ ସଦର ବ୍ଲକ ଠାରେ ମାଇଁ ଭାରତ ତରଫରୁ ଯୁବ ମଣ୍ଡଳ ବିକାଶ ଅଭିଯାନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ୧୮ ବର୍ଷରୁ ନେଇ ୨୯ବର୍ଷ ଯାଏଁ ଯୁବକ ଯୁବତୀଙ୍କୁ କିପରି ନୂତନ କ୍ଲବ ଗଠନ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା । ଏହି ଏହି ବୈଠକ ରେ ୧୫ ରୁ ଅଧିକ କ୍ଲବ୍ ମାଇଁ ଭାରତ ସହିତ ଜଡିତ ହୋଇଥିଲା । ଏଥିରେ ମାଇଁ ଭାରତର ବରିଷ୍ଠ ଆକାଉଁଟାଣ୍ଟ ଶଶାଙ୍କ ଶେଖର ମହାପାତ୍ର ଓ ଏକ୍ସ ଭଲାଣ୍ଟିଅର ସୌମ୍ୟା ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମ ବିଷୟରେ ଯୁବକ ଯୁବତୀଙ୍କୁ ବୁଝାଇ ଥିଲେ ।

# ଅମଲାପଡ଼ା ବାସନ୍ତୀ ଦୁର୍ଗାପୂଜା

ଅନୁଗୋଳ୨୪।୩(ସମିସ): ଅମଲାପଡ଼ା ମା ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ବିଂଶତମ ବାସନ୍ତିକ ମହୋତ୍ସବ ଆଜି ଆରମ୍ଭ ହୋଇଛି । ଷଷ୍ଠୀ ଅବସରରେ ଅପରାହ୍ଣରେ ବିଲ୍ୱାଧିବାସ, ଦେବୀଙ୍କ ବୋଧନ, ଅଧିବାସ ଆଦି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ ସହ ଅନୁଗୋଳ ଶାନ୍ତି ଅନୁଭୂତି ଧାମ ପକ୍ଷରୁ ଆଧାତ୍ମିକ ଆଲୋଚନାଚକ୍ର, ଧ୍ୟାନ, ପ୍ରାର୍ଥନା ଆଦି ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ କଳାକାର ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ । ଅନୁଗୁଳ ବ୍ରହ୍ମା କୁମାରୀ ଶାନ୍ତି ଅନୁଭୂତି ଧାମ ମୁଖ୍ୟ ମିନତୀ ଭଉଣୀ, ପୂଜା କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା, ଶୁଭେନ୍ଦୁ ପ୍ରଧାନ ଓ ପୂଜା ର ସବୁ କର୍ମକର୍ତ୍ତା ଙ୍କ ସମେତ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଦୁର୍ଗା ଶଙ୍କର ମିଶ୍ର, ବି କେ ଜୟକୃଷ୍ଣ ଶତପଥୀ ଏବଂ ତାଙ୍କ ସହଯୋଗୀ ମାନେ ଅତିଥି ରୂପେ ସମାରୋହକୁ ଉଦ†ାଟନ କରିଥିଲେ । ବୁଧବାର ମହାସପ୍ତମୀ ପୂଜା ସହ ଅପରାହ୍ଣରେ ମହିଳା କବାଡ଼ି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

# ବିଶ୍ୱ ଯକ୍ଷ୍ମା ଦିବସ




ଢେଙ୍କାନାଳ,୨୪ ।୩(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ହଲ ଠାରେ ବିଶ୍ୱ ଯକ୍ଷ୍ମା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୦୦ ଦିନିଆ ମୁକ୍ତ ଭାରତ ଅଭିଯାନ ୨-୦ ଉଦ୍‌ଘାଟିତ କରାଯାଇଛି । ଏଥିସହ ୨୦୨୫ ମସିହାରେ ଯକ୍ଷ୍ମା କାର୍ଯ୍ୟକ୍ରମର ବିଭିନ୍ନ ମାନଦଣ୍ଡ ଉପରେ ଭଲ ପ୍ରଦର୍ଶନ କରିଥିବା ୮୯ଟି ପଞ୍ଚାୟତକୁ "ଯକ୍ଷ୍ମା ମୁକ୍ତ ପଞ୍ଚାୟତ' ଭାବରେ ପୁରସ୍କୃତ କରାଯାଇଛି । ଉକ୍ତ ପଞ୍ଚାୟତ ମଧ୍ୟରୁ ୩ଟି ପଞ୍ଚାୟତ ସ୍ୱର୍ଣ୍ଣ, ୧୧ଟି ପଞ୍ଚାୟତ ରୌପ୍ୟ ଓ ୩୫ଟି ପଞ୍ଚାୟତକୁ କାଂସ୍ୟ ସ୍ମାରକ ପ୍ରଦାନ କରାଯାଇଥିବାର ଜଣାପଡିଛି । ଏହି ଦିବସରେ ପୌର ଅଧକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟ ଅତିଥିଭାବେ ଯୋଗଦେଇ ଯକ୍ଷ୍ମା ବିରୁଦ୍ଧରେ, ଲଢେଇରେ ସମସ୍ତ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ସାଂସଦ ଙ୍କ ପ୍ରତିନିଧି ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉପସ୍ଥିତ ଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ଓ ସଞ୍ଜୟ କୁମାର ମହାପାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ମଧ ଉପସ୍ଥିତ ଥିଲେ । ଏହାସହ ବିଭିନ୍ନ ବିଭାର ମୁଖ୍ୟ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ପରିଚାଳିକା ପରିଚାଳନା କରିଥିଲେ । ଶେଷରେ ଯକ୍ଷ୍ମା ବିଭାଗର ଯକ୍ଷ୍ମା ସଞ୍ଜୋଜିକା ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପନ କରିଥିଲେ ।

# ଓଡ଼ିଶରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା

ଭୁବନ,୨୪ ।୩(ସମିସ): ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ମା ଚର୍ଚ୍ଚିକା ପୀଠ ଠାରେ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ପାଇଁ ଅଙ୍କୁରରୋପଣ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଠାରୁ ୩ ଦିନ ବ୍ୟାପି ଏହି କାର୍ଯ୍ୟ ଚାଲୁରହିବ । ଡମଶାଳ ନଦୀ ରେ ପୂଜା ଅର୍ଚ୍ଚନା କରି ଘଣ୍ଟା ଘଣ୍ଟ, ସଙ୍କୀର୍ତ୍ତନ ଢୋଲ ମହୁରୀ ବଜାଇ କଳସ ପୂଜା କରାଯାଇଥିଲା । ମା ଚର୍ଚ୍ଚିକା କେଉଁ ଅନାଦି କାଳରୁ ପୂଜା ପାଇ ଆସୁଛନ୍ତି । ପବନ ମୂତ୍ର ହନୁମାନ ଙ୍କ ମନ୍ଦିର ୧୨ ବର୍ଷ ପୂର୍ବେ ହୋଇଥିଲା । ଶିବ ମନ୍ଦିର ୫ ବର୍ଷ ହେଲା ପୂଜିତ । ତେବେ ଶ୍ରୀରାମ ମନ୍ଦିର କମିଟି ସଂପଦକ ମିଳନ ମହାନ୍ତି ଙ୍କ ପ୍ରଚେଷ୍ଟା ରେ ୨୦୨୧ ମସିହାରେ ଆରମ୍ଭ ହୋଇଥିବା ମନ୍ଦିର ମାତ୍ର ୪ ବର୍ଷରେ ଶେଷ ହୋଇଛି । ପ୍ରଫୁଲ ମହନ୍ତୁ, ସ୍ନେହଲତା ମହାନ୍ତି, ମିଳନ ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତି, ନମିତା ମହାନ୍ତି, ଆଶା ମହାନ୍ତି କଳସୀ ଭାବେ କାର୍ଯ୍ୟ ତୁଲାଇଥିଲେ । ଗ୍ରାମଦେବୀ ମାଁ ଚର୍ଚ୍ଚିକାଙ୍କ ପ୍ରଥମେ ପୂଜା ପରେ ଙ୍କର ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୩ ଦିନ ବ୍ୟାପି ବୈଦିକ ରୀତିନୀତିରେ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ରେ ରବିନାରାୟଣ ଷଣ୍ଡ, ବିନୟ ପଟନାୟକ, ବୁଦ୍ଧିମନ୍ତ ରଣା ଙ୍କ ସମେତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।

# ରାଜନୀତି ବିଜ୍ଞାନ ବିଭାଗରେ ସ୍ମାରକୀ ସମ୍ମାନ




ଢେଙ୍କାନାଳ,୨୪ ।୩(ସମିସ): ସ୍ଥାନୀୟ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରଫେସର ଡଃ ଶ୍ରୀରାମଚନ୍ଦ୍ର ଦାଶ ସ୍ମାରକୀ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମାନରେ ସ୍ନାତକ ଛାତ୍ର ଓ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରଫେସର ଡଃ ଶ୍ରୀରାମଚନ୍ଦ୍ର ଦାଶ ଓଡିଶା ରାନୀତି ବିଜ୍ଞାନର ଜନକ ଥିଲେ । ତାଙ୍କ ଉଦ୍ୟମରେ ଓଡିଶାରେ ଅର୍ଥନୀତି ବିଭାଗ ଠାରୁ ରାଜନୀତି ବିଜ୍ଞାନ ବିଭାଗକୁ ଅଲଗା କରିବାରେ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶିକ୍ଷା ଜଗତରେ ସେ ଏକ ଉଜ୍ୱଳ ତାରକା ଥିଲେ । ସାହିତ୍ୟ ଜଗତରେ ସେ ଏକ ଦୀପ୍ତମନ୍ତ ସୂର୍ଯ୍ୟ ଥିଲେ । ଏକ ବିଚକ୍ଷଣ ଅଧାପକ, ବାଗ୍ମୀ, ଲେଖକ, ଆଇନଜ୍ଞ ଥିଲେ । ଏଭଳି ଏକ ବ୍ୟକ୍ତିତ୍ୱଙ୍କ ଉପରେ ଢେଙ୍କାନାଳ କଲେଜର ରାଜନୀତି ବିଜ୍ଞାନ ବିଭାଗ ସ୍ମାରକୀ ସମ୍ମାନ ଆୟୋଜିତ କରି ଛାତ୍ରଛାତ୍ରୀଙ୍କୁ ପରିଚୟ ପ୍ରଦାନ କରିଥିଲେ । ଏହି ସମ୍ମାନରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ବିଶିଷ୍ଟ ବାଗ୍ମୀ ଡଃ ଗିରିଶ ପ୍ରସାଦ ସ୍ୱାଇଁ ମୁଖ୍ୟବକ୍ତା ଭାବରେ ଭାଗ ନେଇଥିଲେ । ଏହି ସମ୍ମାନକୁ ଅଧକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବରାଳ ସଭାପତିତ୍ୱ କରିଥିଲେ । ଏହି ସମ୍ମାନରେ ବିଭାଗୀୟ ମୁଖ୍ୟ ଡଃ ଅମୃତ କୁମାର ସେଠି ସ୍ୱାଗତ ଭାଷଣ ଦେଇଥିରେ । ଅଧାପକ ଡଃ ଆଶିଷ କୁମାର ଜେନା ଓ ଦିଲ୍ଲୀପ କୁମାର ମଲ୍ଲିକ ସମ୍ମାନର ଲକ୍ଷ୍ୟ ଓ ବିଷୟ ଉପରେ ଅବଗତ କରାଇଥିଲେ । ଶେଷରେ ଛାତ୍ରୀ ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ୫ବର୍ଷ ଜେଲ

ଢେଙ୍କାନାଳ,୨୪ ।୩(ସମିସ):

ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଖୋଲା ଗ୍ରାମର ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଜିଲ୍ଲା ଦୌରାଜଜ୍ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ଜଣଙ୍କ ହେଲା ମାନସ ମଲ୍ଲିକ । ମାନସ ପ୍ରାୟ ଆଠ ବର୍ଷ ତଳେ ଖୋଲା ଗ୍ରାମର ରେଖା ମଲ୍ଲିକଙ୍କୁ ବିବାହ କରିଥିଲେ । ତାଙ୍କର ଗୋଟିଏ ସାତ ବର୍ଷର ଝିଅ ଓ ଗୋଟିଏ ତିନି ବର୍ଷର ପୁଅ ଅଛନ୍ତି । ବାହାଘର ପରେ ମାନସ ତାଙ୍କ ସ୍ତ୍ରୀ କୁ ମାଡପିଟ କରିବାରୁ ସେ ଅନ୍ୟତ୍ର ରହୁଥିଲେ । ମଝିରେ ମଝିରେ ମାନସ ମଲ୍ଲିକ ତାଙ୍କ ଘରକୁ ଯାଇ ରହୁଥିଲା । ଗତ ୨୧ ଅକ୍ଟୋବର ୨୦୨୨ରେ ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ମାନସ ଏକ କଇଞ୍ଚିରେ ରେଖାଙ୍କ କାନ୍ଧ ଓ ପେଟକୁ ଭୁସିଦେଇଥିଲା । ପରିବାର ସଦସ୍ୟ ରେଖାକୁ ଉଦ୍ଧାର କରି ସ୍ଥାନୀୟ ବରପଦା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇ ଘରକୁ ନେଇ ଆସିଥିଲେ । ତା ପରଦିନ ତା ପେଟରୁ ଷ୍ଟିଚ ପଡ଼ିଥିବା ଜାଗାରୁ ପାଣି ବାହାରିବାରୁ ତାକୁ ତୁରନ୍ତ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ଅବସ୍ଥାରେ ରେଖାଙ୍କ ମୃତ୍ୟୁ ଘଟିଥିଲା । ମୃତା ରେଖାଙ୍କ ମା' କାମେନି ମଲ୍ଲିକ ନିହଲପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନିହଲ ପ୍ରସାଦ ପୁଲିସ ଏ ନେଇ କେସ ନଂ ୨୦୨/୨୦୨୨ ଦଫା ୪୯୮-ଏ/୩୦୨ ଆଇପିସି ରେ ମାମଲା ରୁଜୁ ହୋଇଥିଲା । ନିହାଲପ୍ରସାଦ ଥାନା ଅଧିକାରୀ ଅଭିଯୁକ୍ତ ମାନସକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଚାର୍ଜ ସିଟ ଦାଖଲ ପରେ ମାମଲାର ବିଚାର ସିଟିସ୍ପେସିଆଲ କେସ ନଂ ୨୬୨/୨୦୨୨ ରେ ବିଚାର କରି ମାନ୍ୟବର ଜିଲ୍ଲା ଦୌରା ଜଜ ପ୍ରଣବ କୁମାର ରାଉତରାୟ ଙ୍କ ଅଦାଲତ ରେ ଚାଲିଥିଲା । ଏହି ମାମଲା ଶୁଣାଣି କରି ମାନ୍ୟବର ଜିଲ୍ଲା ଦୌରା ଜଜ ପ୍ରଣବ କୁମାର ରାଉତରାୟ ପୀଡିତା ସହ ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ମାନସ ମଲ୍ଲିକକୁ ପାଞ୍ଚ ବର୍ଷ ସଶ୍ରମ ଜେଲ ରେ ଦଣ୍ଡିତ କରିଛନ୍ତି । ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଓକିଲ ପିପି ଦାୟିତ୍ୱରେ ଥିବା ସୀତାକାନ୍ତ ଦାସ ମାମଲାର ପରିଚାଳନା କରୁଥିଲେ ।

## ବ୍ରହ୍ମପୁରରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ସିଧାସଳଖ ପ୍ରଭାବ

# ଗ୍ୟାସ୍‌ର କଳାବଜାରୀ; ସିଲିଣ୍ଡର ଦର ୨୨ଶହ

ବ୍ରହ୍ମପୁର,୨୪ ।୩(ସମିସ)



ଟ୍ରମ୍ପଙ୍କ ଦ୍ୱାରା ଯୁଦ୍ଧ ବିରତି ଘୋଷଣା ସତ୍ତ୍ୱେ ଥମିନାହିଁ ଯୁଦ୍ଧ। ଯୁଦ୍ଧରେ ଭାରତ ସାମିଲ ହୋଇନଥିଲେ ହେଁ ମଧ୍ୟପ୍ରାଚ୍ୟ ଯୁଦ୍ଧର ସିଧାସଳଖ ପ୍ରଭାବ ପଡିଛି ଦେଶରେ। ବିଶ୍ୱରେ ସୃଷ୍ଟି ହୋଇଥିବା ତୈଳସଙ୍କଟ ଯୋଗୁଁ ଦରଦାମ ବୃଦ୍ଧି ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ସରକାର ଯେତେ ସତର୍କ ଓ ସଜାଗ ଥିବା ସହିତ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ଥିବା ନେଇ ଦୃଢୋକ୍ତି ବାଢୁଥିଲେ ହେଁ ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ ହେଉଛି। କାରଣ ଦିନକୁ ଦିନ ରନ୍ଧନ ଗ୍ୟାସ ସହିତ ପେଟ୍ରୋଲ ଦର ସହିତ ବିକଳ୍ପ ଭାବେ ବ୍ୟବହାର କରାଯାଉଥିବା କାଠ, କୋଇଲା ଏପରିକି ଇଣ୍ଡକ୍ସନ ଚୂଲାର ଦର ଆକାଶଛୁଆଁ ହୋଇସାରିଛି। ଯୁଦ୍ଧ ବଢିବା ସହିତ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଆଦୌ ନଥିବା ବେଳେ ଘରୋଇ ବା ଡୋମେଷ୍ଟିକ ଗ୍ୟାସ ସିଲିଣ୍ଡର ଯାହାର ପ୍ରକୃତ ମୂଲ୍ୟ ୯୬୦ଟଙ୍କା ଥିଲା ବର୍ତ୍ତମାନ ତାହାର କଳାବଜାର ହୋଇ ୨୨ଶହ ଟଙ୍କା ହୋଇସାରିଛି। ଗ୍ୟାସର ବିକଳ୍ପ ଭାବେ କାଠ ଓ କୋଇଲାକୁ ବ୍ୟବହାର କରାଯାଉଥିବା ବେଳେ ତାହାର ମୂଲ୍ୟ ବର୍ତ୍ତମାନ ଦ୍ୱିଗୁଣିତ ହୋଇସାରିଥିବା ବେଳେ ଏହି ମୂଲ୍ୟ ମଧ୍ୟ ବଢିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେପଟେ ଗ୍ୟାସର ଅଭାବ ଜଣାପଡିବା ପରଠାରୁ ଇଣ୍ଡକ୍ସନ ଚୂଲା ହଠାତ୍ ବଜାରରୁ ଉଭାନ ହୋଇଯାଇଛି। କାଁ ଭାଁ ଇଣ୍ଡକ୍ସନ ଚୂଲା ମିଳୁଥିଲେ ହେଁ ତାହା ୩ରୁ୪ଗୁଣା ହୋଇସାରିଛି। ସେପଟେ ଦୁର୍ଘଟଣାର ଆଶଙ୍କା ଥିବାରୁ ଅନଲାଇନରେ ଲୋକେ ଇଣ୍ଡକ୍ସନ ଚୂଲା ମଗାଇବା ପାଇଁ ଶ୍ରେୟ ମଣୁନାହାନ୍ତି। ସରକାର ଯଦିଓ ଯୁଦ୍ଧର କୌଣସି ପ୍ରଭାବ ପଡିନଥିବା କହୁଛନ୍ତି ତେବେ ପୂର୍ବ ଭଳି ଗ୍ୟାସ ସିଲିଣ୍ଡର ବୁକିଂ ପାଇଁ ଗ୍ରାମାଞ୍ଚଳରେ ୪୫ଦିନ ଓ ସହରାଞ୍ଚଳରେ ୨୫ଦିନର ସମୟ କାହିଁକି ରହିଛି ବୋଲି ପ୍ରଶ୍ନ ଉଠିଛି। ସେତିକି ନୁହେଁ ବରଂ ବୁକିଂର ୬ଦିନ ପରେ ଗ୍ରାହକଙ୍କୁ ମିଳୁଛି ସିଲିଣ୍ଡର। ମାର୍କେଟରେ ଏଭଳି ଜଟିଳ ପରିସ୍ଥିତି ସୃଷ୍ଟି ଯୋଗୁସାଧାରଣ ଖାଉଟିଙ୍କ ଚିନ୍ତା ବଢି ଯାଂଇଥଇବା ବେଳେ ଯୋଗାଣ ବିଭାଗ କିନ୍ତୁ ନିଦ୍ରା ଯାଉଥିବା ଭଳି ମନେ ହେଉଛି। କାଁ ଭାଁ ସେପୁଣି ଲୋକଦେଖାଣିଆ ଚଢଉ କରିଦେଇ ଚୁପ ବସିଛି ଯୋଗାଣ ବିଭାଗ। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ତୁରନ୍ତ ତଥା ନିୟମିତ ଚଢଉ କରି କଳାବଜାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

- ଦୁଇଗୁଣା ହେଲା କାଠ ଓ କୋଇଲାର ମୂଲ୍ୟ, ବଜାରରୁ ଉଭାନ 'ଇଣ୍ଡକ୍ସନ ଚୂଲା'
- ଗାଁରେ ୪୫ଦିନ ଓ ସହରରେ ୨୫ ଦିନରେ ବୁକିଂ, ବୁକିଂର ୬ଦିନ ପରେ ମିଳିବ ସିଲିଣ୍ଡର

## ୭ ବୋମା ଜବତ ଘଟଣା: ଫେରାର୍ ରବି ଗିରଫ

ବ୍ରହ୍ମପୁର,୨୪ ।୩(ସମିସ): ଗତବର୍ଷ ଜାନୁଆରୀରେ ଲାଞ୍ଜିପଲ୍ଲୀ ଖଜୁରିଆ ଜାତୀୟ ରାଜପଥ ନିକଟସ୍ଥ ନିର୍ମାଣାଧିନ ଘରୁ ଏକ ବ୍ୟାଗରେ ଥିବା ୭ଟି ବୋମାକୁ ଜବତ କରିଥିଲା ବୈଦ୍ୟନାଥପୁର ଥାନା ପୁଲିସ। ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଆଉଜଣେ ଗୋଷାଣିନୂଆଗାଁ ତେଲିଗୁଡ଼ି ସାହିର କେ. ରବି(୨୬)କୁ ପୁଲିସ ଗିରଫ କରିଛି। ପୂର୍ବରୁ ସ୍ୱରାଜ ବିଷୋୟୀ, ଶ୍ରୀକାନ୍ତ ପଣ୍ଡା ଓ ଅମିତ ପାତ୍ର ଆଦି ୩ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ଦୀର୍ଘ ୧୩ମାସ ପରେ ଫେରାର ଅଭିଯୁକ୍ତ ରବିକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି।

## 'ବିକାଶ'ର ନୂତନ କାର୍ଯ୍ୟକାରୀ କମିଟି ଗଠନ

ବ୍ରହ୍ମପୁର,୨୪ ।୩(ସମିସ): ସ୍ଥାନୀୟ କମାପଲ୍ଲୀ ଶିବ ମନ୍ଦିର ପରିସରରେ ସ୍ୱେଚ୍ଛାସେବୀ 'ବିକାଶ' ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ବିକାଶ'ର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। କମିଟି ଗଠନ ପାଇଁ ବିଶିଷ୍ଟ ସମାଜସେବୀ ମେଘନାଥ ବେହେରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା। ଗୋକୁଳ ବେହେରା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଜ୍ୟୋତିକୃଷ୍ଣ ବେହେରା ଉପସଭାପତି, ରବି ନାରାୟଣ ବେହେରା ସାଧାରଣ ସମ୍ପାଦକ, ମଣ୍ଡଳ ଶଶି ସମ୍ପାଦକ ଏବଂ ଗୁଣନିଧି ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ଲକ୍ଷ୍ମୀ ନାରାୟଣ ବେହେରା, ପ୍ରଶାନ୍ତ କୁମାର ବେହେରା, ତ୍ରିବେଣୀ ବେହେରା ଓ ମେଘନାଦ ବେହେରାଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି। ନୂତନ କାର୍ଯ୍ୟକାରୀ କମିଟି ଦ୍ୱାରା ଉପଦେଷ୍ଟା ମଣ୍ଡଳୀରେ ଅବନୀ ଗୟା, ଡ଼ା. ରାଜେନ୍ଦ୍ର କୁମାର ବେହେରା, ଡ଼ା. ଗୋପବନ୍ଧୁ ବେହେରା ଓ ଲାଲବିହାରୀ ବେହେରାଙ୍କୁ ମନୋନୀତ କରାଯାଇଛି। ଆସନ୍ତା ରବିବାର ନବନିର୍ବାଚିତ ସଦସ୍ୟଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଲକ୍ଷ୍ମଣ କୁମାର ବେହେରା, ଈଶ୍ୱର ଚନ୍ଦ୍ର ବେହେରା, ରଘୁନାଥ ବେହେରା, ଶ୍ୟାମସୁନ୍ଦର ବେହେରା, ହରିକୃଷ୍ଣ ବେହେରା, ଦାମୋଦର ବେହେରା, କୁରା ବେହେରା, ଯୁଧିଷ୍ଠିର ବେହେରା, ସତ୍ୟବାନ ବେହେରା, ପୁରଷୋତ୍ତମ ବେହେରା ଓ ଚିନ୍ମୟ ବେହେରା ଉପସ୍ଥିତ ଥିଲେ।

## ଦଣ୍ଡନାଚ ସଜବାଜ

# ଆଜିଠୁଁ ଗଳି-କନ୍ଦିରେ ବାଜିବ ଢୋଲ, ମହୁରି

ବ୍ରହ୍ମପୁର,୨୪ ।୩(ସମିସ)

ଗଞ୍ଜାମ ଜିଲ୍ଲାର ଗଣପର୍ବ ତଥା ପ୍ରସିଦ୍ଧ ଦଣ୍ଡନାଚ ଆସିଲେ ସମଗ୍ର ଜିଲ୍ଲା ଉତ୍ସବ ମୁଖର ହୋଇଉଠେ। ଗଳିକନ୍ଦିରେ ଦେଖିବାକୁ ମିଳିବ ଦଣ୍ଡ ପରମ୍ପରା ଏବଂ ଢୋଲ ଓ ମହୁରୀର ଶବ୍ଦରେ କମ୍ପିବ ଚତୁର୍ଦ୍ଦିଗ। ଚଳିତ ବର୍ଷ ଦଣ୍ଡଯାତ୍ରା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ। ମନ୍ଦିର ଅଞ୍ଚଳ ସଫା କରିବା ସହ ମନ୍ଦିରକୁ ରଙ୍ଗ ମଧ୍ୟ ଦିଆଯାଇଛି। ମନ୍ଦିରରେ ମା'ଙ୍କ ପୂଜାରେ ଲାଗୁଥିବା ସମସ୍ତ ସାମଗ୍ରୀକୁ ସଫା ସୁତୁରା କରାଯିବା ସହ ମା'ଙ୍କ ପ୍ରଭାକୁ ମଧ୍ୟ ସଜାଯାଉଛି। ପ୍ରତିବର୍ଷ ଚୈତ୍ରମାସରେ ମା'ଙ୍କ ଦଣ୍ଡଯାତ୍ରା ଆୟୋଜିତ ହେଉଥିବା ବେଳେ ବ୍ରହ୍ମପୁରରେ ପ୍ରାୟ ୧୩ରୁ ଉର୍ଦ୍ଧ୍ୱ କାଳୀମନ୍ଦିରରେ ଦଣ୍ଡନାଚ ପାଇଁ ପ୍ରସ୍ତୁତି କରାଯାଉଛି। ନୂଆ ବସଷ୍ଟାଣ୍ଡ, ପାଣିଗ୍ରାହୀପେଣ୍ଠ, ହରିଡ଼ାଖଣ୍ଡି, ପାତାଳେଶ୍ୱର, ବିଜିପୁର, ବ୍ରଜନଗର, ସାଳିଆବନ୍ଧ ସାହି, ରାମଲିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର, ଲୋଚାପଡ଼ା, ଉତ୍ତରେଶ୍ୱର ଏବଂ ଆମ୍ବପୁଆ ସମେତ ସମସ୍ତ କାଳୀ ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ଦଣ୍ଡନାଚ ପ୍ରାୟତଃ ୧୩ଦିନ, ୧୮ ଦିନ ଏବଂ ୨୧ଦିନ ଧରି ହୋଇଥାଏ। ବୁଧବାର ଅର୍ଥାତ ୨୫ତାରିଖ ଠାରୁ ଜିଲ୍ଲାରେ ଦଣ୍ଡନାଚ କିଛି ସ୍ଥାନରେ ଆରମ୍ଭ ହେବାକୁ ଥିବାବେଳେ ସ୍ଥାନୀୟ ଆମ୍ବପୁଆ କାଳୀ ମନ୍ଦିରରେ ୨୫ତାରିଖ ଠାରୁ ଦଣ୍ଡନାଚ ଆରମ୍ଭ ହେବ। ଅପେରା ପରିବେଷଣ ପାଇଁ କଳାକାରମାନେ ଅଭ୍ୟାସ ଜାରି ରଖିଛନ୍ତି। ଏହି ଯାତ୍ରା ଆସନ୍ତା ମେରୁ ସଂକ୍ରାନ୍ତିରେ ଉଦଯାପିତ ହେବ। ଭୁକ୍ତାମାନେ ମା



ଦଣ୍ଡକାଳୀ ଓ ଶିବଙ୍କୁ ସାଥିରେ ନେଇ ଗାଁକୁ ଗାଁ ଘରକୁଘର ବୁଲି ମାନସିକଧାରୀଙ୍କ ଘର ସମ୍ମୁଖରେ ମା'ଙ୍କ ଯାତ୍ରା କରି ମାନସିକଧାରୀଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ବିଶ୍ୱାସ ରହିଛି ମାଙ୍କୁ ପୂଜା କଲେ ସମସ୍ତ ଦୁଃଖ ଦୂର ହୋଇଥାଏ। ୨୧ଦିନ ଧରି ପାଟ ଭୁକ୍ତାଙ୍କ ନିର୍ଦ୍ଦେଶ ଅନୁସାରେ ମାଙ୍କ ଯାତ୍ରା ପାଳନ ହୋଇଥାଏ। ସକାଳୁ ସକାଳୁ ମାନସିକଧାରୀଙ୍କ ଘରେ ମାଙ୍କୁ ସାଙ୍ଗରେ ନେଇ ମା ଦଣ୍ଡକାଳୀ ଓ ଶିବଙ୍କୁ ବରଣ କରାଯାଏ। ପରେ ମଧ୍ୟାହ୍ନରେ ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ଇତ୍ୟାଦି ସମ୍ପନ୍ନ ହୋଇଥାଏ। ସନ୍ଧ୍ୟାରେ ମାଙ୍କ ରିତିନିତି ଅନୁଯାୟୀ ଆଳତି ଓ ପୂଜାର୍ଚ୍ଚନା କରିବା ପରେ ମଧ୍ୟରାତ୍ରୀରେ ମାଙ୍କୁ ଅନ୍ନପ୍ରସାଦ ଲାଗି କରାଯାଇଥାଏ। ଲୋକ ପରମ୍ପରା ସହିତ ଜଡିତ ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସମାଜିକ କଥାବସ୍ତୁର ନିରାକରଣ ସକାଶେ ଜିଲ୍ଲାପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଧୂଳିଦଣ୍ଡ ସମୟରେ ପାରମ୍ପରିକ ଡଗଡମାଳି ଏବଂ ଲୋକସଙ୍ଗୀତର ବ୍ୟବହାର ଅନୁମୋଦିତ। ତେବେ କୌଣସି ଅଶାଳୀନ ଏବଂ ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗ ନିଷିଦ୍ଧ କରାଯାଇଛି। ରାତ୍ର ମଞ୍ଚରେ କେବେଳ ପାରମ୍ପରିକ କଳା ଅନୁମୋଦିତ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକୀୟ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଅନୁମତି ନେବା ବାଧ୍ୟତାମୂଳକ।

ଦଣ୍ଡନାଚ ପରିବେଷଣ ସମୟରେ ଉପରୋକ୍ତ ମାନକ ପରିଚାଳନ ପ୍ରଣାଳୀରେ ବ୍ୟତିକ୍ରମ ଘଟିଲେ ଖିଲାପୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ସେପଟେ ଦଣ୍ଡନାଚ ସମୟରେ ଆଇନଶୃଙ୍ଖଳା ଦୃଷ୍ଟିରୁ ମଧ୍ୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

# ଦୁଇଦିନ ପରେ ଓକିଲ ସଂଘ ନିର୍ବାଚନ; ମାହୋଲ ସରଗରମ

ବ୍ରହ୍ମପୁର,୨୪ ।୩(ସମିସ)

ଆସନ୍ତା ୨୮ ତାରିଖରେ ହେବ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ଭୋଟଗ୍ରହଣ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ। ହାତରେ ମାତ୍ର ଦୁଇ ଦିନ ରହିଥିବା ବେଳେ ପ୍ରାର୍ଥୀଙ୍କ ହୃଦସ୍ପନ୍ଦନ ବଢିବାରେ ଲାଗିଛି। ସମସ୍ତ ପ୍ରାର୍ଥୀ ନିଜ ନିଜ ତରିକାରେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘରେ ୪ଟି ପଦବୀ ଯଥା ସଭାପତି, ଉପ ସଭାପତି, ସମ୍ପାଦକ ଓ ସହ ସମ୍ପାଦକ ଭଳି ପଦବୀ ପାଇଁ ମୋଟ ୧୫ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଫଳରେ ସମସ୍ତ ପଦବୀରେ ବହୁମୁଖୀ ପ୍ରତିଦ୍ୱନ୍ଦିତା ହେବା ଏକରକମର ସ୍ପଷ୍ଟ ହୋଇଯାଇଛି। ସଭାପତି ପଦବୀରେ ନିରଞ୍ଜନ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ଦେଓ, ସୀତାଂଶୁ ଶେଖର ପଣ୍ଡା ଓ ତ୍ରିମୁଲ କୁମାର ରେଡ୍ଡୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପ ସଭାପତି ପଦବୀରେ ଅନୀଲ କୁମାର ପଣ୍ଡା, ସତ୍ୟନାରାୟଣ ବସନ୍ତିଆ, ସୀମାଞ୍ଚଳ ବିଶୋୟୀ ଏବଂ ଶ୍ରୀକାନ୍ତ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ସମ୍ପାଦକ ପ୍ରାର୍ଥୀ ଭାବେ ଜଗନ୍ନାଥ ମିଶ୍ର, ମଦନ ମୋହନ ପାତ୍ର ଓ ଟିଟୁ କୁମାର ପାତ୍ର ଏବଂ ସହ ସମ୍ପାଦକ ପଦବୀରେ ମନୋଜ କୁମାର ନାୟକ, ମନୋରଂଜନ ପାଢୀ, ମୀରାବାଇ ପାଣିଗ୍ରାହୀ ଏବଂ ରଂଜନ କୁମାର ସାମନ୍ତରାୟ ନିର୍ବାଚନ ଲଢୁଛନ୍ତି। ଚଳିତ ନିର୍ବାଚନରେ ମୋଟ ୧୭୬୧ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୧୫୯ଜଣ ହେଉଛନ୍ତି ନବାଗତ ତଥା ନୂତନ ଭାବେ ପଞ୍ଜିକୃତ ହୋଇଥିବା ଯୁବ ଆଇନଜୀବୀ। କିନ୍ତୁ ମୋଟ ୧୭୬୧ଜଣ ଭୋଟରଙ୍କ ମଧ୍ୟରୁ ଶତକଡା ୪୦ପ୍ରତିଶତ ହେଉଛନ୍ତି ନନ ପ୍ରାକ୍ଟିସନର ବା ଓକିଲାତି କରୁନଥିବା ଆଇନଜୀବୀ। ଏଣୁ ଚଳିତ ବର୍ଷ ନିର୍ବାଚନରେ ମଧ୍ୟ ପୂର୍ବ ନିର୍ବାଚନ ଭଳି ନନ ପ୍ରାକ୍ଟିସନର ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯାହାକୁ ନେଇ ସମସ୍ତ ପ୍ରାର୍ଥୀ ହାତରେ ସମୟ କମ୍ ଥିବାରୁ ଘରକୁ ଘର ଅର୍ଥାତ ଡୋର କ୍ୟାମ୍ପେନିଂ କରି ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ସେହିଭଳି ଭୋଟରଙ୍କ ନିକଟରେ ସହଜରେ ପହଞ୍ଚିବାକୁ ଯାଇ ହ୍ୱାଟ୍ସଅପ, ଫେସବୁକ, ଇନଷ୍ଟାଗ୍ରାମ, ମୋବାଇଲ ଗ୍ରୁପ ମେସେଜିଂ ଆଦି ଭଳି ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ମଧ୍ୟ ଆଧାର କରୁଛନ୍ତି। ସାଧାରଣତଃ ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ଥରେ ପରାଜିତ ହୋଇଥିବା ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଅଧିକ ରହି ଆସିଥିବା ବେଳେ ଚଳିତ ବର୍ଷ ସମସ୍ତ ୪ଟି ପଦବୀରେ ଜଣେ ଲେଖାଏଁ ପରାଜିତ ପ୍ରାର୍ଥୀ ପୁଣି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେପଟେ ଚଳିତ ନିର୍ବାଚନରେ ସହ ସମ୍ପାଦକ ପଦବୀରେ ଜଣେ ମାତ୍ର ମହିଳା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଅନୁରୂପ ଭାବେ ଗତ ଥରର ନିର୍ବାଚିତ ଉପସଭାପତି ଚଳିତ ଥର ପୁଣି ସଭାପତି ପଦବୀରେ ପ୍ରାର୍ଥୀ ହୋଇ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଯାହା ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ କ୍ୱଚିତ ବା ବିରଳ ଘଟଣା ବୋଲି ଆଇନଜୀବୀଙ୍କ ମଧ୍ୟରେ ଆଲୋଚନା ହେଉଛି। ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ଯାଇ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଅନୁପାଳନ କରି ସୁଚାରୁରୂପେ ସଂଚାଳନ କରିବା ପାଇଁ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ୫୦ଜଣିଆ କମିଟି ଗଠନ କରିଛନ୍ତି। ସିସିଟିଭି କ୍ୟାମେରାର ବ୍ୟବସ୍ଥା ସହିତ ନିର୍ବାଚନ ଦିନ ଭୋଟଗ୍ରହଣ ଠାରୁ ଆରମ୍ଭ କରି ଫଳାଫଳ ଘୋଷଣା ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିକୋଣରୁ ଆବଶ୍ୟକ ପୁଲିସ କର୍ମଚାରୀଙ୍କୁ ମୁତୟନ କରିବାକୁ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କୁ ଅନୁରୋଧ କରିଛନ୍ତି।




- ଚଳିତବର୍ଷ ୧୭୬୧ ଭୋଟରଙ୍କ ମଧ୍ୟରୁ ୧୫୯ ନୂଆ ୪୦% ନନ୍‌ପ୍ରାକ୍ଟିସନର
- ନନ୍‌ପ୍ରାକ୍ଟିସନର ଭୋଟର ନେବେ ନିର୍ଣ୍ଣାୟକ ଭୂମିକା, ରୋଚକ ସ୍ଥିତିରେ ନିର୍ବାଚନ
- ଡୋର ଟୁ ଡୋର କ୍ୟାମ୍ପେନିଂ ସହ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଛନ୍ତି ପ୍ରାର୍ଥୀ



## ଗଞ୍ଜାମ ବକ୍ସିଂ ଦଳର ରାଉରକେଲା ଯାତ୍ରା

ବ୍ରହ୍ମପୁର,୨୪ ।୩(ସମିସ): ଚଳିତ ୨୫ ଓ ୨୬ ଦୁଇଦିନ ଧରି ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ଜୁନିଅର୍ ଓ ୧୯ବର୍ଷରୁ କମ୍ ଯୁବ ପୁରୁଷ ଏବଂ ମହିଳା ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମ ବକ୍ସିଂ ଦଳ ଅଂଶଗ୍ରହଣ କରିବ। ଏଥି ନିମନ୍ତେ ମୋଟ ୪୧ଜଣିଆ ବକ୍ସିଂ ଦଳ ମଙ୍ଗଳବାର ରାଉରକେଲା ଅଭିମୁଖେ ଗସ୍ତ କରିଛନ୍ତି। ଏଥିରେ ଜିଲ୍ଲାର ୨୨ଜଣ ପୁରୁଷ ଓ ୧୩ଜଣ ମହିଳା ବକ୍ସର, କୋଚ୍, ମ୍ୟାନେଜର ଓ ରେଫରୀ ଜଜ ସାମିଲ ଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଜେ. କାମେଶ୍ୱର ରାଓ ଏବଂ ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ସୂଚନା ଦେଇଛନ୍ତି। କୋଚ୍ ମ୍ୟାନେଜର ଭାବେ ଏସ. ସାଇ ପ୍ରତାପ, ଜି. ଯୋଗୀ ନନ୍ଦ, ପ୍ରବୀଣ ସେଠୀ, ବିପିନ ଗୌଡ଼, ମୁନା ଗୌଡ ଏବଂ ଶ୍ୟମା ମୁଖୀ ଯାତ୍ରା କରିଛନ୍ତି। ଏହା ସହିତ ପୂର୍ବତନ ବକ୍ସର ଏବଂ ରାଜ୍ୟ ରେଫରୀ ଜଜ୍ ଶିବରାମ ପାତ୍ର, ବୁଲୁ ପାତ୍ର, ଅନ୍ତର୍ଜାତୀୟ ରେଫରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରିଛନ୍ତି। ଦଳର ସମସ୍ତ ଖେଳାଳୀ ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ଅଭ୍ୟାସ କରୁଥିବା ବେଳେ ଉତ୍ତମ ଖେଳ ପ୍ରଦର୍ଶନ କରିବେ ବୋଲି କେ. ପ୍ରଭାକର ରାଓ, ଲଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ସୁମନ୍ ଦାସ୍, ଅକ୍ଷୟ ପଟ୍ଟନାୟକ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସଞ୍ଜୀବ ସାହୁ, ସିତା ଜେନା, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଆଶାବ୍ୟକ୍ତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।

## ଆକ୍ରମଣ ମାମଲାରେ ୨ ଗିରଫ

ବ୍ରହ୍ମପୁର,୨୪ ।୩(ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ପିଣ୍ଟୁ ରାଉଳଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୀତାରାମ ସାହିର ଶ୍ରୀକାନ୍ତ ମହାନ୍ତି ଓରଫ ଭାଲୁ(୩୬) ଏବଂ ଧୋବାବନ୍ଧ ହୁଡ଼ାର ରବୀନ୍ଦ୍ର ପଣ୍ଡା ଓରଫ ପପୁନ(୨୪)। ପୁଲିସ ଅଭିଯୁକ୍ତ ରବୀନ୍ଦ୍ର ପଣ୍ଡାଙ୍କ ନିକଟରୁ ଏକ ଖଣ୍ଡା ଜବତ କରାଯାଇଥିବା ବଡ଼ ବଜାର ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ କହିଛନ୍ତି। ଗତ ୧୫ତାରିଖରେ ବାଲାଜୀପେଣ୍ଠ ସାହି ଦକ୍ଷିଣକାଳୀ ମନ୍ଦିର ପରିସରରେ ଦଣ୍ଡଯାତ୍ରା ପାଇଁ ଆୟୋଜିତ ବୈଠକରେ ପାଟଭୁକ୍ତ ଓ ପାଦୁ ଦଣ୍ଡୁଆ ଚୟନକୁ ନେଇ ଅଭିଯୁକ୍ତ ଶ୍ରୀକାନ୍ତ ମହାନ୍ତି ଓ ଅଭିଯୋଗକାରୀ ପିଣ୍ଟୁ ରାଉଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଶତ୍ରୁତାକୁ କେନ୍ଦ୍ର କରି ଗତ ୨୨ତାରିଖ ବିଳମ୍ବିତ ରାତିରେ ପିଣ୍ଟୁ ରାଉଳ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଆନନ୍ଦ ନଗର ଚାରିଛକ ନିକଟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲଙ୍କାଗୁଣ୍ଡ ଫିଙ୍ଗି ଆକ୍ରମଣ କରିଥିଲେ। ଘଟଣାକୁ ନେଇ ପିଣ୍ଟୁ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।



## ମହିଳାଙ୍କୁ ଦୁର୍ବ୍ୟବହାର ମାମଲା: ୩ଜଣଙ୍କ ଦଣ୍ଡ କାଏମ

ବ୍ରହ୍ମପୁର,୨୪ ।୩(ସମିସ): ମହିଳାଙ୍କୁ ଦୁବ୍ୟବହାର କରିବା ମାମଲାର ପୁନଃ ବିଚାରଣା କରି ଦଣ୍ଡ କାଏମ୍ ରଖିଛନ୍ତି ବ୍ରହ୍ମପୁର ଏଡିଜେ-୨ ବିଚାରପତି ଆୟୁଷ୍ମାନ ମହନ୍ତ। ମହିଳାଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ୨୦୨୪ମସିହା ସେପ୍ଟେମ୍ବର ୫ତାରିଖରେ ଜେଏମ୍ଏଫ୍‌ସି (ଟ୍ରାନ୍ସପୋର୍ଟ) ଅଭିଯୁକ୍ତ ସୁରଳ ବଡ଼ ସାହିର ରିଙ୍କୁ ବେହେରା(୩୪), ଟିଟୁ ବେହେରା (୩୪) ଓ କେଶବ ଚନ୍ଦ୍ର ବେହେରା (୨୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଥିଲେ। ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ଉପର କୋର୍ଟରେ ଅପିଲ୍ କରିଥିଲେ। ଅପିଲ୍ ନମ୍ବର ୬୪/୨୦୨୪ର ବିଚାରଣା କରି ଏଡିଜେ-୨ ତଳକୋର୍ଟର ଦଣ୍ଡବିଧାନକୁ କାଏମ୍ ରଖିଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ୍ ଲୟର ଅରୁଣ କୁମାର ବିଶ୍ୱାଳ ମକଦ୍ଦମା ପରିଚାଳନା କରୁଥିଲେ।

- ଦିର୍ଘଦିନ ଧରି ଭୁଶୁଡ଼ିଛି ଛାତ୍ରୀନିବାସ ପାଚେରି; ଅସୁରକ୍ଷିତ ଅନ୍ତେବାସୀ

# ଚିଠି ଲେଖି ଚୁପ୍ ବସିଛନ୍ତି କର୍ତ୍ତୃପକ୍ଷ, କିଏ ହେବ ଅଘଟଣ ପାଇଁ ଦାୟୀ?

ବ୍ରହ୍ମପୁର,୨୪ ।୩(ସମିସ)

ସହରର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନ ଯଥା ଶଶିଭୂଷଣ ରଥ(ସ୍ୱୟଂଶାସିତ) ସରକାରୀ ମହାବିଦ୍ୟାଳୟ ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ଦୀର୍ଘମାସ ଧରି ଉଭୟ ଶିକ୍ଷାନୁଷ୍ଠାନର ହଷ୍ଟେଲର ପାଚେରୀ ଭୁଷୁଡି ପଡିଥିଲେ ହେଁ ତାହାର ନିର୍ମାଣ କରାଯାଉନାହିଁ। ଫଳରେ ଉଭୟ ଛାତ୍ରୀନିବାସର ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଉଭୟ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ପୂର୍ତ୍ତ ବିଭାଗ ଓ ପୁଲିସ ହାଉସିଂ କର୍ପୋରେସନକୁ ବାରମ୍ବାର ଅବଗତ କରାଇଥିଲେ ହେଁ ଏପର୍ଯ୍ୟନ୍ତ ପାଚେରୀ ନିର୍ମାଣ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଉଭୟ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ରହିଛନ୍ତି। ଅନ୍ୟପକ୍ଷରେ ଭାଙ୍ଗି ପଡିଥିବା ପାଚେରୀ ସ୍ଥାନରେ ଟିଣ ଲଗାଇ କର୍ତ୍ତୃପକ୍ଷ ତାଳିପକା ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି। ପାଚେରୀ ନିର୍ମାଣ ପାଇଁ ଉଭୟ ଅନୁଷ୍ଠାନ ପକ୍ଷରୁ ଚିଠି ଲେଖି କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରିଦେଇଥିବା ଭଳି ମନେ ହେଉଛି। ଏଭଳି କାମଚଳା ବ୍ୟବସ୍ଥାକୁ ନେଇ ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଛାତ୍ରୀନିବାସରେ ଶତାଧିକ ଅନ୍ତେବାସୀ ରହୁଥିବା ବେଳେ ସୁରକ୍ଷା ପାଚେରୀ ନଥିବାରୁ ରାତି ସମୟରେ ଅଜଣା ଲୋକଙ୍କ ପ୍ରବେଶ ଆଶଙ୍କା ରହିଥିବାରୁ ଛାତ୍ରୀଙ୍କ ମନରେ ଭୟର ବାତାବରଣ ରହୁଥିବା ଅନୁମାନ କରାଯାଉଛି। ଏଭଳି ପରିସ୍ଥିତିରେ ଯେକୌଣସି ମୁହୂର୍ତ୍ତରେ କିଛିବି ଅଘଟଣ ଘଟିବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଏଣୁ ତୁରନ୍ତ ପଦକ୍ଷେପ ନେଇ ପାଚେରୀର ପୁନଃନିର୍ମାଣ କରି ଛାତ୍ରୀନିବାସର ସୁରକ୍ଷା ସୁନିଶ୍ଚିତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ ପାଇଁ ୯୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଟଙ୍କାରେ ବିଶ୍ୱବିଦ୍ୟାଳୟର ପୁରାତନ ପ୍ରଶାସନିକ କୋଠା ସହ ଶ୍ରେଣୀଗୃହ ଓ ସମ୍ମିଳନୀ କକ୍ଷ ସହ ଛାତ୍ରଛାତ୍ରୀଙ୍କ ମୌଳିକ ସୁବିଧା ନେଇ ଆବଶ୍ୟକୀୟ ସମସ୍ତ ଭିତ୍ତିଭୂମିକୁ ମରାମତି କରିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇଟିସି ଲ୍ୟାବର ସିଲିଂ ମରାମତି ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ର୍‌ୟାମ୍ପ ସହ ଶୌଚାଳୟ, ସମ୍ମିଳନୀ କକ୍ଷ ଗଣେଷ ହଲ୍‌ର ନବକଳେବର, ଛାତରେ ଥିବା ଲିକେଜ୍ ମରାମତି, ବିଭିନ୍ନ ଗ୍ୟାଲେରି ନିର୍ମାଣ ସହ ପରିସରରେ ପେଭର ବିଛାଇବାକୁ ନିଷ୍ପତି ହୋଇଛି। ଏହି କାର୍ଯ୍ୟ କରିବା ପାଇଁ ଏଚ୍‌ଏସ୍‌ସିଆ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। କିନ୍ତୁ ଦୀର୍ଘମାସ ଧରି ଭୁଷୁଡି ପଡ଼ିଥିବା ଝାନ୍ସୀ ରାଣୀ ହଷ୍ଟେଲ ପାଚେରୀର ମରାମତି ନିମନ୍ତେ ବ୍ୟବସ୍ଥା କରାଯାଇନାହିଁ। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।



## ଶୌଚାଳୟ କର୍ମଚାରୀଙ୍କୁ ମାଡ଼ମାରି
## ୨ ନାବାଳକଙ୍କ ସମେତ ପର୍ଯ୍ୟଟକ ଗିରଫ

ବ୍ରହ୍ମପୁର,୨୪ ।୩(ସମିସ): ଶୌଚାଳୟକର୍ମଚାରୀଙ୍କୁ ମାଡ଼ମାରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ୨ନାବାଳକଙ୍କ ସମେତ ୬ପର୍ଯ୍ୟଟକଙ୍କୁ କାବୁ କରିଛି। ବ୍ରହ୍ମପୁର ଟାଉନ ଥାନା ନିଳାଦ୍ରୀବିହାରର ସେକ ଆରବାଜ(୨୦) ତାଙ୍କ ସାନଭାଇ ସେକ ସାହାବାଜ(୧୯), ଆଜସ ଖାନ(୧୯), ମହମ୍ମଦ ଅନିଶ(୩୨) ରହିଥିବା ବେଳେ ପାତ୍ରପେଟା ଅଂଚଳର ୨ନାବାଳକ ରହିଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ବ୍ରହ୍ମପୁରର କିଛି ପର୍ଯ୍ୟଟକ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ। ସମୁଦ୍ରରେ ଗାଧୋଇବା ପରେ ବେଳାଭୂମି ନିକଟରେ ଥିବା ଏ.ୱାନ ଶୌଚାଳୟକୁ ଗାଧୋଇବା ପାଇଁ ଯାଇଥିଲେ। ଶୌଚାଳୟ ଦାୟିତ୍ୱରେ ଥିବା ଭି.ଜଗଦୀଶ ଡ୍ରେନ ସମସ୍ୟା ଥିବାରୁ ଏଠାରେ ଗାଧୋଇବାକୁ ବାରଣ କରିବା ସହ ଅନ୍ୟ ଶୌଚାଳୟକୁ ଯିବାକୁ କହିଥିଲେ। ପରେ କିଛି ନବୁଝି ସମ୍ପୃକ୍ତ ପର୍ଯ୍ୟଟକମାନେ ତାଙ୍କୁ ଗାଳିଗୁଲଜ କରିବା ସହ କାଠମୂଳିରେ ଆକ୍ରମଣ କରିଥିଲେ। ଆକ୍ରମଣ କରୁଥିବା ଦେଖି ସ୍ଥାନୀୟ ଲୋକେ ଭି. ବାବାଜୀ, ଭି.ହେମନ୍ତ କୁମାର, ଭି. ସନ୍ୟାସୀ ଉଦ୍ଧାର କରିବାକୁ ଆସିଥିବା ବେଳେ ସେମାନ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ। ଆକ୍ରମଣରେ ୪ଜଣ ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ହେବା ପରେ ଗୋପାଳପୁର ଥାନାରେ ଭି.ଜଗଦୀଶ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ ସହ ତଦନ୍ତ କରି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସିସଟିଭି ଫୁଟେଜ ଆଧାରରେ ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ଟିମ ବ୍ରହ୍ମପୁରର ବିଭିନ୍ନ ସ୍ଥାନରୁ ୨ନାବାଳକଙ୍କ ସମେତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ୩ଟି କାଠ ମୂଳି ଜବତ କରିଥିଲା। ସେମାନଙ୍କ ମଧ୍ୟରୁ ୨ନାବାଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ବେଳେ ଅନ୍ୟ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ତାଳଚୁଆ ଥାନା ପକ୍ଷରୁ ସମୁଦ୍ରପଥ, ଘାଟ, ଜେଠିରେ ଯାଞ୍ଚ

ରାଜନଗର,୨୪।୩(ସମିସ): ଆଜିଠୁ ଆରମ୍ଭ ହୋଇଛି ଦୁଇଦିନିଆ ଅପରେସନ ସାଗର କବଚ। ଉପକୂଳକୁ ସୁରକ୍ଷିତ ରଖିବା ଓ ତନଖିକୁ କଡାକଡି କରିବା ପାଇଁ ଏହି ତନଖି ଆରମ୍ଭ



ହୋଇଛି। ଜଳପଥରେ ୨୬/୧୧ ମୁମ୍ବାଇ ଆକ୍ରମଣ ଭଳି ଆଉ ଯେପରି ଆତଙ୍କବାଦୀ କୌଣସି ପ୍ରକାରେ ଆକ୍ରମଣ ନ କରିବେ ଓ ଛଦ୍ମବେଶରେ ଅଞ୍ଚଳକୁ ପ୍ରବେଶ ନ କରିବେ ସେଥିପାଇଁ ଏହି ଅପରେସନ ସାଗର କବଚ ଚାଲିଛି। ଆଜି ଛଦ୍ମବେଶରେ ଆସିଥିବା ଦୁଇଜଣଙ୍କୁ ପାରାଦୀପ ଓ ଧାମରା ପୁଲିସ ଧରିବାରେ ସଫଳ ହୋଇଛି। ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ଅବଦୁଲ କାଲାମ କ୍ଷେପଣାସ୍ତ୍ର ଘଟି ଯାଏଁ ତନଖି କରାଯାଇଛି। ସ୍ଥଳ ପଥରେ ନଳିତାପଟିଆ, ସୁବର୍ଣ୍ଣପୁର, ତାଳଚୁଆ ଫେରି ଘାଟ, ତାଳଚୁଆ ଜେଠି, ହାତିଆଗଣ୍ଡ, ପ୍ରଭାତୀ, ସାନକଣ୍ଟିଆ, ବେଙ୍ଗମାରୀ ଘାଟରେ କଡ଼ାକଡ଼ି ଯାଞ୍ଚ କରାଯାଇଛି। ପାରାଦୀପରୁ ନାଭାଲର ୨୦ରୁ ୨୫ ବର୍ଷ ବୟସର ସୈନିକ ଛଦ୍ମବେଶରେ ଆତଙ୍କବାଦୀ ବେଶରେ ବିଭିନ୍ନ ସ୍ଥାନରେ ପହଞ୍ଚିବେ। ତାଙ୍କ ବ୍ୟାଗରେ ନକଲି ବୋମା ଥିବ। ତାଙ୍କୁ କେଉଁ ଥାନା ଧରିପାରୁଛି, କେଉଁ ଥାନା ଧରି ପାରୁନି ତାହା ପରଖିବା ଏହି ଅପରେସନର ଲକ୍ଷ୍ୟ ବୋଲି ଆଇଆଇସି ସନ୍ଧ୍ୟାରାଣୀ ଜେନା କହିଛନ୍ତି।

## ୨୧ ଚିଙ୍ଗୁଡ଼ିଘେରି ଉଚ୍ଛେଦ

ରାଜନଗର,୨୪।୩(ସମିସ): ଭିତରକନିକା ଜାତୀୟଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡ଼ିଘେରି ପାଇଁ ନଷ୍ଟ ହେଉଛି। ସିଆରଜେଡ ଆଇନ ଅନୁସାରେ ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡ଼ିଘେରି ରହିପାରିବ ନାହିଁ। ନଦୀ କୂଳ ଅଞ୍ଚଳ ଭିତରକନିକା ଜାତୀୟ ଉଦ୍ୟାନ ଓ ଲୁଣା ଜଙ୍ଗଲ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ଇକୋ ସେନସେଟିଭ ଜୋନ ଆଇନ, ସିଆରଜେଡ ଆଇନ,



ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟଉଦ୍ୟାନ ଭିତରେ ଚିଙ୍ଗୁଡିଘେରି ନିର୍ମାଣ ହୋଇଛି। ଗତ ଦୁଇବର୍ଷ ଭିତରେ ଚିଙ୍ଗୁଡି ଘେରି ଗାଁ ଗାଁକୁ ବ୍ୟାପିଯାଇଛି। ଦୀର୍ଘଦିନର ନିରବତା ପରେ ଚଳିତ ମାସ ୨୦ ତାରିଖରୁ ବନବିଭାଗ ପକ୍ଷରୁ ଆରମ୍ଭ ହୋଇଛି ବେଆଇନ ଚିଙ୍ଗୁଡ଼ିଘେରି ଭଙ୍ଗା ପ୍ରକ୍ରିୟା। ୨୦ ତାରିଖରେ ରାଜନଗର ଲୁଣାଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କନିକା ରେଞ୍ଜର ପଟାପାରିଆ ଅଞ୍ଚଳରୁ ୧୨ ଜଣଙ୍କ ୨୦ଟି ଘେରି ଭଙ୍ଗାଯାଇଥିଲା। ଆଜି ଗୁମୁରା ଓ ଶୈଳେନ୍ଦ୍ର ନାରାୟଣପୁର ଅଞ୍ଚଳରୁ ୧୧ ଜଣଙ୍କ ୨୧ଟି ଘେରି ଉଚ୍ଛେଦ କରାଯାଇଛି। କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ନେତୃତ୍ୱରେ ବନପାଳ ପ୍ରଶାନ୍ତ ସିଂ, ପ୍ରକାଶ ଦାସ, ନବୀନ ମଲ୍ଲିକ, ବନରକ୍ଷୀ କଳ୍ପତରୁ ସେଠୀ, ସତୀଶ ଲାକ୍ରା, ଅବକାଶ ପାତ୍ର, ଗୋରାଚାନ୍ଦ ସିଂଙ୍କ ସମେତ ବନକର୍ମଚାରୀ ଓ ତାଳଚୁଆ ପୁଲିସ ସାମିଲ ଥିଲେ। ଏହି ପ୍ରକ୍ରିୟା ଜାରି ରହିବ ବୋଲି ଏସିଏଫ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ମାର୍ଶାଘାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ଦିବସ

ମାର୍ଶାଘାଇ,୨୪।୩(ସମିସ): ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର



ସୁପରିଟେଣ୍ଡେଣ୍ଟ ଡାକ୍ତର ଗୌରାଙ୍ଗ ଚରଣ ଗିରିଙ୍କ ପରାମର୍ଶକ୍ରମେ ଏସ୍‌ଟିଏସ୍ ଜ୍ଞାନରଞ୍ଜନ ଲେଙ୍କାଙ୍କ ସଂଯୋଜନରାରେ ଡାକ୍ତର ସୌଭାଗ୍ୟ ସେଠୀ, ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ, ସିଏଚ୍‌ସି ସୁପରଭାଇଜର ପ୍ରବୀଣ ସେନାପେତି, ବିପିଏ ହିମାଦ୍ରୀ କେଶରୀ ମହାରଥୀ, ଏଲଟି ସୀତାକାନ୍ତ ସେନାପତି ପ୍ରମୁଖ ଯୋଗଦେଇ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଟିବି ମୁକ୍ତ ଭାରତ ଅଭିଯାନ ମାଧ୍ୟମରେ ଯକ୍ଷ୍ମା ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଥିଲେ। ଏବେ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ଟେକ୍ନୋଲୋଜିରେ ଟିବି ପରୀକ୍ଷା କରାଯାଇ ଚିହ୍ନଟ ପରେ ମାଗଣା ଔଷଧ, ଆର୍ଥିକ ପ୍ରୋତ୍ସାହନ ଓ ଭିଟାମିନ୍ ଯୁକ୍ତ କିଟ୍ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଟିବି ସଂକ୍ରମଣଠାରୁ ଦୂରରେ ରହିବା, ରୋଗ ନ ଲୁଚାଇବା ସମ୍ପର୍କରେ ଉପସ୍ଥିତ ରୋଗୀଙ୍କୁ ସଚେତନ କରାଯାଇଥିଲା। ଇଣ୍ଡିଆନ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ ପାରାଦୀପ ୟୁନିଟ ପକ୍ଷରୁ ୩୬ ଜଣ ରୋଗୀଙ୍କୁ ପୃଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଟିଏଚ୍‌ଓ ସ୍ନେହଲତା ବିଶ୍ୱାଳ, ଅଜିତ ବଳବନ୍ତରାୟ, ଟିଭି ଚାମ୍ପିଅନ ପ୍ରତାପ ସ୍ୱାଇଁ ସହଯୋଗ କରିଥିଲେ।

## ସମାଜସେବୀ ନିମାଇଁ ସ୍ୱାଇଁଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୪।୩(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ଗ୍ରାମର ସମାଜସେବୀ ତଥା କଷଣଅଣ୍ଟା ହାଇସ୍କୁଲର ପ୍ରାକ୍ତନ ମୁଖ୍ୟକିରାଣି ନିମାଇଁ ଚରଣ ସ୍ୱାଇଁଙ୍କ ଆଜି ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ନଳିନୀକାନ୍ତ ସ୍ୱାଇଁଙ୍କ ସମେତ ପୁଅବୋହୂ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ରାଜନେତା ବିଜୟ ସ୍ୱାଇଁ, ଶିକ୍ଷାବିତ ସୁରେଶ ଜେନା, ପୂର୍ବତନ କାଉନସିଲର ଶ୍ରୀକାନ୍ତ ରାଉତ, ଲଲାଟେନ୍ଦୁ ସ୍ୱାଇଁ, ଶରତ ସ୍ୱାଇଁ, ମାଧବାନନ୍ଦ ସ୍ୱାଇଁ, ପ୍ରତାପ ସ୍ୱାଇଁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଚାକିରିରୁ ଅବସର ନେବା ପରେ ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁତ୍ର ନିହାର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ମହାକାଳପଡ଼ା,୨୪।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ଗଜେଶ୍ୱର ବିଦ୍ୟାପୀଠ ୨୦୦୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଓଲାଶୁଣୀ ପର୍ଯ୍ୟଟନ ସ୍ଥଳୀରେ ସମ୍ମିଳନୀ



ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ସହପାଠୀ ଏକତ୍ରିତ ହୋଇ ବିଦ୍ୟାଳୟ ଦିନର ସ୍ମୃତିକୁ ଉଜ୍ଜୀବିତ କରିଥିବାବେଳେ ବିଦ୍ୟାଳୟର ଉନ୍ନତି ପାଇଁ କାମ କରିବାକୁ ନିଷ୍ପତ୍ତି ନେଇଥିଲେ।

**ମେଗା ପାନୀୟଜଳ ପ୍ରକଳ୍ପରୁ ନିର୍ଗତ ରାସାୟନିକ ଲବଣଯୁକ୍ତ ଜଳ ଯୋଗୁଁ ଫସଲ ହାନି**

# ପାନୀୟଜଳ ପ୍ରକଳ୍ପ ସମ୍ମୁଖରେ ଚାଷୀଙ୍କ ଧାରଣା

ପଟ୍ଟାମୁଣ୍ଡାଇ,୨୪।୩(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ବଡ଼ମୂଳବସନ୍ତ ପଞ୍ଚାୟତ ପୋହଳଠାରେ ଲକ୍ଷ୍ମୀ କନଷ୍ଟ୍ରକସନ ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାମ ଚାଲୁ ରହିଛି। ଏହି ମେଗା ପାନୀୟ ଜଳ ପ୍ରକଳ୍ପର ରାସାୟନିକ ଲବଣଯୁକ୍ତ ଜଳ ନିର୍ଗତ ହୋଇ ପାଟନାଳୀ ବାଟ ଦେଇ ଆଖପାଖ ଅଂଚଳର ଶହ ଶହ ଏକର ଚାଷ ଜମିର ଫସଲ ନଷ୍ଟ ହେବା ସହିତ ନିକଟସ୍ଥ ପୋଖରୀରେ ମାଛ ମରି ଭାସୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀ କୃଷି ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଲକ୍ଷ୍ମୀ କନଷ୍ଟ୍ରକସନ ସମେତ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର କରା ନ ଯିବାରୁ ବାଧ୍ୟ ଭାରତୀୟ କିଷାନ ସଂଘ ପଟ୍ଟାମୁଣ୍ଡାଇ ଶାଖା ନେତୃତ୍ୱରେ ପୋହଳ, ନପଙ୍ଗ, ବାଟିପଡା ଓ ଗଣ୍ଡକୂଳ ଅଞ୍ଚଳର ବହୁ ଚାଷୀ ଆଜି ପୋହଳଠାରେ ଲକ୍ଷ୍ମୀ କନଷ୍ଟ୍ରକସନ ଦ୍ୱାରା ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ମୁଖରେ ଧାରଣା ଦେଇଥିଲେ।

ଏହି ଧାରଣାରେ ସଞ୍ଜୟ ଲେଙ୍କା, ଚିନ୍ମୟ ବାରିକ, ସୁରେଶ ଦାସ, ନରେଶ ବିଶ୍ୱାଳ, କୈଳାସ ବାରିକ, ନୃସିଂହ ଦାସ, ବୈକୁଣ୍ଠ ଦାସ, ଯୁଧିଷ୍ଠିର ସ୍ୱାଇଁ, ଗୌରାଙ୍ଗ ବାରିକ, ସିନିଆ ସ୍ୱାଇଁ, ନିରଞ୍ଜନ ପରିଡା, ପ୍ରସନ୍ନ ସାହୁ, ଚନ୍ଦନ ବାରିକ, ଶ୍ରୀଧର ଅଧିକାରୀ, ପ୍ରଭାକର ଧଳ, ଦୈତାରୀ ଦାସ, ମଥୁରୀ ଜେନା, ଦେବ ବାରିକ, ଶଙ୍କର ପ୍ରଧାନ, ଦୀନବନ୍ଧୁ ଦାସ, ନିରଞ୍ଜନ ପରିଡା ପ୍ରମୁଖ ବହୁ ଚାଷୀ ସାମିଲ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପରୁ ନିର୍ଗତ ରାସାୟନିକ ଲବଣଯୁକ୍ତ ଜଳ ବନ୍ଦ କରାଯିବା ସହ ଚାଷୀଙ୍କୁ ଫସଲକ୍ଷତି ନ ମିଳିଲେ ଧାରଣା ଚାଲୁ ରହିବ ବୋଲି ଚାଷୀନେତା ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଲକ୍ଷ୍ମୀ କନଷ୍ଟ୍ରକସନ ପ୍ରୋଜେକ୍ଟ ଇଞ୍ଜିନିୟର, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହନିର୍ବାହୀ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ତହସିଲଦାର, ପଟ୍ଟାମୁଣ୍ଡାଇ ସହକାରୀ କୃଷି ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

**● ସାନରାଉଳିଆ ଗାଁରେ ପାନୀୟଜଳ ସମସ୍ୟା**

## ବିଡିଓଙ୍କୁ ମହିଳାଙ୍କ ଦାବିପତ୍ର ପ୍ରଦାନ

ରାଜକନିକା,୨୪।୩(ସମିସ): ରାଜକନିକା ବ୍ଲକ ଜୟନଗର ପଞ୍ଚାୟତର ସାନରାଉଳିଆ ଗାଁରେ ଥିବା ଏକମାତ୍ର ନଳକୂପଟି ଖରାପ ହୋଇଯିବାରୁ ଏହି ଗାଁର ୪୦ ପରିବାର ପିଇବା ପାଣି ପାଇଁ ହଇରାଣ ହୋଇ ପୋଖରୀ ପାଣି ବ୍ୟବହାର କରୁଛନ୍ତି। ଖରାଦିନ ଆରମ୍ଭରୁ ଏମିତି ଜଳକଷ୍ଟ ଆରମ୍ଭ ହୋଇଯିବାରୁ ରାଜକନିକାରେ ମେଗା ପାନୀୟଜଳ ପ୍ରକଳ୍ପ ମଧ୍ୟ ଫମ୍ପା ଆବାଜ ପାଲଟିଛି। ଲୋକଙ୍କୁ ସର୍ବନିମ୍ନ ପିଇବା ପାଣି ଦେବାରେ ଅସମର୍ଥ ନେତୃତ୍ୱ ଖରସ୍ରୋତା ପାଣିକୁ ଅନ୍ୟ ଜିଲ୍ଲାକୁ ଯୋଗାଇ ଦେଇ ଆମ ପ୍ରତି ଅନ୍ୟାୟ କରିଛନ୍ତି ବୋଲି ସାଧାରଣରେ ପିଇବା ପାଣି ସଙ୍କଟରୁ ଉତେଜନା ମଧ୍ୟ ଦେଖାଦେଲାଣି। ସାନରାଉଳିଆ ଗ୍ରାମରେ



ଥିବା ନଳକୂପ ମରାମତି କରାଯିବାକୁ ମହିଳାମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜକନିକା ଅଞ୍ଚଳରେ ସ୍ଥିତି ଏମିତି ହୋଇଛି ଯେ ପ୍ରତିଦିନ ପାନୀୟ ଜଳ ସମସ୍ୟା ନେଇ ବ୍ଲକକୁ ଦଳ ଦଳ ହୋଇ ବିଭିନ୍ନ ଗାଁର ଲୋକେ ଆସି ଦାବିପତ୍ର ଦେଉଛନ୍ତି। ତେବେ ଆଳି କନିକାର ନଦୀ ଅବବାହିକା ଅଞ୍ଚଳରେ ଖରାଦିନ ଆରମ୍ଭରୁ ଦେଖାଦେଉଥିବା ଜଳକଷ୍ଟ ପାଇଁ ପ୍ରଶାସନ ଚୁପ୍ ହୋଇ ବସିଥିବାବେଳେ ଲୋକେ ବିକଳ୍ପ ଭାବେ ପୋଖରୀ ପାଣି ବ୍ୟବହାର କରି ରୋଗରେ ଶିକାର ହେଉଛନ୍ତି। ଲୋକଙ୍କୁ ପାଇପ ଯୋଗେ ପାଣି ଯୋଗାଇବାକୁ ମହାମାରୀ କରୋନା ସମୟରେ ବଜେଟରେ ବ୍ୟୟ ବରାଦ ହେଲା। କାମ ବି ଆରମ୍ଭ ହେଲା। ମାତ୍ର ୬ ବର୍ଷ ପରେ ବି ଲୋକଙ୍କ ନିକଟରେ ପାଣି ପହଞ୍ଚି ପାରିନଥିବା ଅଭିଯୋଗ ହେଉଛି।

## ଡେରାବିଶ ଅଞ୍ଚଳରେ ଚୋରାମଦ ମାଫିଆ ସକ୍ରିୟ

ଡେରାବିଶ, ୨୪।୩(ସମସ): ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଘିଲୋ ଛକ ନିକଟରେ ଥିବା ଏକ କେବିନରେ ଚୋରା ମଦ କାରବାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ବିପୁଳ ପରିମାଣର ଚୋରାମଦ ବିକ୍ରି ହେଉଥିବା କାରଣରୁ ମଦ୍ୟପଙ୍କ ସଂଖ୍ୟା ବଢ଼ିବା ସହ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଛି ଓ ଛକ ବଜାରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ମଦପିଇ ଯୁବପିଢ଼ି କୁପଥ ଆଡକୁ ଗତି କରୁଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିବା ସହ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗ ସହ ଜିଲ୍ଲା ପ୍ରଶାସନଙ୍କୁ ଲିଖିତ ଭାବେ ଅବଗତ କରାଇବା ପାଇଁ ପ୍ରସ୍ତୁତି କରାଯାଇଛି। ଯୁବକମାନେ ଏଠାରୁ ଚୋରାରେ ମିଳୁଥିବା ମଦ ପିଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖିବାକୁ ମିଳୁଥିବାବେଳେ ଅପ୍ରୀତିକର ପରିସ୍ଥିତି ଘଟିବା ଭୟରେ ଭୟଭୀତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ଦୀର୍ଘଦିନ ଧରି ଏଠାରେ ଚାଲୁଥିବା ଚୋରାମଦ କାରବାର ଉପରେ କିପରି ପ୍ରଶାସନର ନଜର ପଡୁନି ବୋଲି ଛକ ବଜାରରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି। ବାଘିଲୋ ଛକ ପାଖ ସ୍କୁଲରେ ପଢୁଥିବା ପିଲାଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ନେଇ ଏବେ ଚର୍ଚ୍ଚା ହେଉଛି। ସେହିପରି ଏହି ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତର ବେଲାରପୁର ଛକ, ନହଙ୍ଗ ପଞ୍ଚାୟତର ଗଣେଶ ବଜାର, ଚଇଳ ପଞ୍ଚାୟତର ଚଇଳ ବଜାର ଓ ହରିଅଙ୍କ ପଞ୍ଚାୟତ ହରିଅଙ୍କ ମେଡିକାଲ ଛକରେ ବିପୁଳ ପରିମାଣର ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି।

## ସୋହମ୍ ସାହିତ୍ୟାନୁଷ୍ଠାନ ପକ୍ଷରୁ କବିତା ଆସର

ପଟ୍ଟାମୁଣ୍ଡାଇ,୨୪।୩(ସମିସ): ସୋହମ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ "ବୋଉ' ଶୀର୍ଷକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶିଷ୍ଟ କବି ଡଃ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ବିଶିଷ୍ଟ ପ୍ରାବନ୍ଧିକ ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶ୍ୱରଙ୍କ ଅପେକ୍ଷା ଆମମାନଙ୍କ ବୋଉ ଯଥେଷ୍ଟ ଉଚ୍ଚରେ। ବୋଉର ମମତା, ସ୍ନେହକୁ ସାତ ଜନ୍ମରେ ମଣିଷ ସୁଝିପାରିବନି। ବୋଉକୁ ପୂଜା ନ କରି ଈଶ୍ୱରଙ୍କୁ ପୂଜା କଲେ କିଛି ଲାଭ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର ଯୋଗଦେଇ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀର ବ୍ୟାଖ୍ୟା କରି



ବୋଉ ଆମର ପେଟକୁ ଚିହ୍ନିଥାଏ, ଆମ ଆଖିରୁ ଆମକୁ ପଢିଥାଏ। ମାଆ ଯାହାର ନାହିଁ, ସାହା ତା'ର କିଏ ହେବ ବୋଲି ମତବ୍ୟକ୍ତ କରିଥିଲେ। କବି ଗୌରହରି ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୋଉ ହିଁ ଆମ ଜୀବନର ଓଁକାର। ବାପା ଓ ବୋଉମାନଙ୍କୁ ଜରାଶ୍ରମରେ ନ ଛାଡ଼ିବାକୁ ଅନୁରୋଧ କରିଥିଲେ। ପରେ କବି ଅଧ୍ୟାପିକା ଡଃ ଚିତ୍ରାକାନ୍ତୀ ସେଠୀଙ୍କ ସଂଯୋଜନାରେ 'ବୋଉ' ଶୀର୍ଷକ କବିତା ଆସରରେ କବି ସମ୍ବିତ ଦାଶ, ଡଃ ସନ୍ତୋଷ କାନୁନଗୋ, ଆଲୋକ ଛୋଟରାୟ, ଅଜୟ ରାଉତ, ସ୍ୱାଗତିକା ଦାଶ, ଆଦ୍ୟାଶା ଚୌଧୁରୀ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ




କେନ୍ଦ୍ରାପଡ଼ା,୨୪।୩(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ମଙ୍ଗଳବାର ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା ଓ ମତ୍ସ୍ୟ ସମ୍ପଦ ମେଳା ଆରମ୍ଭ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଛନ୍ତି। ସେ କହିଥିଲେ, ମହିଳା ସଶକ୍ତ ହେଲେ ପରିବାରର ଉନ୍ନତି ହେବ, ପରିବାର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି, ରାଜ୍ୟ ଓ ଦେଶର ସମଗ୍ର ଉନ୍ନତି ସୁନିଶ୍ଚିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ମଲ୍ଲିକ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଭାରଞ୍ଜନ କବି ଓ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଷମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ୧୫୦ରୁ ଅଧିକ ଷ୍ଟଲ୍ ସ୍ଥାପିତ ହୋଇଥିବାବେଳେ ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଦ୍ରବ୍ୟ ଓ ସୁସ୍ୱାଦୁ ଖାଦ୍ୟ ପଦାର୍ଥର ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ଏଥିସହିତ ଆଧୁନିକ କୃଷି ଯନ୍ତ୍ରପାତି, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମେଳାର ମୁଖ୍ୟ ଆକର୍ଷଣ ରହିଛି। ମେଳା ଅବଧିରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଦର୍ଶକଙ୍କ ଭିଡ଼ ଲକ୍ଷ୍ୟ କରାଯାଉଛି।

**● ଚାଟରା ମା' ବାସୁଳେଇଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା**

## କଳସ ଶୋଭାଯାତ୍ରା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ଡେରାବିଶ,୨୪।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ୍ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚାଟରାସ୍ଥିତ ମା' ବାସୁଳେଇଙ୍କ ପୀଠରେ ମଙ୍ଗଳବାର ଆରମ୍ଭ ହୋଇଛି ମା' ବାସନ୍ତିକ ଦୁର୍ଗାପୂଜା। ସୋମବାର ସନ୍ଧ୍ୟାରେ ପୀଠରେ ବିଲ୍ୱାଧିବାସ ସହ ମଙ୍ଗଳବାର ମହାସପ୍ତମୀ ତିଥିରେ ମନ୍ଦିର ବେଢ଼ାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଛତାସ୍ଥ ଏକ ପୋଖରୀ କୂଳରେ ପୂଜାର୍ଚ୍ଚନା ପରେ ମାନସିକଧାରୀ ଶ୍ରଦ୍ଧାଳୁ ବାଜା, ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ପୂର୍ଣ୍ଣକଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏଥିପାଇଁ ଚାଟରା ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ କଦଳୀ ଗଛ ପୋତାଯିବା ସହ ଚିତା ପକାଇ ମା'ଙ୍କ ନିକଟକୁ ଆସୁଥିବା



ପୂର୍ଣ୍ଣ କଳସକୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା। ବୁଧବାର ମନ୍ଦିରରେ ମା'ଙ୍କ ନିକଟରେ ମହାଷ୍ଟମୀ ପୂଜା ସହ ବଳିଦାନ ପର୍ବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ବାସନ୍ତିକ ପୂଜା ପାଇଁ ଆଜି ସନ୍ଧ୍ୟାରୁ ଚାରିଦିନ ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ପ୍ରଦର୍ଶନ ପାଇଁ ଜନଗହଳି ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବା ସହ ଡେରାବିଶ ପୁଲିସ ପକ୍ଷରୁ ଏକ ଅସ୍ଥାୟୀ କ୍ୟାମ୍ପ କରାଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟି ଦିଆଯାଇଛି। କମିଟି ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ସହସମ୍ପାଦକ ସୁଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଅରଜିତ ମିଶ୍ରଙ୍କ ସମେତ କମିଟି କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରୁଛନ୍ତି।

## ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ମଲିକଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୨୪।୩(ସମିସ): ବଲୁରିଆ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ, ସରପଞ୍ଚ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ୍ଦ୍ର ମଲିକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅମୃତମଣୋହିର ପୂର୍ବତନ ସରପଞ୍ଚ କୁଳମଣି ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ



କୈଳାସ ମଲିକ, ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, ଦଳିତ ନେତା ଦଶରଥ ମଲିକ, ବାରେଣୀ ସେଠୀ, କଳ୍ପତରୁ ମଲିକ, ସର୍ବେଶ୍ୱର ସେଠୀ, ଦିଲ୍ଲୀପ ମଲିକ, ଜଗନ୍ନାଥ ସେଠୀ, ସଂଗୀତଜ୍ଞ ସୁଧାଂଶୁ ଦାସ, ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବେହେରାଙ୍କ ସମେତ ପଟ୍ଟାମୁଣ୍ଡାଇ ବ୍ଲକର ଅଧିକାଂଶ ସରପଞ୍ଚ ଓ ସମିତି ସଭ୍ୟ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ। ଶିକ୍ଷକ ଧିରେନ ମଲିକ ସ୍ୱାଗତ ଭାଷଣ ଓ ବୀରେନ ମଲିକ ଧନ୍ୟବାଦ ଦେଇଥିଲେ। ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ କଳାକାର ନଳିନୀ ସ୍ୱାଇଁଙ୍କ ନେତୃତ୍ୱରେ ଭାବପୂର୍ଣ୍ଣ ସଙ୍ଗୀତ ପରିବେଷଣ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ, ୪ ଗୁରୁତର

ରାଜନଗର, ୨୪।୩(ସମିସ)



ଆଜି ଅପରାହ୍ନରେ ଦୁଇ ସ୍ପିଡ୍ କେଟିଏମ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବାବେଳେ ଜିଲ୍ଲା ଚିକିତ୍ସାଳୟରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଦୁଇଜଣ ଆଶୁତୋଷ ମଲ୍ଲିକ ଓ ଅବଧୂତ ସେଠୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ଯୁବକମାନେ ୧୦୦ ମିଟର ଯାଏଁ ଛିଟିକି ପଡିଥିଲେ।

ରାଜନଗର-ଗୁପ୍ତି ରାସ୍ତାର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଏହି ଭୟାନକ ଦୁର୍ଘଟଣା ଘଟିଛି। ଗୁପ୍ତି ପଟୁ ଗୋଟିଏ କେଟିଏମ ସ୍ପିଡ ବାଇକ୍‌ରେ ଆଳି ଥାନା ଅନ୍ତର୍ଗତ ପତ୍ରପୁର ଗ୍ରାମର ଆଶୁତୋଷ ମଲ୍ଲିକ, ବିଲିକଣା ପତ୍ରପୁରର ଶ୍ରୀନିବାସ ମହାରଣା, ପଟ୍ଟାମୁଣ୍ଡାଇ ଥାନା କଷଣଅଣ୍ଟାର ବିଶ୍ୱଜିତ ନାୟକ ଦ୍ରୁତଗତିରେ ଆସୁଥିଲେ। ରାଜନଗରରୁ ରାଜନଗର ଥାନା ବଡନାଉକୋଣାର ଶିବାନନ୍ଦ ମଲ୍ଲିକ, ଅବଧୂତ ସେଠୀ, ରତ୍ନାକର ସ୍ୱାଇଁ ଗୋଟିଏ କେଟିଏମ ଗାଡିରେ ଗାଁକୁ ଫେରୁଥିଲେ। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନିକଟରେ ଦୁଇ ସ୍ପିଡ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତେ ଅତ୍ୟଧିକ ମଦ୍ୟପାନ କରିଥିବାବେଳେ ଗାଡିର ସ୍ପିଡ ୧୫୦ କିଲୋମିଟରରୁ ଅଧିକ ଥିବା ଦେଖଣାହାରୀ କହିଛନ୍ତି। ମୁହାଁମୁହିଁ ଧକ୍କା ହେବା ପରେ କିଏ ୧୦୦ ମିଟର ଦୂରକୁ ଛିଟିକି ପଡିଥିଲା ତ ଆଉ କିଏ ରାସ୍ତା ତଳକୁ ଛିଟିକି ପଡିଥିଲା। ଘଟଣାସ୍ଥଳରେ ପତ୍ରପୁର ଗାଁର ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। କାହାର ମୁଣ୍ଡରେ ମାଡ଼ ହୋଇଛି ତ ଆଉ କାହାର ହାତ, ଗୋଡ ଭାଙ୍ଗିଯାଇଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଅବଧୂତ ସେଠୀ (୨୮ ବର୍ଷ)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ମହାକାଳପଡ଼ାରେ ଟିବି ମୁକ୍ତ ଅଭିଯାନ



ମହାକାଳପଡ଼ା, ୨୪।୩ (ସମିସ): ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ମହାକାଳପଡ଼ା ମେଡିକାଲ ପକ୍ଷରୁ ଟିବି ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମେଡିକାଲ ଇନଚାର୍ଜ ଡା. ନିରଞ୍ଜନ କର, ବ୍ଲକ୍ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଓ ଯୁବ ନେତା ଚନ୍ଦ୍ରକାନ୍ତ ସ୍ୱାଇଁ, କମ୍ୟୁନିଟି ହେଲ୍‌ଥ ଅଫିସର ସରିତା ସାମଲ ଓ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଯକ୍ଷ୍ମା ରୋଗୀଙ୍କୁ ସଚେତନ କରାଯିବା ସହ ସେମାନଙ୍କୁ ପୋଷଣ କିଟ୍ ବଣ୍ଟନ କରାଯାଇଥିଲା। ଯକ୍ଷ୍ମା ରୋଗର ନିରାକରଣ ଓ ସମାଜରେ ସଚେତନତା ବଢ଼ାଇବାକୁ ଉପସ୍ଥିତ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନୁସାରେ ମହାକାଳପଡ଼ା ବ୍ଲକ୍ ଜିଲ୍ଲାରେ ଅଗ୍ରଣୀ ସ୍ଥାନ ଅଧିକାର କରିଛି। ବ୍ଲକର ୨୧ଟି ପଞ୍ଚାୟତକୁ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଭାବେ ଚିହ୍ନଟ କରାଯିବା ସହ ସେମାନେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

୨୪/୩/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୩,୧୪୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



## ପ୍ରୋତ୍ସାହନ ଅଭାବରୁ ବିଶ୍ୱସ୍ତରୀୟ ହୋଇପାରୁନି 'ସାହିଯାତ'

# ମୂଳ ଉଦ୍ଦେଶ୍ୟରୁ ଦୂରେଇଯାଉଛି ଜାଗା ଆଖଡ଼ା





- ରାଜ୍ୟସ୍ତରୀୟ କର୍ମଶାଳା ପାଇଁ ଆହ୍ୱାନ ଦେଲେ ମୁରବୀ
- ଅନାଲୋଚିତ ଐତିହ୍ୟ ଅଧ୍ୟାୟ ଲୋକଲୋଚନକୁ ଆସିପାରିବ

ପୁରୀ,୨୪।୩(ସମିସ): ଉତ୍କଳୀୟ ସଂସ୍କୃତିର ଅନ୍ୟତମ ପରିଚୟ ହେଉଛି ଜଗନ୍ନାଥ ସଂସ୍କୃତି। ଏହି ସଂସ୍କୃତିର ପ୍ରାଣଧାର ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ପୁରୁଷୋତ୍ତମ ଧାମରେ ଅବସ୍ଥିତ ଶ୍ରୀମନ୍ଦିର ବହୁ ଶତାବ୍ଦୀ ଧରି ଆମ ପ୍ରାଚୀନ ସାଂସ୍କୃତିକ ପରମ୍ପରାକୁ ମହିମାନ୍ୱିତ କରିଆସିଛି। ତେବେ ଶ୍ରୀକ୍ଷେତ୍ର ଯେଉଁ କିଛି ସଂସ୍କୃତି, ପ୍ରଥା ଓ ପରମ୍ପରାକୁ ନେଇ ତା'ର ସ୍ୱାତନ୍ତ୍ରତା ଜାହିର୍ କରିଆସିଛି ସେଥିମଧ୍ୟରୁ ଅନ୍ୟତମ ହେଉଛି ସାହିଯାତ ଓ ଜାଗା ଆଖଡ଼ା। ଏହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ। ହେଲେ ଯେଉଁ ମୂଳ ଉଦ୍ଦେଶ୍ୟ ନେଇ ଶ୍ରୀକ୍ଷେତ୍ରରେ ଜାଗା ଆଖଡ଼ା ଗଢ଼ିଉଠିଥିଲା ଆଜି ତାହା ସେହି ଉଦ୍ଦେଶ୍ୟରୁ ଦୂରେଇ ଯାଉଛି। ସମାନ ଭାବେ ସାହିଯାତ ବା ସାହିଯାତ୍ରା ମଧ୍ୟ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ବିଶ୍ୱସ୍ତରୀୟ ହୋଇପାରୁନି। ଧୀରେ ଧୀରେ ଏହାର ଆକର୍ଷଣୀୟ ହରାଉଛି। ତେଣୁ ଏଭଳି ନିଆରା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ହେଲେ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। ସାହି ମୁରବୀଙ୍କୁ ଆଗକୁ ଆସି ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରିବାକୁ ହେବ। ତେଣୁ ଏଥିପାଇଁ ଏକ ରାଜ୍ୟସ୍ତରୀୟ କର୍ମଶାଳାର ଆହ୍ୱାନ ଦେଇଛନ୍ତି ପୁରୀ ସହରର ବୁଦ୍ଧିଜୀବୀ ଓ ମୁରବୀ। ଏହାଦ୍ୱାରା ସାହିଯାତ ଓ ଜାଗା ଆଖଡା ଉପରେ ଅଧିକ ତର୍ଜମା, ଗବେଷଣା ଏବଂ ଆଲୋଚନା କରାଗଲେ ଜାଗା ଆଖଡ଼ାର ଅନାଲୋଚିତ ଐତିହ୍ୟ ଅଧ୍ୟାୟ ଲୋକ ଲୋଚନକୁ ଆସିପାରିବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି।

ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ 'ଶ୍ରୀକ୍ଷେତ୍ରର ଜାଗା ଆଖଡ଼ା ଓ ସାହିଯାତ୍ରାର ଐତିହ୍ୟ' ଗ୍ରନ୍ଥ ଉନ୍ମୋଚନ ଉତ୍ସବରେ ପୁରୀର ବିଭିନ୍ନ ସାହି ମୁରବୀ ଏବଂ ବୁଦ୍ଧିଜୀବୀ ଯୋଗଦେଇ 'ସାହିଯାତ' ଏବଂ 'ଜାଗା ଆଖଡ଼ା'ର ସାମ୍ପ୍ରତିକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ମୂଳ ଉଦ୍ଦେଶ୍ୟରୁ ଦୂରେଇ ଗଲାଣି ଜାଗା ଆଖଡ଼ା। ଯେଉଁ ଜାଗାଘରେ ଭେଣ୍ଡିଆମାନେ କୁସ୍ତି କସରତ୍ କରୁଥିଲେ ତା'ର ସ୍ଥାନ ନେଲାଣି ମଲ୍ଟି ଜିମ୍। ମାଟି କୁସ୍ତି ଛାଡ଼ି ଗଦିରେ ଲୋଟିଲେଣି ପିଲାରୁ ଯୁଆନ୍। ଜାଗା ଆଖଡ଼ାର ପୁରୁଣା ପରମ୍ପରା ଆଉ ପ୍ରାୟତଃ ଦେଖିବାକୁ ମିଳୁନି। ଏକାଧିକ ଜାଗା ଘର କଲ୍ୟାଣ ମଣ୍ଡପର ପରିଚୟ ନେଲାଣି। ଅଧିକାଂଶ ଦିନ ଏଠାରେ ବିବାହ, ବ୍ରତଘର ପାଇଁ ଟେଣ୍ଟ ବନ୍ଧାଯାଉଛି। ମୋଟାମୋଟି ଏବେ ଟଙ୍କା ରୋଜଗାରର ମାଧ୍ୟମ ପାଲଟିଯାଇଛି ଜାଗାଘର କହିଲେ କିଛି ଭୁଲ୍ ହେବ ନାହିଁ ବୋଲି ଆଲୋଚନା ହୋଇଥିଲା। ଡ. ମିଶ୍ର କହିଥିଲେ, ଭୋଇବଂଶ ରାଜାଙ୍କ ସମୟରେ ଅଧିକାଂଶ ଜାଗା ଘର ଖଞ୍ଜା ଦିଆଯାଇଥିଲା। ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ଏବଂ ବହିଃ ଆକ୍ରମଣକୁ ପ୍ରତିହତ କରିବା ଲାଗି ସେଠାରେ ପାଇକମାନଙ୍କ ସହିତ ଭେଣ୍ଡିଆମାନେ ରହୁଥିଲେ। ବ୍ୟାୟାମ ଏବଂ ଶରୀର ଚର୍ଚ୍ଚା ଅଧିକ ହେଉଥିଲା। ଜଗନ୍ନାଥଙ୍କ ବିଭିନ୍ନ ଯାନିଯାତ୍ରାରେ ଜାଗା ଘରୁ ମେଳ ବାହାରୁଥିଲା। ସେତେବେଳେ ଯଦି କାହାର ଗଣ୍ଡଗୋଳ ହେଉଥିଲା ତାହା ପୁଲିସ ଥାନା ଫାଣ୍ଡିକୁ ଯାଉ ନ ଥିଲା। ଏହି ଜାଗା ଆଖଡ଼ାରେ ମୁରବୀମାନେ ବସି ତାହାର ସମାଧାନ କରୁଥିଲେ। ଏଠାରେ ପ୍ରାଚୀନ ସଙ୍ଗୀତ, ବାଦ୍ୟ ଶିକ୍ଷା ଦିଆଯାଉଥିଲା। ସମର କଳା କୌଶଳ ଯେପରି କି ଚୌଦସ୍ତି, ଦୋଦସ୍ତି, ବନାଟି, ମୁଦ୍‌ଗର, ବାଡ଼ିଚାଳନା, ନିଝାମ ଖଡ଼ିବା, ପିରାମିଡ୍, ଶତ୍ରୁ ପକ୍ଷକୁ କିପରି ପ୍ରତିହତ କରିବା କଳା ସହିତ ବିଭିନ୍ନ କୁସ୍ତିର ଦାଉ ପେଞ୍ଚ ଆଦି ଶିଖାଯାଉଥିଲା। କିନ୍ତୁ ଏ ସବୁ ଆଉ ଦେଖିବାକୁ ମିଳୁନାହିଁ।

ସେହିପରି ବୁଦ୍ଧିଜୀବୀ ଚକ୍ରଧର ମହାପାତ୍ର, ଗଣେଶ ମହାସୁଆର, ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ଗୋଛିକାର ପ୍ରମୁଖ ଜାଗା ଆଖଡ଼ା ଏବଂ ସାହିଯାତର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପାରମ୍ପରିକ ସାହିଯାତ ବେଳେ କିଛି ଆଖଡ଼ା ଟଙ୍କା ଦେଇ ଲୋକ ଆଣି ମେଢ଼ ବନ୍ଧାଉଛନ୍ତି। ଦିନରେ ଜଣେ ରାତିରେ ଆଉଜଣେ ସମାନ ଭୂମିକାରେ ନୀତି କରୁଛନ୍ତି। ପୂର୍ବରୁ ସାହିଯାତରେ ସମରକଳା ଅତ୍ୟନ୍ତ ଆକର୍ଷଣ ସାଜୁଥିଲା। ମାତ୍ର ପ୍ରୋତ୍ସାହନ ଅଭାବରୁ ଏହା ବନ୍ଦ ହୋଇଗଲା। ଆଉ ସମରକଳାର ସେଭଳି ପ୍ରଦର୍ଶନ କି ଅଭ୍ୟାସ ଆଖଡ଼ାମାନଙ୍କରେ ହୋଇପାରୁନାହିଁ। ସରକାର ବରଗଡ଼ ଧନୁଯାତ୍ରାକୁ କୋଟିଏ ଟଙ୍କା ଦେଉଥିବାବେଳେ ସାହିଯାତକୁ ସମୁଦ୍ରକୁ ଶଙ୍ଖେ ସଦୃଶ ଅନୁଦାନ ଦେଉଛନ୍ତି! ପ୍ରୋତ୍ସାହନ ଅଭାବରୁ ସାହିଯାତ ବିଶ୍ୱସ୍ତରୀୟ ହୋଇପାରୁନାହିଁ। ତଥାପି ସମୟ ଅଛି, ଏବେଠୁ ମୁରବୀମାନେ ଏକାଠି ହୋଇ ପୁଣି ସେହି ସମୃଦ୍ଧ ପରମ୍ପରାକୁ ଉଜ୍ଜୀବିତ କରିବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଛନ୍ତି। ବହୁ ବରିଷ୍ଠଙ୍କ ସହଯୋଗରେ ଐତିହ୍ୟକୁ ପୁନର୍ଜୀବିତ କରାଯିବା ଉଚିତ୍ ବୋଲି ନିଷ୍ପତ୍ତି ନେବା ସହ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ ଲାଗି ଆହ୍ୱାନ ଦେଇଛନ୍ତି।

## ଗଣତିମଣତି ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ,୨୪।୩(ସମିସ): ବୁଧବାର ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତିର ଶୁଭାରମ୍ଭ କରାଯିବ। ଏଥିଲାଗି ସମସ୍ତ ପ୍ରସ୍ତୁତି ସରିଥିବାବେଳେ ସମସ୍ତେ ସେହି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ତେବେ ଗଣତିମଣତି କାର୍ଯ୍ୟକୁ ସୁଗମ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମନ୍ଦିର ପରିସର ଏବଂ ବାହାରେ ମଧ୍ୟ କଡ଼ା ସୁରକ୍ଷା ରହିବ। ପ୍ରବେଶ ନିୟନ୍ତ୍ରଣ, ଭକ୍ତଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବ। ୨ ଜଣ ଅତିରିକ୍ତ ଏସ୍‌ପି ବା ଡେପୁଟି କମାଣ୍ଡାଣ୍ଟ, ୩ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର, ୧୬ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ତତ୍ତ୍ୱାବଧାନରେ ମୋଟ୍ ୧୦ ସେକ୍ସନ ଫୋର୍ସ ନିୟୋଜିତ ରହିବେ। ଏହାବ୍ୟତୀତ ଷ୍ଟ୍ରାଇକିଂ ଫୋର୍ସଙ୍କୁ ଦୁଇଟି ସ୍ଥାନ ଯଥା- ବାଇଶିପାହାଚ ଏବଂ ସିଂହଦ୍ୱାର ଥାନାରେ ମୁତୟନ କରାଯାଇଛି। ଯେକୌଣସି ଆକସ୍ମିକ ପରିସ୍ଥିତିର ମୁକାବିଲା ପାଇଁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, ଅଗ୍ନିଶମ ସେବା, ଡାକ୍ତରୀ ଦଳଙ୍କୁ ମୁତୟନ କରାଯାଇଛି।

## ଶ୍ରୀମନ୍ଦିରରୁ ୨ ପକେଟ୍‌ମାର୍ ଗିରଫ

ପୁରୀ,୨୪।୩(ସମିସ): ଭିଡ଼ର ସୁଯୋଗ ନେଇ ଶ୍ରୀମନ୍ଦିର ଭିତରେ ପକେଟ୍‌ମାର୍ ଏବଂ ଲୁଟେରା ସକ୍ରିୟ ହେଉଛନ୍ତି। ବିଭିନ୍ନ ସମୟରେ ସେମାନଙ୍କୁ କାବୁ କରାଯାଉଥିଲେ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲାଗିପାରୁ ନାହିଁ। ସୋମବାର ଦୁଇଟି ଘଟଣାରେ ୨ ଜଣ ପକେଟ୍‌ମାର୍‌ଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ସେମାନେ ହେଲେ ଭୁବନେଶ୍ୱର ବଡ଼ଗଡ଼ ଥାନା ମହିଷାଖାଲ ବସ୍ତିର ନିରଞ୍ଜନ ଶତପଥୀ (୨୫) ଏବଂ ପୁରୀ କୁମ୍ଭାରପଡ଼ା ଦେବୀଘାଟର ରାକେଶ ପଣ୍ଡା (୨୯)। ଅଭିଯୋଗ ଅନୁଯାୟୀ, ଗଞ୍ଜାମର ରବିନାରାୟଣ ବେହେରା ସୋମବାର ସନ୍ଧ୍ୟା ପ୍ରାୟ ୬ଟା ୪୦ରେ ବାହାରକାଠରୁ ଦର୍ଶନ କରୁଥିବାବେଳେ ଭିଡ଼ର ସୁଯୋଗ ନେଇ ନିରଞ୍ଜନ ତାଙ୍କ ପକେଟରୁ ମନିପର୍ସ (ସେଥିରେ ୫,୪୯୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଥିଲା) ନେଇ ପଳାଇ ଯାଉଥିଲା। ରବିନାରାୟଣ ଚୋର ଚୋର ବୋଲି ପାଟି କରିବାରୁ ଡ୍ୟୁଟିରେ ଥିବା ପୁଲିସ ତାକୁ ମାଡ଼ି ବସି ତା'ଠାରୁ ଚୋରି ମନିପର୍ସ ଜବତ କରିଥିଲେ। ସେହିପରି ସୋମବାର ରାତି ପ୍ରାୟ ୯ଟା ସମୟରେ କଟକର ଅଜୟ କୁମାର ଦାସ ଭିତରକାଠରେ ଦର୍ଶନ କରୁଥିବାବେଳେ ତାଙ୍କ ପକେଟ୍‌ରୁ ମନିପର୍ସ (ସେଥିରେ ୮ ହଜାର ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଥିଲା) ଲୁଟ୍ ହୋଇଥିଲା। ସେ ଚୋର ଚୋର ବୋଲି ପାଟି କରିବାରୁ ଡ୍ୟୁଟିରେ ଥିବା ପୁଲି ରାକେଶଙ୍କୁ କାବୁ କରି ତା' ନିକଟରୁ ଚୋରି ମନିପର୍ସ ଉଦ୍ଧାର କରିଥିଲା। ଉଭୟଙ୍କ ନାଁରେ ପୁଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ୨୭ରୁ ପୁରୀ ଆର୍ଟିଷ୍ଟ ଆସୋସିଏସନର ବିଶ୍ୱ ନାଟ୍ୟ ଦିବସ

ପୁରୀ,୨୪।୩(ସମିସ): ଆସନ୍ତା ୨୭ ତାରିଖରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାରଦିନ ଧରି ପୁରୀ ଆର୍ଟିଷ୍ଟ ଆସୋସିଏସନର ବାର୍ଷିକ ଉତ୍ସବ ଏବଂ ବିଶ୍ୱ ନାଟ୍ୟ ଦିବସ ଅନୁଷ୍ଠିତ ହେବ। ତେବେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଏବଂ ନାଟ୍ୟ ଦିବସର ରୂପରେଖ କ'ଣ ରହିବ ସେ ନେଇ ମଙ୍ଗଳବାର ଓଡ଼ିଶା ସଙ୍ଗୀତ ପରିଷଦରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ପ୍ରଥମ ଦିନ ସାଲବେଗ ସମାଧି ପୀଠଠାରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପର୍ଯ୍ୟନ୍ତ କଳାକାରମାନଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରାଯିବ। ଶ୍ରୀମନ୍ଦିର ଅରୁଣ ସ୍ତମ୍ଭଠାରୁ ଜ୍ୟୋତି ସଂଗ୍ରହ କରାଯାଇ 'ପ୍ରଦୀପ ସେବା ସମର୍ପଣ ଯାତ୍ରା' ଅନ୍ନପୂର୍ଣ୍ଣାରେ ପହଞ୍ଚିବ। ଉଦ୍‌ଘାଟନୀ ଦିନ ରଣଜିତ୍ ପଟ୍ଟନାୟକଙ୍କ ରଚିତ ଓ ବିକାଶ ଦତ୍ତଙ୍କ ନିର୍ଦ୍ଦେଶିତ ନାଟକ 'ମାର୍ଫତ୍ ଈଶ୍ୱର'କୁ ପୁରୀ ଆର୍ଟିଷ୍ଟ ଆସୋସିଏସନର କଳାକାର ମଞ୍ଚସ୍ଥ କରିବେ। ଏହି ଅବସରରେ ନାଟ୍ୟ କଳାକାର ଭାବେ ପୁରୀ ସହରାଞ୍ଚଳରୁ ସଂଯୁକ୍ତା ପଟ୍ଟନାୟକ ଏବଂ ଗ୍ରାମାଞ୍ଚଳରୁ




ଗଦାଧର ବାରିକଙ୍କୁ ଆଜୀବନ କଳା ସାଧନା ସମ୍ମାନରେ ସମ୍ମାନିତ କରାଯିବ। ୨୮ରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ସଙ୍ଗୀତ, ନୃତ୍ୟ, ବାଦ୍ୟ ବିଚିତ୍ରା ଅନୁଷ୍ଠିତ ହେବ। ୨୯ରେ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩୦ରେ ଓଡ଼ିଶୀ ସଙ୍ଗୀତ ଗବେଷକ କବି ତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ୮୫ତମ ଜୟନ୍ତୀ ଉପଲକ୍ଷେ 'ଓଡ଼ିଶୀ ରସ ମହୋଦଧି' ପାଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏଥିରେ ସଂଘ ଉପଦେଷ୍ଟା ଚକ୍ରଧର ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ସଭାପତି ଭରତ କୁମାର ନାୟକ, ସାଧାରଣ ସମ୍ପାଦକ ରାମକୃଷ୍ଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଡ. ରାଧେଶ୍ୟାମ ରଥ, ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ଶ୍ରୀମନ୍ଦିର ନିକଟରୁ ଧରାପଡ଼ିଲେ ୫ ନକଲି ଆତଙ୍କବାଦୀ

ପୁରୀ,୨୪।୩(ସମିସ): ଓଡ଼ିଶା ପୁଲିସଙ୍କ ଦ୍ୱାରା ସମୁଦ୍ର ପଥରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଓ ଆକସ୍ମିକ ପରିସ୍ଥିତିରେ ପୁଲିସ ବାହିନୀଙ୍କ ପ୍ରସ୍ତୁତିକୁ ପରୀକ୍ଷା କରିବା ପାଇଁ 'ସାଗର କବଚ' ନାମକ ଏକ ରାଜ୍ୟବ୍ୟାପୀ ମକ୍‌ଡ୍ରିଲ୍ ଆୟୋଜିତ ହୋଇଥିଲା। ଏହି ମକ୍‌ଡ୍ରିଲ୍ ମାଧ୍ୟମରେ ସମୁଦ୍ରତଟ ଓ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କେତେ ସୁଦୃଢ଼ ରହିଛି ତାହାର ମୂଲ୍ୟାୟନ କରାଯାଇଥିଲା। ଏହି ଅଭିଯାନ ସମୟରେ ପୁରୀ ସହରର ସତ୍ୟନାରାୟଣ ଛକ ନିକଟରେ ସନ୍ଦେହଜନକ ଚଳାଚଳ ଦେଖି

**ସାଗର କବଚ**



ପୁଲିସ ସଜାଗ ହୋଇ କାର୍ଯ୍ୟ କରିଥିଲା। ୫ ଜଣ ନକଲି ଆତଙ୍କବାଦୀ ଶ୍ରୀମନ୍ଦିର ଆଡ଼କୁ ପ୍ରବେଶ କରୁଥିବାବେଳେ ପୁଲିସ ଟିମ୍ ଉତ୍ତର ଦ୍ୱାର ପରିକ୍ରମା ମାର୍ଗ ବାହାରୁ ସେମାନଙ୍କୁ ସଫଳତାର ସହିତ କାବୁ କରିଥିଲା। ଏହି ମକ୍‌ଡ୍ରିଲ୍ ମାଧ୍ୟମରେ ପୁଲିସର ତ୍ୱରିତ ପ୍ରତିକ୍ରିୟା, ସମନ୍ୱୟ ଓ କାର୍ଯ୍ୟକୁଶଳତା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା।

ସାଗର କବଚ ହେଉଛି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ଏବଂ ଆତଙ୍କବାଦୀ ଅନୁପ୍ରବେଶକୁ ରୋକିବା ପାଇଁ ଆୟୋଜିତ ଏକ ମିଳିତ ସାମୁଦ୍ରିକ ନିରାପତ୍ତା ଅଭ୍ୟାସ। ଏହି ଅଭ୍ୟାସ ଅଧୀନରେ ବେଳେବେଳେ ନକଲି ଆତଙ୍କବାଦୀ ଭାବେ ଅଭିନୟ କରୁଥିବା ସୁରକ୍ଷାକର୍ମୀଙ୍କୁ ପ୍ରକୃତ ସୁରକ୍ଷା ଏଜେନ୍ସିମାନେ ଧରିବାରେ ସଫଳ ହୋଇଥା'ନ୍ତି, ଯାହାଦ୍ୱାରା ପ୍ରସ୍ତୁତିର ଯାଞ୍ଚ କରାଯାଇପାରେ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଉପକୂଳ ସୁରକ୍ଷା। ଅର୍ଥାତ୍ ସମୁଦ୍ର ପଥ ଦେଇ ହୋଇପାରୁଥିବା ଅନୁପ୍ରବେଶକୁ ରୋକିବା। ସେହିପରି ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପରିସ୍ଥିତିରେ ତ୍ୱରିତ କାର୍ଯ୍ୟାନୁଷ୍ଠାନର ପରୀକ୍ଷା କରିବା। ଏହି ଅଭ୍ୟାସ ସମୟରେ ବିଭିନ୍ନ ଅଭ୍ୟାସ ପରିସ୍ଥିତି ସୃଷ୍ଟି କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଏ।

## ଟିବିମୁକ୍ତ ପାଇଁ ୨୬ ପଞ୍ଚାୟତକୁ ପଦକ ପ୍ରଦାନ



ପୁରୀ,୨୪।୩(ସମିସ): ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଟିବିମୁକ୍ତ ଓଡ଼ିଶା ପାଇଁ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ସହଯୋଗରେ ଗୁଣ୍ଡିଚା ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାକୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ, ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭାଗୀୟ ପ୍ରଫେସର ସୁଦର୍ଶନ ପୋଥାଳ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ରବୀନ୍ଦ୍ର କୁମାର ମିଶ୍ର, ଡିପିଏଚ୍‌ଓ ଓ ଡାକ୍ତର ସଞ୍ଜୁ କୁମାର, ସଦସ୍ୟ ବଦ୍ରି ମିଶ୍ର ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଅତିଥିମାନେ ଯୋଗଦେଇ ବିଗତ ବର୍ଷ ଜିଲ୍ଲାରେ ୫୧,୯୧୫ ଜଣଙ୍କ ନମୁନା ପରୀକ୍ଷା କଲାପରେ ତନ୍ମଧ୍ୟରୁ ୧,୨୭୭ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ତନ୍ମଧ୍ୟରୁ ୧୧୬୫ ଜଣ ନିୟମିତ ଚିକିତ୍ସା ପରେ ସୁସ୍ଥ ହେବା କମ୍ କଥା ନୁହେଁ ବୋଲି ମତପ୍ରକାଶ କରିଥିଲେ। ଏଥିସହିତ ସରକାର ତଥା ସ୍ୱାସ୍ଥ୍ୟ ବିଭାଗର ସହଯୋଗ କାରଣରୁ ଏବେ ଯକ୍ଷ୍ମାଜନିତ ମୃତ୍ୟୁହାର ଦୁଇ ପ୍ରତିଶତକୁ ଆସିବା ଓଡ଼ିଶାରେ ରେକର୍ଡ ବୋଲି ପ୍ରକାଶ କରିଥିଲେ। ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ଆରମ୍ଭ ହୋଇଥିବା ଶହେଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ, ନିୟମିତ ଔଷଧ ସେବନ ଓ ଏଥିରେ ଜନଗଣଙ୍କ ସହଯୋଗ ଉପରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାମୁକ୍ତ ୧୦ଟି ପଞ୍ଚାୟତର ସରପଞ୍ଚଙ୍କୁ ସ୍ୱର୍ଣ୍ଣ ପଦକ ଓ ୧୬ଟି ପଞ୍ଚାୟତର ସରପଞ୍ଚଙ୍କୁ ରୌପ୍ୟପଦକ ସହ ଗାନ୍ଧିଜୀଙ୍କ ମୂର୍ତ୍ତି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ସୁପରିଚାଳନାରେ ୧୭ ଜଣ ଯକ୍ଷ୍ମାରୋଗୀଙ୍କୁ ସ୍ୱତନ୍ତ୍ର ଯକ୍ଷ୍ମା କିଟ୍ ଓ ପୁଷ୍ଟିକର ଖାଦ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା।

**ଜନସଚେତନତା ପାଇଁ ବଡ଼ଦାଣ୍ଡରେ ଶୋଭାଯାତ୍ରା**

କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦେବାଶିଷ ମର୍ଦ୍ଦରାଜ, ଦୈତାରୀ ପଟ୍ଟନାୟକ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ସୁଦର୍ଶନ ଜେନା।

## କବି ମନମୋହନ ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ପୁରୀ,୨୪।୩(ସମିସ): ପୁରୀ ସଦର ବ୍ଲକ୍ ଶାସନ ବୀରପ୍ରତାପପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ କବି ମନମୋହନ ମିଶ୍ରଙ୍କ ୧୦୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସୋମବାର ଗାଁ ଉପକଣ୍ଠରେ କବି ମନମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସେବା ମହାପାତ୍ର, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ ଶ୍ରୀ ମିଶ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ନୁହେଁ ଜଣେ କବି ଭାବେ ତାଙ୍କର ବେଶ୍ ସୁଖ୍ୟାତି ରହିଥିଲା ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ଶୁଭ୍ରାନ୍ତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ନାଟକ, ସଙ୍ଗୀତରେ ଯକ୍ଷ୍ମା ସଚେତନତା ବାର୍ତ୍ତା



ପୁରୀ,୨୪।୩(ସମିସ): ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ କେବଳ ସରକାର ନୁହେଁ ଜନଗଣଙ୍କୁ ପୂର୍ଣ୍ଣ ସଚେତନ ରହିବା ଆବଶ୍ୟକ ବୋଲି କହିଛନ୍ତି ଜିଲ୍ଲା ଯକ୍ଷ୍ମା ନିରାକରଣ ସଦସ୍ୟ ବଦ୍ରି ମିଶ୍ର। ପାରାଡାଇଜ୍ ବୃଦ୍ଧାଶ୍ରମ ପରିସରରେ ପୁରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ ଅଧୀନସ୍ଥ ପୁରୀ ନର୍ସିଂ ଓ ଫାର୍ମାସୀ କଲେଜ ପକ୍ଷରୁ ଆୟୋଜିତ ମୁକ୍ତ ଚିକିତ୍ସା ଶିବିରରେ ଯୋଗଦେଇ ଶ୍ରୀ ମିଶ୍ର କେବଳ ନର୍ସିଂ ନୁହେଁ ଫାର୍ମା ଭଳି ଅନେକ ପାଠ୍ୟକ୍ରମକୁ ନେଇ ସମୃଦ୍ଧ ଏହି ଅନୁଷ୍ଠାନ ଯକ୍ଷ୍ମାମୁକ୍ତ ସଚେତନତା ସୃଷ୍ଟି ପାଇଁ ଆଗଭର ହୋଇଥିବାରୁ ଅନୁଷ୍ଠାନର ପ୍ରଶଂସା କରିଥିଲେ। ଏହି ଅବସରରେ ତାଲିମ ନେଉଥିବା ୭୦ରୁ ଅଧିକ ଛାତ୍ରଛାତ୍ରୀ ମାଟିତୋଟା, କଣ୍ଟପୁର, ରେବତୀରମଣ, ଖଡ଼ିପଦା ସମେତ ଶାସନ ଦାମୋଦରପୁରରେ ଯକ୍ଷ୍ମା ସଚେତନତା ସମ୍ପର୍କିତ ନାଟକ ଓ ସଙ୍ଗୀତ ପ୍ରଦର୍ଶନ ସହ ସଚେତନତା ଶୋଭାଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଡାକ୍ତର ସୁଦର୍ଶନ ପୋଥାଳ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ତପନ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ମିଶ୍ର, ସମୀର ରାଉତରାୟ, ବିଶ୍ୱଭୂଷଣ ଜେନା ଓ ନିକିତା ଠାକୁର ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ କେଦାରନାଥ ମହାପାତ୍ର, ଅଜୟ ପ୍ରଧାନ, ପ୍ରଣତି ମହାରଣା, ଅଜୟ କୁମାର ଦାସ ଓ ସବ୍ୟସାଚୀ ସେନାପତି। ଏହି ପରିପ୍ରେକ୍ଷୀରେ ଆଖପାଖ ଗାଁର ୬୦ଜଣ ବ୍ୟକ୍ତିଙ୍କ ସମେତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ମୁକ୍ତ ଚିକିତ୍ସା କରାଯାଇଥିଲା।

## ବୃତ୍ତିଭିତ୍ତିକ ପରାମର୍ଶ ଓ ଅଭିଭାବକଙ୍କ ଦାୟିତ୍ୱ ଶୀର୍ଷକ କର୍ମଶାଳା

# 'ଆଗକୁ ବଢ଼ିବାକୁ ହେଲେ ବୃତ୍ତିକୁ ଆପଣେଇବାକୁ ପଡ଼ିବ'

ପୁରୀ,୨୪।୩(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ତରଫରୁ ମଙ୍ଗଳବାର ସ୍ଥାନୀୟ ଉତ୍କଳ ବାଳାଶ୍ରମରେ ପୃଥକ୍ ଭାବେ ଶିଶୁମାନଙ୍କ ନିମନ୍ତେ ବୃତ୍ତିଭିତ୍ତିକ ପରାମର୍ଶ ସେବା ତାଲିମ ଓ ସେମାନଙ୍କ ଅଭିଭାବକ ନିମନ୍ତେ ଥିବା ଦାୟିତ୍ୱ, ଶିଶୁମାନଙ୍କ ଲାଳନପାଳନ ସମ୍ବନ୍ଧରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଆଶୀର୍ବାଦ, ପୃଷ୍ଠପୋଷକ ସହାୟତାପ୍ରାପ୍ତ ପ୍ରାୟ ୮୦ ଜଣ ଶିଶୁ ଓ ସେମାନଙ୍କର ଅଭିଭାବକ ଯୋଗଦେଇଥିଲେ। ଯେଉଁ ଶିଶୁମାନେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରନ୍ତି, ମିଶନ ବାତ୍ସଲ୍ୟ ଯୋଜନା ଅଧୀନରେ ଅଣଆନୁଷ୍ଠାନିକ ସେବା ଲାଭ କରୁଛନ୍ତି ଓ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଛନ୍ତି ବା ପାସ୍ କରିଛନ୍ତି, ଯୁକ୍ତ ୨ ଉତ୍ତୀର୍ଣ୍ଣ ଶିଶୁଙ୍କୁ ନେଇ ଆଲୋଚନା ହୋଇଥିଲା। ଶିଶୁମାନଙ୍କୁ ତାଙ୍କର ଜୀବନର ଲକ୍ଷ୍ୟ, ଭବିଷ୍ୟତ ଗଠନ ନିମନ୍ତେ ବୃତ୍ତିଭିତ୍ତିକ ଶିକ୍ଷା ଲାଭ, ଏଥିପାଇଁ ଥିବା ବିଭିନ୍ନ ସୁବିଧା, ଯୋଜନା, ଧନ୍ଦାମୂଳକ ବୈଷୟିକ ଶିକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କହିଥିଲେ ଯେ ଜୀବନରେ ଆଗକୁ ଯିବାକୁ ହେଲେ ବୃତ୍ତିକୁ ଆପଣେଇବାକୁ ପଡ଼ିବ ଏବଂ ରୋଜଗାରଭିତ୍ତିକ ଶିକ୍ଷା ହିଁ ଜୀବନର ମାନଦଣ୍ଡ ନିର୍ଦ୍ଧାରଣ କରିବ। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତାଲିମଦାତା ଭାବରେ ପୁରୀ ସରକାରୀ ଆଇଟିଆଇର ଶିକ୍ଷୟିତ୍ରୀ ଅନିତା ଜଗଦେବ, ସରକାରୀ ପଲିଟେକ୍‌ନିକ୍‌ର ଶିକ୍ଷକ ନୀଳକଣ୍ଠ ନାୟକ, ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ନୟନା ସାମଲ, ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ପ୍ରଭାତ କୁମାର ବସ୍ତିଆ ଓ ସଞ୍ଜୁ ଯୋଗଦେଇ ଶିଶୁମାନଙ୍କୁ ବିଭିନ୍ନ ବୃତ୍ତିଭିତ୍ତିକ ଶିକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।

**ରୋଜଗାରଭିତ୍ତିକ ଶିକ୍ଷା ହିଁ ଜୀବନର ମାନଦଣ୍ଡ ନିର୍ଦ୍ଧାରଣ କରିବ**

ଏହାସହିତ ଶିଶୁମାନଙ୍କ ଅଭିଭାବକଙ୍କୁ ନେଇ ଶିଶୁ ମନସ୍ତତ୍ତ୍ୱ, ମିଶନ ବାତ୍ସଲ୍ୟର ଲକ୍ଷ୍ୟ, କିଶୋର କିଶୋରୀଙ୍କ ଦାୟିତ୍ୱ, ଶିଶୁ ସୁଲଭ ପରିବେଶ ଓ ଅଭିଭାବକଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି କହିଥିଲେ ଅଭିଭାବକଙ୍କ ଉଚିତ୍ ମାର୍ଗଦର୍ଶନ ଶିଶୁମାନଙ୍କୁ ନିଜ ଗୋଡ଼ରେ ଠିଆ ହେବାରେ ସହାୟତା ଯୋଗାଇଦେବ। ଏଥିପ୍ରତି ସମସ୍ତ ଅଭିଭାବକ ଦାୟିତ୍ୱବାନ ହେବା ଉଚିତ୍। ନିଜର ଦାୟିତ୍ୱ ବୁଝି ଶିଶୁର ମାନସ୍ତତ୍ତ୍ୱ, ଦକ୍ଷତାକୁ ନେଇ ସମସ୍ତ ସୁବିଧାସୁଯୋଗ ଯୋଗାଇଦେଲେ ସଫଳତା ପାଇପାରିବେ। କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ସ୍ନିଗ୍ଧାରାଣୀ ସାହୁ ପରିଚାଳନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଭଦ୍ରକ ଜିଲ୍ଲାରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ନେଇ ଅନିଶ୍ଚିତତା

# ୧୫୩ ମଣ୍ଡିରେ ପଡ଼ିଛି ୬,୬୭,୮୨୫ କ୍ୱିଣ୍ଟାଲ ଧାନ

ଭଦ୍ରକ,୨୪।୩(ସମିସ)



ଭଦ୍ରକ ଜିଲ୍ଲାର ଖରିଫ୍ ଧାନ କିଣା ଆଉ ୭ ଦିନ ପରେ ସରିବ। ସେପଟେ ଆସନ୍ତା ଏପ୍ରିଲ ୧ ତାରିଖରୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରବି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଭଳି ପରିସ୍ଥିତିରେ ଜିଲ୍ଲାର ୭ଟି ବ୍ଲକ୍‌ର ୧୫୩ଟି ମଣ୍ଡିରେ ସୋମବାର ସୁଦ୍ଧା ୬ ଲକ୍ଷ ୬୭ ହଜାର ୮୨୫ କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି। ସେହିଭଳି ୧୬ ହଜାର ୭୩୭ ଟୋକନ୍‌ରେ ଚାଷୀମାନଙ୍କଠାରୁ ଧାନ କିଣା ହେବାକୁ ବାକି ରହିଛି। ମଣ୍ଡିରୁ ଧାନ ଉଠାଇବା ନେଇ ଗତ ସୋମବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଆଡିସନାଲ ଏସିଏସ୍‌ଓ ଅସିତ୍ ମହାନ୍ତି, ଡିଆର୍‌ସିଏସ୍ ଦୁଃଖିଆ ଟୁଡୁ, ଭଦ୍ରକ ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଓ ଚାନ୍ଦବାଲି ଆର୍‌ଏମ୍‌ସି ସମ୍ପାଦକ ନିରଞ୍ଜନ ମାଝୀ ଓ ମିଲରମାନେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟରେ ମଣ୍ଡିରୁ ଧାନ ଉଠାଇବା ପାଇଁ ଜିଲ୍ଲାପାଳ ମିଲରମାନଙ୍କୁ କହିଥିଲେ। ଏତେ କମ୍ ଦିନ ମଧ୍ୟରେ ମଣ୍ଡିରୁ ଧାନ ଉଠାଇବା ନେଇ ପରୋକ୍ଷରେ ଅସହାୟତା ପ୍ରକାଶ କରିଥିବା ଜଣାଯାଇଛି। ଏଥିସହ ଧାନ କ୍ରୟର ଅବଧି ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଏ ବାବଦରେ ସରକାରଙ୍କ ସହ ଆଲୋଚନା କରି ଜଣାଇବେ ବୋଲି କହିଥିଲେ।

**ଧାନ ବିକ୍ରି ଅପେକ୍ଷାରେ ୧୬ହଜାର ୭୩୭ ଆକ୍ଟିଭ୍ ଟୋକନ**

ସୂଚନାଯୋଗ୍ୟ, ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ଦପ୍ତରରେ ଚାଷୀମାନଙ୍କର ପ୍ରତିଦିନ ଲମ୍ବା ଧାଡ଼ି ଲାଗିଛି। ବାସୁଦେବପୁର ବ୍ଲକ୍‌ର ୨୭ଟି ମଣ୍ଡିରେ ୨୯୧୬ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକିଥିବାବେଳେ ମଣ୍ଡିରେ ୬୬ହଜାର ୭୪୨ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଭଦ୍ରକ ବ୍ଲକ୍‌ରେ ୨୮ଟି ମଣ୍ଡିରେ ୨୭୦୪ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ଥିବାବେଳେ ୧ ଲକ୍ଷ ୧୭ ହଜାର ୩୦୬ କ୍ୱିଣ୍ଟାଲ, ଭଣ୍ଡାରିପୋଖରୀ ବ୍ଲକ୍‌ର ୧୬ଟି ମଣ୍ଡିରେ ୧୬୧୮ ଆକ୍ଟିଭ୍ ଟୋକନ ଥିବାବେଳେ ୧ଲକ୍ଷ ୧୦ ହଜାର କ୍ୱିଣ୍ଟାଲ ଧାନ, ବନ୍ତ ବ୍ଲକ୍‌ର ୧୮ ଟି ମଣ୍ଡିରେ ୨୨୦୧ ଆକ୍ଟିଭ୍ ଟୋକନ୍ ଥିବାବେଳେ ୮୫ ହଜାର ୯୧୮ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ସେହିଭଳି ଚାନ୍ଦବାଲି ବ୍ଲକ୍‌ର ୨୬ଟି ମଣ୍ଡିରେ ୩୧୨୮ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକିଥିବାବେଳେ ମଣ୍ଡିରେ ଧାନ ପଡ଼ିଛି ୯୩ ହଜାର ୯୯ କ୍ୱିଣ୍ଟାଲ, ଧାମନଗର ବ୍ଲକ୍‌ର ୧୫ଟି ମଣ୍ଡିରେ ୭୭୫ଟି ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକି ଥିବାବେଳେ ମଣ୍ଡିରେ ପଡ଼ିଛି ୭୯ ହଜାର ୭୮୭ କ୍ୱିଣ୍ଟାଲ ଧାନ ପଡ଼ିଛି, ତିହିଡ଼ି ବ୍ଲକ୍‌ର ୨୩ଟି ମଣ୍ଡିରେ ସର୍ବାଧିକ ୩୩୯୩ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ଥିବାବେଳେ ୧ ଲକ୍ଷ ୩୪ ହଜାର ୧୪୬ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି। ତେଣୁ ଆଉ ସପ୍ତାହକ ମଧ୍ୟରେ ମଣ୍ଡିରୁ ଧାନ ଉଠିବା ନେଇ ସ୍ୱତଃ ସନ୍ଦେହ ଉପୁଜିଛି।

## ପ୍ରଧାନଶିକ୍ଷକ ସରୋଜ ଓଝାଙ୍କୁ ବିଶ୍ୱକର୍ମା ପ୍ରତିଭା ସମ୍ମାନ




ଭଦ୍ରକ,୨୪।୩(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଓଡ଼ିଶାର ୮୨ତମ ପ୍ରତିଷ୍ଠା ଦିବସ ତଥା ୬୮ତମ ବାର୍ଷିକ ଅଧିବେଶନରେ ପ୍ରଧାନଶିକ୍ଷକ ସରୋଜ କୁମାର ଓଝାଙ୍କୁ ସମିତି ପକ୍ଷରୁ 'ବିଶ୍ୱକର୍ମା ପ୍ରତିଭା ସମ୍ମାନ'ରେ ଆଭୂଷିତ କରାଯାଇଛି। ଶ୍ରୀ ଓଝା ପେସାରେ ଶିକ୍ଷକତା ସାଙ୍ଗକୁ ନିଶାରେ ଲେଖନୀ ଚାଳନା କରି ଏକାଧାରରେ ଲେଖକ, କବି ତଥା ପ୍ରକୃତିପ୍ରେମୀ ଭାବରେ ବେଶ୍ ଜଣାଶୁଣା। ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରେଷ୍ଠ ଗାଳ୍ପିକ ଭାବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମିତିର ଅଧ୍ୟକ୍ଷ ଇଂ. ଯୁଗଳ କିଶୋର ମହାରଣାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ। ପ୍ରଥମ ଅଧିବେଶନରେ ୧୦ ଜଣ ସୁନାମଧନ୍ୟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୬୮ତମ ବାର୍ଷିକ ଅଧିବେଶନରେ ଶ୍ରୀ ଓଝାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଇଂ. ରାମକୃଷ୍ଣ ମହାରଣା, ଇଂ. ଲମ୍ବୋଦର ମହାରଣା, ସିଦ୍ଧେଶ୍ୱର ବିନ୍ଧାଣୀ, ଗୋବିନ୍ଦ ଚନ୍ଦ୍ର ମହାରଣା, ରାମହରି ମହାରଣା ଓ ଇଂ.ଅଭୟ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଅସୁରାଳି,୨୪।୩(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ପଞ୍ଚାୟତର ପୋଖରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଅଭୟ ନାୟକଙ୍କ ସଭାପତିତ୍ୱ ଓ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅମୃତ ଦର୍ଶନ ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ସଭା ମଣ୍ଡନ କରିଥିଲେ। ଅନୁଷ୍ଠାନର ସଭାପତି ହରେକୃଷ୍ଣ ଦାସ, ସମ୍ପାଦକ ଗତିକୃଷ୍ଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ସାମଲ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରତ୍ନାକର ବେହୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନେ ଉତ୍ତମ ଚରିତ୍ର ସମ୍ପନ୍ନ ଓ ଆଧ୍ୟାତ୍ମିକବାଦୀ ହୋଇଥା'ନ୍ତି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲକରିଥିବାଶିଶୁମାନଙ୍କୁଅତିଥିମାନେପ୍ରମାଣପତ୍ରସହପୁରସ୍କାରପ୍ରଦାନକରିଥିଲେ। ଅନୁଷ୍ଠାନରକୋଷାଧ୍ୟକ୍ଷରାଜେନ୍ଦ୍ରପ୍ରସାଦଦାସ, ସହପରିଚାଳକଦୀନକୃଷ୍ଣଦାସ, ଗୁରୁମା' ଲକ୍ଷ୍ମୀପ୍ରିୟା ନାୟକ, ମମତା ନାୟକ, ଅନିତା ବେହୁରିଆ, ସବିତା ବାରିକ, ସୌଦାମିନୀ ଦାସ, ପଦ୍ମିନୀ ପରିଡ଼ା, ଗୁରୁଜୀ ସୁଦର୍ଶନ ମାଝୀ, ସୌମ୍ୟ ରଞ୍ଜନ ବେହେରା, ନଗେସ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ କୁନିକୁନି ଶିଶୁମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୨ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉନି କମ୍ୟୁନିଟି ଶୌଚାଳୟ

ଦୋଳସାହି,୨୪।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନରେ ବିଭିନ୍ନ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଆରସା ଗ୍ରାମର ବ୍ଲକ୍ ପ୍ରଶାସନ ପକ୍ଷରୁ ୨ବର୍ଷ ହେଲା ଏକ କମ୍ୟୁନିଟି ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ନେଇ ମୁକୁନ୍ଦପୁର ପଞ୍ଚାୟତ ଅଧିକାରିଣୀ ସୁକାନ୍ତୀ ଲତା ବାରିକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।



## ଜାଳେଣି ପାଇଁ କୋଇଲା ଆଞ୍ଚ ଭରସା

ବାରିକପୁର,୨୪।୩(ସମିସ): ଏବେ ଗ୍ୟାସ୍ ସିଲିଣ୍ଡର ଅଭାବ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗ୍ୟାସ୍ ମିଳୁ ନ ଥିବା ଅଭିଯୋଗ ହେଉଛି। ଗ୍ୟାସ୍ ସିଲିଣ୍ଡର ପାଇଁ ଅନ୍‌ଲାଇନ୍ ଆବେଦନ କରି ଜନସାଧାରଣ ଦିନ ଦିନ ଧରି ଅପେକ୍ଷା କରୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଗ୍ୟାସ୍ ପାଇଁ ଲୋକେ ବିତରଣ ସଂସ୍ଥା ପାଖରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏପରିସ୍ଥଳେ ଗ୍ରାମାଞ୍ଚଳରେ ଥିବା ଚା', ଜଳଖିଆ ଓ ହୋଟେଲ ମାଲିକମାନେ ଏବେ କୋଇଲା ଆଞ୍ଚକୁ ଭରସା କଲେଣି। ସକାଳ ହେଲେ ଆଞ୍ଚରେ କୋଇଲା ଦେଇ ଦୋକାନୀମାନେ ଚା' ଜଳଖିଆ ତିଆରି କରୁଛନ୍ତି। ପୂର୍ବରୁ ଯେଉଁ ବରା, ସିଙ୍ଗଡ଼ା ୫ ଟଙ୍କା ଥିଲା ଏବେ ସେଗୁଡ଼ିକ ଗୋଟାକୁ ୭/୧୦ ଟଙ୍କାରେ ବିକ୍ରି ହେଉଛି। କେତେକ ସ୍ଥାନରେ ଗୃହସ୍ଥମାନେ ମଧ୍ୟ କୋଇଲା ଉପରେ ଭରସା କରିବା ପାଇଁ ବାଧ୍ୟ ହେଉଛନ୍ତି। କେବଳ ଗ୍ୟାସ୍ ସିଲିଣ୍ଡର ଅଭାବ ନୁହେଁ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଯୋଗୁଁ ଏବେ ଗାଁ ଗହଳିରେ ଲୋକମାନେ ଚଳିବା କଷ୍ଟକର ହେଉଛି। ଆଗକୁ ଆହୁରି ଜଟିଳ ସମସ୍ୟା ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି।



## ଜାତୀୟ ସେବା ଶିବିର ଉଦ୍‌ଯାପିତ



ଅସୁରାଳି,୨୪।୩(ସମିସ): ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସହଭାଗିତାରେ ପ୍ରାୟୋଜିତ ପାଳସାହି ବେତାଳିଗାଁସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନବ୍ୟାପୀ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ଉଦ୍‌ଯାପନୀ ସମାରୋହରେ ସକାଳର ଶାରୀରିକ ଶିକ୍ଷା ଓ ଯୋଗ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ସମାଜସେବୀ ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କର ମାର୍ଗଦର୍ଶନ କରିଥିଲେ। ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ଅଧ୍ୟାପକ ପ୍ରଶାନ୍ତ ନାୟକ, କେଶବକର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ସମାଜସେବା ଦ୍ୱାରା ଆଦର୍ଶ ବ୍ୟକ୍ତିତ୍ୱ ସମ୍ଭବ ବୋଲି ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମନ୍ଦାକିନୀ ମହାପାତ୍ର, ମାନସୀ ସାହୁ, କରିସ୍ମା ମହାନ୍ତି, ଶିବ ପ୍ରସାଦ ସାହୁ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ସେବା ଶିବିର ଗତ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଳସାହି ଓ ବେତାଳିଗାଁ ବଜାରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ଶିଶୁ ଶିକ୍ଷା, ନିଶା ନିବାରଣ, ସ୍ୱଳ୍ପ ସଞ୍ଚୟ, ପରିବେଶ ସୁରକ୍ଷା ଆଦି ବିଷୟରେ ଛାତ୍ରଛାତ୍ରୀମାନେ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହି ୭ ଦିନ ମଧ୍ୟରେ ଏକାଠି ଏକ ନିୟମିତ ଓ ଶୃଙ୍ଖଳିତ ପରିବେଶ ମଧ୍ୟରେ ବହୁ ବିଷୟରେ ଶିକ୍ଷା ଲାଭ କରିବାକୁ ସୁଯୋଗ ପାଇଛନ୍ତି ବୋଲି ଛାତ୍ରଛାତ୍ରୀମାନେ ନିଜ ନିଜର ଅନୁଭୂତିରେ ମତ ପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିବା ଛାତ୍ରଛାତ୍ରୀ ତଥା ଶିବିରାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋଲା ମଞ୍ଚ ଯାତ୍ରା ପ୍ରତିଯୋଗିତା

ଅସୁରାଳି,୨୪।୩(ସମିସ): ଧାମନଗର ବ୍ଲକ୍ ଅର୍ଜୁନପୁର ପଞ୍ଚାୟତ ଅଧୀନ ପୁଣ୍ୟତୋୟା ବୈତରଣୀ କୂଳରେ ଅବସ୍ଥିତ ପ୍ରଭୁ ବାସୁଦେବଙ୍କ ପୀଠ ପରିସରରେ ସତ୍ୟନାରାୟଣ ଡ୍ରାମାଟିକ୍ କ୍ଲବ୍ ବାଲିପାଟଣା ତରେଇ ସାହି ଆନୁକୂଲ୍ୟରେ ଖୋଲା ମଞ୍ଚ ଯାତ୍ରା ୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ପ୍ରଥମ ରାତ୍ରରେ ଅତିଥି ଭାବେ ଯୋଗଦେଇଥିଲେ ପଞ୍ଚାୟତର ଯୁବନେତା ଉମେଶ ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାପାତ୍ର ଏବଂ ବହୁ ମାନ୍ୟଗଣ୍ୟ ଅତିଥି ବୃନ୍ଦ। ୨ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, ସମ୍ମାନିତ ଅତିଥି ଭାବେ ନଦୀଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସୀତାକାନ୍ତ ଜେନା, ଘନଶ୍ୟାମ ମହାନ୍ତି, ଅଧର ପରିଡ଼ା, ଅଧ୍ୟାପକ ବିଜୟ ଦାସ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ବୈକୁଣ୍ଠ ସାହୁ, ସାମ୍ବାଦିକ ରତିକାନ୍ତ ନାୟକ, ରମାକାନ୍ତ ବେହେରା, ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ବୀରେନ୍ଦ୍ର ଭାଗିରଥି ମାଝୀ ନାୟକ, ସହଯୋଗୀ ସନ୍ତୋଷ ରାୟ, ଲକ୍ଷ୍ମୀଧର ମାଝୀ, ବିଦ୍ୟାଧର ମାଝୀ, ସତ୍ୟନାରାୟଣ କ୍ଲବ୍‌ର ସମସ୍ତ ସଦସ୍ୟ, ବାଲିପାଟଣା, ଅର୍ଜୁନପୁର, ତାରେଇସାହି, ମମାଦୁଲା, ଶୈଳ ଏବଂ ଉକ୍ତ ଅଞ୍ଚଳର ସମସ୍ତ ଗ୍ରାମବାସୀ ସହଯୋଗର ହାତ ବଢ଼ାଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ହେଦାତୁନ ନିଶାଙ୍କ ଚେହେଲୁମରେ ଜଲ୍‌ସା

ଧାମନଗର,୨୪।୩(ସମିସ): ଧାମନଗର ଅଞ୍ଚଳର ସମସ୍ତଙ୍କର ଜଣାଶୁଣା ସୁପରିଚିତ ଦୈନିକ "ସକାଳ"ର ବ୍ଲକ୍ ପ୍ରତିନିଧି ସାମ୍ବାଦିକ ସେକ୍ ଜାଫର ଅଲ୍ଲୀଙ୍କ ବଡ଼ ଭାଉଜ ତଥା ସମାଜସେବୀ ସେକ୍ ଅଜଗର ଅଲ୍ଲୀଙ୍କ ସହଧର୍ମିଣୀ ହେଦାତୁନନିଶାଙ୍କ ଚେହେଲୁମରେ ଜଲ୍‌ସା ଓ ତକ୍ରିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ମୌଲାନା ସେକ୍ ଅବ୍‌ଦୁଲ ଗଫୁରଙ୍କ ସଞ୍ଚାଳନାରେ ଆୟୋଜିତ ଜଲ୍‌ସା କାର୍ଯ୍ୟକ୍ରମରେ ନାତୁଣୀ ସାଫିଆ, ସେକ୍ ଆଜଗର ଅଲ୍ଲୀ, ଏମ୍‌ଡି ତାଜୁଦ୍ଦିନ, ମୌଲାନା ସେକ୍ ମମ୍‌ତାଜ, ଏମ୍‌ଡି ଆମାନୁଲ୍ଲା, ଜ୍ୱାଇଁ ସେକ୍ ବାଟୋ, ଆତାଉର ରହେମାନ, ଏମ୍‌ଡି ଫରମାନ ରସୁଲ, ସେକ୍ ଆମିର, ସେକ୍ ଅଲ୍ଲୀ ଆକବର, ସେକ୍ ଗୋଲାମ, ସେକ୍ ଅବ୍‌ଦୁଲ ଗାଫାର, କମରୁଦ୍ଦିନ ଖାଁ, ଦୟାନ ଖାଁଙ୍କ ସମେତ ବହୁ ମୌଲାନାସାଏର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଦିଅର ସେକ୍ ଅତର ଅଲ୍ଲୀ, ସେକ୍ ଜାଫର, ପୁତୁରା ସେକ୍ ଅଜମେର ଅଲ୍ଲୀ, ସେକ୍ ଆକବର, ସେକ୍ ସନାଉଲ୍ଲା, ସେକ୍ ସାହିଲ, ସେକ୍ ମୌସିମ, ସେକ୍ ବାବୁ ପ୍ରମୁଖ ଯୋଗଦେଇଥିବା ବେଳେ ସମସ୍ତ ଝିଅ, ଜ୍ୱାଇଁ, ନାତି ନାତୁଣୀ, ଭଣଜା, ଭାଣିଜୀ ସହ ପରିବାର ଉପସ୍ଥିତ ଥିଲେ। ଶେଷରେ ଏକ ମାତ୍ର ପୁତ୍ର ସେକ୍ ଓସିମ (ଜୁମାବାବୁ) ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



**● ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ଜିଲ୍ଲାବାସୀ ହତାଶ**

## ଇଣ୍ଟିଗ୍ରେଟେଡ୍ ବିଏଡ୍ ପାଇଁ ଭଦ୍ରକ ଜିଲ୍ଲାରେ ସିଟ୍ ନାହିଁ

ଭଦ୍ରକ,୨୪।୩(ସମିସ): ରାଷ୍ଟ୍ରୀୟ ଶିକ୍ଷାନୀତି ଅନୁସାରେ ୨୦୨୬-୨୭ ଶିକ୍ଷାବର୍ଷରୁ ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶାର ୧୮ ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନକୁ ନ୍ୟାସ୍‌ନାଲ କାଉନ୍‌ସିଲ୍ ଫର୍ ଟିଚର ଏଜୁକେସନ (ଏନ୍‌ସିଟିଇ) ମାନ୍ୟତା ମିଳିଛି। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମୋଟ୍ ୧୮୫୦ଟି ଇଣ୍ଟିଗ୍ରେଟେଡ୍ ବିଏଡ୍ ସିଟ୍ ମିଳିଥିବାବେଳେ ଭଦ୍ରକ ଜିଲ୍ଲାର କୌଣସି ସରକାରୀ ଶିକ୍ଷାନୁଷ୍ଠାନକୁ ଏହି ପାଠ୍ୟକ୍ରମ ପାଇଁ ସୁଯୋଗ ନାହିଁ। ଏପରିକି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମଧ୍ୟ ଏହି ପାଠ୍ୟକ୍ରମରେ ସାମିଲ୍ କରାଯାଇନି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭଦ୍ରକ ହେଉଛି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜ ଜିଲ୍ଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଥାଇ ନିଜ ଜିଲ୍ଲାକୁ ଇଣ୍ଟିଗ୍ରେଟେଡ୍ ବିଏଡ୍ ସିଟ୍ ନ ମିଳିବା ନେଇ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭଦ୍ରକ ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଏହା ବୈମାତୃକ ମନୋଭାବ ବୋଲି ଅନେକ ଅଭିଯୋଗ କରିଛନ୍ତି। କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଉତ୍ତମ ସମ୍ପର୍କ ରହିଛି। ତେବେ ଜିଲ୍ଲାକୁ ଅଣଦେଖା ହେବାକୁ ସହଜରେ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମହଲ ହଜମ କରିପାରୁନାହାନ୍ତି। ଭଦ୍ରକ ଜିଲ୍ଲାର ନେତା ମନମୋହନ ସାମଲ ମଧ୍ୟ ରାଜ୍ୟ ବିଜେପି ସଭାପତି ମଙ୍ଗ ଧରିବା ସହ ରାଜ୍ୟସଭା ସାଂସଦ ହୋଇଛନ୍ତି। ଏପରିସ୍ଥଳେ ଶିକ୍ଷା କ୍ଷେତ୍ରରେ ଭଦ୍ରକ ଜିଲ୍ଲାକୁ ଅଣଦେଖା କରାଯିବା ନେଇ ସାଧାରଣରେ ବି ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶାରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ୍ ବିଏସ୍‌ସି ବିଏଡ୍, ବିଏ ବିଏଡ୍ ଏବଂ ବିକମ୍ ବିଏଡ୍ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଇପାରିବ। ଭଦ୍ରକ ଜିଲ୍ଲାରେ କାହିଁକି ନୁହେଁ ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି। ଏହି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଦେୟ ଦେବାକୁ ହେବ। ଛାତ୍ରଛାତ୍ରୀମାନେ ନିଜସ୍ୱ ଅର୍ଥରେ ସରକାରୀ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବେ। ଏଥିନିମନ୍ତେ ବାର୍ଷିକ ୪୦ରୁ ୪୫ ହଜାର ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷାବିତ୍‌ଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଏହି ପାଠ୍ୟକ୍ରମକୁ ନିୟମିତ କରିବାକୁ ଦାବି ହୋଇଛି। ଯଦ୍ୱାରା ଛାତ୍ରଛାତ୍ରୀ ଫି' ହ୍ରାସ ହୋଇପାରିବା ସହ ବିଏଡ୍ ପ୍ରତି ଅଧିକ ଆଗ୍ରହ ବୃଦ୍ଧି ପାଇବ। ରାଜ୍ୟର ୭ ସରକାରୀ ବିଶ୍ୱବିଦ୍ୟାଳୟ ସମେତ ୮ଟି ସରକାରୀ ମହାବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ, ଆଇଆଇଟି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତଥା ଏନ୍‌ସିଇଆର୍‌ଟି ସଞ୍ଚାଳିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ପାଠ୍ୟକ୍ରମ ଖୋଲିବାକୁ ମାନ୍ୟତା ମିଳିଛି। ଦ୍ୱାଦଶ ପଢ଼ିସାରିଥିବା ଛାତ୍ରଛାତ୍ରୀ ଏପ୍ରିଲ୍ ୧୭ରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ ପାଠ୍ୟକ୍ରମରେ ନାମ ଲେଖାଇପାରିବେ ବୋଲି ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ପାଇଁ ୨୦୦ ସିଟ୍ ପ୍ରଦାନ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି।

## ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା



ଭଦ୍ରକ,୨୪।୩(ସମିସ): ଭଦ୍ରକ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଷଷ୍ଠରୁ ନବମ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ସାଲନ୍ଦୀ ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସାଲନ୍ଦୀ ହସ୍‌ପିଟାଲ ସତ୍ତ୍ୱାଧିକାରୀ ଡା. ପ୍ରଭାସ କୁମାର ମହାନ୍ତି ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତିଭୂଷଣ ପଣ୍ଡା, କୃଷ୍ଣ ପ୍ରସାଦ ସାହୁ, ଆରତୀ ମହାନ୍ତି, ରମାକାନ୍ତ ଜେନା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। କନିଷ୍ଠ ବିଭାଗରେ ଡିଏଭି ଏମ୍‌ଏମ୍ ପବ୍ଲିକ ସ୍କୁଲ, ଇଚ୍ଛାପୁରର ରିୟାଂଶିକା ମହାନ୍ତି ପ୍ରଥମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନରସିଂହପୁରର ଅନନ୍ୟା ସାହୁ ଏବଂ ମିଶନ ପବ୍ଲିକ୍ ସ୍କୁଲର ସାଇପ୍ରଭା ମଲ୍ଲିକ ଯୁଗ୍ମ ଭାବେ ଦ୍ୱିତୀୟ, କେ.ସି. ହାଇସ୍କୁଲ, ଉତ୍ତରବାହିନୀର ଛାତ୍ରୀ କ୍ରିଷ୍ଟାରାଣୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସରକାରୀ ଉଚ୍ଚ ବିଦ୍ୟାଳୟ, ବେତଡ଼ାର ସାଇ ବିସ୍ମୟ ପାଢ଼ୀ ପ୍ରଥମ, ଫଛାଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭଲକ୍ଷ୍ମୀ ଖଟୁଆ ଦ୍ୱିତୀୟ ଓ ଏସ୍‌ଏଜି ନୋଡାଲ ହାଇସ୍କୁଲର ପ୍ରଜ୍ଞା ପ୍ରଜୋଲିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ଶତାଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ଏହି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

**କୋମାରେ ତିହିଡ଼ି ତହସିଲ୍ କାର୍ଯ୍ୟାଳୟ**

## ଘରବାରି ପ୍ଲଟ୍ ନ କରି ଚାଲିଛି କୋଠା ନିର୍ମାଣ



ଦୋଳସାହି,୨୪।୩(ସମିସ): ତିହିଡ଼ି ତହସିଲ୍ ଅଧୀନ ସମସ୍ତ ଅଞ୍ଚଳରେ ବେଆଇନ ଭାବେ ଘରବାରି ପ୍ଲଟ୍ ନ କରି ଛୋଟରୁ ବଡ଼ କୋଠା ଘର ନିର୍ମାଣ ହୋଇଥିଲାବେଳେ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ପାଲଟିଛି କୋମାରେ ତିହିଡ଼ି ତହସିଲ୍। ସୂଚନାଯୋଗ୍ୟ, ତିହିଡ଼ି ତହସିଲ୍ ଅଧୀନ ଦୋଳସାହି ରାଜସ୍ୱ ବିଭାଗ ଅଧୀନ ଗୁଆମାଳ ପଞ୍ଚାୟତରେ ଅଧିକାଂଶ ବିଶାଳକାୟ କୋଠା ନିର୍ମାଣ କରିଥିବା ଘର ମାଲିକମାନେ ଘରବାରି ପ୍ଲଟ୍ ନ କରି ରାଜସ୍ୱ ବିଭାଗକୁ ହାତଗୁଞ୍ଜା ଦେଇ ଘର କରୁଥିବା ସାଧାରଣରେ ଆଲୋଚନା ହେଉଥିଲାବେଳେ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି।

# ୧୫ ଚୋରା ବାଇକ୍ ଜବତ; ଦୁଇ ଭାଇ ସମେତ ୫ ଗିରଫ

ଭଦ୍ରକ,୨୪।୩(ସମିସ)






ବାଇକ୍ ଚୋରି ପରେ ୨ରୁ ୪ହଜାର ଟଙ୍କାରେ ବିକ୍ରି କରୁଥିଲେ। ଭିଡ଼ ଓ ଲୋକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ୨ ଭାଇ ବାଇକ୍ ଚୋରି କରୁଥିଲେ। ଏମିତି ୨ଭାଇ ଗ୍ୟାଙ୍ଗ୍‌କୁ ଠାବ କରିଛି ଭଦ୍ରକ ଟାଉନ ପୁଲିସ। ଆଉ ବାଇକ୍ ଚୋରଙ୍କ ସହ ଚୋରା ବାଇକ୍ କିଣିଥିବା ୩ ଜଣଙ୍କୁ ମିଶାଇ ମୋଟ୍ ୫ ଜଣଙ୍କୁ ପୁଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଭଦ୍ରକ ଜିଲ୍ଲାର ହୋଇଥିବା ନେଇ ସୂଚନା ଦେଇଛି ପୁଲିସ।

ସିଟି ଡିଏସ୍‌ପି ଅନିଲ କୁମାର ପ୍ରଧାନଙ୍କ ସୂଚନା ଅନୁଯାୟୀ, ଭଦ୍ରକ ଟାଉନ୍ ଥାନା ଅଧୀନ ଅପର୍ତ୍ତିବିନ୍ଧାର ଅଭିନାଶ ବାରିକ(୨୧) ଓ ତାଙ୍କ ନାବାଳକ ଭାଇ ବାଗୁରାଇ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରୁ ଗତ ୨ ତାରିଖରେ ଏକ ବାଇକ୍ ଚୋରି କରିଥିଲେ। ଏହି ଘଟଣାକୁ ନେଇ ପୁଲିସ ତଦନ୍ତବେଳେ ଅଭିନାଶ ନିକଟରେ ପହଞ୍ଚିବା ପରେ ୧୫ଟି ଚୋରା ବାଇକ୍ ଉଦ୍ଧାର ହୋଇଥିଲା। ତେବେ ଏହି ଘଟଣାରେ ଚୋରା ବାଇକ୍ କିଣିଥିବା ୩ ଜଣ ଗ୍ରାହକଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଚୋରା ବାଇକ୍ କିଣି ଗିରଫ ହୋଇଥିବା ୩ ଜଣ ହେଲେ ଭଦ୍ରକ ବଉଳପୋଖରୀ ଅଞ୍ଚଳର ଗଗନ ମଲ୍ଲିକ(୩୨), ଉଗରାସାହି ଅଞ୍ଚଳର ନିଜାମୁଦ୍ଦିନ ଖାଁ(୨୮) ଓ ବାଗୁରାଇ ଆଦିବାସୀ କଲୋନୀର ମୁକୁର ମୁଣ୍ଡ ଓରଫ ମାନୁ(୧୯)। ଅଭିଯୁକ୍ତମାନେ ଜନଗହଳି ଅଞ୍ଚଳରୁ ବାଇକ୍ ମାଲିକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଚୋରି କରୁଥିଲେ। ପରେ ଏହି ଗାଡ଼ିଗୁଡ଼ିକୁ ୨ରୁ ୪ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ମଙ୍ଗଳବାର ଭଦ୍ରକ ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ପ୍ରକାଶ କରିଛନ୍ତି।

**୨ରୁ ୪ହଜାର ଟଙ୍କାରେ ଚୋରା ବାଇକ୍ କିଣି ୩ ଗିରଫ**